ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୧/୨୦୨୫ (୧୬ ପୃଷ୍ଠା) Bhubaneswar, T
୫୧ଶ ଭାଗ ୫୯ ସଂଖ୍ୟା www.orissakhabar.com/www.dharitri.com | Printed at Sam

# ସଞ୍ଜୟ ରାୟଙ୍କୁ ମୃତ୍ୟୁ ଯାଏ ଜେଲ

**ବହୁଚର୍ଚ୍ଚିତ କୋଲକାତା ଆର୍‌ଜି କର ମେଡିକାଲ କଲେଜ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ମିଳିଛି ଯାବଜ୍ଜୀବନ କାରାଦଣ୍ଡ। ୧୬୩ ଦିନ ପରେ ହୋଇଥିବା ଶୁଣାଣିରେ ସିଆଲଦହ ଅତିରିକ୍ତ ଜିଲା ଦୌରାଜଜ୍ ଅନିର୍ବାଣ ଦାସ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ୧୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ଏହି ଘଟଣାକୁ ବିରଳରୁ ଅତି ବିରଳ ବୋଲି କହି ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ମାଗିଥିଲା। ମାତ୍ର ବିଚାରପତି ଏହା ବିରଳ ନୁହେଁ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି। ଏହି ଦଣ୍ଡାଦେଶରେ ପୀଡ଼ିତାଙ୍କ ପରିବାର ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ନ ମିଳିବା ପଛରେ ସିବିଆଇର ଦୁର୍ବଳ ଓ ଆନ୍ତରିକତାହୀନ କାର୍ଯ୍ୟଶୈଳୀକୁ ଦାୟୀ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ସିବିଆଇକୁ ଦୋଷାରୋପ କରିଛନ୍ତି।**





ସଞ୍ଜୟ ରାୟ

**କୋଲକାତା,୨୦।୧(ପି.ଟି.)**

କୋଲକାତାର ଆର୍‌.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ କର୍ତ୍ତବ୍ୟରତ ୩୧ ବର୍ଷୀୟା ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ସଞ୍ଜୟ ରାୟଙ୍କୁ ସିଆଲଦା କୋର୍ଟ ସୋମବାର ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫୦,୦୦୦ ଟଙ୍କା ଜରିମାନା ଭରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଞ୍ଜୟଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ସିବିଆଇ ପକ୍ଷରୁ ଦାବି ହୋଇଥିବାବେଳେ ମାମଲା ବିରଳରୁ ବିରଳତମ ବର୍ଗରେ ଆସୁନାହିଁ ବୋଲି ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅନିର୍ବାଣ ଦାସ କହିଛନ୍ତି। ଗତବର୍ଷ ଅଗଷ୍ଟ ୮ ତାରିଖ ବିଳମ୍ବିତ ରାତିରେ ହସ୍ପିଟାଲ ପରିସରରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇବା ସହ ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦାବିରେ ମାସାଧିକ କାଳ ଆନ୍ଦୋଳନ ଚାଲିଥିଲା। ଗତ ଶନିବାର ଅଦାଲତ ସଞ୍ଜୟଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ମୃତା ଡାକ୍ତରଙ୍କ ପରିବାରକୁ କ୍ଷତିପୂରଣ ସ୍ୱରୂପ ୧୭ ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋଲକାତା ପୋଲିସ ପାଇଁ ସିଭିକ୍ ଭଲ୍ୟୁଣ୍ଟିର ଭାବେ କାର୍ଯ୍ୟ କରୁଥିବା ସଞ୍ଜୟଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତାର ଦଫା ୬୪(ବଳାତ୍କାର), ୬୬(ମୃତ୍ୟୁ ଘଟାଇବା ପାଇଁ ଦଣ୍ଡ' ଏବଂ ୧୦୩(୧)(ହତ୍ୟା) ମାମଲା ରୁଜୁ ହୋଇଥିବାବେଳେ ତାଙ୍କ ବିରୋଧରେ ସମସ୍ତ ଅଭିଯୋଗ ପ୍ରମାଣିତ ହୋଇଥିଲା। ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ସିବିଆଇ ନିବେଦନ କରିଥିବାବେଳେ ପ୍ରତିପକ୍ଷ ଓକିଲ ଜେଲଦଣ୍ଡ ଦିଆଯିବା ସପକ୍ଷରେ କହିଥିଲେ। କାର୍ଯ୍ୟରେ ଥାଇ ହସ୍ପିଟାଲରେ ଡାକ୍ତରଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ତେଣୁ ଡାକ୍ତରଙ୍କ ମୃତ୍ୟୁ ପାଇଁ ୧୦ ଲକ୍ଷ ଏବଂ ବଳାତ୍କାର ଲାଗି ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ବିଚାରପତି କହିଥିଲେ। ଅପରାଧୀ ଚାହିଁଲେ ରାୟ ବିରୋଧରେ କୋଲକାତା ☞ପୃଷ୍ଠା–୨

## କୋଲକାତା ପୋଲିସଠାରୁ ମାମଲା ଛଡ଼ାଇ ନିଆଯାଇଥିଲା: ମମତା

**କୋଲକାତା,୨୦।୧**

ଆର୍‌.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାରେ ଅପରାଧୀ ସଞ୍ଜୟ ରାୟଙ୍କୁ ମୃତ୍ୟୁ ଦଣ୍ଡାଦେଶ ମିଳି ନ ଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସମାଲୋଚନା କରିଛନ୍ତି। କୋଲକାତା ପୋଲିସଠାରୁ ଏହି ମାମଲାକୁ ଛଡ଼ାଇ ନିଆଯାଇଥିଲା। ପୋଲିସ ତଦନ୍ତ କରିଥିଲେ, ଅପରାଧୀଙ୍କୁ ନିଶ୍ଚୟ ଫାଶୀଦଣ୍ଡ ମିଳିଥାନ୍ତା ବୋଲି ମମତା କହିଛନ୍ତି। ଅଦାଲତଙ୍କ ରାୟରେ ତୃଣମୂଳ ☞ପୃଷ୍ଠା–୨

SIKSHA 'O' ANUSANDHAN
SAAT-2025
APPROVAL & RECOGNITION
Accredited by NAAC with Grade 'A++' | UGC Graded Autonomy(Category-I) | NBA Accredited | ICAR Accredited | NABL Accredited | NABH Accredited
AICTE Approved | NMC Approved | DCI Approved | PCI Approved | BCI Approved | INC Approved | VCI Approved
PROGRAMMES OFFERED
B.TECH PROGRAMMES
Civil Engineering
Electrical Engineering
Mechanical Engineering
Electrical and Electronics Engineering
Electronics and Communication Engineering
Computer Science and Engineering
Computer Science and Information Technology
Computer Science and Engineering (AI and ML)
Computer Science and Engineering (Cyber Security)
Computer Science and Engineering (Data Science)
Computer Science and Engineering (Internet of Things)
M.TECH PROGRAMMES
Structural Engineering
Electric Vehicle Technology
Machine Design and Robotics
Embedded System and VLSI Design
Computer Science and Engineering
MANAGEMENT PROGRAMMES
BBA
MBA
Integrated MBA
MBA (Hospital Administration)
MBA (Artificial Intelligence and Data Science)
M.Sc. PROGRAMMES
Physics
Chemistry
Mathemetics
Biotechnology
Integrated (M.Sc. Biotechnology)
COMPUTER APPLICATIONS PROGRAMMES
Bachelor of Computer Applications (BCA)
Master of Computer Applications (MCA)
PHARMACEUTICAL PROGRAMMES
B.Pharm.
M.Pharm.
LAW PROGRAMMES
BA LLB (H) - Integrated Law
BBA LLB (H) - Integrated Law
LLB (H) - 3 Years Law
LLM
HOTEL MANAGEMENT PROGRAMMES
BHMCT (Bachelor of Hotel Management & Catering Technology)
MBA (Hospitality Management)
NURSING PROGRAMMES
B.Sc. (Nursing) (Basic)
B.Sc. (Nursing) (Post Basic)
M.Sc. (Nursing)
AGRICULTURAL PROGRAMMES
B.Sc. (H) Agriculture
M.Sc. Agriculture
VETERINARY SCIENCE AND ANIMAL HUSBANDRY PROGRAMME
Bachelor of Veterinary Science & Animal Husbandry (B.V.Sc. & A.H.)
nirf National Institutional Ranking Framework 2024
14th in University Category
26th in Engineering Category
21st in Medical Category
09th in Dental Category
09th in Law Category
QS WORLD UNIVERSITY RANKINGS 2025
64 in QS Southern Asia University Ranking
278 in QS Asia University Ranking
1201- 1400 in QS World University Ranking
Instituion of Happiness
Recognized by QS I-Guage
THE WORLD UNIVERSITY RANKINGS 2024
801-1000 in THE World University Ranking
401- 500 in Engineering Technology
601- 800 in Computer Science
801-1000 in Health Sciences
To apply for admission through SAAT 2025,
Visit: www.soa.ac.in

# ଶିଳ୍ପର ହବ୍ ହେବାକୁ ଯାଉଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ




- ବିକଶିତ ଭାରତ ପାଇଁ ମାଇନିଂ ସେକ୍ଟରର ବିକାଶ ହେବା ଜରୁରୀ: କେନ୍ଦ୍ରମନ୍ତ୍ରୀ
- ଜଙ୍ଗଲ ପରିବେଶ ଲାଇସେନ୍ସକୁ ମିଶନ ମୋଡରେ ଦିଆଯାଉ
- ବେଆଇନ ଖଣି ଖନନ ରୋକିବା ଆମ ପାଇଁ ଚ୍ୟାଲେଞ୍ଜ

**ଭୁବନେଶ୍ୱର, ୨୦।୧ (ସୁନିତ୍ ମିଶ୍ର)**

କୋଣାର୍କଠାରେ ୨ ଦିନିଆ ଖଣି ମନ୍ତ୍ରୀମାନଙ୍କ ସମ୍ମିଳନୀ ଆରମ୍ଭ ହୋଇଛି। କେନ୍ଦ୍ର ଖଣି ମନ୍ତ୍ରୀ ଜି.କିଷାନ ରେଡ୍ଡୀଙ୍କଠାରୁ ଆରମ୍ଭ କରି ୧୪ଟି ରାଜ୍ୟର ମନ୍ତ୍ରୀମାନେ ଏଠାକୁ ଆସିଛନ୍ତି। ଓଡ଼ିଶାରେ ଖଣିମନ୍ତ୍ରୀମାନଙ୍କ ସମ୍ମିଳନୀ ହେବା ସୌଭାଗ୍ୟର ବିଷୟ। ଓଡ଼ିଶା ଏକ ଖଣିପ୍ରବଣ ରାଜ୍ୟ ଭାବେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଖଣି ସମ୍ମିଳନୀର ଏକ ବଡ଼ ପ୍ରଭାବ ରହିବ। ଓଡ଼ିଶାକୁ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଥିବା ଯୋଗୁ ଏଠାରେ ଖଣି ସମ୍ମିଳନୀ ହେଉଛି। ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଖଣି ଅଧିକ କାର୍ଯ୍ୟକାରୀ ହୋଇପାରିବ, ଏହାଦ୍ୱାରା ଅଧିକ ରାଜସ୍ୱ ଆସିପାରିବ ଏବଂ ରାଜ୍ୟକୁ ଅଧିକ ଶିଳ୍ପ ଆସିବାର ବାଟ ଫିଟିବ। ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆଉ ଗୋଟିଏ ସପ୍ତାହ ପରେ ହେବାକୁ ଥିବା କାରଣରୁ ଏହି ସମ୍ମିଳନୀ ଅଧିକ ପ୍ରଭାବ ରଖିବ। ଇନଭେଷ୍ଟର୍ସମାନେ ଅଧିକ ମାତ୍ରାରେ ଏଠାକୁ ଆସିବେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସବୁଠାରୁ ରିଚେଷ୍ଟ ମାଇନିଂ ଷ୍ଟେଟ ହେଉଛି ଓଡ଼ିଶା। ଆଗାମୀ ଦିନରେ ଏଠାରୁ ଅଧିକ ମାଇନିଂ ଏକ୍ସପୋର୍ଟ ହେବ। ଓଡ଼ିଶା ଏକ ଶିଳ୍ପର ହବ୍ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମାଇନିଂ ସେକ୍ଟର ବିନା ଦେଶର ଅର୍ଥନୀତିର ବିକାଶ ଅସମ୍ଭବ। ବିକଶିତ ଭାରତ ପାଇଁ ମାଇନିଂ ସେକ୍ଟରର ବିକାଶ ହେବା ଜରୁରୀ। କୋଣାର୍କରେ ଆୟୋଜିତ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଏହା କହିଛନ୍ତି। ସେ କହିଛନ୍ତି, ଦେଶର ଅର୍ଥନୀତିର ବିକାଶ କ୍ଷେତ୍ରରେ ଖଣିର ପ୍ରମୁଖ ଭୂମିକା ରହିଛି। କେନ୍ଦ୍ରରେ ଥିବା ନରେନ୍ଦ୍ର ମୋଦି ସରକାର ଆତ୍ମନିର୍ଭର ଭାରତ ଗଠନ ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେଥିରେ ଖଣି କ୍ଷେତ୍ରର ସିଂହଭାଗ ଅବଦାନ ରହିଛି। ଖଣିଜ ସମ୍ପତ୍ତି ଉପରେ ଦେଶବାସୀଙ୍କର ଅଧିକାର ରହିଛି। ତେଣୁ ଏହି ସମ୍ପତ୍ତି ଦେଶବାସୀଙ୍କ ବିକାଶ କ୍ଷେତ୍ରରେ ବିନିଯୋଗ ହେବା ଆବଶ୍ୟକ। ଦେଶର ଜିଡିପିରେ କୋଇଲା ଓ ମାଇନିଂ ସେକ୍ଟରର ୨ ପ୍ରତିଶତ ଅବଦାନ ରହିଛି। ଆଗାମୀ ଦିନରେ ଏହାକୁ ୨ ଗୁଣା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟୁତ୍, ଶିଳ୍ପ, ନିର୍ମାଣ, ଅଟୋମୋବାଇଲ, ଷ୍ଟିଲ ସିମେଣ୍ଟ, ଅକ୍ଷୟ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଦେଶର ୭୨% ବିଦ୍ୟୁତ୍ ଉତ୍ପାଦନ କୋଇଲା କ୍ଷେତ୍ରରୁ ଆସିଛି। କୋଇଲା ଉତ୍ପାଦନକୁ ବଢ଼ାଇବାର ଆବଶ୍ୟକତା ରହିଛି। ଗତ ୧୦ ବର୍ଷ ଭିତରେ ଦେଶର କୋଇଲା ଉତ୍ପାଦନ ୭୬ ପ୍ରତିଶତ ବଢ଼ିଛି ବୋଲି ସେ କହିଛନ୍ତି।

ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କହିଛନ୍ତି, ଦେଶରେ ଇଲେକ୍ଟ୍ରୋନିକ୍ସ, ଗ୍ରୀନ୍ ଏନର୍ଜି ପାଇଁ ଲିଥିୟମ ଓ କପରର ଚାହିଦା ବଢ଼ି ଚାଲିଛି। ଦେଶକୁ କୋଇଲା ଆଉ ଖଣି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ସମସ୍ତଙ୍କର ଦାୟିତ୍ୱ ରହିଛି। ୨୦୧୫ ମସିହା ପୂର୍ବରୁ କାଇଲା ଓ ଖଣି କ୍ଷେତ୍ରରେ ଅନେକ ସମସ୍ୟା ରହିଥିଲା। କୋଇଲା ବ୍ଲକ ଆବଣ୍ଟନ କ୍ଷେତ୍ରରେ ଆଇନଗତ ସମସ୍ୟା ଥିଲା। ରାଜ୍ୟଗୁଡ଼ିକୁ ଠିକ୍ ଭାବେ ରାଜସ୍ୱ ମିଳୁ ନ ଥିଲା। ଖଣି ଲିଜ ନବୀକରଣରେ ମଧ୍ୟ ବିଳମ୍ବ ହେଉଥିଲା। କିନ୍ତୁ କେନ୍ଦ୍ରରେ ଭାଜପା ଶାସନକୁ ଆସିବା ପରେ ସ୍ଥିତି ବଦଳିଛି। କୋଇଲା ଓ ଖଣି କ୍ଷେତ୍ର ଏବେ ଦେଶର ଅର୍ଥ ବ୍ୟବସ୍ଥାର ମଜଭୁତ କ୍ଷେତ୍ରରେ ପରିଣତ ହୋଇଛି। ବର୍ତ୍ତମାନ ସୁଦ୍ଧା ୪୪୨ଟି ଖଣି ବ୍ଲକର ନିଲାମ ହୋଇଛି। ଏଥିଲାଗି ରାଜ୍ୟ ସରକାରଙ୍କୁ ଅତିରିକ୍ତ ରାଜସ୍ୱ ମିଳୁଛି ବୋଲି ସେ କହିଛନ୍ତି। ମନ୍ତ୍ରୀ ରେଡ୍ଡୀ ଆହୁରି କହିଛନ୍ତି, ନିଲାମ ପ୍ରିମିୟମ ଓ ରୟାଲଟି ବାବଦରେ ବର୍ତ୍ତମାନ ସୁଦ୍ଧା ରାଜ୍ୟଗୁଡ଼ିକ ୨ ଲକ୍ଷ ୬୯ ହଜାର କୋଟି ଟଙ୍କାର ରାଜସ୍ୱ ପାଇଛନ୍ତି। ୨୦୦୪ରୁ ୨୦୧୪ ଭିତରେ ରାଜ୍ୟଗୁଡ଼ିକ କିନ୍ତୁ ମାତ୍ର ୫୫ ହଜାର କୋଟି ଟଙ୍କାର ରାଜସ୍ୱ ପାଇଥିଲେ। ଖଣି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ବିକାଶ ଲାଗି ୨୦୧୫ରେ ସ୍ଥାପିତ ଡିଏମ୍ଏଫ ଟ୍ରଷ୍ଟକୁ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। କୋଇଲାରୁ ରୟାଲଟି ବାବଦକୁ ରାଜ୍ୟଗୁଡ଼ିକୁ ୩୧ ହଜାର କୋଟି ଟଙ୍କା ଦିଆଯାଇଛି। ଖଣି କାର୍ଯ୍ୟକଳାପ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି। ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରନ୍ତୁ। ଜଙ୍ଗଲ ପରିବେଶ ଲାଇସେନ୍ସକୁ ମିଶନ ମୋଡରେ ଦିଆଯାଉ। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଲାଗୁ କରନ୍ତୁ। କ୍ରିଟିକାଲ ମିନେରାଲ ଆମ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଏଥିପାଇଁ କେନ୍ଦ୍ର, ରାଜ୍ୟ ଓ ଘରୋଇ ସଂସ୍ଥା ସମସ୍ତେ ମିଶି କାମ କରିବା ଜରୁରୀ। ବେଆଇନ ଖଣି ଖନନ ରୋକିବା ଆମ ପାଇଁ ଚ୍ୟାଲେଞ୍ଜ। ସେ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହାକୁ ରୋକାଯିବା ଦରକାର। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କହିଛନ୍ତି।

**ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ମାମଲା**

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

**କଟକ, ୨୦।୧ (କାର୍ତ୍ତିକ ସାହୁ)**

ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟରେ ରୁଜୁ ମାମଲାରେ ଜବାବ ଦାଖଲ ନିମନ୍ତେ ରାଜ୍ୟ ସରକାର ପୁଣି ମହଲତ ନେଇଛନ୍ତି। ସୋମବାର ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ତେବେ ସରକାର ଜବାବ ଦାଖଲ ଲାଗି ଅଧିକ ସମୟ ନେଇଥିବାରୁ ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୧୦ ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଛି। ପାହାଡ଼ିଆ ଅଞ୍ଚଳରେ ପାହାଡ଼ ଉପରକୁ ଗଲେ ଲୋକେ ପାଣି ଟୋପାଏ ପାଉଛନ୍ତି। କଟକ ସହରରେ ଦେୟ ନେବା ପାଇଁ ପାଣିମିଟର ବସାଇ ଜଳଯୋଗାଣ କରାଯାଉଛି, ହେଲେ ଲୋକେ ଗୋଳିଆପାଣି ପିଉଛନ୍ତି। ଆଗରୁ ତିନି ଓଳି ଜଳଯୋଗାଣ ହେଉଥିବାବେଳେ ଏବେ ଦୁଇ ଓଳି ଜଳ ଯୋଗାଇ ଦିଆଯାଉଛି। ପାନୀୟଜଳ କଷ୍ଟ ଦୂର ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ହାଇକୋର୍ଟ ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଥିଲେ। ରାଜ୍ୟ ସରକାର ଏ ସଂକ୍ରାନ୍ତୀୟ ସିଏଜି ରିପୋର୍ଟ ହାଇକୋର୍ଟରେ ଦାଖଲ କରିସାରିଛନ୍ତି। ମାତ୍ର ସିଏଜି ରିପୋର୍ଟ ରାଜ୍ୟ ବିଧାନସଭାରେ ଉପସ୍ଥାପନ ହୋଇଛି କି ନାହିଁ, ତାହା ଉପରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ହାଇକୋର୍ଟଙ୍କୁ ଜଣାଇବା କଥା। ମାତ୍ର ତାହା କରାଯାଇନାହିଁ। ମୈତ୍ରୀ ସଂସଦ ଓ ଆଉ ୩ ଜଣ ଆବେଦନକାରୀଙ୍କ ପକ୍ଷରୁ ସମାନ ସମସ୍ୟାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନକାରୀ ମୈତ୍ରୀ ସଂସଦ ପକ୍ଷରୁ ଆଇନଜୀବୀ ଅଜୟ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ପୀଡ଼ିତାଙ୍କ ଆତ୍ମାହୁତି ଉଦ୍ୟମ, କଲେଜରେ ଭଙ୍ଗାରୁଜା








କଲେଜ ପରିସରରେ ଭଙ୍ଗାରୁଜା, ପୀଡ଼ିତାଙ୍କ ଆତ୍ମାହୁତି ଉଦ୍ୟମ ଓ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ।

## କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲା

**ଯାଜପୁର, ୨୦।୧ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଏକ କଲେଜର ଜଣେ ଛାତ୍ରୀଙ୍କୁ ଅଧ୍ୟାପକ ଯୌନ ନିର୍ଯାତନା ଦେବା ଏବଂ କ୍ଲାସରୁମ୍‌ରେ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସୋମବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳ ଏବଂ କଲେଜ ଅଧ୍ୟକ୍ଷଙ୍କୁ ତୁରନ୍ତ ଗିରଫ ଦାବିରେ ଛାତ୍ରୀଛାତ୍ରମାନେ କଲେଜ ଗେଟ୍‌ରେ ତାଲା ପକାଇ ଭଙ୍ଗାରୁଜା କରିଛନ୍ତି। ଏପରି କି ପୀଡ଼ିତା ଛାତ୍ରୀ ତୁରନ୍ତ ନ୍ୟାୟ ଦାବିରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଏବଂ ଛାତ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଘଟଣାକୁ ଚାପି ଦେବାକୁ ଏବଂ ଅଧ୍ୟାପକଙ୍କୁ ସୁରକ୍ଷା ଦେବା ପାଇଁ ସହଯୋଗ କରିଥିବା ଅନ୍ୟମାନଙ୍କ ନାମ ମାମଲାରେ ସାମିଲ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଛାତ୍ରୀଛାତ୍ରମାନେ ସନ୍ଧ୍ୟା ୭ଟା ଯାଏ ନିଜ ଜିଦ୍‌ରେ ଅଟଳ ରହି ଆନ୍ଦୋଳନ ଚଳାଇଥିବାବେଳେ ବରୀ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ବିଡିଓ ମହେଶ୍ୱର ସେଠୀ ଓ ଯାଜପୁର ଏସ୍‌ଡିପିଓ କୈଳାସ ସେଠୀ ଛାତ୍ରୀଛାତ୍ରମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଛନ୍ତି। ସନ୍ଧ୍ୟା ୭ଟାରେ ଅତିରିକ୍ତ ଏସ୍‌ପି ଶିତିକଣ୍ଠ କାନୁନ୍‌ଗୋ ପହଞ୍ଚି ଅଭିଯୁକ୍ତମାନଙ୍କୁ ୭ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଘଟଣା ନେଇ ବରୀ ଥାନାରେ ୧୬/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଅଧ୍ୟାପକ ଧଳ ଓ ଅଧ୍ୟକ୍ଷ ଫେରାର ରହିଥିବା ପୋଲିସ କହୁଛି।

ଅଭିଯୋଗ ଅନୁସାରେ, ଗତ ୬ ତାରିଖରେ ଛାତ୍ରୀ ଜଣକ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ କଲେଜକୁ ଯାଇଥିଲେ। ପରୀକ୍ଷା ଚାଲିଥିବା ସମୟରେ ଅଧ୍ୟାପକ ଧଳ ଛାତ୍ରୀଙ୍କ ଫୋନ୍ ମାଗିବା ବାହାନରେ କ୍ଲାସ୍‌ରୁମ୍ ଭିତରେ ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଏହାର ବିରୋଧ କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଠେଲି ତଳେ ପକାଇ ଦେଇଥିଲେ। ଛାତ୍ରୀ ଜଣକ ପାଟି କରିବାରୁ କଲେଜର ପିଅନ ଆସି ଦେଖି କିଛି ନ କହି ଚାଲିଯାଇଥିଲେ। ତେବେ ଦ୍ୱିତୀୟଥର ପାଟି କରିବାରୁ କଲେଜର ପ୍ରଥମ ବର୍ଷର କେତେଜଣ ଛାତ୍ର ଆସିଯିବାରୁ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଛାଡ଼ି ସେଠାରୁ ଚାଲି ଯାଇଥିଲେ। ଏନେଇ ଛାତ୍ରୀ ତାଙ୍କ ମା' ଏବଂ କଲେଜ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏହାପରେ ଅଧ୍ୟାପକ ସିଧାସଳଖ ଧମକ ଦେଇଥିଲେ ଯେ ପରୀକ୍ଷା କଣ୍ଟ୍ରୋଲ ରୁମ୍‌ରେ ତାଙ୍କର ନିଜ ଲୋକ ଅଛନ୍ତି, ତାଙ୍କୁ ପରୀକ୍ଷାରେ ଫେଲ୍ କରାଇଦେବେ। ଏହାବାଦ ସେମାନଙ୍କ କଥା ମାନିଲେ ଅଧିକ ମାର୍କ ଦିଆଯିବ ବୋଲି କଲେଜର ଅଧ୍ୟକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହାବାଦ୍ ଘଟଣାକୁ ଚାପିଦେବାକୁ ଛାତ୍ରୀଙ୍କୁ ଅର୍ଥଲୋଭ ମଧ୍ୟ ଦେଖାଇଥିଲେ। ହେଲେ ଛାତ୍ରୀ ଜଣକ ରାଜି ନ ହେବାରୁ ତାଙ୍କୁ ମାନସିକ ନିର୍ଯାତନା ଦେଇ ଭୟଭୀତ କରାଇଥିଲେ ବୋଲି ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ଛାତ୍ରୀଛାତ୍ରମାନେ କଲେଜରେ ଆନ୍ଦୋଳନ କରିବା ସହ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପୀଡ଼ିତା ଛାତ୍ରୀ ବିଚଳିତ ହୋଇ ପ୍ରଥମେ କଲେଜ ଛାତ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହେଲେ ଛାତକୁ ସଂଯୋଗ ପାହାଚର କବାଟ ବନ୍ଦ ଥିବାରୁ ସେ ଫେରି ଆସିଥିଲେ। ଏହାପରେ ସେ ନିଜ ସ୍କୁଟିରୁ ପେଟ୍ରୋଲ ଆଣି ତାଙ୍କ ଦେହରେ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ପୋଲିସ ତୁରନ୍ତ ତାଙ୍କୁ କାବୁ କରି ଆତ୍ମାହୁତିରୁ ବିରତ କରିଥିଲେ।

ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୧/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, January 21/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 59 | ମୂଲ୍ୟ ₹୭/-





**ପନ୍ତ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ**

ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ ପାଇଁ ରିଷଭ ପନ୍ତଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ ମନୋନୀତ କରାଯାଇଛି। **୧୪**

**୧୧** **ବଲିଉଡ୍‌ରେ ଅଭିନେତ୍ରୀଙ୍କୁ ମିଳେ ଅପ୍ରାସଙ୍ଗିକ ଚରିତ୍ର**

ବଲିଉଡ୍ ଇଣ୍ଡଷ୍ଟ୍ରିର କେତେଜଣ ନାମୀ ନିର୍ଦ୍ଦେଶକଙ୍କ ଚଳଚ୍ଚିତ୍ରରେ ଅଭିନେତ୍ରୀମାନଙ୍କର ଚରିତ୍ର ଅପ୍ରାସଙ୍ଗିକ ରହିଥାଏ ବୋଲି ଅଭିନେତ୍ରୀ କଙ୍ଗନା ରାଣାୱତ କହିଛନ୍ତି।




# ଆଜିଠାରୁ ୬ ଗ୍ରହଙ୍କ ବିରଳ ମହାଜାଗତିକ ଦୃଶ୍ୟ

**ଭୁବନେଶ୍ୱର,୨୦।୧(ସୁଚିସ୍ମିତା ସାହୁ)**

ଆକାଶରେ ମଙ୍ଗଳବାରଠାରୁ ଦେଖିବାକୁ ମିଳିବ ୬ଟି ଗ୍ରହଙ୍କ ବିରଳ ମହାଜାଗତିକ ଦୃଶ୍ୟ। ସୌରଜଗତର ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ନେପ୍‌ଚୁନ୍ ଓ ୟୁରେନ୍‌ସ ୩୧ ତାରିଖ ପର୍ଯ୍ୟନ୍ତ ଏକ ସରଳ ରେଖାରେ ଦୃଶ୍ୟମାନ ହେବେ। ମଙ୍ଗଳ, ଶୁକ୍ର, ବୃହସ୍ପତି ଓ ଶନିକୁ ଲୋକେ ଖାଲିଆଖିରେ ଦେଖିପାରିବେ। ସେହିପରି ଦୂରବୀକ୍ଷଣ ଏବଂ ଟେଲିସ୍କୋପ ମାଧ୍ୟମରେ ନେପଚୁନ ଓ ୟୁରେନସ ଦୃଶ୍ୟମାନ ହେବେ। ସାଧାରଣ ଲୋକେ ଯେପରି ଏହି ବିରଳ ଦୃଶ୍ୟକୁ ଦେଖିପାରିବେ ସେଥିପାଇଁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୋମବାର ବ୍ୟତୀତ ଅନ୍ୟ ସବୁଦିନ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଏଭଳି ବିରଳ ଦୃଶ୍ୟ ଦେଖିପାରିବେ ବୋଲି ରାଜ୍ୟ ବିଜ୍ଞାନ ଓ କାରିଗରି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ**

**ମେଳା ବି ଡିଜି**



ଶପଥ ଗ୍ରହଣ ପୂର୍ବରୁ ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କ ସହ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ସ୍ତ୍ରୀ ମେଲାନିଆ ଟ୍ରମ୍ପ୍।

# ସେପ୍ଟେମ୍ବର ୧ ସୁଦ୍ଧା ୬ ବର୍ଷ ହୋଇଥିଲେ ପ୍ରଥମ ଶ୍ରେଣୀରେ ନାମଲେଖା

**ଭୁବନେଶ୍ୱର,୨୦।୧(ସୁଚିସ୍ମିତା ସାହୁ)**

## ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ବିଜ୍ଞପ୍ତି

୨୦୨୫-୨୬ ଶିକ୍ଷାବର୍ଷରେ ନାମଲେଖା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଶିକ୍ଷାବର୍ଷର ସେପ୍ଟେମ୍ବର ୧ ସୁଦ୍ଧା ଶିଶୁର ବୟସ ୬ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ପ୍ରଥମ ଶ୍ରେଣୀରେ ନାମ ଲେଖାଇପାରିବେ ବୋଲି ଉଲ୍ଲେଖ ରହିଛି। ଜାତୀୟ ଶିକ୍ଷା ନୀତି-୨୦୨୦' ଅନୁସାରେ ରାଜ୍ୟ ସରକାର ଏହି ନିୟମକୁ ବାଧ୍ୟତାମୂଳକ କରିଛନ୍ତି। ନିର୍ଦ୍ଧାରିତ ସମୟ ସୁଦ୍ଧା ଶିଶୁଙ୍କୁ ୬ ବର୍ଷ ହୋଇ ନ ଥିଲେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଅନୁମତି ମିଳିବ ନାହିଁ ବୋଲି ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ଏଥିସହ ଆସନ୍ତା ଶିକ୍ଷାବର୍ଷରୁ ସବୁ ପ୍ରାଥମିକ ସ୍କୁଲରେ 'ଶିଶୁ ବାଟିକା' ଖୋଲାଯିବ। ☞ପୃଷ୍ଠା-୨

# ବାପାଠାରୁ ଭିନ୍ନେ ପୁଅ ଆବାସ ଯୋଜନା ଲାଗି ଆବେଦନ କରିପାରିବେ

**ଭୁବନେଶ୍ୱର,୨୦।୧(ସୁନିତ୍ ମିଶ୍ର)**

- **ଆସନ୍ତା ୨୪ରୁ ଆବେଦନ ପ୍ରକ୍ରିୟା ଆରମ୍ଭ**
- **୨ ମାସରେ ସର୍ଭେ ସାରିବେ ସରକାର**

ବାପାଠାରୁ ଭିନ୍ନେ ହୋଇଥିବା ପୁଅ, ସ୍ୱାମୀଠାରୁ ଅଲଗା ରହୁଥିବା ସ୍ତ୍ରୀ ଏବଂ ଦୁଇଚକିଆ ମୋଟର ଯାନ, ଫ୍ରିଜ୍ ରଖିଥିବା ଓ ୧୫ ହଜାର ପର୍ଯ୍ୟନ୍ତ ଦରମା ପାଉଥିବା ବ୍ୟକ୍ତି ଏଣିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିପାରିବେ। ଏଭଳି କିଛି କୋହଳ ମାନଦଣ୍ଡ ସହ ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପକ୍କାଘର ଯୋଗାଇବାକୁ ସର୍ଭେ ଆରମ୍ଭ କରିବେ। ଆସନ୍ତା ୨୪ରୁ ଏନେଇ ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ଲୋକେ ଆବେଦନ କରିପାରିବେ। ଏନେଇ ୨୪ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଆବାସ ପୋର୍ଟାଲର ଲଞ୍ଚ କରାଯିବ। ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅନ୍ତର୍ଜାତୀୟ ଇଲେକ୍ଟ୍ରୋହୋମିଓପାଥିକ ସମ୍ମିଳନୀ, ସ୍ଥାନ: ଭେଟେରିନାରୀ ସାଇନ୍ସ କଲେଜ, ଓୟୁଏଟି, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସେବାସଂଘର 'ଅଶୀ ମହୋତ୍ସବ', ସ୍ଥାନ: ଓଡ଼େଶା ଭବନ, ଖାରବେଳନଗର, ସମୟ: ପୂର୍ବାହ୍ନ ୧୧ଟା।
- ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଏମ୍‌ବିଏ ଅଧ୍ୟୟନ ପୁସ୍ତିକା (ଓଡ଼ିଆ)ର ଉନ୍ମୋଚନ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ୱେତପଦ୍ମ ଏକାଦଶ ମଞ୍ଚ ନାଟକ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଜିତ୍ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କେନ୍ଦୁଝର

- ଶ୍ରୀ ହନୁମାନଙ୍କ ମନ୍ଦିରରେ ରାମଚରିତ ପାଠ ଏବଂ ଭଜନ ମେଳା, ସ୍ଥାନ : ହାବଳେଶ୍ୱର, ହାଟଡ଼ିହୀ, ସମୟ : ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ଗ୍ରାମଦେବତୀ ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ବଡ଼ରମ୍ଭାସ ଗୁହାଳଗଡିଆ, ସ୍ଥାନ: ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ରନ ଫର୍ ଏଲିଫାଣ୍ଟ, ସ୍ଥାନ: କେନ୍ଦୁଝର ନଗର ଭବନ, ପଡ଼ିଆ, ସମୟ: ସକାଳ ୭ଟା ୩୦।
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା, ସ୍ଥାନ: ଓରାଳୀ, ଛେନାପଦି ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ : ମରୈଗାଁ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ବିଡିଓଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ହାଟଡ଼ିହୀ, ସମୟ: ମଧ୍ୟାହ୍ନ ୧୨ ଟା।

## ଭଦ୍ରକ

- ସାଂସ୍କୃତିକ ଚୟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବେତଡ଼ାସ୍ଥିତ ମହାବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ସୂର୍ଯ୍ୟପୂଜା, ଚଣ୍ଡିଯଜ୍ଞ ଓ ପୂର୍ଣ୍ଣାହୂତି, ସ୍ଥାନ: ଦୁର୍ଗାଦେବୀ ଭୀମଦା, ବଡ଼ସାହି,ସମୟ: ସକାଳ ୭ଟା।
- ମା' ଶୀତଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଓ ଦେବୀ ଦର୍ଶନ, ସ୍ଥାନ:ଜଡ଼ିପାଳ, ବଡ଼ସାହି, ସମୟ: ସକାଳ ୮ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ପୂରବୀ ଓ ନୂପୁର ଅନୁଷ୍ଠାନ ପକ୍ଷରୁ ନାଟ୍ୟ ଉତ୍ସବ, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ଅପରାହ୍ନ୨ଟା।
- ମକର ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ, ବଡ଼ସାହି,ସମୟ: ଅପରାହ୍ନ ୩ଟା।
- ମକର ମେଳା ଓ ଟୁସୁ ପର୍ବ, ସ୍ଥାନ: ଶାକୁଆ, ବଡ଼ସାହି,ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ଶ୍ରୀ ବିରଞ୍ଚିନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ ବୁଗୁଡ଼ା, ସମୟ: ସକାଳ ୮ ଟା।
- ନିୟୁ ଏରା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଏକ ଘରୋଇ ଟେଲିଭିଜନ ଚ୍ୟାନେଲ ପକ୍ଷରୁ ମହିଳା ସଶକ୍ତୀକରଣ ଉପରେ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପରେ ଭୁବନେଶ୍ୱର ଜେ. ସି. କ୍ରିକେଟ ଏକାଡେମୀ ବନାମ ଯାଜପୁର ବାଟମଙ୍ଗଳା ମଧ୍ୟରେ ମୁକାବିଲା, ସ୍ଥାନ: ରଙ୍କାଳ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ମା' ଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତି, ମହାକାଳପଡ଼ା, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଗୋଡ଼ିପଡ଼ାରେ ବ୍ଲକ୍ ପ୍ରତିଷ୍ଠା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମାବେଶ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ମଧ୍ୟାହ୍ନ ୧୨ଟା।
- ପାଣିପୋଇଲାଠାରେ ଟିକିଲ ପାଇଁ ପଦଯାତ୍ରା, ସ୍ଥାନ:ବାଲୁଗାଁ ଚଣ୍ଡୀ ମନ୍ଦିରଠାରୁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ମଧ୍ୟାହ୍ନ ୧୨ଟା।
- ମକର ସଂକ୍ରାନ୍ତି ଯାତ୍ରାର ସପ୍ତମ ଦିବସ, ସ୍ଥାନ:ଗୋଡିପଡ଼ା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ:ସକାଳ ୧୦ଟା।
- ଟି ଟୋଣ୍ଟି କ୍ରିକେଟ ଟୁର୍ନାମେଣ୍ଟର ନବମ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ନବମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିରର ଷଷ୍ଠ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ପାରାୟଣ ଉଦ୍‌ଘାଟନ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଖଳିସାହି ଟୋଟା

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଗୁଡାରି ବ୍ଲକ କର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ପୁଟାସିଂ ବ୍ଲକ ଗଠନ ଦାବିରେ ଶୋଭାଯାତ୍ରା ଏବଂ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଉପ ଜିଲାପାଳ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ସାଧାରଣ ସେବା, ନାଗରିକ ଅଧିକାର ସମ୍ପର୍କୀୟ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରବି ଫସଲ ଋଣ କୌଶଳ କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଦକ୍ଷତା ବିକାଶ ଓ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କୋରାପୁଟ

- ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲିଯାତ୍ରା ଉପଲକ୍ଷେ ଆଜ୍ଞାମାଳ, ସ୍ଥାନ: କୋଟପାଡ଼ ଶୀତଳା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ରୋଟାରୀ କ୍ଲବ ଗଭର୍ନରଙ୍କ ବଣ୍ଡାଘାଟି ପରିଦର୍ଶନ, ଶୀତ ବସ୍ତ୍ର ବଣ୍ଟନ, ସ୍ଥାନ: ଖଇରପୁଟ, ସମୟ: ଅପରାହ୍ନ ୧ଟା।
- ରୋଟାରୀ ଗଭର୍ନରଙ୍କ ଦ୍ୱାରା ଶାନ୍ତିସ୍ତୁପ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ସହର, ସମୟ: ଅପରାହ୍ନ ୪ଟା ୩୦।
- ରୋଟାରୀ ସିଲେଇ ସେଣ୍ଟର ଉଦ୍‌ଘାଟନ ସ୍ଥାନ: ମାଲକାନଗିରି, ସମୟ: ଅପରାହ୍ନ ୪ଟା ୩୦।

## ସମ୍ବଲପୁର

- ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଅଫତାବ କ୍ଲବ ବନାମ ସହଯୋଗ କ୍ଲବ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ସକାଳ ୯ଟା।
- ସମ୍ବଲପୁର ପୁସ୍ତକ ମେଳା-୨୦୨୫, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା।
- .ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ବୁର୍ଲା କ୍ରୀଡା ସଂଘ ବନାମ ଅନାମିକା କ୍ଲବ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦।
- ଓଡ଼ିଆ ଚଳଚ୍ଚିତ୍ର କଣ୍ଠଶିଳ୍ପୀ ଦିପ୍ତିରେଖା ପାଢ଼ୀ ଓ ଦଳଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ହନୁମାନପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୁଦୁଗୁଦା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଛାତ୍ରୀଛାତ୍ରଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: କଟାପାଲି କଲେଜ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା
- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ, ସ୍ଥାନ:ଟାଉନ ହଲ, ଖଜୁରଟିକ୍ରା ରୋଡ୍, ବରଗଡ଼,ସମୟ:ଅପରାହ୍ନ ୩ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଗାଇସୀମା, ବରଗଡ଼,ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ନବ ଦାସ ଫାଉଣ୍ଡେଶନ ପକ୍ଷରୁ ୨ୟ ଆଥେଲେଟିକ ମିଟ୍, ସ୍ଥାନ: ଶ୍ରୀପୁରା ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭିକମପାଲି କମ୍ୟୁନିଟି ହଲ, ସମୟ: ଅପରାହ୍ନ: ୩ଟା।

## ରାଉରକେଲା

- ଛେଣ୍ଡ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ରାଲି, ସ୍ଥାନ: ଛେଣ୍ଡ ସାଇନ୍ସ ପାର୍କ ସମ୍ମୁଖ, ସମୟ: ସକାଳ ୯ଟା।
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠର ୮ମ ଦିବସ, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ବେଦବ୍ୟାସ ସଂସ୍କୃତ କଲେଜ ବାର୍ଷିକ କ୍ରୀଡ଼ାର ତୃତୀୟ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରେଳବାଇ ଜିଏମ୍‌ଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ରେଳବାଇ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ସ୍ୱୟଂଶାସିତ କଲେଜର ବାର୍ଷିକ କ୍ରୀଡାର ଶୁଭାରମ୍ଭ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା କ୍ରୀଡ଼ା ସଂଘ ପ୍ରତିଯୋଗିତାର ୬ଷ୍ଠ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୨ଟା ୩୦।
- ସତ୍‌ସଙ୍ଗ କେନ୍ଦ୍ରରେ ଆଧ୍ୟାତ୍ମିକ ସଭା, ସ୍ଥାନ: ଛେଣ୍ଡ ସତ୍‌ସଙ୍ଗ ବିହାର, ସମୟ: ସନ୍ଧ୍ୟା ୬ଟା ୩୦।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୮ଟା ୧୫।

## ଦେବଗଡ଼

- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଉଦ୍‌ଯାପିତ ଅବସରରେ କୃଷି ପାଠଶାଳା, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଉଦଯାପିତରେ, ସଧାରଣ ସଭା, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଉଦ୍‌ଯାପିତ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି, ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ ଘୋଷଣା ଦାବିରେ ଦଣ୍ଡପାଟ ଅଞ୍ଚଳବାସୀଙ୍କ ଶୋଭାଯାତ୍ରା, ସ୍ଥାନ: ଧର୍ମଗଡ଼ ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ ପ୍ରସ୍ତୁତି, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା ୩୦।

## ବୌଦ୍ଧ

- ମା' ବୁଢୀଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଯଜ୍ଞାରମ୍ଭ, ମଣ୍ଡଳପୂଜା, ସ୍ଥାନ: କାଳେଶ୍ୱର ଗ୍ରାମ, ବୌଦ୍ଧ, ସମୟ: ସକାଳ ୯ଟା।
- ଏକୋଇଶିତମ ତିଳେଶ୍ୱର କପ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ସପ୍ତମ ଦିବସ, ସ୍ଥାନ: ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ତିଳେଶ୍ୱର, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମ ପସରା କୁ ସୁଆଁ ଜାଉ ବିଲେଇ ଦି'ହଳ ଦୁହାଁ ହଉ ।**

ମିଛରେ ବହାଦୁରି କରିବା ବା ବଡ଼ପଣିଆ ଦେଖେଇହେବା କେତେକଙ୍କର ମନ୍ଦଭ୍ୟାସ ହୋଇଥାଏ। ନିଜକୁ ବଢେଇ କରି କଥା କହୁଥିବା ବ୍ୟକ୍ତିର ନିତିଦିନିଆ ଚଳଣି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଢଗ ଚାରିପଦ ଥିଲା କି ନ ଥିଲା କଥା ଚାରିପଦ ଥିଲା, ଯେ ଦିନୁ ଡେଇଁଲି ଏରୁଣ୍ଡିବନ୍ଧ ସବୁ ତ ପାସୋର ଗଲା ।**

ବାପଘରେ ଝିଅଟି ବେଶ ଅଲିଅଳରେ ବଢ଼ିଥାଏ। ବାହା ହୋଇ ଯେତେବେଳେ ଶାଶୁଘରକୁ ବୋହୂ ହୋଇ ଆସେ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢିଯାଏ। ସେହିପରି ଘର ସଂସାର କରିବା ଭିତରେ ସେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ମଧ୍ୟ ପାସୋରି ଦେଇଥାଏ। ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଉ ନ ଥିବା ପରି ବାପଘରୁ କିଛି ଢଗ ଭଳି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ି ରହି ସେ ସବୁ ପାସୋରି ଦେଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଷ ଦେଇଥିବା ପ୍ରେମିକାଙ୍କୁ ଫାଶୀ ଦଣ୍ଡାଦେଶ

**ଥିରୁଭାନନ୍ତପୁରମ,୨୦।୧**



କେରଳର ଥିରୁଭାନନ୍ତପୁରମର ଅତିରିକ୍ତ ଜିଲା ସେଶନ କୋର୍ଟ ସୋମବାର ଜଣେ ୨୪ ବର୍ଷୀୟା ଯୁବତୀ ଗ୍ରୀଷ୍ମାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଗ୍ରୀଷ୍ମା ୨ ବର୍ଷ ତଳେ ନିଜ ବୟଫ୍ରେଣ୍ଡ ଶାରୋନ ରାଜ୍‌ଙ୍କୁ ବିଷ ଦେଇ ହତ୍ୟା କରିଥିଲେ। ସପ୍ତାହେ ତଳେ ଥିରୁଭାନନ୍ତପୁରମର ଅତିରିକ୍ତ ଜିଲା ସେଶନ କୋର୍ଟ ଏହି ମାମଲାରେ ଗ୍ରୀଷ୍ମା ଓ ତାଙ୍କ ଦାଦାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅପରାଧର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଅଦାଲତ ଗ୍ରୀଷ୍ମାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବା କହିଛନ୍ତି। ଏହାସହ ଗ୍ରୀଷ୍ମା କେରଳରେ ମୃତ୍ୟୁ ଦଣ୍ଡ ପାଇଥିବାର ସବୁଠୁ କନିଷ୍ଠ ମହିଳା। ତେବେ ଗ୍ରୀଷ୍ମାଙ୍କର ଶିକ୍ଷାଗତ ଯୋଗ୍ୟତା, ପୂର୍ବରୁ କୌଣସି ଆପରାଧିକ ଇତିହାସ ନ ଥିବା ଏବଂ ମା'ବାପାଙ୍କର ଏକମାତ୍ର ଝିଅ ହୋଇଥିବା ଦର୍ଶାଇ ଗ୍ରୀଷ୍ମାଙ୍କୁ କୋହଳ ଦଣ୍ଡାଦେଶ ଦେବାକୁ ତାଙ୍କ ଓକିଲ ଅଦାଲତଙ୍କୁ ଅନୁରୋଧ କରିଥିଲେ। ପ୍ରକାଶ ଯେ, ଗ୍ରୀଷ୍ମାଙ୍କର ବୟଫ୍ରେଣ୍ଡ ଶାରୋନ ଥିରୁଭାନନ୍ତପୁରମ ନିକଟସ୍ଥ ପରସାଲା ଅଞ୍ଚଳରେ ରହୁଥିଲେ। ଉଭୟ ଗ୍ରୀଷ୍ମା ଓ ଶାରୋନ ରିଲେସନ୍‌ଶିପରେ ଥିଲେ। ତେବେ ଗ୍ରୀଷ୍ମାଙ୍କର ଅଭିଭାବକ ତାଙ୍କର ବିବାହ ଅନ୍ୟ ଏକ ସ୍ଥାନରେ ଠିକ୍ କରିଥିଲେ। ଗ୍ରୀଷ୍ମା ମଧ୍ୟ ଅଭିଭାବକଙ୍କ ନିଷ୍ପତ୍ତିରେ ରାଜି ହୋଇ ସମ୍ପର୍କ ଶେଷ କରିବାକୁ ଶାରୋନଙ୍କୁ କହିଥିଲେ। ଶାରୋନ ଏଥିରେ ସହମତ ନ ହେବାରୁ ଗ୍ରୀଷ୍ମା ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ୨୦୨୨ ଅକ୍ଟୋବର ୪ରେ ଗ୍ରୀଷ୍ମା ଶାରୋନଙ୍କୁ ନିଜ ଘରକୁ ଡକାଇ ତାଙ୍କୁ ଖାଦ୍ୟରେ ବିଷ ମିଶାଇ ଖାଇବାକୁ ଦେଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ସଞ୍ଜୟ ରାୟଙ୍କୁ...

ପ୍ରଥମ ପୃଷ୍ଠାରୁ...

ହାଇକୋର୍ଟରେ ଅପିଲ୍ କରିପାରିବେ। ଆବଶ୍ୟକ ହେଲେ ତାଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯିବ ବୋଲି ବିଚାରପତି କହିଛନ୍ତି।

ଦଣ୍ଡ ଶୁଣାଣି ପୂର୍ବରୁ ସଞ୍ଜୟ ଅଦାଲତଙ୍କୁ କହିଥିଲେ, ସେ ନିର୍ଦ୍ଦୋଷ ଏବଂ ତାଙ୍କୁ ଭୁଲ୍‌କ୍ରମେ ଦୋଷୀ ସାବ୍ୟସ୍ତ କରାଯାଇଛି। ଅପରାଧ ନ କରି ତାଙ୍କୁ ଫସାଇ ଦିଆଯାଇଛି। ଅନ୍ୟପକ୍ଷରେ ଦଣ୍ଡ ଘୋଷଣାରେ ଡାକ୍ତରଙ୍କ ପରିବାର ଆଦୌ ସନ୍ତୁଷ୍ଟ ନୁହନ୍ତି। ନ୍ୟାୟ ପାଇଁ ଉଚ୍ଚତର ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ସେମାନେ କହିଛନ୍ତି। ଅପରାଧୀଙ୍କୁ ଫାଶୀଦଣ୍ଡ ମିଳିବା ଆବଶ୍ୟକ ବୋଲି ମୃତା ଡାକ୍ତରଙ୍କ ମାଆ କହିବା ସହ କ୍ଷତିପୂରଣ ବାବଦ ୧୭ ଲକ୍ଷ ଟଙ୍କା ଗ୍ରହଣ କରିବାକୁ ମନା କରିଦେଇଛନ୍ତି।

## କୋଲକାତା ପୋଲିସଠାରୁ...

କଂଗ୍ରେସ ନେତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମେ ସମସ୍ତେ ମୃତ୍ୟୁଦଣ୍ଡ ଦାବି କରୁଥିବାବେଳେ ଅଦାଲତ ଆଜୀବନ ଜେଲଦଣ୍ଡ ଦେଲେ ବୋଲି ସେ କହିଛନ୍ତି।

## ବାପାଠାରୁ ଭିନ୍ନ ପୁଅ...

ଏହାପରେ ଆଶାୟୀ ହିତାଧିକାରୀ ଅନ୍‌ଲାଇନରେ ସାଇଟ୍ ଖୋଲି କିମ୍ବା ମୋବାଇଲ୍‌ରେ ଆପ୍ ଜରିଆରେ ଆବେଦନ କରିପାରିବେ। ଅଫ୍‌ଲାଇନରେ କରିବାକୁ ଚାହିଁଲେ ପଞ୍ଚାୟତ କିମ୍ବା ବ୍ଲକ ଅଫିସ୍‌କୁ ଯାଇ ଫର୍ମ ଜରିଆରେ ଆବେଦନ କରିପାରିବେ ବୋଲି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆଗରୁ ଯେପରି ଆବାସ ଘର ଦେବା ଲାଗି ଏକାଧିକ ମାନଦଣ୍ଡ ରଖାଯାଇଥିଲା ଏବେ ସେଥିରେ ବହୁମାତ୍ରାରେ କୋହଳ କରାଯିବ। ବାଇକ୍ କିମ୍ବା ଫ୍ରିଜ୍ ରଖିଥିବା ବ୍ୟକ୍ତି ଏବେ ଆବାସ ଯୋଜନା ଲାଗି ଆବେଦନ କରିପାରିବେ। ମାସିକ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତି ମଧ୍ୟ ଆବେଦନ କରିପାରିବେ। ପୂର୍ବରୁ ଏହା ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି, ଭିନ୍ନକ୍ଷମ, ଭିନ୍ନେ ହୋଇସାରିଥିବା ପୁଅ ଯେଉଁମାନେ ଆବେଦନ କରିବେ ସେମାନଙ୍କୁ ମଧ୍ୟ ସାମିଲ କରାଯିବ। ସର୍ଭେ ୨ ମାସ ମଧ୍ୟରେ ଶେଷ କରାଯିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବ ସରକାର ମାରିଥିବା ବିଜୁ ପକ୍କାଘର ପେଷ୍ଟ ଲୋକଙ୍କ ଘରୁ ଉଠାଯିବ। ଲୋକମାନେ ବିଜୁ ପକ୍କାଘର ପେଷ୍ଟ କାଢ଼ିବାକୁ କହୁଛନ୍ତି। ପୂର୍ବ ସରକାର ମାତ୍ର ୩ ଲକ୍ଷ ୧୨ ହଜାର ଘର ଦେଇଥିଲେ। କେବଳ ବିଜୁ ପକ୍କାଘର ନାଁ ନେଉଥିଲେ। କିନ୍ତୁ ଲୋକମାନଙ୍କ ପାଇଁ ସେମାନଙ୍କର ଜମାବି ଆନ୍ତରିକତା ନ ଥିଲା। ନୂଆ ସରକାର ସବୁ ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେବାକୁ ଯୋଜନା କରୁଛନ୍ତି ବୋଲି ମନ୍ତ୍ରୀ ନାଏକ କହିଛନ୍ତି।

## ସେପ୍ଟେମ୍ବର ୧ ସୁଦ୍ଧା...

ଏଠାରେ ୫ରୁ ୬ ବର୍ଷ ବୟସର ପିଲାଙ୍କୁ 'ପ୍ରି ସ୍କୁଲ ଶିକ୍ଷା'ରେ ନାମ ଲେଖାଇବାର ସୁଯୋଗ ମିଳିବ। ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ନୂଆ ଜାତୀୟ ଶିକ୍ଷାନୀତି ଲାଗୁ ହେଉଥିବାରୁ ସରକାର ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କାର୍ଯ୍ୟକାରୀ କରିଛନ୍ତି ବୋଲି କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରବି ସ୍ୱନକ୍ଷତ୍ରସ୍ଥ ହୋଇ କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ ପ୍ରଶାସନିକ ସ୍ତରରେ ଦୃଢ଼ ସିଦ୍ଧାନ୍ତ ନେବେ। ପାରିବାରିକ ସମସ୍ୟା, ଯାନବାହନରେ ସମସ୍ୟାର ସମାଧାନ ହୋଇଯିବ। ମାଲିମକଦ୍ଦମା କ୍ଷେତ୍ରରେ ମନରେ ସଂଶୟ ଉତ୍ପନ୍ନ ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ବୃଷ** ସ୍ୱସ୍ଥାନହନ୍ତା ବୃହସ୍ପତି ଧନସ୍ଥାନରେ ଥିବାରୁ ଆଜିର ଯାତ୍ରା ସକାଶେ ଆର୍ଥିକ ପରିସ୍ଥିତି ସମସ୍ୟା ସୃଷ୍ଟି କରିପାରେ। ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ସହ ଆଲୋଚନାରେ ସମୟ କାଟିବେ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ହେତୁ ମନ ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ସାମ୍ବାଦିକତା ଦିଗରୁ ଶୁଭଫଳ ପାଇବେ।

**ମିଥୁନ** ବୃହସ୍ପତି କ୍ଷେତ୍ରରୁ ବୁଧ ନିଜ ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ। ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବା ହେତୁ କାର୍ଯ୍ୟ ସାଧନ କରିବା ସହଜସାଧ୍ୟ ହେବ। ଜମିଜମା କାରବାର, ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବା ସୂଚନା ରହିଛି। ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ନିଜର ପ୍ରତିଦ୍ୱନ୍ଦ୍ୱୀ ସହ ଟକ୍କର ଦେଇ ଚାଲିବାକୁ ପଡ଼ିପାରେ।

**କର୍କଟ** ନିଜ ରାଶିକୁ ଚନ୍ଦ୍ର ଦୃଷ୍ଟି ଦେଉଥିବାରୁ କର୍ମକ୍ଷେତ୍ର ଓ ପାରିବାରିକ ଜୀବନର ଜଟିଳତାରୁ ଦୂରେଇ ରହିପାରିବେ। ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବାରୁ ଅନ୍ୟ ଉପରେ ନିର୍ଭରକରିବେ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ହଡ଼ବଡ଼େଇଯିବା ସୂଚନା ରହିଛି। ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବେ।

**ସିଂହ** ଶୁକ୍ର ଓ ଶନିଙ୍କ ଦୃଷ୍ଟି ରାଶି ପ୍ରତି ରହିଥିବାରୁ ବହୁ ଦିନରୁ ଦେଖି ନ ଥିବା ବନ୍ଧୁଙ୍କୁ ଦେଖିବା ସକାଶେ ମନ ଛଟପଟ ହେବ। ପରିସ୍ଥିତିରେ ପଡ଼ି ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରିପାରନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ। ଶିଳ୍ପ, ବାଣିଜ୍ୟ, ସଭାସମିତି ପ୍ରଭୃତିରେ ସମସ୍ୟା ଦୂରହେବ।

**କନ୍ୟା** ନିକଟ ସମ୍ପର୍କୀୟମାନଙ୍କଠାରୁ ଶୁଭ ଖବର ଶୁଣି ଖୁସି ହେବେ। ରାହୁଙ୍କ ପ୍ରଭାବରୁ ସକାଳୁ ସକାଳୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଶନି କ୍ଷେତ୍ରରେ ଶୁକ୍ର ଥିବାରୁ ଧର୍ମାନୁଷ୍ଠାନ କିମ୍ବା ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ନୂତନ ବସ୍ତ୍ର ଓ ଆଳଙ୍କାରିକ ଜିନିଷ କ୍ରୟକରିବା ସକାଶେ ମନ ବଳାଇବେ।

**ତୁଳା** ଚନ୍ଦ୍ର ଶିଥିଳ ଗ୍ରହଙ୍କ କ୍ଷେତ୍ରରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ କାମ ଡେରିରେ ହେଉଥିବାରୁ ମନ ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ବିଶ୍ୱସ୍ତବ୍ୟକ୍ତି ନିକଟରୁ ଆସ୍ଥା ହରାଇପାରନ୍ତି। ସଭାସମିତିରେ ଗୁରୁଜନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଘର ସାହସଜ୍ଜା କିମ୍ବା ମରାମତି କାମରେ ସମୟ କଟିବ।

**ବିଛା** ବୁଧଙ୍କ ପ୍ରଭାବରୁ ନିଜର ଚିନ୍ତାଧାରା ଅନୁଯାୟୀ କାମ ହାସଲ ହେବାରେ ବ୍ୟତିକ୍ରମ ପରିଲକ୍ଷିତ ହେବ। କିନ୍ତୁ ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରିପାରନ୍ତି। ବିବାଦୀୟ ପରିସ୍ଥିତିରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ଚନ୍ଦ୍ର ଓ କେତୁ ହେତୁ ବିଭିନ୍ନ ସମସ୍ୟା କାରଣରୁ ମାନସିକ ସ୍ଥିତି ବିଗିଡ଼ିଯିବ। ବୁଝାମଣା ଅଭାବରୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ଅସ୍ୱୀକାର କରିପାରନ୍ତି। ନିଜର ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତହୋଇ ଆପଣଙ୍କୁ ପ୍ରତାରିତ କରିପାରେ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବେ।

**ମକର** ଅଷ୍ଟମାଧିପତି ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ଅଯଥା କଳହରୁ ଦୂରେଇ ରହିବା ଭଲ ହେବ। ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ଉଚ୍ଚବର୍ଗଙ୍କ ସହାୟତା ଲାଭକରି ସ୍ଥିରତା ଫେରିପାଇବେ। ନିଜ କୃତ କର୍ମର ପରିଣାମ ସ୍ୱରୂପ ଲୋକମାନଙ୍କ ଉପରୁ ଆସ୍ଥା ହରାଇପାରନ୍ତି।

**କୁମ୍ଭ** ସ୍ୱରାଶିସ୍ଥ ଶନି ହେତୁ ଆଜିର କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବେ। ଅନ୍ୟମାନଙ୍କ ଭଲ କରିବାକୁ ଯାଇ ବିନା କାରଣରେ କଳହକୁ ନିୟନ୍ତ୍ରଣ କରିବେ। ହଠାତ୍ କୌଣସି ସ୍ଥାନକୁ ଯିବାକୁ ମନସ୍ଥକରି ବାଟରୁ ଫେରିଆସିବେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବେ।

**ମୀନ** ବଳହୀନ ମଙ୍ଗଳ ଯୋଗୁ ଅର୍ଥନୈତିକ ପରିସ୍ଥିତି ବିଗିଡ଼ିଯିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହ ଯୁକ୍ତିତର୍କଜନିତ ବିବାଦୀୟ ପରିସ୍ଥିତି ସୃଷ୍ଟିହେବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚେଷ୍ଟାକରି ବିଫଳ ହେବେ। ପାରିବାରିକ କ୍ଷେତ୍ରରେ ଲାଗି ରହିଥିବା ଅସଙ୍ଗତି ଦୂରେଇବାରେ ସମର୍ଥ ହେବେ।

ଆଜି ଜାନୁଆରୀ ୨୧ ତାରିଖ, ମାଘ କୃଷ୍ଣପକ୍ଷର ସପ୍ତମୀଯୁକ୍ତ ଅଷ୍ଟମୀ ମଙ୍ଗଳବାର, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥି, ଶ୍ରୀରାମକୃଷ୍ଣ ବିବେକାନନ୍ଦ ମିଶନ ଓ ମଠରେ ଉତ୍ସବ। ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୧୦।୦୩ ଗତେ ତୁଳା ଚନ୍ଦ୍ର, ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ.୦୯।୧୨ ଗତେ, ଘ.୧୦।୫୧ ମଧ୍ୟେ, ଘ.୦୧।୦୪ ଗତେ, ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୪୩ ଗତେ, ଘ.୦୪।୦୫ ମଧ୍ୟେ ରାହୁକାଳ।




# ସରକାରୀ ଚାକିରିଆ ହାତେଇଛନ୍ତି ରାଶନ କାର୍ଡ

**ଭୁବନେଶ୍ୱର, ୨୦।୧(ସୁନିତ୍ ମିଶ୍ର)**

ସରକାରୀ ଚାକିରି କରିଥିବା ଅଫିସର ମଧ୍ୟ ରାଶନ କାର୍ଡ ହାତେଇଥିବା ଏବେ ସାମ୍ନାକୁ ଆସିଛି। ଇ-କେୱାଇସି ବ୍ୟବସ୍ଥା ଲାଗୁ ହେବା ପରେ ଏସବୁ କଥା ସାମ୍ନାକୁ ଆସିଛି। ବହୁ ସରକାରୀ ଚାକିରିଆ ନିଜେ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କଣ୍ଟ୍ରୋଲ ଚାଉଳ ଏବଂ ଗହମ ନେଉଛନ୍ତି। ଏହି ସରକାରୀ ହିତାଧିକାରୀମାନଙ୍କ ମଧ୍ୟରେ ବହୁ ଇଞ୍ଜିନିୟର, ଡାକ୍ତର, ଅଧ୍ୟାପକ, ଜିଏସ୍‌ଟି ଅଫିସର ଏବଂ ନର୍ସମାନେ ରହିଛନ୍ତି। ବାଲିଆପାଳ ବ୍ଲକର ରାଶନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୬୫ ସରକାରୀ ଚାକିରିଆ ଘରକୁ ରାଶନ ସାମଗ୍ରୀ ନେଉଛନ୍ତି। ଏନେଇ ତଦନ୍ତ କରିବା ଲାଗି ଜିଲାପାଳଙ୍କୁ ବିଭାଗୀୟ ସଚିବ ଚିଠି କରିଛନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ସରକାରୀ ଚାକିରି କରିଥିବା କିମ୍ବା ଆୟକରଦାତା ହୋଇଥିବା, ଯେଉଁମାନେ ରାଶନ କାର୍ଡ ହାତେଇଛନ୍ତି ସେମାନଙ୍କୁ କାର୍ଡ ଫେରାଇଦେବାକୁ ଅପିଲ୍ କରାଯାଉଛି। ଇ-କେୱାଇସି ଜରିଆରେ ପ୍ରତ୍ୟେକ ଜିଲାରୁ ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ ଧରାପଡୁଛନ୍ତି। ସେମାନଙ୍କ ଠାରୁ ରାଶନ କାର୍ଡ ଫେରାଇ ନେବାକୁ ଅପିଲ୍ କରାଯାଉଛି। ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେନେଇ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ପାରଦ ଉପରମୁହାଁ, ୩ ଦିନ ଘନ କୁହୁଡ଼ି

**ନୂଆପଡ଼ାରେ ୩୨.୪, ଫୁଲବାଣୀରେ ୭.୦ ଡିଗ୍ରୀ ସେଲସିୟସ୍**

**ଭୁବନେଶ୍ୱର,୨୦।୧(ଅନୁରାଧା ମହାରଣା)**

ରାଜ୍ୟରେ ପାଗ ପ୍ରାୟତଃ ଶୁଖିଲା ରହୁଥିବାବେଳେ ଦିନରେ ଗରମ ରାତିରେ ଶୀତ ଅନୁଭୂତ ହେଉଛି। ଆଭ୍ୟନ୍ତରୀଣ ଓଡ଼ିଶା ଓ ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାରେ ରାତି ତାପମାତ୍ରା କିଛି ମାତ୍ରାରେ ହ୍ରାସ ପାଇଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପରମୁହାଁ ହୋଇଛି। ସୋମବାର ନୂଆପଡ଼ାରେ ସର୍ବାଧିକ ତାପମାତ୍ରା ୩୨.୪ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୦ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୨ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ହେଲେ ମଧ୍ୟ ପରବର୍ତ୍ତୀ ୪ଦିନରେ ତାପମାତ୍ରା ୨ରୁ ୪ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କୁହୁଡ଼ି ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ରବିବାର ରାତିରେ କନ୍ଧମାଳ ଓ ଜଗତ୍‌ସିଂହପୁରରେ ଘନକୁହୁଡ଼ି ଦେଖିବାକୁ ମିଳିଥିଲା। ସେହିପରି କଳାହାଣ୍ଡି, ଭଦ୍ରକ ଓ ଝାରସୁଗୁଡ଼ାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହୋଇଥିଲା। ଆସନ୍ତା ୩ ଦିନ ବିଭିନ୍ନ ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲା ମଧ୍ୟରେ ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, କନ୍ଧମାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ରହିଛି।

# ସାନପଦରରେ ନୂତନ ପାସେଞ୍ଜର ହଲ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର,୨୦।୧ (ଅନୁରାଧା ମହାରଣା)**

ଭାରତୀୟ ରେଳପଥ ପକ୍ଷରୁ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍‌ର ସାନପଦରଠାରେ ଏକ ନୂତନ ପାସେଞ୍ଜର ହଲ୍ଟ ଶୁଭାରମ୍ଭ କରାଯାଇଛି। ଏହି ନୂତନ ପାସେଞ୍ଜର ହଲ୍ଟ ଅଞ୍ଚଳର ବର୍ଦ୍ଧିତ ପରିବହନ ଆବଶ୍ୟକତା ପୂରଣ କରିବ ଏବଂ ସ୍ଥାନୀୟ ଯାତ୍ରୀଙ୍କ ପାଇଁ ସୁଗମତାକୁ ଉନ୍ନତ କରିବ। ଗତବର୍ଷ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦଶପଲ୍ଲା ଗସ୍ତ ସମୟରେ ସାଧାରଣ ଲୋକଙ୍କ ଅନୁରୋଧକ୍ରମେ ଏହି ପାସେଞ୍ଜର ହଲ୍ଟ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୫୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପାସେଞ୍ଜର ହଲ୍ଟର ପ୍ଲାଟ୍‌ଫର୍ମ ୪୫୦ ମିଟର ରହିଥିବାବେଳେ ୬ଟି ଛୋଟ ଯାତ୍ରୀ ଆଶ୍ରୟସ୍ଥଳ ରହିଛି। ପ୍ଲାଟ୍‌ଫର୍ମରେ ୩୦ଜଣ ଏବଂ ଅପେକ୍ଷା କକ୍ଷରେ ୧୩ ଜଣ ଯାତ୍ରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଇତିମଧ୍ୟରେ ସ୍ଥାନୀୟ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଗୋଟିଏ ଏକ୍ସପ୍ରେସ ଟ୍ରେନ ସମେତ ୪ ଯୋଡ଼ା ଟ୍ରେନ ସାନପଦରଠାରେ ରହଣି ଆରମ୍ଭ କରିଛି। ଏସବୁ ଟ୍ରେନ୍ ହେଲା ୧୮୪୨୩/୧୮୪୨୪ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ଏକ୍ସପ୍ରେସ ଓ ୩ଟି ଲୋକାଲ ମେମୁ ମଧ୍ୟରେ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ, ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ ଓ ପୁରୀ-ଦଶପଲ୍ଲା-ପୁରୀ ମେମୁ ରହିଛି। ସାନପଦର ହଲ୍ଟ ବ୍ୟତୀତ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ଏକ୍ସପ୍ରେସ ବୋଲଗଡ଼ ଟାଉନ୍ ପାସେଞ୍ଜର ହଲ୍ଟରେ ରହଣି କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।






ଆଧ୍ୟାତ୍ମିକ ଦୃଷ୍ଟିରୁ ଦେଖିଲେ– ଗୋଟିଏ ଦେଶର ଗୁରୁତ୍ୱ ବା ମହତ୍ତ୍ୱ ତା'ର ଆକାରର ବିରାଟତ୍ୱ ଉପରେ କିମ୍ବା ତା'ର ବଳ, କ୍ଷମତାଦି ଉପରେ କିମ୍ବା ଅନ୍ୟ ଦେଶଗୁଡ଼ିକ ଉପରେ, ତା'ର ପ୍ରଭୁତ୍ୱ ଉପରେ ମଧ୍ୟ ନିର୍ଭର କରେ ନାହିଁ। କିନ୍ତୁ ଏହା ନିର୍ଭର କରେ– ସେ ଦେଶ କେତେଦୂର ସତ୍ୟ ଆଡକୁ ଉନ୍ମୁଖ ଓ ସତ୍ୟକୁ ପ୍ରକାଶ କରିବାରେ ସକ୍ଷମ ତା'ରି ଉପରେ।–ଶ୍ରୀମା



# ମେଳା ବି ଡିଜି

ଉତ୍ତରପ୍ରଦେଶ ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭମେଳାର ସେକ୍ଟର ୧୯ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୧୮ଟି ତମ୍ବୁ ପୋଡ଼ି ପାଉଁଶ ହୋଇଯାଇଛି। ଦେଖିବାକୁ ଗଲେ ଏହି ଘଟଣାକୁ ଏକ ମାରାତ୍ମକ ଘଟଣା ବୋଲି କହିହେବ ନାହିଁ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ପ୍ରଚାର ହୋଇଛି ଏହି ନିଆଁ ଲାଗିବା ଘଟଣା, କାରଣ ମନେହେଉଥିଲା ଯେପରି ସବୁଆଡୁ ସୁରକ୍ଷାର ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାରୁ କୌଣସି ଦୁର୍ଘଟଣା ଘଟିବାକୁ ଦିଆଯିବ ନାହିଁ। ଏହି ବିରାଟକାୟ ଡ୍ରାମା ପଛରେ ସରକାରଙ୍କର ସିଧାସଳଖ ସମର୍ଥନ ରହିଥିବାରୁ ସୁରକ୍ଷା ବ୍ୟବସ୍ଥା ଶହେ ପ୍ରତିଶତ ସଫଳ ହେବ ବୋଲି ବିଶ୍ୱାସ କରାଯାଉଥିଲା। କିନ୍ତୁ ତାହା ନ ହୋଇଲା ଯୋଗୁ ଆଜି ଏତେ ପରିମାଣରେ ପ୍ରଚାର କରାଯାଉଛି। ସୂଚନାଯୋଗ୍ୟ ଯେ, ମହାକୁମ୍ଭ ସ୍ଥଳୀକୁ ୨୫ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏଲ୍‌ପିଜି ବିସ୍ଫୋରଣରୁ ସେକ୍ଟର ୧୯ରେ ଏହି ନିଆଁ ଲାଗିଥିବା ସରକାରୀ ଭାବେ କୁହାଯାଇଛି। ଦେଖିବାକୁ ଗଲେ କୁମ୍ଭମେଳାରେ ଏମିତି ଏକ ବଡ଼ ଧରଣର ଘଟଣା ଘଟିଲା ବୋଲି ତାହା ପଦାକୁ ଆସିଲା। କିନ୍ତୁ ଅନେକ ଛୋଟ ଘଟଣା ଘଟୁଥିବ, ଯାହା ପଦାକୁ ଆସିପାରୁ ନାହିଁ। ଉଲ୍ଲେଖନୀୟ ଯେ, ୧୪୪ ବର୍ଷ ଅର୍ଥାତ୍ ୧୨ କୁମ୍ଭଚକ୍ର ପରେ ପଡ଼ିଥିବା ଏହି ମହାକୁମ୍ଭ ଜାନୁଆରୀ ୧୩ରୁ ଆରମ୍ଭ ହୋଇ ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିବ। ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ଲାଗି ଉତ୍ତରପ୍ରଦେଶ ରାଜ୍ୟ ସରକାର ଏହି ମେଳା ସକାଶେ ୬,୪୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ୧୦ ହଜାର ଏକର ଜମିରେ ସୁସଜ୍ଜିତ ଏହି ମେଳାରେ ୫୦ଲକ୍ଷରୁ ୧ କୋଟି ସାଧୁସନ୍ଥ ଏବଂ ଅନ୍ୟ ଶ୍ରଦ୍ଧାଳୁମାନେ ରହିବାର ବ୍ୟବସ୍ଥା କରାଯାଇଛି। ବାସ୍ତବରେ ଏତେବଡ଼ ମେଳାରେ ଅନେକ ଲୋକଙ୍କର ସମାଗମ କରି ସରକାର ସେଥିରେ ପ୍ରଚାରକୁ ବଡ଼ ବୋଲି ଭାବିଛନ୍ତି। କୁମ୍ଭମେଳାକୁ ଭାଜପାଶାସିତ ରାଜ୍ୟମାନେ ଲୋକ ଭର୍ତ୍ତିକରି ବସ୍ ପଠାଉଛନ୍ତି। ଏହା ବ୍ୟତୀତ ଦେଶର ପର୍ଯ୍ୟଟନ ବିଭାଗ ମଧ୍ୟ ସବୁ ରାଜ୍ୟରୁ ପ୍ରୟାଗରାଜକୁ ବିମାନ ଚଳାଚଳ ବ୍ୟବସ୍ଥା କରିବା ସହ ଭାରତୀୟ ରେଳପଥ ୧୦,୦୦୦ ନିୟମିତ ଟ୍ରେନ୍ ଓ ୩,୦୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରିଛି। ଏହିସବୁ ବନ୍ଦୋବସ୍ତ ସାଧାରଣ ଯାତାୟାତ ଉପରେ ନିଶ୍ଚିତ ଭାବେ କୁପ୍ରଭାବ ପକାଉଛି। ଅନ୍ୟ କୌଣସି କାର୍ଯ୍ୟ ସିଦ୍ଧ ହେଉ କି ନ ହେଉ କରଦାତାଙ୍କ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଛି। ସେମାନେ ଜାଣୁ ନାହାନ୍ତି ଯେ, କେତେ ଖର୍ଚ୍ଚ କରାଗଲା। ଯଦି କିଏ କହୁଥାଏ କେବଳ ଉତ୍ତରପ୍ରଦେଶ ଜନସାଧାରଣଙ୍କ ଅର୍ଥ ଖର୍ଚ୍ଚ କରାଯାଉଛି, ତେବେ ତାହା ସମ୍ପୂର୍ଣ୍ଣ ଭ୍ରାନ୍ତ। କାରଣ ସବୁ ରାଜ୍ୟକୁ କେନ୍ଦ୍ର ଅର୍ଥ ଦେଇଥାଏ। ସବୁ ରାଜ୍ୟର ଆଭ୍ୟନ୍ତରୀଣ ଟିକସ ମଧ୍ୟ ରହିଥାଏ। ସେଥିପାଇଁ କୁମ୍ଭମେଳାର ବନ୍ଦୋବସ୍ତରେ କେବଳ ଉତ୍ତରପ୍ରଦେଶ ଅର୍ଥ ଖର୍ଚ୍ଚ କରୁଛି ତାହା ନୁହେଁ, ସେଥିରେ ସମ୍ପୂର୍ଣ୍ଣ ଭାରତୀୟ କରଦାତାଙ୍କ ଅର୍ଥ ଲାଗିଛି।

**ମେଳାରେ ଏକ ବଡ଼ ବିଷୟ ହେଉଛି ବିଦେଶରେ ରହୁଥିବା ଭାରତୀୟଙ୍କ ଉପସ୍ଥିତି। ଆମେରିକା, ଇଂଲଣ୍ଡ ଆଦି ଦେଶରୁ ଅନେକ ଏନ୍‌ଆର୍‌ଆଇ ମହାକୁମ୍ଭକୁ ଆସିଥିବା ବିଷୟକୁ ବଡ଼ କରି ପ୍ରଚାର କରାଯାଉଛି। ପ୍ରକୃତରେ ଏନ୍‌ଆର୍‌ଆଇମାନେ କିଏ ତାହା ମଧ୍ୟ ଦେଶବାସୀ ସଚେତନ ହେବା ଦରକାର।**

ମହାକୁମ୍ଭ ଆରମ୍ଭ ବେଳେ କୁହାଯାଉଥିଲା, ଏହି ବିରାଟକାୟ ମେଳାରେ କୌଣସି ବିଚ୍ୟୁତି ଘଟିବ ନାହିଁ। ମହାକୁମ୍ଭକୁ 'ଡିଜି କୁମ୍ଭ'ରେ ପରିଣତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ସହାୟତାରେ ବି ଏକ ଆପ୍ ଆରମ୍ଭ କରାଯାଇଥିଲା। ଏହାସହ ମେଳାରେ ୪୫,୦୦୦ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। କିନ୍ତୁ ୧୮ଟି ତମ୍ବୁ ପୋଡ଼ି ପାଉଁଶ ହୋଇଯିବା ଘଟଣା ମହାକୁମ୍ଭର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆମେ ଆଶା କରିବା ଯେ, ମେଳାରେ ଆଉ ଆଗକୁ ଏମିତି କୌଣସି ଅଘଟଣ ନ ଘଟୁ ଏବଂ ତୀର୍ଥଯାତ୍ରୀମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ରୁହନ୍ତୁ। ଏହାସହ ମେଳାରେ ଏକ ବଡ଼ ବିଷୟ ହେଉଛି ଏନ୍‌ଆର୍‌ଆଇ ଅର୍ଥାତ୍ ବିଦେଶରେ ରହୁଥିବା ଭାରତୀୟମାନଙ୍କ ଉପସ୍ଥିତି। ଆମେରିକା, ଇଂଲଣ୍ଡ ଆଦି ଦେଶରୁ ଅନେକ ଏନ୍‌ଆର୍‌ଆଇ ମହାକୁମ୍ଭକୁ ଆସିଥିବା ବିଷୟକୁ ବଡ଼ କରି ପ୍ରଚାର କରାଯାଉଛି। ପ୍ରକୃତରେ ଏନ୍‌ଆର୍‌ଆଇମାନେ କିଏ ତାହା ମଧ୍ୟ ଦେଶବାସୀ ସଚେତନ ହେବା ଦରକାର। ଭାରତୀୟ କରଦାତାଙ୍କ ଅର୍ଥରେ ସୃଷ୍ଟି କରାଯାଇଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି), ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (ଏଆଇଆଇଏମ୍ଏସ୍) ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ଆଜି ବିଶ୍ୱସ୍ତରୀୟ ହେବା ପଛରେ କେବଳ ଛାତ୍ରୀଛାତ୍ରଙ୍କର ନୁହେଁ, ଏହି ଦେଶର ପ୍ରତ୍ୟେକ ନାଗରିକଙ୍କ ଝାଳବୁହା ଅର୍ଥ ସେହିସବୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗଢ଼ିତୋଳିବା ପାଇଁ ଖର୍ଚ୍ଚ କରାଯାଇଛି। ସେଠାରେ ପଢୁଥିବା ଛାତ୍ରୀଛାତ୍ର ଦେଶର କାମରେ ଆସିବା ପରିବର୍ତ୍ତେ ତାଙ୍କର ନିଜର ଯୌବନରେ ବିଦେଶ ପଳାଇଥିଲେ। ସ୍ୱଇଚ୍ଛାରେ ଯାଇଥିବାରୁ ସେମାନଙ୍କର ନୂଆ ମାତୃଭୂମି ପାଇଁ ନିୟୋଜିତ ହୋଇଗଲେ। ଏବେ ଯେତେବେଳେ ବୟସ ବଢୁଛି ସେତେବେଳେ ସେମାନଙ୍କର ଧର୍ମ ମନେପଡ଼ିବା ସହିତ ଘରକୁ ଫେରିବାର ଇଚ୍ଛା ମୁଣ୍ଡ ଟେକୁଛି, ଯାହା କୁମ୍ଭରେ ଲକ୍ଷ୍ୟ କରାଯାଉଛି। ସେହିଭଳି ନାଗରିକ ଭାରତର ପ୍ରଗତିରେ ଅଂଶୀଦାରି ହୋଇପାରିବେ କି ନାହିଁ କହିବା କଷ୍ଟକର। କିନ୍ତୁ ବୋଝ ନିଶ୍ଚିତ ଭାବେ ହେବେ।

# ଦକ୍ଷତା ବିକାଶରେ ପାଠାଗାର



ଲୋକନାଥ ପଣ୍ଡା

ନିକଟରେ ପ୍ରାଥମିକ ଶିକ୍ଷକଙ୍କ ନିମନ୍ତେ ପାଠାଗାରର ବ୍ୟବହାର ସମ୍ପର୍କରେ ଏକ ତାଲିମରେ ଯୋଗଦାନ କରିବାର ସୁଯୋଗ ପାଇଥିଲି। ତାଲିମ ଥିଲା ବିଦ୍ୟାଳୟରେ ପାଠାଗାରର ସୃଜନାତ୍ମକ ବ୍ୟବହାରକୁ ନେଇ। ତାଲିମ ପୂର୍ବରୁ ମୋର ଧାରଣା ଥିଲା, ଲାଇବ୍ରେରୀକୁ ନେଇ ଏକ ତାଲିମର ଆବଶ୍ୟକତା କ'ଣ? ଲାଇବ୍ରେରୀକୁ ନେଇ ତ କେବଳ ପୁସ୍ତକ ପଠନ, ପୁସ୍ତକ ତାଲିକା, ପୁସ୍ତକ ସମୀକ୍ଷା, ପୁସ୍ତକ ସମ୍ପର୍କରେ ଆଲୋଚନା ଇତ୍ୟାଦି। ହଁ ଅନେକ ବିଦ୍ୟାଳୟରେ ମାତୃଭାଷା ଆଧାରିତ ବହୁଭାଷୀୟ ଶିକ୍ଷା ବ୍ୟବସ୍ଥାରେ ଶ୍ରେଣୀଗୃହରେ ଭାଷାର ବିକାଶକୁ ନେଇ ଅନେକ ପୁସ୍ତକ ଟଙ୍ଗା ହେବା ଏବଂ ପିଲାଏ ଏହାକୁ ନେଇ ଆଗ୍ରହର ସହିତ ପଠନ କରିବାର ଦେଖୁଥିଲି। ଲାଇବ୍ରେରୀ ବହି ପଠନ, ସଜ୍ଜୀକରଣରେ ମୋର ଧାରଣା ସୀମିତ ଥିଲା। କିନ୍ତୁ ଲାଇବ୍ରେରୀ ମାଧ୍ୟମରେ ପିଲାଙ୍କ ଭିତରେ କଳା, ସୌନ୍ଦର୍ଯ୍ୟ, ସୃଜନାତ୍ମକ ଭାବନା ସୃଷ୍ଟି କରାଯାଇପାଇବ, ଏ ସମ୍ପର୍କରେ ପୂର୍ବରୁ ମୋର ଧାରଣା କମ୍ ଥିଲା।

ତାଲିମ କେନ୍ଦ୍ରଟି ଭ୍ରାମ୍ୟମାଣ ଲାଇବ୍ରେରୀ ଭାବରେ ସଜାଯାଇଥିଲା। ଜଣେ ଅନୁଭବ କରୁଥିଲା ସେ ଏକ ସୃଜନଶୀଳ ପାଠାଗାର ମଧ୍ୟରେ ରହିଛି। ସେଠାରେ ଜଙ୍ଗଲକୁ ନେଇ ଥିବା ପୁସ୍ତକଗୁଡ଼ିକୁ ରଖାଯାଇଥିଲା। ଏକ କୋଣରେ ପରିବାର ସମ୍ବନ୍ଧୀୟ ପୁସ୍ତକଗୁଡ଼ିକୁ ରଖାଯାଇଥିଲା। ଜୀବନ କାହାଣୀକୁ ନେଇ ଥିବା ପୁସ୍ତକଗୁଡ଼ିକୁ ସଜା ଯାଇଥିଲା। ଗଣିତକୁ ନେଇ କିଛି ପୁସ୍ତକ ରହିଥିଲା ଏବଂ ସେଠାରେ ଗଣିତ ସମ୍ବନ୍ଧୀୟ ସାମଗ୍ରୀ ଯଥା ଗୋଲି, କାଠି, ମାଳି ଆଦି ବିଭିନ୍ନ ରଙ୍ଗବେରଙ୍ଗର ସାମଗ୍ରୀ ସ୍ଥାନ ପାଇଥିଲା। ପୁସ୍ତକକୁ ନେଇ ପୁସ୍ତକ ସମ୍ପର୍କରେ ସୂଚନା, ବିଷୟକୁ ଆଧାରକରି ପୁସ୍ତକ ଖୋଜ, ଚିତ୍ରକୁ ଆଧାର କରି କାହାଣୀ ରଚନା କର, କବିତାକୁ ଆଧାର କରି ଚିତ୍ର ପରିକଳ୍ପନା କର, ବିଷୟକୁ ଆଧାର କରି କାହାଣୀ ଗଢ଼ିବା ଆଦି ଛୋଟ ପିଲାଙ୍କୁ ନେଇ କିପରି ଆଗ୍ରହର ସହିତ ବାନ୍ଧି ରହିବେ, ସେହିଭଳି କିଛି ଗତିବିଧି ସ୍ଥାନ ପାଇଥିଲା। ଝୋଟବ୍ୟାଗ୍‌ରେ ସୁନ୍ଦରଭାବରେ ପୁସ୍ତକଗୁଡ଼ିକ ସାଜସଜ୍ଜା ହୋଇ ଶୋଭା ପାଉଥିଲା। ଏହି ତାଲିମରେ ଅନୁଭବ କରୁଥିଲି ଯେ, ତାଲିମଦାତା ପାଠାଗାର ମାଧ୍ୟମରେ ଜଣେ କୁନି ଲେଖକ, କବି, ଗାଳ୍ପିକ, କାହାଣୀ ଲେଖକ, ଆତ୍ମଜୀବନୀ ଲେଖକ ଭାବରେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରୁଥିଲା।

ପ୍ରାଥମିକ ସ୍ତରରେ ପାଠାଗାରର ଭୂମିକା ହେଉ କିମ୍ବା ପାଠାଗାରରେ ଥିବା ବହିକୁ ନେଇ କିପରି ଅନେକ ଗତିବିଧି କରାଯାଇପାରେ, ତାହାକୁ ସେହି ତାଲିମ ମାଧ୍ୟମରେ ଅନୁଧ୍ୟାନ କରୁଥିଲି। ପିଲାଙ୍କ ମନରେ ପୁସ୍ତକ ପ୍ରତି କିପରି ଆଗ୍ରହ ସୃଷ୍ଟି କରାଯାଇପାରିବ, ଶିଶୁଟିକୁ ଚିତ୍ର ମାଧ୍ୟମରେ କିପରି ସକ୍ରିୟାତ୍ମକ ଭାବରେ ସଂପୃକ୍ତି କରାଇ ଶିଶୁଟି ପ୍ରତି ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରାଯାଇପାରିବ, ତାହା ହୃଦ୍‌ବୋଧ କରୁଥିଲି। କେବଳ ଲାଇବ୍ରେରୀରେ ପୁସ୍ତକ ନୁହେଁ, କବିତା, ଚିତ୍ରାଙ୍କନ, ପୁସ୍ତକ ସମ୍ପର୍କରେ ଚର୍ଚ୍ଚା, ପୁସ୍ତକକୁ ନେଇ କୁଇଜ କରିବା, ବିଷୟକୁ ଆଧାରକରି ପୁସ୍ତକ ଖୋଜିବା, ମଜା ଖେଳ, ପାଠାଗାରରେ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ କିପରି ସୃଜନାତ୍ମକ ଗତିବିଧି କରାଯାଇପାରେ, ତାହାକୁ ଅନୁଭବ କରୁଥିଲି।



ପଠନ ଦକ୍ଷତା ବୃଦ୍ଧି ନିମନ୍ତେ ଲାଇବ୍ରେରୀ ହେଉ କିମ୍ବା ଶ୍ରେଣୀଗୃହରେ ଆମେ ଯଦି ପ୍ରିଣ୍ଟିଂ ବା ମୁଦ୍ରଣ ସାମଗ୍ରୀର ଉପଲବ୍ଧିକୁ ନଜରକୁ ନେବା, ତେବେ ଅନୁଭବ କରିବା ଯେ ଯେଉଁ ଶିଶୁଟି ସହରରେ ବଢୁଛି, ନିଜର ମାତାପିତା, ଘରେ ଯଦି କିଛି ବ୍ୟକ୍ତିଙ୍କ ପଠନର ଅଭ୍ୟାସ ରହିଛି, ତେବେ ସେ ବହି ସମ୍ପର୍କରେ ତାହାର ଧାରଣା ସ୍ୱତଃପ୍ରବୃତ୍ତ ଭାବରେ ଗଢ଼ିଉଠୁଛି। କିନ୍ତୁ ଯଦି ଗ୍ରାମାଞ୍ଚଳ ହୋଇଥିବ ଏବଂ ଯଦି ପରିବାରରେ ପୂର୍ବରୁ ବିଶେଷ ଭାବରେ ପାଠୁଆବର୍ଗ ଥାଇପାରନ୍ତି କିନ୍ତୁ ପଠନ ପ୍ରତି ନିରନ୍ତର ଅଭ୍ୟାସ ନ ଥିବ, ତେବେ ପିଲାଙ୍କ ମଧ୍ୟରେ ପଠନ ସାମଗ୍ରୀ ଉପରେ ବିଶେଷ ଅନୁଭୂତି ପାଇ ନ ଥିବ।

ବର୍ତ୍ତମାନ ସ୍ଥିତିରେ ଦେଖିବାକୁ ଗଲେ, ସହରାଞ୍ଚଳରେ ପ୍ରତ୍ୟେକ ଶିଶୁ ପଠନ ସାମଗ୍ରୀ ହେଉ କିମ୍ବା ଲିଖନ ପଠନ ପାଇଁ ଅନେକ ପ୍ରକାର ପରିବେଶ ପାଉଛନ୍ତି। ଅଧିକାଂଶ ବିଦ୍ୟାଳୟକୁ ଗଲେ ଆଜିକାଲି କାନ୍ଥବାଡ଼ରେ ଲେଖା, ପଠନ ସାମଗ୍ରୀ, ଅଭ୍ୟାସ ସାମଗ୍ରୀ ରହିଛି। ଗ୍ରାମୀଣ କ୍ଷେତ୍ରରେ ଯଦି ଆମେ ଦେଖିବା, ତେବେ ମଧ୍ୟ ରହିଛି କିନ୍ତୁ ଯଦି ଅଧିକ ଅପହଞ୍ଚ ଅଞ୍ଚଳ ହୋଇଛି, ତେବେ ସେଠାରେ ଶିକ୍ଷଣ ସାମଗ୍ରୀ ପାଇବା କଷ୍ଟକର କିମ୍ବା ଉଇ ହେଉ କିମ୍ବା ଅନ୍ୟ କୌଣସି କାରଣ ହେତୁ ତାହା ନଷ୍ଟ ହୋଇଯାଇଥିବ।

ପ୍ରାଥମିକ ସ୍ତରରେ ଶିଶୁଙ୍କୁ ଶିକ୍ଷା ଦୀକ୍ଷାରେ ଆଗ୍ରହ ସୃଷ୍ଟି କରିବା ଏବଂ ଶିଶୁଙ୍କୁ ମନଲାଖି ହେଲାଭଳି ଶିକ୍ଷଣ ସାମଗ୍ରୀ ଯୋଗାଇବା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଶ୍ରେଣୀଗୃହରେ ଗଣିତକୁ ନେଇ ଗଣିତକୋଣ, ଭାଷାକୁ ନେଇ ଭାଷାକୋଣ, ପରିବେଶକୋଣ ଆଦି ଆଜିକାଲି ଅନେକ ବିଦ୍ୟାଳୟରେ ଥିବାର ଦେଖାଯାଉଛି। ଅନେକ ବିଦ୍ୟାଳୟରେ ଲାଇବ୍ରେରୀ ପୁସ୍ତକ ମଧ୍ୟ ଗଚ୍ଛିତ ହୋଇଛି ଏବଂ କେତେକ ବିଦ୍ୟାଳୟରେ ଲାଇବ୍ରେରୀ ନିମନ୍ତେ ଶନିବାର ଦିନ ଶିଶୁମାନଙ୍କୁ ପଠନ କରିବା ପାଇଁ ପୁସ୍ତକ ଦିଆଯାଉଛି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶିଶୁଟି ବିଦ୍ୟାଳୟକୁ ନିଜର ବୋଲି ଭାବିବ, ନିର୍ଭୟରେ ଶିକ୍ଷଣ ସାମଗ୍ରୀକୁ ବ୍ୟବହାର କରିବ, ପୁସ୍ତକକୁ ସେ ବିନା ଦ୍ୱିଧାରେ ଓ ବିନା ଭୟରେ ଓଲଟାଇବ।

ଅନେକ ସମୟରେ ଶିକ୍ଷକଙ୍କ ଧାରଣା ଯେ ଶିଶୁ ସମସ୍ତ ଅକ୍ଷର, ମାତ୍ରା, ଯୁକ୍ତାକ୍ଷର ପଢ଼ିଲା ପରେ ଏବଂ ହାଇସ୍କୁଲ ସ୍ତରକୁ ଗଲାବେଳେ ପୁସ୍ତକ ଦେବା ଦରକାର। ଅନେକ ପରିବାର ନିଜର ପାଠପଢ଼ା ବହି ବ୍ୟତୀତ ଅନ୍ୟ ବହି ଦେଇ ନ ଥାନ୍ତି। କିନ୍ତୁ ବର୍ତ୍ତମାନ ଲାଇବ୍ରେରୀକୁ ଅନେକ ପୁସ୍ତକ ଦିଆଯାଉଛି। ପୁସ୍ତକକୁ ନେଇ ଉଚ୍ଚ ସ୍ୱରରେ ପଠନ ମାଧ୍ୟମରେ ଅଭ୍ୟାସ କରାଯାଇପାରେ। ଶିଶୁମାନଙ୍କୁ ପୁସ୍ତକକୁ ଦେଖି ଚିତ୍ର କରିବାକୁ ଦିଆଯାଇପାରେ, ଶିଶୁମାନଙ୍କୁ ନେଇ ବିଭିନ୍ନ ରଙ୍ଗର ପୁସ୍ତକ ସମ୍ପର୍କରେ ଆଲୋଚନା କରାଯାଇପାରେ। ଛୋଟ ଛୋଟ କବିତାକୁ ନେଇ ଚିତ୍ର କରାଯାଇପାରେ। ଚିତ୍ରକୁ ନେଇ କବିତା ରଚନା କରାଯାଇପାରେ। ବୟସ ଆଧାରକୁ ନେଇ ଶିଶୁଙ୍କ ନିମନ୍ତେ ବିଭିନ୍ନ ଗତିବିଧି ବା କାର୍ଯ୍ୟକ୍ରମ କରାଯାଇପାରେ। କିନ୍ତୁ ଏଥିରେ ଶିକ୍ଷକଙ୍କ ସହଯୋଗୀର ଭୂମିକା ରହିବା ଦରକାର। ଶିଶୁଟି ସହିତ ଶିକ୍ଷକଙ୍କ ସହଯୋଗୀ ଓ ସଖାର ଭାବ ରହିବା ଦରକାର!

କିଛିଦିନ ତଳେ ରାୟଗଡ଼ା ଜିଲାର ବିଷମକଟକ ବ୍ଲକର ସାହାଡ଼ା ଅଞ୍ଚଳକୁ ଯାଇ କିଛି ପ୍ରାଥମିକ ସ୍ତରର ଶିଶୁଙ୍କ ସହ ପୁସ୍ତକ ପଠନ ନେଇ ପଚାରୁଥିଲି, କିଛି ଶିଶୁ ଆଗ୍ରହରେ କହିଥିଲେ ମୁଁ ଚାରୋଟି ପୁସ୍ତକ ପଢ଼ିଛି, କିଏ ତିନୋଟି ପୁସ୍ତକ ପଢ଼ିଛି, ଲାଇବ୍ରେରୀ କମିଟି ଗଠନ କରିଛୁ ଏହିଭଳି ଆଗ୍ରହର ସହିତ ଅନେକ କଥା। ବଡ଼କଥା ହେଲା ଶିଶୁମାନେ ପୁସ୍ତକର ନାମ, ପୁସ୍ତକର କାହାଣୀର ସାରାଂଶ କହିଦେଉଥିଲେ। କଥା ହେଉଛି ଯଦି ବିଦ୍ୟାଳୟକୁ ସକ୍ରିୟ କରିପାରିବା, ତେବେ ନିଶ୍ଚିତ ଭାବରେ ସେସବୁ ଚଳଚଞ୍ଚଳ ହୋଇପାରିବ। ବିଦ୍ୟାଳୟରେ ପାଠାଗାରକୁ ସକ୍ରିୟ କରିବା ହେଉ, ଶିକ୍ଷଣ ସାମଗ୍ରୀଗୁଡ଼ିକ ଜୀବନ୍ତ କରିବା ଏବଂ ଏହାକୁ ବ୍ୟବହାର କରିବା ହେଉ, ବିଦ୍ୟାଳୟରେ ଶିଶୁକୈନ୍ଦ୍ରୀକ ଶିକ୍ଷାଦାନ କାର୍ଯ୍ୟକ୍ରମ ହେଉ, ଯଦି ଏଭଳି କିଛି ଚାଲେ, ନିଶ୍ଚୟ ଆମ ଶିଶୁମାନେ ହସିବେ, ବିଦ୍ୟାଳୟଗୁଡ଼ିକ ମଧ୍ୟ ହସିବ। ବିଦ୍ୟାଳୟ ହସିଲେ ଗାଁ ହସିବ, ପରିବେଶ ହସିବ, ଆଉ ଗାଁ ବିଦ୍ୟାଳୟ ହେଉ କିମ୍ବା ଗାଁହେଉ ଖାଁ ଖାଁ ଲାଗିବ ନାହିଁ! ଏଥିପାଇଁ ଆମର ମନୋବୃତ୍ତିଟିଏ ଦରକାର ! ଶିକ୍ଷକଟିଏ ସୃଜନଶୀଳ ହେଲେ ସମାଜର ବିକାଶରେ କେଉଁ ପ୍ରଭାବ ପ୍ରଭାବ ପଡ଼ିଥାଏ, ତାହା ମଧ୍ୟ ଭାବୁଥିଲି !

**ଚତୁର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼ା**
**ମୋ:୯୪୩୮୦୮୧୪୩୦**

# ଦୟାର ଦୟନୀୟ ଅବସ୍ଥା



ଶ୍ରୀବତ୍ସ ନାୟକ

ଯେଉଁ ନଦୀଜଳରେ କପିଳମୁନି ସ୍ନାନକରିବା ସହ ତପସ୍ୟାକରି ମୋକ୍ଷପ୍ରାପ୍ତି ହୋଇଥିଲେ,ଉକ୍ତ ନଦୀରେ ଅବଗାହନକରି ପଞ୍ଚପାଣ୍ଡବ ପାପମୁକ୍ତ ହୋଇଥିଲେ ଏବଂ ଯେଉଁ ନଦୀ ଦିନେ ଦୟାପରବଶ ହୋଇ କଳିଙ୍ଗ ଯୁଦ୍ଧରେ ନିହତ ଲୋକଙ୍କୁ କୋଳେଇନେଇ ନିଜେ ରକ୍ତରଞ୍ଜିତ ହୋଇଥିଲା,ଯେଉଁ ନଦୀ ମଗଧର କ୍ରୂର ରାଜା ଭାବେ ପରିଚିତ 'ଚଣ୍ଡାଶୋକ'ଙ୍କୁ 'ଧର୍ମାଶୋକ'ରେ ପରିଣତ କରିଥିଲା, ତାହା ହେଉଛି ଦୟା ନଦୀ। ଐତିହାସିକ ଓ ପୌରାଣିକ ଦୃଷ୍ଟିକୋଣରୁ ଦେଖିଲେ ଓଡ଼ିଶାର ଦୟାନଦୀ ହେଉଛି ଏକ ପୁରାତନ ଏବଂ ପବିତ୍ର ନଦୀ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଦୟା ନଦୀର ପବିତ୍ରତା ହ୍ରାସ ପାଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୟା ନଦୀର ଅବସ୍ଥା ଦୟନୀୟ ହୋଇପଡ଼ିଛି।

ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ୨୦୨୩ରେ ପ୍ରକାଶିତ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଓଡ଼ିଶାରେ ୯୪,୦୨୫ଟି ପୋଖରୀ, ୭୮,୦୬୭ଟି ଟାଙ୍କି, ୬୭୯ଟି ହ୍ରଦ/କେନାଲ,୧୬୦୬ଟି ରିଜରଭୟରରେ ମଧୁରଜଳ ଗଚ୍ଛିତ ରହିଛି। ତା' ସହ ସମୁଦାୟ ୨୪,୮୭୩ କି.ମି. ଦୈର୍ଘ୍ୟ ବ୍ୟାପୀ ନଦୀଗୁଡ଼ିକରେ ମଧୁରଜଳ ପ୍ରବାହିତ ହେଉଛି ଏବଂ ବାର୍ଷିକ ହାରାହାରି ୧୨୦୦ମି.ମି. ବୃଷ୍ଟିପାତ ଯୋଗୁ ଓଡ଼ିଶାକୁ ଏକ ଜଳ ସମୃଦ୍ଧ ରାଜ୍ୟ ଭାବେ ପରିଗଣିତ କରାଯାଉଛି। ଏ ସବୁ ସତ୍ତ୍ୱେ ମଧ୍ୟ ପ୍ରଦୂଷଣ କାରଣରୁ ଗଚ୍ଛିତ ଓ ପ୍ରବାହିତ ଜଳ ଆମର ଉପଯୋଗୀ ହୋଇପାରୁନାହିଁ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ତଥ୍ୟ ଅନୁସାରେ ଭାରତରେ ଯେଉଁ ୩୫୧ଟି ନଦୀ ମାତ୍ରାଧିକ ପ୍ରଦୂଷିତ ତନ୍ମଧ୍ୟରୁ ଦୟା ସମେତ ଓଡ଼ିଶାରେ ୧୯ଟି ନଦୀ ଅନ୍ତର୍ଭୁକ୍ତ।

ଦୟା ନଦୀ କୁଆଖାଇ ନଦୀର ଏକ ଶାଖା ନଦୀ। ଦଧୀଚି ମୁନିଙ୍କ ନାମରୁ ଏହି ନଦୀର ନାମ 'ଦୟା' ହୋଇଛି। ଏହାର ପ୍ରାଚୀନ ନାମ ଦଧିଭଦ୍ରାରୁ ଅପଭ୍ରଷ୍ଟ ହୋଇ 'ଦଧିଆ' ପରେ 'ଦହିଆ' ଓ ତା' ପରେ 'ଦୟା' ନାମ ହୋଇଛି। ଏହା ଭୁବନେଶ୍ୱର ଉପକଣ୍ଠ ସରଦେଇପୁରଠାରୁ ବାହାରି ଧଉଳି, ଡେଲାଙ୍ଗ, ତିରିମଲ, ଘୋରଡ଼ିଆ, ତ୍ରିଲୋଚନପୁର, କଣାସ, ଜଙ୍କିଆ, ବସନ୍ତପୁର, ଗଡ଼ିଶାଗୋଦା ପ୍ରଭୃତି ଅଞ୍ଚଳ ଦେଇ ଦୀର୍ଘ ୪୦ କି.ମି. ଅତିକ୍ରମକରି ଚିଲିକାରେ ମିଶିଛି। ସାରା ଭୁବନେଶ୍ୱର,ଡେଲାଙ୍ଗ ଓ କଣାସ ଅଞ୍ଚଳର ପାଖାପାଖି ୪ଲକ୍ଷ ଲୋକ ଏହି ନଦୀ ଉପରେ ନିର୍ଭରଶୀଳ। ୧୨୦୦ ହେକ୍ଟର ଚାଷଜମି ନିମନ୍ତେ ତଥା ୮୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ପିଇବା ପାଣି ପାଇଁ ଏହି ନଦୀ ଓ ଏହାର ଶାଖା ନଦୀ ଉପରେ ନିର୍ଭର କରିଥାନ୍ତି। ଏହାର ଉପକୂଳରେ ପାଣିଟାଙ୍କି କରି ପାଇପ ଯୋଗେ ଅନେକ ଅଞ୍ଚଳକୁ ମଧ୍ୟ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଦେଖିବାକୁ ଗଲେ ଏହି ନଦୀ ଲୋକମାନଙ୍କର ଜୀବନ ରେଖା ପାଲଟିଯାଇଛି। ଏହା ଭୁବନେଶ୍ୱର ଦେଇ ପ୍ରବାହିତ ହେଉଥିବାରୁ ସାରା ସହରର ଦୂଷିତ ଜଳ ଓ ପଦାର୍ଥ ଗଙ୍ଗୁଆ ନାଳରେ ପିପିଲି ନିକଟବର୍ତ୍ତୀ କଣ୍ଟି କାଜ ଦେଇ ସିଧାସଳଖ ଦୟା ନଦୀକୁ ପ୍ରବେଶକରି ତା'ର ଜଳକୁ ପ୍ରଦୂଷିତ କରୁଛି। ଏକଦା ଦେଶର ୧ ନମ୍ବର ସ୍ମାର୍ଟ ସିଟି ଭାବେ ପରିଗଣିତ ହେଉଥିବା ଭୁବନେଶ୍ୱର ସହରରେ ବର୍ଜ୍ୟଜଳ ବିଶୋଧନ ପ୍ରକଳ୍ପ ନ ଥିବାରୁ ଗତ ୧ ଦଶନ୍ଧି ଧରି ନଦୀଜଳର ପ୍ରଦୂଷଣ ବଢ଼ିବାରେ ଲାଗିଛି। ସହରରେ ଥିବା ଶିଳ୍ପସଂସ୍ଥା,ମଞ୍ଚେଶ୍ୱର ଓ ରସୁଲଗଡ଼ ଶିଳ୍ପାଞ୍ଚଳରୁ ବାହାରୁଥିବା ବିଷାକ୍ତ ଜଳ ତଥା ଡାକ୍ତରଖାନାରୁ ବାହାରୁଥିବା ଅଳିଆ ଆବର୍ଜନା,ଘରୋଇ ଅଳିଆ ଆଦି ନଦୀ ଜଳରେ ମିଶୁଛି। ଫଳରେ ଜଳରେ ଥିବା ଅମ୍ଳଜାନର ପରିମାଣ ହ୍ରାସ ପାଉଛି ଓ ଜଳ ପ୍ରଦୂଷିତ ହେଉଛି। କେବଳ ଏତିକି ନୁହେଁ, ଜଳ ନିଷ୍କାସନ କ୍ଷେତ୍ରରେ ପ୍ରମୁଖ ଭୂମିକା ସାଜିଥିବା ଦୟା ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। କିଛି କିଛି ସ୍ଥାନରେ କେତେଜଣ ନଦୀପଠାକୁ ପୋତି ଘର ଓ ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି, ନିୟମିତ ବ୍ୟବଧାନରେ ନଦୀଜଳକୁ ପରିଷ୍କାର କରାଯାଉ ନ ଥିବାରୁ ତାହା ସମ୍ପୂର୍ଣ୍ଣ କଳିକତି ଓ ଚିଙ୍ଗୁଡ଼ିଆ ଦଳରେ ପରିପୂର୍ଣ୍ଣ ହୋଇରହୁଛି। ଅତ୍ୟଧିକ ଦଳ ଓ ନଦୀର ମୁହାଣ ପୋତିହୋଇଯିବା ଦ୍ୱାରା ଜଳ ନିଷ୍କାସନ ହୋଇପାରୁନାହିଁ। ଚିଲିକାରୁ ଲୁଣିପାଣି ଓଲଟା ଦୟାନଦୀରେ ପ୍ରବେଶ କରୁଥିବାରୁ ମଧୁର ଜଳ ଲବଣାକ୍ତ ହେଉଛି। ଦୟା ନଦୀରେ ଲୁଣିପାଣି ପ୍ରବେଶ କରିବା ଯୋଗୁ ଏହାର ଶେଷ ମୁଣ୍ଡରେ ଥିବା ଗ୍ରାମଗୁଡ଼ିକରେ କୂପ ଓ ପୋଖରୀରୁ ଲୁଣିପାଣି ବାହାରୁଛି ଯାହା ପାନୀୟ ଉପଯୋଗୀ ହୋଇପାରୁନାହିଁ।



ଦୟାନଦୀର ଏହିଭଳି ଅବସ୍ଥାକୁ ନେଇ ଅନେକ ଥର ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସାଧାରଣ ଲୋକମାନେ ଆନ୍ଦୋଳନ କରିଛନ୍ତି। କିନ୍ତୁ ସରକାରଙ୍କର ବେପରୁଆ ମନୋଭାବ ଯୋଗୁ ଅବସ୍ଥାରେ ପରିବର୍ତ୍ତନ ହେଉନାହିଁ। ଅତୀତରେ ନଦୀ ଜଳ ପ୍ରଦୂଷଣ ରୋକିବା ପାଇଁ ରାଜଧାନୀର ୬ଟି ସ୍ଥାନରେ ହେବାକୁ ଥିବା ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏ ଯାଏଁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ବିଡିଏ ଦ୍ୱାରା 'ସେଭ୍ ଦୟା' କମିଟି ଗଠନ କରାଯାଇ ପ୍ରଦୂଷଣକୁ ନିୟମିତ ବ୍ୟବଧାନରେ ମାପିବା ସହ ଏହାକୁ କିଭଳି ରୋକାଯାଇପାରିବ ସେ ଦିଗରେ କାର୍ଯ୍ୟ କରିବା ପାଇଁ ସରକାର ମନସ୍ଥ କରିଥିଲେ। କିନ୍ତୁ ତାହା କାଗଜକଲମରେ ସୀମିତ ହୋଇ ରହିଯାଇଛି। ଜଳ ସମ୍ପଦ ବିଭାଗ ଦ୍ୱାରା ନଦୀ ଜଳର ସୁରକ୍ଷା ତଥା ନଦୀବନ୍ଧ ଉନ୍ନତୀକରଣ ନିମନ୍ତେ ସ୍ୱତନ୍ତ୍ର ବ୍ୟୟ ବରାଦ କରୁଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। କେବଳ ପ୍ରତୀକାତ୍ମକ ନ ହୋଇ ତାହା କିଭଳି ବାସ୍ତବରେ ପରିଣତ ହେବ ସେ ଦିଗରେ ସରକାର ଯତ୍ନବାନ୍ ହେବା ଉଚିତ। କେବଳ ଦୟା କାହିଁକି, ରାଜ୍ୟର ଅଧିକାଂଶ ନଦୀର ଅବସ୍ଥା ଏହିଭଳି। ତେଣୁ ନଦୀର ଅବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ହେଲେ ନଦୀଶଯ୍ୟାକୁ ସଫା କରିବା, ନଦୀର ୨ ପାର୍ଶ୍ୱରେ ବନୀକରଣ କରିବା, ବିକଳ୍ପ ଜଳ ସଂରକ୍ଷଣ ପାଇଁ ଯୋଜନା କରିବା, କିଭଳି ଅବିରତ ଧାରା ଓ ଜୈବ ବିବିଧତା ପୁନର୍ଜୀବିତ ହେବ ତାହା ଉପରେ କାର୍ଯ୍ୟ କରିବା ଦରକାର। ଆମେ ଆହ୍ୱାନ କରିବା ଦୟା ନଦୀ ପ୍ରତି ସମସ୍ତଙ୍କର ଦୟା ଭାବ ଜାଗ୍ରତ ହେଉ ଓ ପ୍ରକୃତି ସୁରକ୍ଷିତ ରହୁ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ,**
**ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ**
**ମୋ:୯୪୩୮୦୭୦୮୪୯**

## ଏଇ ଭାରତରେ

ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୌରବଙ୍କ ଉଦ୍ୟମରେ ଝାଡ଼ଖଣ୍ଡର ଏକ ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ ପ୍ରତିଶତ ବୃଦ୍ଧି ହୋଇପାରିଛି। ଆଇଏଏସ୍ ଅଧିକାରୀ ଗୌରବ ଝାଡ଼ଖଣ୍ଡର ଗୁମଲା ଜିଲାକୁ ସେ ମାଣ୍ଡିଆ ରାଜଧାନୀରେ ପରିଣତ କରିଦେଇଛନ୍ତି। ୨୦୧୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୁମଲା ଜିଲାର ଡେପୁଟି କମିଶନର ଭାବେ ନିଯୁକ୍ତି ପାଇବା ପରେ ମାଣ୍ଡିଆ ଚାଷକୁ ବ୍ୟାପକ କରିବା ଲାଗି ପଦକ୍ଷେପ ନେଇଥିଲେ। ଏବେ ୨୦ ହଜାର କୃଷକ ୩୦ ହଜାର ଏକରରୁ ଅଧିକ ଜମିରେ ମାଣ୍ଡିଆ ଚାଷ କରୁଛନ୍ତି। ବଡ଼ କଥା ହେଉଛି ଏମାନଙ୍କ ମଧ୍ୟରେ ୫,୦୦୦ରୁ ଅଧିକ ମହିଳାଚାଷୀ ଅଛନ୍ତି। ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ପ୍ରତିଶତ ବୃଦ୍ଧି ପାଇବା ଦ୍ୱାରା ଚାଷୀମାନେ ଅଧିକ ଲାଭ ପାଇପାରୁଛନ୍ତି। ଚାଷୀମାନେ ଜୈବିକ ପରିବେଶ ଉପଯୋଗୀ ପଦ୍ଧତିରେ ଚାଷ କରୁଛନ୍ତି। ମହିଳାମାନଙ୍କ ଦ୍ୱାରା ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫ୍‌ପିଓ) ଚାଲିଛି। ଏହା ମଧ୍ୟମରେ ମହିଳାମାନେ ମାଣ୍ଡିଆରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ଜାନୁଆରୀ ୧୯୭୬**

- କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧ ସୁଯୋଗ ଦେବା ଉଦ୍ଦେଶ୍ୟରେ ରାଜ୍ୟର ୬ ଜିଲାରେ ଚକବନ୍ଦୀ କାର୍ଯ୍ୟ ଆରମ୍ଭ।
- କେରଳର ପୂର୍ବତନମନ୍ତ୍ରୀ ଟି.କେ. ଦିବାକରନଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ।
- କଲିକତାରେ ନିର୍ମାଣସ୍ତରରେ ଥିବା ଟ୍ୟୁବ୍ ରେଳ ଯୋଜନା ପାଇଁ ରୁଷ୍ ସରକାର ୨୬.୪ ନିୟୁତ ଟଙ୍କାର ଯନ୍ତ୍ରପାତି ଯୋଗାଇଦେବା ନେଇ ଏକ ଚୁକ୍ତି ସ୍ୱାକ୍ଷରିତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 9 | | | 8 | | 6 |
| | 6 | | | | 5 | 9 | | |
| 9 | | | | | | 5 | | 1 |
| | | 5 | | 1 | | 7 | 2 | |
| | 4 | | | 3 | | | | |
| 2 | | | | | | 3 | | |
| 6 | | | | 7 | | | | |
| | | 8 | 6 | | | | | |
| | 3 | | 8 | 2 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 2 | 3 | 9 | 8 | 5 | 6 | 7 |
| 5 | 6 | 8 | 4 | 1 | 7 | 9 | 2 | 3 |
| 7 | 3 | 9 | 5 | 2 | 6 | 4 | 1 | 8 |
| 8 | 9 | 5 | 1 | 4 | 2 | 3 | 7 | 6 |
| 6 | 7 | 1 | 8 | 3 | 9 | 2 | 5 | 4 |
| 4 | 2 | 3 | 7 | 6 | 5 | 1 | 8 | 9 |
| 3 | 1 | 6 | 2 | 7 | 4 | 8 | 9 | 5 |
| 9 | 8 | 4 | 6 | 5 | 1 | 7 | 3 | 2 |
| 2 | 5 | 7 | 9 | 8 | 3 | 6 | 4 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୋଷ ଅଭାବର ନା ଅଭ୍ୟାସର

ମହାଶୟ,

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ଅଶୀ କୋଟି ଲୋକଙ୍କୁ ମୁକ୍ତ ରାଶନ ଯୋଗାଇ ଦିଆଯିବା ସତ୍ତ୍ୱେ ଓଡ଼ିଶାରେ ଖାଦ୍ୟାଭାବଜନିତ ମୃତ୍ୟୁ ବଳବତ୍ତର ରହିଛି। ଅତୀତରେ ଅନାହାର, ଅପପୁଷ୍ଟି, ଦାଦନ ଓ ଦାରିଦ୍ର୍ୟ ପାଇଁ ଓଡ଼ିଶାର ସମ୍ମାନ ଭୂଲୁଣ୍ଠିତ ହୋଇଥିଲା। ପେଟ ଦାୟରେ ପିଲା ବିକ୍ରିର କଳଙ୍କିତ କାହାଣୀ ବି ମନେରହିଛି। ପ୍ରକୃତରେ ସରକାର ଏକ ନିରବଚ୍ଛିନ୍ନ ବ୍ୟବସ୍ଥା। ଜନଜାତିର ବିକାଶ ପାଇଁ ବହୁ ଯୋଜନା ହାତକୁ ନିଆଯାଇଛି। ସେଥି ମଧ୍ୟରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ୟତମ। ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ମାଗଣା ଚାଉଳ ଯୋଗାଇବାର ମହତ୍ ବ୍ୟବସ୍ଥା କରିଛନ୍ତି ସତ, ମାତ୍ର ପରିସ୍ଥିତି ଅପରିବର୍ତ୍ତିତ। ଏ ତ୍ରୁଟି କାହାର ? ଅଖାଦ୍ୟକୁ ଛାଡ଼ି ନ ପାରିବା ମାନସିକତାର ନା ଅଭାବର ? ସରକାର ଏଭଳି ଦୁଃଖଦାୟକ ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଯତ୍ନବାନ୍ ହୁଅନ୍ତୁ।

**–ଦୁଃଶାସନ ବିଶ୍ୱାଳ, କାଜିପୁର, ନିମାପଡ଼ା, ପୁରୀ**

## ଚିରନ୍ତନୀ

ଚୂତର ମୁକୁଳ ବାସେ ଆଗମନୀ ଆସିଲା
ଆସିଲା ସେ ପଥେ ଘାଟେ ପବନେ
ପୁଲକାଇ ଉଲସାଇ ଚରାଚର ବିଶ୍ୱ
ଆସିଲା ମୋ ଜରାଗତ ଜୀବନେ!
ଧରଣୀର ଧୂଳିରାଶି ହକିଲା ସହସା
ଶୋଭେ ଦିଶ କୁସୁମିତ ବସନେ।
–(ଜୀବନ–ଦୋଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁରକ୍ଷା କର୍ମୀ ଗୁଳିରେ ୨ମହିଳା ମାଓବାଦୀ ନିହତ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ନୂଆପଡ଼ା,୨୦।୧ (ମକାରୁ ବେମାଲ)

କିଛିଦିନର ବ୍ୟବଧାନ ପରେ ଛତିଶଗଡ-ନୂଆପଡ଼ା ଜିଲା ସୀମାନ୍ତରେ ରବିବାର ରାତିରେ ପୁଣି ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମହିଳା ମାଓବାଦୀ ନିହତ ହୋଇଥିବାବେଳେ ଜଣେ ଯବାନ ଆହତ ହୋଇଛନ୍ତି। ନିହତ ମାଓବାଦୀ ଓ ଆହତ ଯବାନଙ୍କ ପରିଚୟ ମିଳି ନ ଥିବା ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସୋମବାର ସୂଚନା ଦେଇଛନ୍ତି।

ସୂଚନା ମୁତାବକ ରବିବାର ରାତିରୁ ନୂଆପଡ଼ା ଜିଲା ସୀମାଠାରୁ ୫ କିଲୋମିଟର ଦୂର ଛତିଶଗଡ଼ ମୈନପୁର ଥାନା କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଗୋଇନ୍ଦା ସୂଚନା ମିଳିଥିଲା। ସେହି ଅନୁଯାୟୀ ଉଭୟ ରାଜ୍ୟର ସୁରକ୍ଷା ବାହିନୀଙ୍କ ସହ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମିଶି ମିଳିତ ଅଭିଯାନ ଆରମ୍ଭ କରିଥିଲେ। ମଧ୍ୟରାତ୍ରରୁ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଆହତ ଛତିଶଗଡ଼ର ଯବାନ ଜଣଙ୍କୁ ରାୟପୁରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଏଥିରେ ଗୋଟିଏ ଏସ୍ଏଲ୍ଆର୍, ୩ଟି ଆଇଡି ସହ ଏଲ୍ଇଡି ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି। ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ତଲାସୀ ଅଭିଯାନ ଜୋରଦାର



କରାଯାଇଛି। ମିଳିତ ଅପରେଶନରେ ୩ଟି ଏସ୍ଓଜି ଟିମ୍, ଛତିଶଗଡ଼ ପୋଲିସର ୨ ଇ-୩୦ ଟିମ୍ ଓ ୫ ସିଆର୍ପିଏଫ୍ ଯବାନ ସାମିଲ ଅଛନ୍ତି। ମାଓବାଦୀ

■ଜଣେ ଯବାନ ଆହତ

■ଏବେବି ଜାରି ରହିଛି ଅପରେଶନ୍- ପୋଲିସ ଡିଜି

ଦମନ ପାଇଁ କୋମ୍ବିଂ ଅପରେଶନକୁ ଆହୁରି ଜୋରଦାର କରାଯିବ ବୋଲି ଏସ୍ପି ରାଘବେନ୍ଦ୍ର କହିଛନ୍ତି। ଏନେଇ ଓଡ଼ିଶା ପୋଲିସ ଡିଜି ୱାଇ. ବି ଖୁରାନିଆ କହିଛନ୍ତି, ଗତ ଦିନରେ ଏହି ବିଷୟରେ ଆମେ ରଣନୀତି ପ୍ରସ୍ତୁତ କରୁଥିଲୁ। ସୀମାକୁ ସୁରକ୍ଷିତ ରଖିବୁ ବୋଲି ଯୋଜନା ଥିଲା। ଦରକାର ପଡ଼ିଲେ ପଡ଼ୋଶୀ ରାଜ୍ୟରେ ସୀମା ଭିତରେ ପଶି ସେମାନଙ୍କ ସହ ଆମେ ଅପରେଶନ୍ କରିବୁ ବୋଲି ରଣନୀତି ଥିଲା। ସେହି ରଣନୀତି ଅନୁଯାୟୀ ଦୁଇଜଣ ମାଓବାଦୀଙ୍କୁ ନିହତ କରିବାରେ ସକ୍ଷମ ହୋଇଛୁ। ସୋମବାର ସକାଳୁ ମଧ୍ୟ ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିବାବେଳେ ପୋଲିସ ପକ୍ଷରୁ ଏହି ଅଭିଯାନ ଏବେ ବି ମଧ୍ୟ ଜାରି ରହିଥିବା ଡିଜି କହିଛନ୍ତି। ସୂଚନାଯୋଗ୍ୟ, ଗତ ନଭେମ୍ବର ମାସରେ ସୀମାନ୍ତ ଜଙ୍ଗଲରୁ ବିପୁଳ ପରିମାଣରେ ଜବତ କରାଯାଇଥିବାବେଳେ ଗତ ଜାନୁଆରୀ ୧ତାରିଖ ନୂଆବର୍ଷରେ ଛତିଶଗଡ-ନୂଆପଡ଼ା ଜିଲା ସୀମାଠାରୁ ୮ କିଲୋମିଟର ଦୂରରେ ମାଓବାଦୀ ଓ ଯବାନଙ୍କ ଗୁଳି ବିନିମୟରେ ଜଣେ ମାଓବାଦୀ ନିହତ ହୋଇଥିଲେ। ଏଥିସହ ବିପୁଳ ପରିମାଣ ମାଓବାଦୀ ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀ ଜବତ ହୋଇଥିଲା।

# ଗର୍ଭବତୀ ଖୁଡ଼ୀଙ୍କୁ ସମ୍ପର୍କୀୟ ପୁତୁରାର ବଳାତ୍କାର ଅଭିଯୋଗ

ବାଲିଗୁଡ଼ା,୨୦।୧(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବୁଡୁରୁକିଆ ପଞ୍ଚାୟତରୁ ଆସିଛି ଏକ ଅଭାବନୀୟ ଘଟଣା। ଘରେ କେହି ନ ଥିବାର ସୁଯୋଗ ନେଇ ୮ମାସର ଗର୍ଭବତୀ ଖୁଡ଼ୀଙ୍କୁ ସମ୍ପର୍କୀୟ ପୁତୁରା ବଳାତ୍କାର କରିଥିବା ଅଭିଯୋଗ ଆଣିଛନ୍ତି ପୀଡ଼ିତାଙ୍କ ସ୍ୱାମୀ। ଏପରିକି ଖୁଡ଼ୀ ଜଣକ ପୁତୁରାଙ୍କୁ ପ୍ରତିବାଦ କରିବାରୁ ଅତି ନିର୍ମମ ଭାବେ ଖୁଡ଼ୀଙ୍କୁ କାଠଫାଳିଆରେ ମାଡ଼ ମାରିଥିଲେ। ଲହୁଲୁହାଣ ଖୁଡ଼ୀଙ୍କୁ ତାଙ୍କ ସ୍ୱାମୀ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଏନେଇ କୌଣସି ଲିଖିତ ଅଭିଯୋଗ ବାଲିଗୁଡ଼ା ଥାନାରେ ହୋଇ ନ ଥିବା ଜଣାପଡ଼ିଛି।

# ବେଆଇନ କରତକଳ ଉପରେ ଭିଜିଲାନ୍ସ ଚଢ଼ାଉ

## ୪୧.୭୫ ଲକ୍ଷ ଟଙ୍କାର ସାମଗ୍ରୀ ଜବତ

ଭୁବନେଶ୍ୱର,୨୦।୧(ସତ୍ୟଜିତ୍ ରାଉତ)



କାଠମାଫିଆମାନେ ବିଭିନ୍ନ ମୂଲ୍ୟବାନ ଗଛକୁ ଜଙ୍ଗଲରୁ ଚୋରାରେ କାଟି ବେଆଇନଭାବେ କାଠ ବିକ୍ରି କରୁଛନ୍ତି। ରାଜଧାନୀ ଉପକଣ୍ଠ ଖୋର୍ଦ୍ଧା ଜିଲା ବାଲିଅନ୍ତା ଓ ବାଲିପାଟଣା ଥାନା ଅଞ୍ଚଳରେ ବହୁଦିନ ଧରି ବେଆଇନ ଭାବେ ୩ଟି କରତକଳ ଚାଲିଥିଲା। ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍ର ମିଳିତ ଟିମ୍ ସୋମବାର ବାଲିଅନ୍ତା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମ ଓ ବାଲିପାଟଣା ଥାନା ଅନ୍ତର୍ଗତ ଝିଇଁଟିଶାସନ ଅଞ୍ଚଳରେ ଏହି ବେଆଇନ କରତକଳ ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏସବୁ ସ୍ଥାନରୁ ଫରେଷ୍ଟ ୱିଙ୍ଗ୍ର ମିଳିତ ଟିମ୍ କରତକଳରେ ବ୍ୟବହୃତ ମୂଲ୍ୟବାନ ଟିମ୍ବର, ପିକ୍ଅପ୍ ଭ୍ୟାନ୍, ବିପୁଳ ପରିମାଣର କାଠ ସମେତ ୪୧ ଲକ୍ଷ ୭୫ ହଜାର ଟଙ୍କାର ସାମଗ୍ରୀ ଜବତ କରିଛି।

ଏହି କରତକଳଗୁଡ଼ିକୁ ଅଭିଯୁକ୍ତମାନେ ଉପଯୁକ୍ତ ଲାଇସେନ୍ସ ବିନା ଚଳାଉଥିଲେ। ଏହାଦ୍ୱାରା ଦ ଓଡ଼ିଶା ସ' ମିଲ୍ ଆଣ୍ଡ୍ ସ' ପିଟ୍ସ (କଣ୍ଟ୍ରୋଲ) ଆକ୍ଟ-୧୯୯୧ ଉଲଘଂନ ହୋଇଥିବା ଭିଜିଲାନ୍ସ ସୂଚନା ଦେଇଛି। ଏନେଇ ବାଲିପାଟଣା ଫରେଷ୍ଟ ରେଞ୍ଜରେ ୫ଟି ମାମଲା ରୁଜୁ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୁକ୍ତ ମାଲିକ ଏବଂ କର୍ମଚାରୀମାନଙ୍କୁ ଭିଜିଲାନ୍ସ ଟିମ୍ ଅଧିକ ପଚରାଉଚରା କରୁଥିବା ସୂଚନା ମିଳିଛି। ଏଥିସହ କରତକଳଗୁଡ଼ିକୁ ସିଲ୍ କରାଯାଇଛି। ବନ ବିଭାଗ ଅଧିକାରୀଙ୍କ ସହ ସଲାସୁତୁରାରେ କାଠବେପାରୀମାନେ ଏହି ବେଆଇନ କାମ କରୁଥିବା ପୂର୍ବରୁ ଅଭିଯୋଗ ରହିଛି। ସୂଚନାଯୋଗ୍ୟ, ୨୦୨୪ରେ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍ ପକ୍ଷରୁ ୧୦୧ ସ୍ଥାନରେ ଚଢ଼ାଉ କରାଯାଇ ୪.୮୨ କୋଟି ଟଙ୍କାର ସାମଗ୍ରୀ ଜବତ କରାଯାଇଥିଲା। ଏଥିସହ ଏଥିରେ ସମ୍ପୃକ୍ତ ୩୯ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା।

# ରେଳ ଷ୍ଟେଶନରୁ ୨.୧୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ବାଲୁଗାଁ,୨୦।୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଲ୍ୱେ ଷ୍ଟେଶନର ୧ନମ୍ବର ପ୍ଲାଟଫର୍ମରେ ସୋମବାର ରେଲ୍ୱେ ପୋଲିସ ଚଢ଼ାଉ କରି ୨୧କେଜି ୩୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଖଲାରି ସାହିର ଟିଟୁ ପ୍ରଧାନ (୩୬)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ୧୩ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁଠାରୁ ବ୍ରହ୍ମପୁର ମଧ୍ୟରେ ବିଭିନ୍ନ ଟ୍ରେନରେ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେବା ସହ ରାକେଟ ସକ୍ରିୟ ଥିବା ବେଳେ ଏମାନଙ୍କୁ ଧରିବା ପାଇଁ ରେଲ୍ୱେ ପୋଲିସ ସଜାଗ ରହିଥିଲା। ସୋମବାର ସକାଳ ୭ଟାରେ ବାଲୁଗାଁ ଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ଟିଟୁ ୨ବସ୍ତା ଗଞ୍ଜେଇ ଧରି ପ୍ରଶାନ୍ତି ଏକ୍ସପ୍ରେସ୍ରେ ବେଙ୍ଗାଲୁରୁ ଯିବା ପାଇଁ ଛିଡ଼ା ହୋଇଥିଲେ। ଏହି ସମୟରେ ବାଲୁଗାଁ ରେଳ ସୁରକ୍ଷାବଳ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ ଏବଂ ଅନ୍ୟ କର୍ମଚାରୀ ସନ୍ଦେହରେ ଉକ୍ତ ବସ୍ତା ତାଲାସିବାରେ ଗଞ୍ଜେଇ ମିଳିଥିଲା। ଉକ୍ତ ୨ବସ୍ତା ଗଞ୍ଜେଇ ଜବତ କରିବା ସହ ଟିଟୁଙ୍କୁ ଗିରଫ କରିଥିଲେ। ଏନେଇ ଏକ ମାମଲା (ନଂ.୫/୨୫) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ସୂଚନାଥାଉ କି, ଗତ ୪ତାରିଖରେ ମଧ୍ୟ ଅନୁରୂପ ଭାବେ ଏହି ଷ୍ଟେଶନ ପରିସରରୁ ରେଲୱେ ପୋଲିସ ୨.୪୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର: ସାବତ ବାପା ଗିରଫ

ବନ୍ଧମୁଣ୍ଡା,୨୦।୧(ସୁବ୍ରତ ଦେ)

ସୁନ୍ଦରଗଡ଼ ଜିଲା ବନ୍ଧମୁଣ୍ଡା ଥାନା ଅଧୀନ ବାରଟୋଲି ଗାଁରେ ଜଣେ ୧୬ ବର୍ଷର ନାବାଳିକା ଝିଅକୁ ତା'ର ସାବତ ବାପା ବଳାତ୍କାର କରିଛନ୍ତି। ଏହି ଅଭିଯୋଗରେ ଅଭିଯୁକ୍ତ ବାପାଙ୍କୁ ବନ୍ଧମୁଣ୍ଡା ପୋଲିସ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ରମେଶ ଚନ୍ଦ୍ର ଜେନା(୪୩)। ସୋମବାର ତାଙ୍କୁ ରାଉରକେଲା କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ରମେଶ ପୋଲିସ ନିକଟରେ ନିଜର ଅପରାଧ ସ୍ୱୀକାର କରିଥିବା ଥାନା ଇନ୍ସପେକ୍ଟର ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରମେଶ ଗତ ୧୮ ତାରିଖ ରାତି ୧୧ଟାରେ ସ୍ତ୍ରୀ ଶୋଇଥିବା ଅବସ୍ଥାରେ ଝିଅକୁ ବଳାତ୍କାର କରିଥିଲେ। ପରେ ପୀଡ଼ିତା ଘଟଣା ସମ୍ପର୍କରେ ନିଜ ଭାଇଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ଭାଇ ସ୍ଥାନୀୟ ଅଞ୍ଚଳର କେତେକ ଲୋକଙ୍କ ସାହାଯ୍ୟରେ ପୀଡ଼ିତାଙ୍କୁ ନେଇ ୧୯ ତାରିଖ ସନ୍ଧ୍ୟାରେ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୀଡ଼ିତା ଝିଅକୁ ଡାକ୍ତରୀ ମାଇନା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲା।

# ହାତଗୋଡ଼ ବାନ୍ଧି ଲୁଟିନେଲେ ଟଙ୍କା, ଅଳଙ୍କାର

ହେମଗିର,୨୦।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନାସ୍ଥିତ ବରପାଲିଠାରେ ଜଣେ ବ୍ୟବସାୟୀଙ୍କ ଘରେ ରବିବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ପରିବାରର ସମସ୍ତ ସଦସ୍ୟଙ୍କ ହାତ ଗୋଡ଼ ବାନ୍ଧି, ବନ୍ଧୁକ ଦେଖାଇ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟ୍ କରିଥିବା ହେମଗିର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରିଛି। ଘଟଣା ସ୍ଥଳରେ ହେମଗିର ପୋଲିସ ଓ ସୁନ୍ଦରଗଡ଼ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି। ମିଳିଥିବା ସୂଚନାନୁସାରେ, ରବିବାର ରାତି ୧ଟା ସମୟରେ ବରପାଲିସ୍ଥିତ ନିଖିଲ ଅଗ୍ରୱାଲଙ୍କ ଘର ହତା ଭିତରେ ୬ରୁ ୭ଜଣ ମୁଖାପିନ୍ଧା ବ୍ୟକ୍ତି ପଶିଥିଲେ। ଘର ପଛପଟୁ ଏକ ରଶି ସାହାଯ୍ୟରେ ଭିତରକୁ ପଶିଥିଲେ। ଶୋଇଥିବା ଅବସ୍ଥାରେ ପରିବାର ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ପରିବାରର ସମସ୍ତ ସଦସ୍ୟଙ୍କୁ ରଶିରେ ବାନ୍ଧି ମାରପିଟ କରିଥିଲେ। ଲୁଟେରାମାନେ ହିନ୍ଦୀରେ କଥାବାର୍ତ୍ତା କରୁଥିବାରୁ ସେମାନେ ରାଜ୍ୟ ବାହାରର ହୋଇଥିବା ପୋଲିସ ଅନୁମାନ କରୁଛି। ନଗଦ ଟଙ୍କା ଓ ସୁନା ଗହଣା ମିଶି ଏକ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ନିଖିଲ ଥାନାରେ ଅଭିଯୋଗ କରିଛନ୍ତି।

# ଅଧିକ ଅର୍ଥ ରୋଜଗାର ପ୍ରଲୋଭନ ଦେଖାଇ ୨୧.୮୧ ଲକ୍ଷ ଟଙ୍କା ଠକେଇ

ବାରିପଦା,୨୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶେୟାର ମାର୍କେଟରେ ଟ୍ରେଡିଂ ଜରିଆରେ ଅଧିକ ଅର୍ଥ ରୋଜଗାରର ପ୍ରଲୋଭନ ଦେଖାଇ ୨୧,୮୧,୯୯୫ ଟଙ୍କାର ଠକେଇ ହୋଇଛି। ମୟୂରଭଞ୍ଜ ଜିଲା ୱାଲିଗଞ୍ଜ ଅଞ୍ଚଳର ରୋହିତ କୁମାର ପଟ୍ଟନାୟକ ଠକାମିର ଶିକାର ହୋଇଥିବା ନେଇ ସୋମବାର ପୂର୍ବାହ୍ନରେ ବାରିପଦା ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା (ନଂ.୨/୨୫) ରୁଜୁ କରାଯାଇଛି।

ରୋହିତ ଅଭିଯୋଗ କରିଛନ୍ତି ଯେ, ଗତ ଡିସେମ୍ବର ୫ରେ ଶେୟାର ମାର୍କେଟରେ ଟ୍ରେଡିଂ ଜରିଆରେ ଅର୍ଥ ବିନିଯୋଗ କରିବା ପାଇଁ ତାଙ୍କ ନିକଟକୁ ଏକ ହ୍ୱାଟ୍ସଆପ୍ ମେସେଜ ଓ ଫୋନ୍ କଲ୍ ଆସିଥିଲା। ଶେୟାର ଟ୍ରେଡିଂ ଦ୍ୱାରା ଲକ୍ଷାଧିକ ଟଙ୍କା ଉପାର୍ଜନ କରିପାରିବେ ବୋଲି ମିଥ୍ୟା ପ୍ରଲୋଭନ ତାଙ୍କୁ ଦିଆଯାଇଥିଲା। ଏଥିସହ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ପ୍ରଦାନ କରିବାକୁ ତାଙ୍କୁ କୁହାଯାଇଥିଲା। ଏଥିରେ ସେ ପ୍ରଲୋଭିତ ହୋଇ ଗତ ୨୬ ତାରିଖରେ ଏକ ଆକାଉଣ୍ଟ ଖୋଲି ପ୍ରଥମେ ୪୨,୫୦୦ ଟଙ୍କା ପ୍ରଦାନ କରିଥିଲେ। ଏହାର ସପ୍ତାହକ ପରେ ସେ ଆହୁରି ୯,୫୦,୦୦୦ ଟଙ୍କା ଲଗାଇଥିଲେ। ଏହାପରେ ତାଙ୍କୁ ୨୧,୩୫,୨୫୫ ଟଙ୍କାର ବୋନସ ମିଳିଥିବା ନେଇ ଆପ୍ଲିକେଶନରେ ଦେଖାଇଥିଲା। ଏହାକୁ ସେ ଉଠାଇବାକୁ ଚେଷ୍ଟା କରିବାରୁ ତାହା ହୋଇ ନ ଥିଲା। ଏପରିକି ଉକ୍ତ ଟଙ୍କା ଉଠାଇବା ପାଇଁ ଆହୁରି ୧୧,୮୯,୪୯୫ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ କରିବାକୁ କୁହାଯାଇଥିଲା। ଏଣୁ ସେ ପୁଣି ଟଙ୍କା ଡିପୋଜିଟ କରିଥିଲେ। ଏହିପରି ସେ ବିଭିନ୍ନ ପର୍ଯ୍ୟାୟରେ ସମୁଦାୟ ୨୧,୮୧,୯୯୫ ଟଙ୍କା ପ୍ରଦାନ କରିଥିଲେ। ଏହାର କିଛିଦିନ ପରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ଆଉ ବାହାରି ନ ଥିଲା। ସେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସଂସ୍ଥା ପକ୍ଷରୁ କୌଣସି ଯୋଗାଯୋଗ କରାଯାଇ ନ ଥିଲା। ଅନ୍ଲାଇନ ଠକାମିର ସେ ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।


## କେନ୍ଦ୍ରୀୟ ସରକାରୀ କର୍ମଚାରୀ କଲ୍ୟାଣ ଆବାସ ସଂଗଠନ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଛତ୍ରଛାୟା ଅଧୀନସ୍ଥ ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ନିକାୟ)
୯ମ ମହଲା, 'ବି' ୱିଙ୍ଗ୍, ଜନପଥ ଭବନ, ଜନପଥ, ନୂଆଦିଲ୍ଲୀ - ୧୧୦୦୦୧ ।
ଫୋନ୍- ୨୩୭୧୭୨୪୯/୨୩୩୫୫୪୦୮/୨୩୩୨୨୧୯୨, ଇ-ମେଲ୍: cgewho@nic.in, ୱେବ୍ସାଇଟ୍: www.cgewho.in

### ଭୁବନେଶ୍ୱରଠାରେ ତୁରନ୍ତ ବ୍ୟବହାରଯୋଗ୍ୟ ଆବାସ ପ୍ରକଳ୍ପ ନିମନ୍ତେ ପ୍ରାକ୍-ଯୋଗ୍ୟତା ତଥା ଆଗ୍ରହର ଅଭିବ୍ୟକ୍ତି ନିମନ୍ତେ ଅନୁରୋଧ

ସିଜିଇଡବ୍ଲ୍ୟୁଏଚ୍ଓ ଭୁବନେଶ୍ୱରଠାରେ ୫ରୁ ୬ ଏକରରେ ପାଖାପାଖି ୨୫୦ ଡିୟୁ ପାଇଁ ସମସ୍ତ ଭିତ୍ତିଭୂମି ଏବଂ ସୁବିଧାସୁଯୋଗ ସହିତ ପରିପୂର୍ଣ୍ଣ ଟର୍ନକୀ (ତୁରନ୍ତ ବ୍ୟବହାରଯୋଗ୍ୟ)/ପିପିପି ମଡେଲ୍ରେ କମ୍ପୋଜିଟ୍ ଆବାସିକ ପ୍ରକଳ୍ପର ବିକାଶ ନିମନ୍ତେ ନିର୍ମାଣ ଏଜେନ୍ସିଗୁଡ଼ିକଠାରୁ ଅଫର ଆହ୍ୱାନ କରୁଛି । ସିଜିଇଡବ୍ଲ୍ୟୁଏଚ୍ଓ ସପକ୍ଷରେ ଜମିର ହସ୍ତାନ୍ତରଣ, ପଞ୍ଜୀକରଣ କରିବା, ଯୋଜନାଗୁଡ଼ିକର ମଞ୍ଜୁରୀ ଆଣିବା ତଥା ସମସ୍ତ ଅତ୍ୟାବଶ୍ୟକ ସେବା ଓ ସୁବିଧା ସହିତ ଉକ୍ତ ଆବାସ ପ୍ରକଳ୍ପର ନିର୍ମାଣ କରିବା ଏଜେନ୍ସିର ଦାୟିତ୍ୱ ହେବ । ଜମିଟି ସିଭି ରମଣ ମହାବିଦ୍ୟାଳୟ, ଭୁବନେଶ୍ୱରରୁ ୧୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ ହୋଇଥିବା ଆବଶ୍ୟକ । ନିର୍ମିତ ହେବା ପାଇଁ ପ୍ରସ୍ତାବିତ ଆବାସ ପ୍ରକଳ୍ପରେ ପ୍ରାୟ ୧୦୦-୧୨୦ ବର୍ଗମିଟର (ଅଥବା ଆର୍ଇଆର୍ଏ ଦ୍ୱାରା ପରିଭାଷିତ) କାର୍ପେଟ କ୍ଷେତ୍ରରେ ଲିଫ୍ଟ ସମେତ ୩ ବିଏଚ୍କେ ଓ ୪ ବିଏଚ୍କେ ଟାଇପ୍ ବାସଗୃହ ୟୁନିଟ୍ ରହିବା ଆବଶ୍ୟକ । ସୁବିଧାଗୁଡ଼ିକ ମଧ୍ୟରେ ବୈଧାନିକ କର୍ତ୍ତୃପକ୍ଷଙ୍କ ମାନଦଣ୍ଡ ଅନୁଯାୟୀ ଏକ କମ୍ୟୁନିଟି ସେଣ୍ଟର, ସୁଇମିଂ ପୁଲ୍, ବ୍ୟାଡ୍ମିଣ୍ଟନ୍ କୋର୍ଟ ଅନ୍ତର୍ଭୁକ୍ତ ହେବ । ପ୍ରସ୍ତାବ ଦେବା ସମୟରେ, ଏଜେନ୍ସି ରାଜ୍ୟର ସ୍ଥାନୀୟ ଉପନିୟମ ତଥା ଆର୍ଇଆର୍ଏ ଦିଗ୍ନିର୍ଦ୍ଦେଶାବଳୀର ବିହିତ ଆବଶ୍ୟକତାଗୁଡ଼ିକର କଡ଼ାକଡ଼ି ଅନୁପାଳନକୁ ସୁନିଶ୍ଚିତ କରିବା ଆବଶ୍ୟକ । ନିର୍ମାଣ ଏଜେନ୍ସି ଏକ କିମ୍ବା ଏକାଧିକ ଉପଯୁକ୍ତ ଜମିକୁ ଚିହ୍ନଟ କରିପାରେ ।

୨. ଜମିର ବିବରଣୀକୁ ସିଜିଇଡବ୍ଲ୍ୟୁଏଚ୍ଓ ୱେବ୍ସାଇଟ୍ରେ ଅପ୍ଲୋଡ୍ କରାଯାଇଥିବା କିମ୍ବା ଟେଣ୍ଡର ଦସ୍ତାବିଜ ସହିତ ଅପ୍ଲୋଡ୍ କରାଯାଇଥିବା ''ଜମି ପ୍ରପତ୍ର'' ଅନୁଯାୟୀ ପ୍ରଦାନ କରାଯିବା ଆବଶ୍ୟକ । ସିଜିଇଡବ୍ଲ୍ୟୁଏଚ୍ଓ ୨୦୦ ବିନ୍ଦୁର ପ୍ରାକ୍-ପରିଭାଷିତ ''ୱେଟେଜ୍ ଚାର୍ଟ'' ମାପଦଣ୍ଡ ଅନୁଯାୟୀ ଜମିର ଉପଯୁକ୍ତତାକୁ ବିଦ୍ୟାଳୟ, ମହାବିଦ୍ୟାଳୟ, ବଜାର, ଚିକିତ୍ସାଳୟ, ରେଳ ଷ୍ଟେଶନ ସହିତ ସମୀପତା ଆଧାରରେ ମୂଲ୍ୟାୟନ କରିବ । ''ୱେଟେଜ୍ ଚାର୍ଟ''ରେ ୮୦% କିମ୍ବା ତଦୂର୍ଦ୍ଧ୍ୱ ମାର୍କ ହାସଲ କରିଥିବା ଜମିଗୁଡ଼ିକ ପ୍ରାକ୍-ଯୋଗ୍ୟ ବିବେଚିତ ହେବ । ସିଜିଇଡବ୍ଲ୍ୟୁଏଚ୍ଓ ନିଜର ମାନକ ପ୍ରାକ୍-ଯୋଗ୍ୟତା ମାନଦଣ୍ଡ ଅନୁସାରେ ଜମିର ଉପଯୁକ୍ତତା ତଥା ଏଜେନ୍ସିଗୁଡ଼ିକର ନିର୍ମାଣ ସାମର୍ଥ୍ୟ ମୂଲ୍ୟାୟନ କରିବା ପରେ ପ୍ରାକ୍-ଯୋଗ୍ୟତାପ୍ରାପ୍ତ ଏଜେନ୍ସିଗୁଡ଼ିକୁ ଡିଜାଇନର ସାଧାରଣ ରୂପରେଖ ତଥା ଚିଠା ଚୁକ୍ତି ରାଜିନାମା ଅଭିପ୍ରେରଣ କରିବ, ଯାହାପରେ ସେମାନେ ସବିସ୍ତୃତ ପ୍ରକଳ୍ପ ରିପୋର୍ଟ/ବୈଷୟିକ ଉପସ୍ଥାପନା ସହିତ ସେମାନଙ୍କର ମୂଲ୍ୟ ବିଡ୍ ଦାଖଲ କରିବେ । ମୂଲ୍ୟ ବିଡ୍ ପ୍ରାକ୍-ପରିଭାଷିତ ବିନିର୍ଦ୍ଦିଷ୍ଟତା, ପରିଶୋଧ ସର୍ତ୍ତ ଏବଂ ଚିଠା ଚୁକ୍ତି ରାଜିନାମା ଓ ଡିଜାଇନ୍ର ସାଧାରଣ ରୂପରେଖରେ ପ୍ରଦତ୍ତ ଅନ୍ୟାନ୍ୟ ବିବରଣୀ ଅନୁସାରେ ପ୍ରସ୍ତୁତ କରାଯିବ । ପ୍ରସ୍ତାବିତ ମୂଲ୍ୟ କାର୍ପେଟ୍ ଏରିଆର ପ୍ରତି ବର୍ଗ ଫୁଟର ଏକକାଳୀନ ମୂଲ୍ୟ ହେବା ଆବଶ୍ୟକ (ଆର୍ଇଆର୍ଏରେ ପରିଭାଷିତ ହୋଇଥିବା ଅନୁଯାୟୀ ତଥା ବାଲ୍କୋନୀ ଏରିଆକୁ ଛାଡ଼ି) ଯାହା ମଧ୍ୟରେ ପ୍ରତ୍ୟେକ ବାସଗୃହ ୟୁନିଟ୍ ଲାଗି ଗୋଟିଏ ଆଚ୍ଛାଦିତ କାର୍ ପାର୍କିଂ ଅନ୍ତର୍ଭୁକ୍ତ ହେବ । ଆଗ୍ରହୀ ଏଜେନ୍ସି ନିମ୍ନଲିଖିତ ବିବରଣୀ ଦେଇ ସେମାନଙ୍କର ପ୍ରସ୍ତାବଗୁଡ଼ିକୁ ଅଭିପ୍ରେରଣ କରିପାରିବେ:

୩. ଆବେଦନପତ୍ର ସହିତ ଏହି ଇଓଆଇ ନିମନ୍ତେ ସବିସ୍ତୃତ ସର୍ବନିମ୍ନ ପ୍ରାକ୍-ଯୋଗ୍ୟତା ମାନଦଣ୍ଡ ତା୨୦।୦୧।୨୦୨୫ରିଖ ପରଠାରେ www.tenderwizard.com/CGEWHO କିମ୍ବା www.cgewho.in ଅଥବା ସିପିପି ପୋର୍ଟାଲ୍ (eprocure.gov.in)ରୁ ଡାଉନ୍ଲୋଡ୍ କରାଯାଇପାରିବ । ଇଓଆଇ ଦାଖଲ କରିବାର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ । ପ୍ରାକ୍-ଯୋଗ୍ୟତା ଦସ୍ତାବିଜରେ ଦର୍ଶାଯାଇଥିବା ଅନୁଯାୟୀ ଇଓଆଇ ଦସ୍ତାବିଜ ବାବଦରେ ସିଇଓ, ସିଜିଇଡବ୍ଲ୍ୟୁଏଚ୍ଓଙ୍କ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ଟ.୧୦୦୦୦+ଜିଏସ୍ଟି @୧୮%ର ଏକ ଅଣ-ଫେରସ୍ତଯୋଗ୍ୟ ଫି' ଭୌତିକ ଭାବେ ମୁଖ୍ୟାଳୟରେ ଦାଖଲ କରାଯିବା ଆବଶ୍ୟକ। **ଅଫ୍ଲାଇନ୍ରେ ଦାଖଲ କରାଯାଇଥିବା କୌଣସି ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ ଏବଂ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ ।**

୪. ଇଓଆଇ ଦିଗ୍ନିର୍ଦ୍ଦେଶାବଳୀ ଅନୁରୂପ ହୋଇ ନ ଥିବା ଯେକୌଣସି ପ୍ରାପ୍ତ ପ୍ରସ୍ତାବକୁ ବୈଷୟିକ ଭାବେ ଅଣ-ଅନୁପାଳନୀୟ ଭାବେ ବିବେଚନା କରାଯିବ ଓ ତାହା ନାକଚ ହେବା ପାଇଁ ଉତ୍ତରଦାୟୀ ରହିବ । ଠିକାଦାରମାନଙ୍କର ଚୟନର ପଦ୍ଧତି ଆବେଦନ ପତ୍ରରେ ଉପଲବ୍ଧ କରାଯିବ ।

୫. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଆବେଦନକୁ ପ୍ରାକ୍-ଯୋଗ୍ୟ କରିବା ଅଥବା ଅଯୋଗ୍ୟ ଘୋଷିତ କରିବାର ଅଧିକାର ସିଜିଇଡବ୍ଲ୍ୟୁଏଚ୍ଓ ନିକଟରେ ସଂରକ୍ଷିତ । ଏ ସଂକ୍ରାନ୍ତରେ କୌଣସି ପତ୍ର ଯୋଗାଯୋଗକୁ ପ୍ରଶ୍ରୟ ଦିଆଯିବ ନାହିଁ ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**
**ସିଜିଇଡବ୍ଲ୍ୟୁଏଚ୍ଓ**

CBC 20105/12/0015/2425


# ଯୁବକଙ୍କଠାରୁ ଆକ୍ରମଣ କରି ଲୁଟ, ୨ ଗିରଫ

ଭୁବନେଶ୍ୱର,୨୦।୧ (ସୂର୍ଯ୍ୟକାନ୍ତ ବେହେରା): କଟୁରିରେ ଆକ୍ରମଣ କରି ଯୁବକଙ୍କଠାରୁ ଲୁଟ୍ ମାମଲାରେ ନୟାପଲ୍ଲୀ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ-୬ରେ ରହୁଥିବା ନୟାଗଡ଼ର କାହ୍ନା ସାହୁ(୨୩) ଓ କଟକର ନବୀନ ଶତପଥୀ(୨୩)। ଉଭୟଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ଲେଖାଏଁ କଟୁରି, ରଡ ଏବଂ ସ୍କୁଟି ଜବତ ହୋଇଛି। ଏନେଇ ପୋଲିସ ସୁନୀଲ କୁମାର ସାହୁଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଦ୍ୱୟ ଅଭ୍ୟାସଗତ ଅପରାଧୀ ବୋଲି ଜଣାପଡ଼ିଛି। ଉଭୟଙ୍କ ନାଁରେ ଚନ୍ଦ୍ରଶେଖରପୁର, ଶହୀଦନଗର, କ୍ୟାପିଟାଲ ଓ ଚନ୍ଦକା ଥାନାରେ ପୂର୍ବରୁ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ମିଳିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




## ଜିଲାପାଳଙ୍କ ନିର୍ଦ୍ଦେଶରେ ଚିଞ୍ଚେଡ ସରପଞ୍ଚ ପଦ ହରାଇଲେ

ଗୁଡ଼ଭେଲା, ୨୦।୧ (ମନୋଜ କୁମାର ଜୈନ)

ବଲାଙ୍ଗୀରର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୁଡଭେଲା ବ୍ଲକ ଅନ୍ତର୍ଗତ ଚିଞ୍ଚେଡ ଗ୍ରାମପଞ୍ଚାୟତ ସରପଞ୍ଚ ଡେଲାନ୍ତି ନାଗ ସରପଞ୍ଚ ପଦବୀ ହରାଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାଇ ଚିଞ୍ଚେଡ ସରପଞ୍ଚଙ୍କ ବିରୋଧରେ ୨୦୨୪ ଅକ୍ଟୋବର ୨୯ରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ ହୋଇଥିଲା। ଏଥିରେ ୧୧ଜଣ ୱାର୍ଡ ମେମ୍ବର ଓ ସରପଞ୍ଚ ଭୋଟଦାନ କରିଥିଲେ। ଭୋଟ ଗଣତି ପରେ ସରପଞ୍ଚଙ୍କ ସପକ୍ଷରେ ୨ଟି ଓ ବିରୋଧରେ ୧୦ଟି ଭୋଟ ଦିଆଯାଇଛି। ଜିଲାପାଳଙ୍କ ପତ୍ର ସଂଖ୍ୟା ୧୦୫ ତା୧୬।୧।୨୫ ନିର୍ଦ୍ଦେଶ କ୍ରମେ ସରପଞ୍ଚଙ୍କ ପଦବା ରଦ୍ଦ କରାଯାଇ ତାଙ୍କ ସ୍ଥାନରେ ୱାର୍ଡ ମେମ୍ବର ସନାତନ କୁଦେଇଙ୍କୁ ସରପଞ୍ଚ ଦାୟିତ୍ୱ ଦିଆଯାଇଥିବା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମନ୍ତ ନାଏକ ପ୍ରକାଶ କରିଛନ୍ତି।

# ଆନ୍ଧ୍ରରେ ଓଡ଼ିଆ ଦାଦନ ଶ୍ରମିକଙ୍କୁ ହତ୍ୟା


ମୃତ ରଜନୀକାନ୍ତ କୁଅଁରଙ୍କ ଫାଇଲ ଫଟୋ।

- ମୃତ ଶ୍ରମିକ ଜଣକ ବଲାଙ୍ଗୀର ଜିଲା ଆଟଗାଁର
- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବଲାଙ୍ଗୀର, ୨୦।୧ (ବୀରେନ୍ଦ୍ର କୁମାର ଝାଙ୍କର)

ତାମିଲନାଡୁର ଚେନ୍ନାଇ ସହରରେ ବଲାଙ୍ଗୀରର ଦୁଇଜଣ ଯୁବ ଦାଦନ ଶ୍ରମିକଙ୍କୁ ହତ୍ୟା କରିବାର ସପ୍ତାହେ ନ ପୂରୁଣୁ ସୋମବାର ବଲାଙ୍ଗୀରର ଆଉ ଜଣେ ଦାଦନ ଶ୍ରମିକଙ୍କୁ ଆନ୍ଧ୍ରପ୍ରଦେଶରେ ହତ୍ୟା କରାଯାଇଥିବା ଜଣାପଡିଛି। ମୃତ ଦାଦନ ଶ୍ରମିକ ହେଲେ ପୁଇଁତଲା ବ୍ଲକ ଆଟଗାଁର ରଜନୀକାନ୍ତ କୁଅଁର (୩୭)। ପ୍ରାୟ ମାସେ ତଳେ ସେ ଗାଁର କିଛି ଯୁବକଙ୍କ ସହ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ କାମ କରିବା ପାଇଁ ଯାଇଥିଲେ। ରବିବାର ବିଜୟୱାଡା ରେଳଷ୍ଟେଶନ୍‌ର ୬ ନମ୍ବର ପ୍ଲାଟଫର୍ମରେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖାଯାଇଥିଲା। ସେଠାକାର ଜିଆର୍‌ପି ମୃତଦେହକୁ ଉଦ୍ଧାର କରିଥିଲା। ଏ ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଖବର ଦିଆଯିବା ସହ ମୃତଦେହର ଫଟୋ ପଠାଯାଇଥିଲା। ରଜନୀକାନ୍ତଙ୍କୁ ହତ୍ୟା କରାଯାଇ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ରଜନୀକାନ୍ତଙ୍କ ସ୍ତ୍ରୀ ଜନତା କୁଅଁର (୩୩), ଦୁଇ ଛୋଟ ଝିଅ ଅଛନ୍ତି। ରଜନୀକାନ୍ତଙ୍କ ପିତାମାତା ଦିନମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ଜଣାପଡିଛି। ପୁଅର ମୃତ୍ୟୁ ଖବର ପାଇ ପରିବାର ଲୋକେ ଭାଙ୍ଗିପଡିଛନ୍ତି।

ଗତ ଏକ ସପ୍ତାହ ମଧ୍ୟରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଜାଖମନର ଦାଦନ ଶ୍ରମିକ ଝସକେତନ ମାଝି (୨୧)ଙ୍କୁ ତାମିଲନାଡୁର ଆଡିପେଟ୍ ଅଞ୍ଚଳରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହାଛଡା ଗତ ୧୧ ତାରିଖ ତାମିଲନାଡୁର ଚେନ୍ନାଇ ସହର ନିକଟ ପେରମ୍ବୁର ଷ୍ଟେଶନ୍ ନିକଟ ରେଳଧାରଣା କଡରେ ବଲାଙ୍ଗୀର ହାତୀଶାଳପଡା ଲକ୍ଷ୍ମୀଯୋର ଖଣ୍ଡିର ନିବାସୀ ଉମେଶ ପାଣ୍ଡେ (୨୪) ଓ କୁନୁ ବନ୍ଛୋର (୨୨)ଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଦୁଇ ଦାଦନ ଶ୍ରମିକଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ମୃତ ଦାଦନ ଶ୍ରମିକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଗତ ୧୪ ତାରିଖ ତାମିଲନାଡୁର ତୀରପୁର ସ୍ଥିତ ଏକ ମିଲରେ କାମ କରୁଥିବା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରାମପୁର ଗାଁର ଦାଦନ ଶ୍ରମିକ ଗଙ୍ଗା ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଯେଉଁଭଳି ଭାବେ ରାଜ୍ୟ ବାହାରୁ ଜିଲାକୁ ମୃତଦେହ ଫେରୁଛି ଏହା ଜିଲା ତଥା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ରାଜ୍ୟ ସରକାର ଦାଦନ ଶ୍ରମିକ ସମସ୍ୟା ପାଇଁ ଯେଉଁ ଟାସ୍କଫୋର୍ସ ଗଠନ କରିଥିବା କହୁଛନ୍ତି ତାହା କ'ଣ କରୁଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି।

## ସରପଞ୍ଚଙ୍କ ବିରୋଧରେ ୮, ସପକ୍ଷରେ ୦


ଭୋଟଦାନ କରିବାକୁ ଆସିଥିବା ୱାର୍ଡମେମ୍ବରମାନେ।

**ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବର ଭୋଟ ଗଣତି**

ଗୁଡ଼ଭେଲା, ୨୦।୧ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଗମ୍ଭାରୀଗୁଡା ଗ୍ରାମପଞ୍ଚାୟତର ସରପଞ୍ଚ ପିଙ୍କି ବେସରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ସୋମବାର ଭୋଟ ଗ୍ରହଣ ହେବା ସହ ଭୋଟ ଗଣତି ହୋଇଥିଲା। ୧୧ଟି ୱାର୍ଡକୁ ନେଇ ଗ୍ରାମପଞ୍ଚାୟତ ଗଠିତ ହୋଇଛି। ଭୋଟ ଗ୍ରହଣ ସମୟରେ ସରପଞ୍ଚ ଓ ୮ଜଣ ୱାର୍ଡ ମେମ୍ବର ଉପସ୍ଥିତ ରହିଥିଲେ। ୮ଜଣ ୱାର୍ଡ ମେମ୍ବର ଭୋଟଦାନ କରିଥିଲେ। ଏହାପରେ ନିର୍ବାଚନ ଅଧିକାରୀ ତଥା ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାର୍ଟିଙ୍କ ଉପସ୍ଥିତରେ ଭୋଟ ଗଣତି ହୋଇଥିଲା। ଜିପିଓ ସାଗର ସାହୁ ଓ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜ କିଶୋର ସାହୁ ନିର୍ବାଚନ ପରିଚାଳନା କରିଥିଲେ। ୮ଟି ଭୋଟ ସରପଞ୍ଚଙ୍କ ବିରୋଧରେ ପଡିଥିବାରୁ ପଞ୍ଚାୟତ ସମ୍ମୁଖରେ ଉପସ୍ଥିତ ସରପଞ୍ଚଙ୍କ ସମର୍ଥକ ହୋହାଲ୍ଲା କରିଥିଲେ। ପୋଲିସ ସମସ୍ତଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ୨୨ରେ ମାରାଥନ ଦୌଡ଼

ଟିଟିଲାଗଡ଼, ୨୦।୧ (ଶରତ ମିଶ୍ର)

ଜିଲା ଆଥଲେଟିକ ଆସୋସିଏଶନ ପକ୍ଷରୁ ଅନୁବନ୍ଧିତ ଟିଟିଲାଗଡ଼ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆସନ୍ତା ୨୨ରେ ଉପଖଣ୍ଡ ସ୍ତରୀୟ ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୁରୁଷବର୍ଗ ୧୦ କିଲୋମିଟର ଏବଂ ମହିଳା ୫ କିଲୋମିଟର ଦୌଡ଼ ହେବ। ଜାନୁଆରୀ ୨୬ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଉଭୟ ବର୍ଗରେ ସଫଳ ୩ ପ୍ରତିଯୋଗୀଙ୍କୁ ୭ ହଜାର, ୫ ହଜାର, ୩ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। ଦୌଡ଼ ସମ୍ପୂର୍ଣ୍ଣ କରିଥିବା ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଏନେଇ ସ୍ଥାନୀୟ ଏକ ଲଜର ସଭାଗୃହଠାରେ ସୋମବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀ, ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଦାଶ, ଉପସଭାପତି ସନ୍ତୋଷ ପ୍ରଧାନ, ଯୁଗ୍ମ ସମ୍ପାଦକ ଦନାର୍ଦ୍ଦନ ହୋତା, କୋଷାଧ୍ୟକ୍ଷ ରାମନାଥ ଖମାରୀ ପ୍ରମୁଖ ସୂଚନା ଦେଇଛନ୍ତି। ଆଥଲେଟିକ ଆସୋସିଏଶନର ନିଜସ୍ୱ ଷ୍ଟାଡିୟମ ରହିଛି। ଆଗାମୀ ଦିନରେ ଅଞ୍ଚଳରେ କ୍ରୀଡାର ବିକାଶ ନେଇ ଆସୋସିଏଶନ ଅନେକ ପଦକ୍ଷେପ ଗ୍ରହଣ କରିବ ବୋଲି କହିଥିଲେ। ଆସୋସିଏଶନର ଯୁଗ୍ମ ସମ୍ପାଦକ ପଦ୍ମନାଭ ବେହେରା, କାର୍ଯ୍ୟକାରୀ କମିଟି ସଦସ୍ୟ ଶରତ ମିଶ୍ର, ଦୀପକ ସମ୍ପାଦାର ପ୍ରମୁଖ ଉପସ୍ଥିତ ଥିଲେ।

## ବଲାଙ୍ଗୀର ଲୋକଉତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ


ବଲାଙ୍ଗୀର ପଲ୍ଲୀଶ୍ରୀ ମେଳାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର, ୨୦।୧ (ବୀରେନ୍ଦ୍ର କୁମାର ଝାଙ୍କର)

୨୨ତମ ବଲାଙ୍ଗୀର ଲୋକଉତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଜିଲାସ୍ତରୀୟ ଲୋକଉତ୍ସବ, ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ହସ୍ତଶିଳ୍ପ ମେଳାକୁ ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଲୋକଉତ୍ସବରେ ବରେଣ୍ୟ ଅତିଥି ଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଲୋକଉତ୍ସବ ଅଧ୍ୟକ୍ଷ ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଏସ୍‌ପି ଋଷିକେଶ ଡାନ୍‌ଦେୱ ଖିଲାରୀ, ଲୋକଉତ୍ସବ ଅଭ୍ୟର୍ଥନା କମିଟି ସହଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ, ଅତିଥି କଳାକାର ଉଗ୍ରସେନ୍ ଷଡଙ୍ଗୀ ଓ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ। ବରେଣ୍ୟ ଅତିଥି ଏମ୍‌ପି ସଙ୍ଗୀତା ଦେବୀ ତାଙ୍କ ବକ୍ତବ୍ୟରେ ଲୋକଉତ୍ସବ କେବଳ ମନୋରଞ୍ଜନ ପାଇଁ ନୁହେଁ, ଲୋକକଳାକୁ ବଞ୍ଚାଇ ରଖିବାର ପ୍ରୟାସ ବୋଲି କହିଥିଲେ। ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ ସିଂଦେଓ କଳାର ପ୍ରସାର ପାଇଁ ସ୍ୱର୍ଗତ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ କୋଶଳ କଳାମଣ୍ଡଳ ସ୍ଥାପନା କରିଥିଲେ ବୋଲି କହିଥିଲେ। ଏହା ରାଜନୈତିକ ମଞ୍ଚ ନୁହେଁ। କଳାର ପ୍ରଚାର ପ୍ରସାର ପାଇଁ ଏହି ମଞ୍ଚ ଉଦ୍ଦିଷ୍ଟ ବୋଲି କହିଥିଲେ। ସମ୍ମାନିତ ଅତିଥି ଏସ୍‌ପି ଖିଲାରୀ ଲୋକଉତ୍ସବର ମହାନତା ସମ୍ପର୍କରେ କହିଥିଲେ। ଏହି ଲୋକଉତ୍ସବରେ ୩୦୦ ଷ୍ଟଲ ଲାଗିଛି। ଅନ୍ୟରାଜ୍ୟର ସାମଗ୍ରୀ ମଧ୍ୟ ଏଠାରେ ଉପଲବ୍ଧ ହେଉଛି। ପାଟଣେଶ୍ୱରୀ ଓ ଦଶମତୀଙ୍କୁ ଜୁହାର କରି ଅଭିଭାଷଣ ଶେଷ କରିଥିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ବଲାଙ୍ଗୀର ଜିଲାର କଳା ଓ ସଂସ୍କୃତି ମହାନ ବୋଲି କହିଥିଲେ। ରାଜ୍ୟ ସରକାର ଲୋକକଳା ଓ ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରୁଛି ବୋଲି କହିଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ବାସୁଦେବ ମେହେରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ଜିଲାପାଳ ଇସଲୱାର ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସକାଳେ ମଞ୍ଚପୂଜା ପରେ ସାଂସ୍କୃତିକ ଶୋଭାଯାତ୍ରାରେ କଳାକାର ଓ କଳାପ୍ରେମୀମାନେ ସହର ପରିକ୍ରମା କରିଥିଲେ। ଏହି ସାଂସ୍କୃତିକ ଶୋଭାଯାତ୍ରାରେ ଲୋକଉତ୍ସବର ବିଭିନ୍ନ କମିଟିର ଅଧ୍ୟକ୍ଷ, ସହଅଧ୍ୟକ୍ଷ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

## କଟନିଛଟନି, ଦଲାଲମୁକ୍ତ ହୋଇପାରୁନି ମଣ୍ଡି

ଲୋଇସିଂହା, ୨୦।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୩୮୯୫ ଜଣ ଚାଷୀଙ୍କ ଠାରୁ ୧ଲକ୍ଷ ୫୧ ହଜାର୨୫୯ କୁଇଣ୍ଟାଲ ୧୮ କେଜି ଧାନକ୍ରୟ ହୋଇଥିବା ଜଣାଯାଇଛି। ଯୋଗୀସର୍ଡା ପାକ୍ସରୁ ସର୍ବାଧିକ ଚାଷୀଙ୍କଠାରୁ ଧାନକ୍ରୟ ହୋଇଥିବାବେଳେ ରେଙ୍ଗାଲିରେ ସର୍ବନିମ୍ନ ଚାଷୀ ଧାନ ବିକ୍ରି କରିଥିବା ଜଣାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲୋଇସିଂହା ବ୍ଲକ ୧୦ଟି ପାକ୍ସରେ ଧାନବିକ୍ରି ସକାଶେ ୬ ହଜାର ୨୮୫ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ବ୍ଲକର କନ୍ଦାଜୁରୀ ପାକ୍ସରେ ୪୩୦ ଚାଷୀଙ୍କ ଠାରୁ ୧୭ ହଜାର ୨୦ କୁଇଣ୍ଟାଲ ୫୩ କେଜି ଧାନ କ୍ରୟ କରାଯାଇଛି। ସେହିପରି ବାଦିମୁଣ୍ଡାରୁ ୪୦୧ ଚାଷୀଙ୍କ ଠାରୁ ୧୬ ହଜାର ୧୮୯ କୁଇଣ୍ଟାଲ ୮୨କେଜି, କୁଶଙ୍ଗରୁ ୪୮୪ ଚାଷୀଙ୍କଠାରୁ ୨୦ ହଜାର ୨୨୫ କୁଇଣ୍ଟାଲ, କୁଶମେଲରୁ ୪୬୭ ଚାଷୀଙ୍କଠାରୁ ୧୭ ହଜାର ୭୩୮ କୁଇଣ୍ଟାଲ, ସରଗାଡରୁ ୪୧୧ ଚାଷୀଙ୍କଠାରୁ ୧୫ ହଜାର ୭୨୫ କୁଇଣ୍ଟାଲ, ଜି.ଏସ ଡୁଙ୍ଗରିପାଲି ୨୭୭ ଚାଷୀଙ୍କ ଠାରୁ ୧୧ ହଜାର୪୪୨ କୁଇଣ୍ଟାଲ କ୍ରୟ ହୋଇ ସାରିଛି। ରେଙ୍ଗାଲିର ୨୬୫ ଚାଷୀଙ୍କ ଠାରୁ ୯ହଜାର ୧୮୧ କୁଇଣ୍ଟାଲ, ବୁର୍ଡା ୨୭୩ ଚାଷୀଙ୍କଠାରୁ ୧୦ ହଜାର ୩୪୧ କୁଇଣ୍ଟାଲ, ଲୋଇସିଂହା ୩୦୬ ଚାଷୀଙ୍କଠାରୁ ୧୧ହଜାର ୨୯୪ କୁଇଣ୍ଟାଲ ଓ ଯୋଗୀସର୍ଡରୁ ୫୮୧ ଚାଷୀଙ୍କଠାରୁ ୨୨ ହଜାର୯୮ କୁଇଣ୍ଟାଲ କ୍ରୟ ହୋଇ ସାରିଛି। କିଛିଦିନ ତଳେ କନ୍ଦାଜୁରୀ ପାକ୍ସରେ କନ୍ଦାଜୁରୀ ଗ୍ରାମର ଚାଷୀ ଦୁର୍ଗା ସିଂଦେଓ ଧାନବିକ୍ରି କରିଥିଲେ। ଧାନ ମାପ କରି ଗାଡିରେ ଲୋଡ ହୋଇଥିଲା। କୁଇଣ୍ଟାଲ ପିଛା ସାଢେ ୩ କେଜି କଟନୀ ହେବାରୁ ପ୍ରତିବାଦ କରି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୂନ୍ୟ କଟନୀ କରିବାକୁ କହିଥିଲେ। ଏହାପରେ ଚାଷୀ ଓ ପାକ୍ସ କର୍ମଚାରୀଙ୍କ ସହ ତାଙ୍କ ଯୁକ୍ତିତର୍କ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ମଣ୍ଡିକୁ ପୋଲିସକୁ ଯିବାକୁ ପଡିଥିଲା। ଜିଲାର ଜଣେ ମନ୍ତ୍ରୀ ମଣ୍ଡିରେ ତାଙ୍କ ନାମରେ ଧାନବିକ୍ରି କରିଛନ୍ତି। ସମ୍ପୃକ୍ତ ମନ୍ତ୍ରୀଙ୍କ ମଧ୍ୟ ଚାଷୀଙ୍କ ପରି ବାଧ୍ୟତାମୂଳକ ଭାବେ ଧାନ କଟନୀଛଟନୀ ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଭାଜପା ସରକାର ଆସିବା ପରେ ବିନା କଟନୀଛଟନୀ ଓ ଧାନ ଉଇଣ୍ଟାଲ ୨୩ ଓ ବୋନସ ୮ ଶହ ଟଙ୍କା ଦେବାକୁ ଘୋଷଣା ଚାଷୀଙ୍କୁ ଉତ୍ସାହିତ କରିଥିଲା। ତେବେ ମଣ୍ଡିରେ କୁଇଣ୍ଟାପ୍ରତି ୩ କେଜି ଏବଂ ଆବଶ୍ୟକ ସ୍ଥଳେ ଅଧିକ ଧାନ କଟନୀଛଟନୀ କରାଯାଇଛି। ଚାଷୀଠାରୁ ମନ୍ତ୍ରୀ ମଧ୍ୟ କଟନୀଛଟନୀରୁ ବାଦ ପଡୁନାହାନ୍ତି। ଲୋଇସିଂହା ଓ ଆଗଲପୁର ବ୍ଲକର ମଣ୍ଡିରେ କଟନୀଛଟନୀ ଓ ଦଲାଲମୁକ୍ତ ହୋଇ ପାରୁ ନ ଥିବାରୁ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଏଠି ପ୍ରହସନ ପାଲଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ମଣ୍ଡିରେ ଫଲସ ଏଣ୍ଟ୍ରିରୁ ଆରମ୍ଭ କରି ଧାନକ୍ରୟରେ ଅନିୟମିତତା ଅଭିଯୋଗ ହେଉଛି। ବିଭାଗୀୟ ତଦନ୍ତ ହେଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବିଭାଗୀୟ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ଲୋଇସିଂହା ନିର୍ବାଚନ ମଣ୍ଡଳୀ ଆଗଲପୁର ବ୍ଲକର ୧୩ ପାକ୍ସ ଓ ଗୋଟିଏ ଏସଏସଜି ପକ୍ଷରୁ ଧାନକ୍ରୟ କରାଯାଉଛି। ୬୩୮୦ ଚାଷୀଙ୍କଠାରୁ ୨ଲକ୍ଷ୮୫ ହଜାର୨୭୦ କୁଇଣ୍ଟାଲ ୭୧ କେଜି ଧାନ କ୍ରୟ ହୋଇଥିବା ମିଳିଥିବା ତଥ୍ୟରୁ ଜଣାଯାଇଛି।

## ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ

ଦେଓଗାଁ, ୨୦।୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ନେତ୍ରଭାନୁ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ନିପୁଣ ଓଡିଶା ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମମତା ମହାଡିକଙ୍କ ସଭାପତିତ୍ୱ ତଥା ଉପରଝର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଜ୍ୟୋତିପ୍ରକାଶ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଏଭଳି ପ୍ରୟାସ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ଏ ଅବସରରେ ମୁଖ୍ୟବକ୍ତା ଭାବେ ଏବିଇଓ ଅଜିତ କୁମାର ମିଶ୍ର ଯୋଗଦେଇଥିବାବେଳେ ଶିକ୍ଷକ ମଣ୍ଟୁ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।


ଦେଓଗାଁ ବ୍ଲକ ଜରାସିଂହା ହାଇସ୍କୁଲରେ ନିପୁଣ ଓଡିଶା କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରାଯାଉଛି।

## ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ପାଇଁ ଚାଲିଥିବା ଗଣ ଧାରଣା ସ୍ଥଗିତ

ଖପ୍ରାଖୋଲ, ୨୦।୧ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ୫୭ଦିନ ଧରି ଚାଲିଥିବା ଗଣଧାରଣା ସୋମବାର ସ୍ଥଗିତ ରଖିଥିବା ଜଣାଯାଇଛି। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ ଓ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ଉପଦେଷ୍ଟା ମଣ୍ଡଳୀର ନିଷ୍ପତି କ୍ରମେ ଗଣଧାରଣା ସ୍ଥଗିତ ନିଷ୍ପତି ନିଆଯାଇଥିବା ଓ ଆଗାମୀ ଦିନରେ ଆବଶ୍ୟକ ହେଲେ ପୁଣି ଗଣଧାରଣା ଦିଆଯିବାକୁ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଆବାହକ ଜୟ ସିଂ ପୂଝାରୀ, ସୁଶୀଲ ନାଏକ, ବିପ୍ର ବିଶି, ଟିକେଶ୍ୱର୍ ଧରୁଆ, ତୁଳସୀ ରାମ ଛତ୍ରିଆ, ଯଶଲାଲ ବାବା, ମହେଶ ବରିହା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ପର୍ବତାରୋହଣ ତାଲିମ ନେଇ ଫେରିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଲାଠୋର, ୨୦।୧ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଭାଗ ଶେଷ ବର୍ଷ ଛାତ୍ର ସୁମନ୍ତ ସୁନାନି ୭ ଦିନିଆ ରାଜ୍ୟସ୍ତରୀୟ ପର୍ବତାରୋହଣ ତାଲିମ ଶିବିରରେ ଯୋଗଦେଇ ସଫଳତାର ସହ ତାଲିମ ଗ୍ରହଣ କରି ଫେରିଥିବା ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି। ଛାତ୍ର ତାଲିମ ଶିବିରରୁ ଫେରିବା ପରେ ତାଙ୍କୁ ଅଧ୍ୟକ୍ଷଙ୍କ ନେତୃତ୍ୱରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ସୋମବାର ମହାବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଜାନୁଆରୀ ୧୧ ରୁ ୧୬ ପର୍ଯ୍ୟନ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନଏସ୍‌ଏସ୍ ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ପରିଚାଳନା ତଥା ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଅଧୀନସ୍ଥ ସେବା ଯୋଜନା କକ୍ଷର ପୃଷ୍ଟପୋଷକତା କ୍ରମରେ ଗଜପତି ଜିଲା ରାୟଗଡ଼ ବ୍ଲକ ଅଧୀନ ମହେନ୍ଦ୍ରଗିରି ପର୍ବତରେ ଆୟୋଜନ ପର୍ବତାରୋହଣ ତାଲିମ ଶିବିରରେ ସମ୍ପୃକ୍ତ ଛାତ୍ର ଯୋଗ ଦେଇଥିଲେ। ୭ ଦିନ ପର୍ଯ୍ୟନ୍ତ ସେ ସେଠାରେ ରହି ସଫଳତାର ସହ ତାଲିମ ଗ୍ରହଣ କରି ଫେରିଥିଲେ। ମହାବିଦ୍ୟାଳୟକୁ ଫେରିବା ପରେ ସେ ତାଙ୍କର ଅନୁଭବ ବିଷୟରେ କହି ଛାତ୍ରୀଛାତ୍ରଙ୍କ ମନରେ ପର୍ବତାରୋହଣ ଉପରେ ଆଗ୍ରହ ସୃଷ୍ଟି କରିଥିଲେ। ଅଞ୍ଚଳରୁ ପ୍ରଥମ ଛାତ୍ର ଭାବେ ସେ ପର୍ବତାରୋହଣ ତାଲିମ ଗ୍ରହଣ କରିଥିବା ହେତୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଦିଆଯାଇଛି। ଆଗ୍ରହର ସହ କଠୋର ପରିଶ୍ରମ କଲେ ଅବଶ୍ୟ ସଫଳତାର ସ୍ୱାଦ ଚାଖିବାକୁ ମିଳିଥାଏ ବୋଲି ଛାତ୍ର ଅନ୍ୟ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି।


 କଲେଜ ପରିସରରେ ଛାତ୍ର ସୁମନ୍ତ ସୁନାନିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

# 'ଲୁକ୍କାୟିତ କଳାକୁ ପ୍ରସ୍ଫୁଟିତ କରିବା'

**ମା'ଚଣ୍ଡେଶ୍ୱରୀ ଲୋକମହୋତ୍ସବ ଉଦ୍‌ଯାପିତ**

ସଇଁତଲା, ୨୦।୧ (ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ବିବେକାନନ୍ଦ ପାଠାଗାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ତିନିଦିନ ଧରି ଚାଲିଥିବା ମା' ଚଣ୍ଡେଶ୍ୱରୀ ଲୋକମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ମା' ଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବାପରେ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ସମୟରେ କୁମ୍ଭାରୀର ଅଘୋରୀ ନୃତ୍ୟ ଲୋକଙ୍କ ମନ ମୋହିଥିଲା। ସଭାସ୍ଥଳକୁ ମଶାଲ ଅଣାଯିବାପରେ ସେଠାରେ ସ୍ଥାପନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ପ୍ରଥମ ଦିନ କମିଟିର ସଭାପତି ଭୀମସେନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥି, ଗବେଷକ ଡ଼ା. ଯୁଗଳ କିଶୋର ଷଡ଼ଙ୍ଗୀ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ଉପାଧ୍ୟକ୍ଷ ଗୁଣସାଗର ମାଝୀ, ବିଡ଼ିଓ ବିନୟ ଭୋଇ, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପାଠାଗାରର ସମ୍ପାଦକ ପ୍ରମୋଦ କୁମାର ବୈଠାରୁ ବିବରଣୀ ପାଠ କରିଥିଲେ। କୋରାପୁଟର ଢେମସା, ସଇଁତଲା ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ଆଦିବାସୀ ନୃତ୍ୟ ଏବଂ ଢେଙ୍କାନାଳର ପାଇକ ଆଖଡ଼ା ଦର୍ଶକଙ୍କ ମନ ମୋହିଥିଲା। ସେହିପରି ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସିଂ ଭୋଇ, ସମ୍ମାନିତ ଅତିଥି ଭାବରେ ପ୍ରମୋଦ ପଧାନ, ବୀରବର ସାହୁ, ସମାଜସେବୀ ଗୌତମ କ୍ଷେତୀ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧାର ପ୍ରଜ୍ଞା ନୃତ୍ୟ, ବରଗଡ଼ର ଢ଼ଲିଆ ଖୁସା ନୃତ୍ୟ ଓ ଲୋଇସିଂହାର ସୁରସଙ୍ଗୀତ କଳାପରିଷଦର ସଦସ୍ୟମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବରେ ସୁରେନ୍ଦ୍ର ସିଂଭୋଇ, ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ସଇଁତଲା ଥାନା ଅଧିକାରୀ ଶୁଶାନ୍ତ ବଡ଼େଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସିନ୍ଧେକେଲା ପଲ୍ଲୀଶ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରଥ ବକ୍ତା ଭାବରେ ଯୋଗଦେଇଥିଲେ। ଲୋକମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୁକ୍କାୟିତ ହୋଇଯାଉଥିବା କଳାକୁ ପ୍ରସ୍ଫୁଟିତ କରିବା ବୋଲି ସିଂ ଭୋଇ କହିଥିଲେ। ସେହିପରି ସଇଁତଲାର ପେଡ଼ା ରାଜ୍ୟରେ ନାମ କରିଥିବାବେଳେ ବର୍ତ୍ତମାନ ତାହା ଲୁକ୍କାୟିତ ହୋଇଯାଇଛି। ଯାହାକୁ ସମଗ୍ର ଅଞ୍ଚଳବାସୀ ଧ୍ୟାନ ଦେଇ ଓଡ଼ିଶାର ରସଗୋଲା ଯେଭଳି ଜିଆଇ ଟ୍ୟାଗ ପାଇ ଦେଶରେ ନାମ କରିଛି, ସେହିଭଳି ସଇଁତଲା ପେଡ଼ା ମଧ୍ୟ ଦେଶରେ ନାମ କରିବା କଥା ବୋଲି ମେହେର କହିଥିଲେ। ଏହି ଚଣ୍ଡୀ ମହୋତ୍ସବରେ କେବଳ ବ୍ଲକ ଅଞ୍ଚଳର ଲୁକ୍କାୟିତ କଳା, ସଂସ୍କୃତିକୁ ଉଦଜିବୀତ କରିବା ଉଦ୍ଦେଶ୍ୟ ନ ରଖି ଜିଲା ତଥା ଓଡ଼ିଶାର କଳା ସଂସ୍କୃତିକୁ ପରିସ୍ଫୁଟ କରିବା ଏହାର ମୂଳ ଲକ୍ଷ୍ୟ ରହିବା କଥା ବୋଲି ରଥ କହିଥିଲେ। ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼ ଏବଂ ମୁରିବାହାଲ ବ୍ଲକର ହଳଦୀଗ୍ରାମର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ପାଠାଗାରର ସଭାପତି ଭୀମସେନ ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ପାଠାଗାରର ଚନ୍ଦ୍ର ଚନ୍ଦନ, ରଜତ ପଟ୍ଟନାୟକ, ଅମରେଶ ସାହୁ, ଡ଼ା. ବିଶ୍ୱଜିତ ମିଶ୍ର, ନାରାୟଣ ଜାଲ, ବେନିଆଁବିନ ତାଣ୍ଡି, ବିନୟ ଭୋଇ, ସରୋଜ ବୈଠାରୁ, ଦୀନେଶ ଭୋଇ, ହେମସାଗର ସାହୁ, ରୋହିତାଶ୍ୱ ନାଗ, ପ୍ରସନ୍ନ ପଷାୟତଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



ମହୋତ୍ସବରେ ମଞ୍ଚାସୀନ ଅତିଥିଗଣ।

## ସଂକ୍ଷେପରେ

### ଲୁଟ୍ ମାମଲା, ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଅତାବିରା,୨୦।୧(ହୃଷୀକେଶ ଖମାରୀ) ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ମେହେନା ଗ୍ରାମର ଜଣେ ଚାଷୀ ପ୍ରଶାନ୍ତ କର୍ମୀଙ୍କଠାରୁ ୧ଲକ୍ଷ ଟଙ୍କା ଲୁଟ୍ ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ, ମେହେନା ଗ୍ରାମର ବ୍ୟୋମକେଶ ମିଶ୍ର। ତାଙ୍କ ବିରୋଧରେ ଏକ ମାମଲା(ନଂ-୭/୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୧୫ତାରିଖ ପ୍ରଶାନ୍ତ ସ୍ଥାନୀୟ ବ୍ୟାଙ୍କରୁ ଧାନବିକ୍ରି ବାବଦକୁ ୧ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ବ୍ୟୋମକେଶ ତାଙ୍କୁ ପିଛା କରି ବାଟରେ ସବୁଟଙ୍କା ଲୁଟି ନେଇଥିବା ପ୍ରଶାନ୍ତ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ବ୍ୟୋମକେଶଙ୍କୁ ଗିରଫ କରିଥିଲା।

### ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରଗଡ଼ ଟ୍ରଷ୍ଟଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୬୫ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷିକା ପ୍ରିୟମ୍ବଦା ତ୍ରିପାଠୀ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ସରୋଜ କୁମାର ଶତପଥୀ ଏବଂ ଅଧ୍ୟାପିକାଙ୍କ ସହଯୋଗରେ ଉଦ୍‌ଯାପନୀ ସମାରୋହ ହୋଇଥିଲା। ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ସହଯୋଗରେ ଦୀର୍ଘ ୧୨ଦିନ ବ୍ୟାପୀ ଏହି ଆତ୍ମରକ୍ଷା ଶିବିର ଚାଲିଥିଲା। ସେହିପରି ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ସଭାରେ କଲେଜ ଅଧ୍ୟକ୍ଷ ଶଶୀଭୂଷଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୌସୁମୀ ଦାଶ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ନେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୮୩ଛାତ୍ରୀ ପ୍ରଶିକ୍ଷଣ ନେଉଥିବାବେଳେ ଅଧ୍ୟାପିକା ବର୍ଷା ସାହୁ ଶିବିର ସଂଯୋଜନା କରିଥିଲେ। ସରସରାସ୍ଥିତ ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର ଛାତ୍ରୀମାନଙ୍କୁ ଆତ୍ମରକ୍ଷା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ ଶିବିର ପରିଚାଳନା କରିଥିଲେ। ପ୍ରଶିକ୍ଷିକା ରୂପାଲି ମେହେର, ଝୁମି ସେଠ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଗାଇସିଲେଟ,୨୦।୧(ଦୁର୍ଗା ପ୍ରସାଦ ତ୍ରିବେଦୀ): ଗାଇସିଲେଟ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୧୮ଟି ବ୍ୟକ୍ତିଗତ ଓ ୨୮ ଟିସାମୁହିକ ଅଭିଯୋଗ ଆସିଥିଲା। ଶିବିରରେ ବରଗଡ଼ ଜିଲାପାଳ, ପଦ୍ମପୁର ଉପ-ଜିଲାପାଳ(ଅନୁଦୁଲା ସ୍ନେହା) ବରଗଡ଼ ପି.ଡି. ଜିଲାମେଡିକାର ଅଧିକାରୀ ତଥା ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନେକ ଅଭିଯୋଗର ସମାଧାନ କରାଯାଇଥିଲା।

### ରାଜବୋଡ଼ାସମ୍ବର ବ୍ଲକ ସ୍ତରୀୟ ପରାମର୍ଶ ଶିବିର

ପଦ୍ମପୁର,୨୦।୧(ପ୍ରଦୀପ୍ତ ଦାଶ): ରାଜବୋଡ଼ାସମ୍ବର ବ୍ଲକ ସ୍ତରୀୟ ପରାମର୍ଶ ଶିବିର ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ରାଜାଜୀ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱଳ୍ପ କାଳୀନ ଓ ଦୀର୍ଘମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ଏବଂ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଉନ୍ନୟନ ଅଧିକାରୀ ସରୋଜା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ରଣଜିତ ସିଂ ବରିହା, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲକ କର୍ମଚାରୀ ଗଣ ପରିଚାଳନାରେ ସହଯୋଗ କରିଥିଲେ।

# ୩ କୋର୍ଟ ଚାଲାଣ, ମୁଖ୍ୟ ଅଭିଯୁକ୍ତ ଫେରାର



ଗିରଫ ୩ ଅଭିଯୁକ୍ତଙ୍କୁ ବରଗଡ଼ ଟାଉନ ଥାନା ପୋଲିସ କୋର୍ଟଚାଲାଣ କରୁଛି।

**ଧନୁଯାତ୍ରାରେ ନିଖୋଜ ଯୁବତୀଙ୍କୁ ଉଦ୍ଧାର ଘଟଣା**
- ଗିରଫ ଅଭିଯୁକ୍ତ ଫେରାରରେ ସହଯୋଗ କରିଥିଲେ
- ପୀଡ଼ିତା ବଳାତ୍କାର ହୋଇ ନ ଥିବା କହିଲା ପୋଲିସ
- ଆଜି ବରଗଡ଼ରେ ୧୨ଘଣ୍ଟିଆ ବନ୍ଦ ପାଳନ

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ) ବରଗଡ଼ ଧନୁଯାତ୍ରା ମହୋତ୍ସବ ଦେଖିବାକୁ ଆସି ନିଖୋଜ ଯୁବତୀଙ୍କୁ ୪୮ ଘଣ୍ଟା ପରେ କୁର୍ଲା ଜଙ୍ଗଲରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପୀଡ଼ିତା ଏବେ ମଧ୍ୟ ଭୀମସାର୍, ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ସୋମବାର ବରଗଡ଼ ଜିଲା ଟାଉନ ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଠାରୁ ସେମାନଙ୍କୁ ବରଗଡ଼ ଉପ କାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ, ବରଗଡ଼ ଜିଲା ବିଜେପୁର ଥାନା ପୁଟକା ଗ୍ରାମର ସର୍ଜନ ଡନସନା(୩୬), ପ୍ରହ୍ଲାଦ ଦାଶ(୩୩) ଏବଂ ଜଗଦଲପୁର ଥାନା ଧୁମାଭଟା ଗ୍ରାମର ଜୟକୃଷ୍ଣ ଡନସନା(୪୦)। ଅନ୍ୟପଟେ ପୋଲିସ ଏ ଯାଏ ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଗିରଫ ୩ ଅଭିଯୁକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଫେରାର ହେବାରେ ସହଯୋଗ କରିଥିଲେ ବୋଲି ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟ କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ମଧ୍ୟ ଶୀଘ୍ର ଗିରଫ ହେବେ। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ଏକାଧିକ ଟିମ୍ ରାଜ୍ୟ ତଥା ରାଜ୍ୟ ବାହାରେ ଚଢ଼ାଉ କରୁଛନ୍ତି।

ସେହିପରି ପୀଡ଼ିତାଙ୍କୁ ବଳାତ୍କାର କିମ୍ବା ଗଣବଳାତ୍କାର ହୋଇ ନ ଥିବା ନେଇ ଡାକ୍ତର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଗତ ୧୨ତାରିଖ ବରଗଡ଼ ଧନୁଯାତ୍ରା ମହୋତ୍ସବ ଦେଖିବାକୁ ଆସିଥିବା ସମୟରେ ପୀଡ଼ିତା ଯୁବତୀ ନିଖୋଜ ହୋଇଯାଇଥିଲେ। ଖୋଜାଖୋଜି ସତ୍ତ୍ୱେ କୌଣସି ସନ୍ଧାନ ନ ପାଇବାରୁ ପୀଡ଼ିତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। କିନ୍ତୁ ପୋଲିସ ମଧ୍ୟ ପୀଡ଼ିତାଙ୍କ ସନ୍ଧାନ ପାଇ ନ ଥିଲା। ସ୍ଥାନୀୟ ଜଣେ ଲୋକଙ୍କ ସୂଚନାକୁ ଆଧାର କରି ଗତ ୧୪ତାରିଖ ପରିବାର ଲୋକେ ପୀଡ଼ିତାଙ୍କୁ ବରଗଡ଼ ସହର ଉପକଣ୍ଠ କୁର୍ଲା ଜଙ୍ଗଲ ମଧ୍ୟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରୁ ଭିମ୍‌ସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ତେବେ ପୀଡ଼ିତାଙ୍କ ମା' ଝିଅଙ୍କୁ ଅପହରଣ କରି ନେଇ ବଳାତ୍କାର ଏବଂ ହତ୍ୟା ଉଦ୍ୟମ କରିଥିବା ନେଇ ଏତଲା ଦେବା ପରେ ବରଗଡ଼ ଟାଉନ ଥାନା ପୋଲିସ ମାମଲା ରୁଜୁ କରି ଏହାର ଅଧିକ ତଦନ୍ତ କରୁଛି। ସେହିପରି ଉକ୍ତ ଘଟଣାକୁ ନେଇ ମଙ୍ଗଳବାର ବରଗଡ଼ ସଚେତନ ନାଗରିକ ମଞ୍ଚ ୧୨ଘଣ୍ଟିଆ ବରଗଡ଼ ବନ୍ଦ ଡାକରା ଦେଇଛି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଜରୁରିକାଳୀନ ସେବା ବ୍ୟତୀତ ସବୁ ବନ୍ଦ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ସରିଲା ନବୋଦୟ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା



- ପରୀକ୍ଷା ଦେଲେ ୬୧୨୦
- ଷଷ୍ଠ ଶ୍ରେଣୀରେ ପଢ଼ିବେ ୮୦ ଛାତ୍ରୀଛାତ୍ର

ପାଇକମାଳ,୨୦।୧(ବଢ ଶତପଥି) ବରଗଡ଼ ଜିଲା ପାଇକମାଳରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ପ୍ରବେଶିକା ପରୀକ୍ଷା ଶେଷ ହୋଇଯାଇଛି। ଷଷ୍ଠ ଶ୍ରେଣୀରେ ୮୦ଜଣ ଛାତ୍ରୀଛାତ୍ର ପଢିବା ପାଇଁ ବରଗଡ଼ ଜିଲାରେ ୬୪୦୪ଜଣ ରେଜିଷ୍ଟ୍ରେଶନ କରିଥିବା ବେଳେ ୬୧୨୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେଥିରୁ ପାଇକମାଳ ବ୍ଲକରେ ୯୨୭ ଜଣ ରେଜିଷ୍ଟ୍ରେସନ କରିଥିଲେ ଓ ୮୩୦ଜଣ ପରୀକ୍ଷା ଦେଇଛନ୍ତି। ପାଇକମାଳ ହାଇସ୍କୁଲରେ ୩୫୧ମଧ୍ୟରୁ ୩୧୩ଜଣ ପରୀକ୍ଷା ଦେଇଛନ୍ତି। ଯମୁନା କନ୍ଧୁଣି ବାଳିକା ହାଇସ୍କୁଲରେ ୨୧୬ରୁ ୧୯୪ ଓ ନୃସିଂହନାଥ ହାଇ ସ୍କୁଲରେ ୩୫୧ରୁ ୩୧୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପାଇକମାଳ ଏହି ୩ଟି ହାଇସ୍କୁଲ ଗୁଡ଼ିକରେ, ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ଶେଷ ହୋଇଛି ବୋଲି ପ୍ରଧାନ ଶିକ୍ଷକମାନେ ଜଣାଇଛନ୍ତି।

# ଧନୁଯାତ୍ରାରୁ ନିଖୋଜ ଯୁବତୀଙ୍କୁ ଉଦ୍ଧାର ଘଟଣାକୁ ନେଇ ରାଜନୀତି

- ଫେରାର ମୁଖ୍ୟ ଅଭିଯୁକ୍ତ ବିଜେଡି ନେତାଙ୍କ ପୁତୁରା: ଭାଜପା
- ଗିରଫ ଅଭିଯୁକ୍ତ ଭାଜପା କାର୍ଯ୍ୟକର୍ତ୍ତା: ବିଜେଡି



ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବରଗଡ଼ ବିଧାୟକ(ଭାଜପା)।



ଦେବେଶ ଆଚାର୍ଯ୍ୟ, ପୂର୍ବତନ ବରଗଡ଼ ବିଧାୟକ(ବିଜେଡ଼ି)।

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ) ବରଗଡ଼ ଧନୁଯାତ୍ରା ମହୋତ୍ସବ ଚାଲିଥିବା ସମୟରେ ନିଖୋଜ ଯୁବତୀଙ୍କୁ ଅପହରଣ, ବଳାତ୍କାର ଏବଂ ହତ୍ୟା ଉଦ୍ୟମ ମାମଲାକୁ ନେଇ ଚର୍ଚ୍ଚା ଥମିବାର ଧରୁନାହିଁ। ଉକ୍ତ ମାମଲାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ସିଧା ବିଜେଡିକୁ ଟାର୍ଗେଟ କରିଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଜଣକ ପୂର୍ବତନ ସରପଞ୍ଚ ତଥା ବିଜେଡିର ବରିଷ୍ଠ ସଦସ୍ୟଙ୍କ ପୁତୁରା ବୋଲି ସେ କହିଛନ୍ତି। ଏହି ଦୃଷ୍ଟିରୁ ଘଟଣା ଦିନଠାରୁ ସମ୍ପୃକ୍ତ ଅଭିଯୁକ୍ତ କିମ୍ବା ତାଙ୍କ ସମ୍ପର୍କୀୟଙ୍କଠାରୁ କାହା ପାଖକୁ ଫୋନ୍‌କଲ୍ ଆସିଛି, ତାହା ଟ୍ରାପ୍ କରାଯିବା ସହିତ ସାମ୍ନାକୁ ଅଣାଯାଉ ବୋଲି ଷଡ଼ଙ୍ଗୀ କହିଛନ୍ତି।

ସେହିପରି ମୁଖ୍ୟ ଅଭିଯୁକ୍ତଙ୍କୁ ଫେରାର କରାଇବାରେ ସହଯୋଗ କରିଥିବା ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ବରଗଡ଼ ବିଧାୟକଙ୍କୁ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ କଡ଼ା ଜବାବ ଦେଇଛନ୍ତି। ସେ କହିଛନ୍ତି, ଶାସକ ଦଳର ବରଗଡ଼ ବିଧାୟକ ଷଡ଼ଙ୍ଗୀ ବିଜେଡିକୁ ଆକ୍ଷେପ କରି ଗଣମାଧ୍ୟମକୁ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ପ୍ରକୃତରେ ଅନୁସନ୍ଧାନ କରି ତଥ୍ୟ ସହିତ ସେ ସେଭଳି ପ୍ରତିକ୍ରିୟା ରଖନ୍ତୁ। କିନ୍ତୁ ମୁଖ୍ୟ ଅଭିଯୁକ୍ତଙ୍କୁ ଫେରାର କରାଇବାରେ ସହଯୋଗ କରି ଗିରଫ ହୋଇଥିବା ସର୍ଜନ ଡନସନା ଭାଜପାର ଜଣେ କାର୍ଯ୍ୟକର୍ତ୍ତା। ସେ ସକ୍ରାନ୍ତ ତଥ୍ୟ, ଫଟୋ ତାଙ୍କ ପାଖରେ ଅଛି କହି ସେଭଳି କିଛି ଫଟୋ ମଧ୍ୟ ଦେବେଶ ଦେଖାଇଥିଲେ। କେଉଁ ଆଧାରରେ ବରଗଡ଼ ବିଧାୟକ ବିଜେଡିକୁ ଆକ୍ଷେପ କରୁଛନ୍ତି ବୋଲି ପ୍ରଶ୍ନ କରିବା ସହିତ ସେଭଳି ମନ୍ତବ୍ୟକୁ ବିଜେଡି ନିନ୍ଦା କରୁଛି ବୋଲି ଦେବେଶ କହିଥିଲେ। ଭାଜପା ସବୁବେଳେ ଗୁଣ୍ଡାମାନଙ୍କୁ ପ୍ରଶ୍ରୟ ଦେଇ ଆସୁଛି ଏବଂ ପୂର୍ବତନ ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ କର୍ମଚାରୀଙ୍କୁ ମାଡ଼ ମାରିବା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଏଭଳି ଘଟଣାରେ ପୋଲିସ ପାଖରେ ତଥ୍ୟ ଥିବା ସତ୍ତ୍ୱେ ରାଜ୍ୟପାଳଙ୍କ ପୁଅଙ୍କୁ ଛାଡ଼ି ଦେଇଥିବା ଯୋଗୁ ସେଥିପାଇଁ ସାରା ରାଜ୍ୟରେ ଧୀରେ ଧୀରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଉଛି ବୋଲି ଦେବେଶ କହିଥିଲେ।

### ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା

ବରପାଲି,୨୦।୧(ଚିତ୍ତରଞ୍ଜନ ସାହୁ) ବରଗଡ଼ ଜିଲା ବରପାଲି ପ୍ରଶାସନ ପକ୍ଷରୁ ୭୬ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସୋମବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଚିତ୍ରାଙ୍କନ, ବକ୍ତୃତା ଓ ରଚନା ପ୍ରତିଯୋଗୀତା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ୨୧ ତାରିଖ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବରପାଲି ତହସିଲଦାର ରୁକ୍ମଣ କୁମାର ମେହେର ତଥା ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମହରା ଅତିଥି ଭାବରେ ଯୋଗ ଦେଇ ବିଚାରକ ମଣ୍ଡଳୀ ରମାକାନ୍ତ ତ୍ରିପାଠୀ, ପଦ୍ମଲୋଚନ ସାହୁ, ଧିରୋଜ କୁମାର ତ୍ରିପାଠୀ, ସମ୍ମିତା ପଧାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସାମ୍ବାଦିକ ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସବୁ ପ୍ରତିଯୋଗିତାରେ ନିବେଦିତା ସାହୁ, ବନ୍ଦିତା ପଧାନ, ମନୋଜ କୁମାର ବାରିକ, ତରଣି ସେନ ବଡ଼େଇ ପ୍ରମୁଖ ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିଲେ।

# ଲୁହାସିହାଙ୍କୁ ହରାଇ ଝାଙ୍କରପାଲି ଚାମ୍ପିୟନ



**ମା'ଚଣ୍ଡୀ କ୍ରିକେଟ କପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ପଦ୍ମପୁର,୨୦।୧(ପ୍ରଦୀପ୍ତ ଦାଶ) ପଦ୍ମପୁର କନସିହା ଚଣ୍ଡିପାଲି ଗାଁଠାରେ ୧୪ତମ ମାଁ ଚଣ୍ଡୀ କ୍ରିକେଟ କପ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖରୁ ଶୁଭାରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟରେ ଆମମୁଣ୍ଡା, ବାନ୍ଧୁପାଲି, ଦର୍ଲିଗୁଡା, ବାଝେନମୁଣ୍ଡା, କପସିଲା, କୁଦୋପାଲି, କନସିହା, ଅନ୍ତରଲା, ଗଞ୍ଜାଗୁଡ଼ା, ଲୁହାସିହା ପ୍ରମୁଖ ୨୫ କ୍ରିକେଟ ଦଳ ଯୋଗଦାନ ଦେଇ କ୍ରିକେଟ ଖେଳିଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ ଜୁରିଆ ଓ ଝାଙ୍କରପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାଙ୍କରପାଲି ଫାଇନାଲକୁ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଲୁଆସିହା ଓ ଚଣ୍ଡିପାଲି ମଧ୍ୟରେ ହୋଇଥିଲା। ଲୁହାସିହା ଫାଇନାଲକୁ ପ୍ରବେଶ କରି ଲୁହାସିହା ଓ ଝାଙ୍କରପାଲି ଦୁଇଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଲୁହାସିହା ୩ ଉଇକେଟ ବିନିମୟରେ ୧୦୫ ରନ କରିଥିବା ବେଳେ ଝାଙ୍କରପାଲି ଓଭରର ଶେଷ ବଲରେ ୧୦୬ ରନ କରି ଟୁର୍ନାମେଣ୍ଟର ବିଜୟୀ ହୋଇଥିଲେ। ଫାଇନାଲ ମ୍ୟାଚର ଉଦ୍‌ଯାପନୀ ଦିବସରେ ପଦ୍ମପୁରର ବିଶିଷ୍ଟ ସାମାଜିକ କର୍ମୀ ଚନ୍ଦନ ବଂଶଳ ଯୋଗଦାନ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ମୁଖ୍ୟଅତିଥି ସାମାଜିକକର୍ମୀ ଜନସାଧାରଣ କିଭଳି ଭାବରେ ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନରେ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ମୋର କର୍ତ୍ତବ୍ୟ ରହିବ ଓ ପଦ୍ମପୁରକୁ ଜିଲା ଘୋଷଣା ସହ ଗନ୍ଧମାର୍ଦ୍ଦନକୁ କିଭଳି ସୁରକ୍ଷା ଦିଆଯିବ ତାକୁ ନେଇ ଅଞ୍ଚଳର ଜନସାଧାରଣ ସଦାବେଳେ ତତ୍ପର ରହିବେ ବୋଲି ଅନୁରୋଧ କରିଥିଲେ। ଚଣ୍ଡିପାଲି ଗାଁ ଗୌନ୍ତିଆ ସରୋଜ ପଧାନ, ବରିଷ୍ଠ ଚାଷୀ ରବିପଧାନ, ଟୁନା ବରିହା, ବରିଷ୍ଠ ସାମ୍ବାଦିକ ରତ୍ନମଣି ଶତପଥୀ, ଯାଦବ ବରିହା ପ୍ରମୁଖ ଯୋଗଦାନ ଦେଇଥିବା ବେଳେ ଟୁର୍ନାମେଣ୍ଟର ଆୟୋଜକ ତଥା କର୍ମକର୍ତ୍ତା ପ୍ରମୁଖ ସମସ୍ତ ସହଯୋଗ କରିଥିଲେ।

# ପାର୍ବତୀ ଗିରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ

**ଜୟନ୍ତୀରେ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି**

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ) ବରଗଡ ଜିଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ବଡ଼ମା ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଟି. ଗଣ୍ଡପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଜେପୁର ତହସିଲଦାର କର୍ଣ୍ଣ ସୁନା ମୁଖ୍ୟଅତିଥି ଭାବେ ଯୋଗଦେଇ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିଥିଲେ। ପରିଷଦର ସଭାପତି ମୋହନ ସିଂ ଜୟନ୍ତୀ ସଭାରେ ଅଧ୍ୟକ୍ଷତା କରିଥିଲ। ଅଜିତ କୁମାର ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇ ପାର୍ବତୀ ଗିରିଙ୍କ ନିଃସ୍ୱାର୍ଥପର ସେବା, ତ୍ୟାଗ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ବିଜେପୁର କଲେଜର ଅଧ୍ୟାପକ ଡଃ ଚିନ୍ମୟ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ପାର୍ବତୀ ଗିରି ନିଜର ସର୍ବସ୍ୱ ଅନାଥ, ନିଃସହାୟ ପିଲାଙ୍କ ଭବିଷ୍ୟତ ପାଇଁ ସମର୍ପିତ କରି ଦେଇଥିଲେ ଏବଂ ନିଃସ୍ୱାର୍ଥପର ସେବା ହିଁ ମଣିଷକୁ ମହତ କରେ ବୋଲି କହିଥିଲେ। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଚେୟାରମ୍ୟାନ ରୋହିତ ସାହୁ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ସୁଷମା ଭୋଇ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ରାଜେଶ୍ୱର ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଉପସଭାପତି ହୃଦମଣି ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ତଥା ଗୀତିକାର ମକରଧ୍ୱଜ ସାହୁ ସମାରୋହକୁ ସଂଯୋଜନା କରିଥିଲେ। କବି ସାବିତ୍ରୀ ମେହେର, ମକରଧ୍ୱଜ ମେହେର, ଦିଲେଶ ମେହେର, ଶେଷଦେବ ମେହେର, ପୀତବାସ ମେହେର ପ୍ରମୁଖ କବି କବିତା ମାଧ୍ୟମରେ ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଛାତ୍ରୀ ରୋଜାଲିନ ଦୀପ ସମାରୋପ ସଙ୍ଗୀତ ପରିବେଷଣ କରିଥିଲେ। କବି ମକରଧ୍ୱଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ବିବେକାନନ୍ଦ ଯୁବକ ସଂଘର ସଭାପତି ବିକ୍ରମ ସେଠ, ସନାତନ ସାହୁ, ହାଇସ୍କୁଲ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା, ସୁଧିର ଭୋଇ, ସଦାନନ୍ଦ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଚିତ୍ରଶିଳ୍ପୀଙ୍କୁ ପୁରସ୍କାର ବିତରଣ ସମାରୋହ

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ): ବରଗଡର ସୁରଭି ଚିତ୍ର ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ପଶ୍ଚିମ ଓଡ଼ିଶା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ୧୬୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ୧୩ଜଣ କଳା ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମନୋଜ ସେଠ, ନଳିନୀ କୁଅଁର, ଚିତ୍ରାଂଶ ତ୍ରିପାଠୀ ଶର୍ମାଙ୍କୁ ସୁରଭି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭାଗ୍ୟଶ୍ରୀ ମାନବୀ ମିଶ୍ରଙ୍କୁ ଏକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ସମାରୋହରେ ସୁରେଶ୍ୱର ଶତପଥୀ ମୁଖ୍ୟ ଅତିଥି, ନିରଞ୍ଜନ ବେହେରା ମୁଖ୍ୟବକ୍ତା, ଚିତ୍ରଶିଳ୍ପୀ ଦୁଃଖିସେବକ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ରମାକାନ୍ତ ସିଂ ଅକେଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ପଦବୀ ପୂରଣ ନ ହେଲେ ତାଲା

**ଖଇରପାଲି ପ୍ରାଥମିକ ବିଦ୍ୟାଳୟ**
- ୯୦ ଛାତ୍ରୀଛାତ୍ରଙ୍କୁ ୨ ଶିକ୍ଷକ

ପଦ୍ମପୁର, ୨୦।୧ (ପ୍ରଦୀପ୍ତ ଦାଶ) ଛାତ୍ରୀଛାତ୍ରମାନେ ଭଲ ପାଠପଢ଼ିବା ପାଇଁ ସରକାର ବିଦ୍ୟାଳୟଗୁଡ଼ିକରେ ବହୁ ସୁବିଧା ସୁଯୋଗ ଯୋଗାଉଛନ୍ତି। ହେଲେ ଏବେ ବି ଅନେକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାରେ ଅସୁବିଧା ପରିଲକ୍ଷିତ ହେଉଛି। ଏହା ଦେଖିବାକୁ ମିଳିଛି ପଦ୍ମପୁର ବ୍ଲକ ଖଇରପାଲି ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ୮୦ ରୁ ୯୦ ଜଣ ଛାତ୍ରୀଛାତ୍ର ରହିଛନ୍ତି। କିନ୍ତୁ ଏତେଜଣ ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ପାଇଁ ମାତ୍ର ଦୁଇ ଜଣ ଶିକ୍ଷକ ଅଛନ୍ତି, ଯଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ପାଠପଢାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହି ସମସ୍ୟାର ସମାଧାନ କରିବାକୁ ଖଇରପାଲି ଗ୍ରାମବାସୀ ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଶିକ୍ଷକ ପଦବୀ ପୂରଣ ନ ହେଲେ ଉକ୍ତ ବିଦ୍ୟାଳୟରେ ତାଲା ପଡିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବାବୁଲାଲ ଚାନ୍ଦ, ପ୍ରଫୁଲ୍ଲ ମେହେର, ନାରାୟଣ ମେହେର, ଭାସ୍କର ପଟେଲ, ସରପଞ୍ଚ ପ୍ରତିନିଧି ଅଶୋକ ସେଠ ପ୍ରମୁଖ ଉପସ୍ଥିତ ରହିଥିଲେ।



# ଡିଇଓଙ୍କ ଅଫିସ ଆଗରେ ପଢ଼ିଲେ ଛାତ୍ରୀଛାତ୍ର

**ଶିକ୍ଷକ ଦାବିରେ ବିଦ୍ୟାଳୟରେ ପଡ଼ିଲା ତାଲା**



ଡିଇଓଙ୍କ ଅଫିସ ଆଗରେ ଛାତ୍ରୀଛାତ୍ର ପଢୁଛନ୍ତି।

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ) ବରଗଡ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେତେବେଳେ ଜିଲାରେ ନକଲୀ ଶିକ୍ଷକକୁ ନେଇ ଚର୍ଚ୍ଚା ଜୋର୍ ଧରି ଥିବାବେଳେ ଆଉକେବେ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଅଭାବ ନେଇ ଅସନ୍ତୋଷ ଦେଖାଯାଇଛି। ଏଭଳି ଅସନ୍ତୋଷ ଆନ୍ଦୋଳନ ରୂପ ମଧ୍ୟ ନେଉଛି। ସୋମବାର ବରଗଡ଼ ବ୍ଲକ ବେହେରା ଗ୍ରାମରେ ରହିଥିବା ପ୍ରାଥମିକ ବିଦ୍ୟାଳୟରେ ଅନୁରୂପ ସ୍ଥିତି ଉପୁଜିଥିଲା। ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷକଙ୍କ ଅଭାବକୁ ନେଇ ଅଭିଭାବକମାନେ ସ୍କୁଲରେ ତାଲା ପକାଇଥିଲେ। ଅନ୍ୟପଟେ ଛାତ୍ରୀଛାତ୍ରଙ୍କୁ ଧରି ଅଭିଭାବକମାନେ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ଛାତ୍ରୀଛାତ୍ର ବହି ବସ୍ତାନୀ ଧରି ଡିଇଓଙ୍କ କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟାଳୟ ସମ୍ମୁଖରେ ବହି ଖୋଲି ପଢ଼ାପଢ଼ି କରି ଅଭିନବ ପ୍ରତିବାଦ କରିଥିଲେ। ଆଉଜଣେ ଶିକ୍ଷକ ନିଯୁକ୍ତି ନେଇ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରିଥିଲେ।

ସୂଚନା ଅନୁଯାୟୀ, ବେହେରା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ରହିଛି। ଏଠାରେ ସମୁଦାୟ ୯୧ଜଣ ଛାତ୍ରୀଛାତ୍ର ଅଛନ୍ତି। ଆଗରୁ ୩ଜଣ ଶିକ୍ଷକ ଥିଲେ । କିନ୍ତୁ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ଅଭାବ ଯୋଗୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏ ନେଇ ଅଭିଭାବକମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ କିଛି ସୁଫଳ ମିଳି ନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଫଳରେ ଅଭିଭାବକମାନେ ବିଦ୍ୟାଳୟରେ ତାଲା ମାରିବା ସହିତ ଛାତ୍ରୀଛାତ୍ରଙ୍କୁ ଧରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ସହିତ ଅଭିଭାବକମାନେ ଧାରଣା ଦେବା ସହିତ ବିଦ୍ୟାଳୟରେ ଅଧିକ ଶିକ୍ଷକ ନିଯୁକ୍ତି ଦାବି କରିଥିଲେ। ଏହା ସହିତ ଛାତ୍ରୀଛାତ୍ର ଆଣିଥିବା ବହି ଖୋଲି ସେଠାରେ ପଢ଼ିଥିଲେ। ସେହିପରି ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ସେଠାକୁ ପହଞ୍ଚିଥିଲେ। ଏହାପରେ ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ପୂର୍ବତନ ବିଧାୟକ ଏବଂ ଅଭିଭାବକଙ୍କ ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଟ୍ରେଲର ଓ ବାଇକ୍ ମଧ୍ୟରେ ଧକ୍କା: ୨ମୃତ

ହେମଗିର,୨୦।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ସ୍ଥିତ ବାଙ୍କିବାହାଲ ଟପରିଆ ରାସ୍ତା ନାକଟିଦେଉଳ ନିକଟ ସଡିବିଏଲ କମ୍ପାନୀ ସମ୍ମୁଖର ଟ୍ରେଲର ଓ ବାଇକ ମଧ୍ୟରେ ଧକ୍କା ଯୋଗୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନାହିଁ। କ୍ଷତିପୂରଣ ଦାବିରେ ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ରାସ୍ତା ରୋକୋ କରି କୋଇଲା ପରିବହନକୁ ବନ୍ଦ କରିଛନ୍ତି। ସୂଚନାଅନୁଯାୟୀ, ବାଙ୍କିବାହାଲ ଟପରିଆ ରାସ୍ତା ନାକଟିଦେଉଳ ନିକଟ ସଡିବିଏଲ କମ୍ପାନୀ ସମ୍ମୁଖର ଟ୍ରେଲର ଓ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ୪୫୦୦ କେଜି ମହୁଲି ପୋଚ ଜବତ

ଲହୁଣୀପଡ଼ା,୨୦।୧(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଅବକାରୀ ବିଭାଗ ଓ ପୋଲିସ ସୋମବାର ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ପରାଗପୋଷଠାରେ ଏବଂ ତାଳବାହାଲି ନିକଟସ୍ଥ ଜଙ୍ଗଲ ଭିତରେ ଥିବା ନାଳରେ ଚଢ଼ାଉ କରି ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମହୁଲି ମଦ ସହିତ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ, ଲହୁଣୀପଡ଼ା ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ତେଜରାଜ ଗହୀର ଓ ଲହୁଣୀପଡା ପୋଲିସ ଏଏସଆଇ ହରିହର ପାଲ, ଶ୍ରୀନିବାସ ସେଠୀଙ୍କ ନେତୃତ୍ୱରେ ବାଦଲ କୁମାର ବ୍ରହ୍ମ, ରୋଷ୍ନି ଲାକ୍ରା, ପଞ୍ଚାନନ ଜେନା, ଶୁକୁମାର ସାହୁ, ଜ୍ୟୋତି ପ୍ରକାଶ ଛୁରିୟା, ସୁକୁମାର ସାହୁ ପ୍ରମୁଖ ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ପରାଗପୋଷ ଓ ତାଳବାହାଲି ନିକଟସ୍ଥ ଜଙ୍ଗଲର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୫୦୦ କେଜି ମହୁଲ ପୋଚ ଓ ୨୦୦ ଲିଟର ଦେଶୀ ମହୁଲି ମଦ ଜବତ କରି ନଷ୍ଟ କରି ଦେଇଥିଲେ। ଦେଶୀ ମହୁଲି ମଦ ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି।

### ଜିଲାପାଳଙ୍କ ନିର୍ଦ୍ଦେଶରେ ଚିଝେଇଡ ସରପଞ୍ଚ ପଦ ହରାଇଲେ

ଗୁଡ଼ଭେଲା, ୨୦।୧ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୁଡଭେଲା ବ୍ଲକ ଅନ୍ତର୍ଗତ ଚିଝେଇଡ ଗ୍ରାମପଞ୍ଚାୟତ ସରପଞ୍ଚ ଡେଲାନ୍ତି ନାଗ ସରପଞ୍ଚ ପଦବୀ ହରାଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାଇ ଚିଝେଇଡ ସରପଞ୍ଚଙ୍କ ବିରୋଧରେ ୨୦୨୪ ଅକ୍ଟୋବର ୨୯ରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ ହୋଇଥିଲା। ଏଥିରେ ୧୧ଜଣ ୱାର୍ଡ ମେମ୍ବର ଓ ସରପଞ୍ଚ ଭୋଟଦାନ କରିଥିଲେ। ଭୋଟ ଗଣତି ପରେ ସରପଞ୍ଚଙ୍କ ସପକ୍ଷରେ ୨ଟି ଓ ବିରୋଧରେ ୧୦ଟି ଭୋଟ ଦିଆଯାଇଛି। ଜିଲାପାଳଙ୍କ ପତ୍ର ସଂଖ୍ୟା ୧୦୫ ତା୧୬।୧।୨୫ ନିର୍ଦ୍ଦେଶ କ୍ରମେ ସରପଞ୍ଚଙ୍କ ପଦବା ରଦ୍ଦ କରାଯାଇ ତାଙ୍କ ସ୍ଥାନରେ ୱାର୍ଡ ମେମ୍ବର ସନାତନ କୁଦେଇଙ୍କୁ ସରପଞ୍ଚ ଦାୟିତ୍ୱ ଦିଆଯାଇଥିବା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମନ୍ତ ନାଏକ ପ୍ରକାଶ କରିଛନ୍ତି।

# ବଣାଇଁ ବନଖଣ୍ଡରେ ୪୩୬୨ ପକ୍ଷୀ

ବଣାଇଁ,୨୦।୧(ପ୍ରଦୀପ ତ୍ରିପାଠୀ)



ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡରେ ଥିବା ୭ଟି ବନାଞ୍ଚଳରେ ପକ୍ଷୀ ଗଣନା ଶେଷ ହୋଇଛି। ପ୍ରକ୍ରିୟା କ୍ରମେ ଚଳିତ ବର୍ଷ ସମୁଦାୟ ୪୩୬୨ ପକ୍ଷୀ ଚିହ୍ନଟ କରାଯାଇଛି। ଶନିବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ପକ୍ଷୀ ଗଣନା କରାଯାଇଥିଲା। ତେବେ ପକ୍ଷୀ ଗଣନା ପାଇଁ ବଣାଇଁ ବନଖଣ୍ଡର ୭ଟି ବନାଞ୍ଚଳରେ ସମୁଦାୟ ୨୫ଟି ଟିମ ନିୟୋଜିତ ହୋଇ ପକ୍ଷୀ ଗଣନା କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଗଣନା କାର୍ଯ୍ୟରେ ଜିପିଏସ, ବାଇନା କୁଲାର, ୱାକିଟକି, କ୍ୟାମେରା ବ୍ୟବହାର କରାଯାଇଥିବା ବେଳେ ବଣାଇଁ ବନଖଣ୍ଡ ଅଧୀନ ସୋଲ, ଜର୍ଡା, ତାମଡା, ବଣାଇଁ, କୁଳିପୋଷ, ବରସୁଆଁ, କୋଇଡା ଆଦି ୭ଟି ବନାଞ୍ଚଳରେ ପକ୍ଷୀ ଗଣନା କରାଯାଇଥିଲା। ଏହି ପକ୍ଷୀ ଗଣନାରେ ୧୨୦ ଜଣ କର୍ମଚାରୀ ସାମିଲ ରହିଥିଲେ ବୋଲି ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ସୂଚନା ଦେଇଛନ୍ତି। ତେବେ ଟିମରେ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ, ଜଙ୍ଗଲ ବିଭାଗ କର୍ମଚାରୀ, ଓୟୁଏଟିର ଛାତ୍ରୀଛାତ୍ର, ୱାଇଲଡ ଓଡ଼ିଶାର

**ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା କମିଲା**

କାର୍ଯ୍ୟକର୍ତ୍ତା, ବିଭିନ୍ନ ବନାଞ୍ଚଳ ଅନ୍ତର୍ଗତ ବନ ସୁରକ୍ଷା ସମିତିର ସଦସ୍ୟ ସାମିଲ ହୋଇଥିଲେ। ଚଳିତବର୍ଷ ବଣାଇଁ ବନଖଣ୍ଡରେ ୩୯ ପ୍ରଜାତିର ୪୩୬୨ପକ୍ଷୀ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୧ ପ୍ରଜାତିର ୭୯୮ ଟି ବିଦେଶାଗତ ପକ୍ଷୀ ରହିଥିବା ସୂଚନା ଦେଇଛନ୍ତି ସହକାରୀ ବନ ସଂରକ୍ଷକ ଜଗନ୍ନାଥ ପ୍ରସାଦ ବିଷୋୟୀ। ସୂଚନାଯୋଗ୍ୟ ଯେ, ଗତବର୍ଷ ଅପେକ୍ଷା ସାଧାରଣ ଭାବେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ପ୍ରାୟ ୨ ଶହ ୫୭ଟି ଅଧିକ ପକ୍ଷୀ ଥିବା ଗଣନାରୁ ସ୍ପଷ୍ଟ ହୋଇଥିବା ବେଳେ ବିଦେଶାଗତ ପକ୍ଷୀଙ୍କ ଗତ ବର୍ଷ ସଂଖ୍ୟା ପ୍ରାୟ ୫ ଶହ୧୦ ଟି କମ ରହିଥିବା ଦେଖାଯାଇଛି।

# ଜିଲାପାଳଙ୍କ ଅଭିଯୋଗ ଜନଶୁଣାଣି କାର୍ଯ୍ୟକ୍ରମ

ସବ୍‌ଡେଗା,୨୦।୧ (ଅନନ୍ତ ପଟେଲ)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଉପଜିଲାପାଳ ଦାଶରଥି ସରାବୋ, ଏଡିଏମ୍ ଅଭିମନ୍ୟୁ ମାଝୀ, ଏସ୍‌ପି ପ୍ରତ୍ୟୁଷ ଦିବାକର, ବିଡିଓ ସ୍ୱଦୀପ ଟପ୍ପୋ, ତହସିଲଦାର ମାନସୀ ନାଏକ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏଥିରେ ସମୁଦାୟ ୧୦୬ଟି ଅଭିଯୋଗ ପତ୍ର ଆସିଥିଲା। ବୈଠକରେ ସବ୍‌ଡେଗା ଗ୍ରାମଦେଇ ଯାଇଥିବା ମୁଖ୍ୟ ରାଜ୍ୟ ରାଜପଥରେ ଅନେକ ଖାଲଖମା ସୃଷ୍ଟି ହୋଇଥିବାରୁ ଯିବା ଆସିବାରେ ଅନେକ ଅସୁବିଧା ହେଉଛି। ତା'ର ମରାମତି ପାଇଁ ଅଭିଯୋଗ କରିଥିଲେ। ସବ୍‌ଡେଗା ଡାକ୍ତରଖାନାରେ ଚାଲିଥିବା ବିଶୃଙ୍ଖଳା ପାଇଁ ଲୋକେ ଅନେକ ହଇରାଣ ହେଉଥିବା ନଜରକୁ ଆଣିଥିଲେ। ସବ୍‌ଡେଗା ଦୋକାନୀ ସଂଘ ମଧ୍ୟ ସେମାନଙ୍କ ଦାବି ଜଣାଇଥିଲେ। ସବ୍‌ଡେଗା ବସ୍ତିରେ ପାନୀୟ ଜଳର ଅସୁବିଧା ହେଉଥିବା ମହିଳାମାନେ ଅଭିଯୋଗ କରିଥିଲେ। ଏହାର ସମାଧାନ ୨ଦିନ ମଧ୍ୟରେ କରିବାକୁ ଜେଇଙ୍କୁ ଜିଲାପାଳ କହିଥିଲେ। ଏସବୁ ଅଭିଯୋଗର ସମାଧାନ ଯଥାଶୀଘ୍ର ନ କଲେ ବିଭାଗୀୟ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ତାଗିଦ୍ କରିଛନ୍ତି। ଏହି ବୈଠକରେ ବିଜୁଳି ବିଭାଗ, କୃଷି, ଉଦ୍ୟାନ, ଶିକ୍ଷା, ମହିଳା ଓ ଶିଶୁବିକାଶ, ସ୍ୱାସ୍ଥ୍ୟ, ଫରେଷ୍ଟ, ମୃତ୍ତିକା, ଜଳ ଯୋଗାଣ, ଇରିଗେସନ, ପ୍ରାଣୀ ଚିକିତ୍ସକ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସରକାରୀ ନର୍ସିଂ ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର



ସୁନ୍ଦରଗଡ,୨୦।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ସରକାରୀ ନର୍ସିଂ ମହାବିଦ୍ୟାଳୟଠାରେ ସୋମବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧୀକରଣର ଅଧ୍ୟକ୍ଷ ଡକ୍ଟର ଜିଲା ଓ ଦୌରାଜଜ ଶିଖାରାଣୀ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ କୃତିମ ବୁଦ୍ଧିମତା(ଏଆଇ ସୁଭାସ)ବ୍ୟବହାର କରି ସର୍ବୋଚ୍ଚ ନ୍ୟାୟାଳୟର ରାୟକୁ ଇଂରାଜୀ ଆଞ୍ଚଳିକ ଭାଷାରେ ଆନୁବାଦ'', ଓଡିଶା ଉଚ୍ଚନ୍ୟାୟାଳୟର ଭିଡିଓ କନଫରେନସିଂ ନିୟମ-୨୦୨୦, ସିଭିଲ ପଦ୍ଧତି, ଏଡିଆର ନିୟମ ୨୦୦୭, ମଧ୍ୟସ୍ଥତା ନିୟମ, କର୍ମ କ୍ଷେତ୍ରରେ ଯୌନ ଉତ୍ପୀଡନ ରୋକିବା ଆକ୍ଟ ଉପରେ ସଚେତନ କରାଯାଇଥିଲା। ଏଥିରେ ଆଇନ ସେବା ପ୍ରାଧୀକରଣର ସଚିବ ଡ. ରିନତୀ ମିଶ୍ର, ସରକାରୀ ନର୍ସିଂ ମହାବିଦ୍ୟାଳୟର ଆଧାପିକା ଗୀତାଞ୍ଜଳୀ ବେହେରା, ସମାଜସେବୀ ସ୍ନେହଲତା ପଟେଲ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଏହି ଆଇନ ଗୁଡିକ ଉପରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନା ବାରା, ଶ୍ୱେତା ନାଏକ, ନମିତା ବୁଖରା,ରଶ୍ମିତା ବୁଖରା, ନର୍ସିଂ ଟ୍ରେନର ଅର୍ଚ୍ଚନା ରାଉତ, ରୋଜିରାଣୀ ନାୟକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଯୁବତୀ ନିଖୋଜ, ଥାନାରେ ଏତଲା

କୁଆଁରମୁଣ୍ଡା,୨୦।୧(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଚାରୁ ପଞ୍ଚାୟତ ଟାଙ୍ଗରାଣି ଗ୍ରାମର ରିତିକା ମିଞ୍ଜ(୧୯) ଶୁକ୍ରବାର ଠାରୁ ନିଖୋଜ ହୋଇଯାଇଛନ୍ତି। ତାଙ୍କ ମା' ଫୁଲମତି ମିଞ୍ଜ(୪୫) ସୋମବାର ବୀରମିତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାଧିକାରୀ ରାମ ପ୍ରସାଦ ନାଗ ଥାନାରେ ଏକ ନିଖୋଜ ମାମଲା(ନଂ.୦୧/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

### ଲୁଟ୍ ମାମଲା,ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଅତାବିରା,୨୦।୧(ହୃଷୀକେଶ ଖମାରୀ): ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ମେହେନା ଗ୍ରାମର ଜଣେ ଚାଷୀ ପ୍ରଶାନ୍ତ କର୍ମୀଙ୍କଠାରୁ ୧ଲକ୍ଷ ଟଙ୍କା ଲୁଟ୍ ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ, ମେହେନା ଗ୍ରାମର ବ୍ୟୋମକେଶ ମିଶ୍ର। ତାଙ୍କ ବିରୋଧରେ ଏକ ମାମଲା(ନଂ-୭/୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୧୫ତାରିଖ ପ୍ରଶାନ୍ତ ସ୍ଥାନୀୟ ବ୍ୟାଙ୍କରୁ ଧାନବିକ୍ରି ବାବଦକୁ ୧ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ବ୍ୟୋମକେଶ ତାଙ୍କୁ ପିଛା କରି ବାଟରେ ସବୁଟଙ୍କା ଲୁଟି ନେଇଥିବା ପ୍ରଶାନ୍ତ ପୋଲିସରେ ଅଭିଯୋଗ କରିଥିଲେ।

### ଯୁବ ଉଦ୍ୟୋଗୀ ରାଜେନ୍ଦ୍ର ମାଝୀ ସମ୍ମାନିତ

ଥୁଆମୂଳ ରାମପୁର,୨୦।୧ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବଡ଼ଛତ୍ରଙ୍ଗ ଗ୍ରାମର ସ୍ୱର୍ଗତ ଭଗବାନ ମାଝୀଙ୍କ ପୁତ୍ର ରାଜେନ୍ଦ୍ର ମାଝୀ ଜଣେ ସଫଳ ଉଦ୍ୟୋଗୀ ଭାବେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଦିବାସୀ ମେଳାରେ ରାଜେନ୍ଦ୍ରଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରଶଂସାପତ୍ର ସହ ଉପ ଢୌକନ ଦେଇ ସମ୍ମାନିତ କରିଛନ୍ତି। ରାଜେନ୍ଦ୍ର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପ୍ରକଳ୍ପ ୨୦୨୩-୨୪ ବର୍ଷରେ ୧ଲକ୍ଷ ଟଙ୍କା ସହାୟତାରେ ନିଜ ଗ୍ରାମରେ ଡି.ଟି.ପି. ଜେରକ୍ସ ପ୍ରିଣ୍ଟର ସର୍ଭିସ ସେଣ୍ଟର ଆରମ୍ଭ କରିଥିଲେ।

# ଜଙ୍ଗଲରୁ ଅଜଣା ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ସୁନ୍ଦରଗଡ,୨୦।୧(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ଅନ୍ତର୍ଗତ କୁଲଟା ଗ୍ରାମ ପଞ୍ଚାୟତର ବିଜାଡିହି ଜଙ୍ଗଲରୁ ସୋମବାର ଅପରାହ୍ନରେ ଜଣେ ଅଜଣା ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ଜଣାପଡିନାହିଁ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ତାଙ୍କୁ କେହି ଏହି ଜଙ୍ଗଲ ଭିତରେ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ମୃତଦେହକୁ ଜବତ କରି ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାର ମର୍ଗ ହାଉସରେ ରଖିଛି। ଯୁବକଙ୍କ ବୟସ ୩୦ରୁ୩୫ବର୍ଷ ହୋଇଥିବା ଅନୁମାନ କରାଯାଉଛି। ମୃତ ଶରୀର ଜଙ୍ଗଲରେ ପଡିଥିବା ଦେଖି ଅପରାହ୍ନରେ କୁଲଟା ସରପଞ୍ଚ ଭୀମସେନ ବରିହାଙ୍କୁ ଜଣାଇଥିଲେ। ପରେ ସରପଞ୍ଚ ସମ୍ପର୍କରେ ଧରୁଆଡିହି ଥାନାରେ ରିପୋର୍ଟ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତନାଘନା ତଦନ୍ତ ଆରମ୍ଭ କରିଛି।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ବିପିୟୁଟି ଶିଳ୍ପ ଏକାଡେମିକ୍ କନକ୍ଲେଭ ଉଦ୍‌ଯାପିତ

ରାଉରକେଲା,୨୦।୧(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ନେତାଜୀ ସୁବାଷ ବୋଷ ଅଡିଟୋରିୟମ୍ କକ୍ଷରେ ଚାଲିଥିବା ୨ ଦିନିଆ ବିପିୟୁଟି ଶିଳ୍ପ ଏକାଡେମିକ୍ କନକ୍ଲେଭ ରବିବାର ରାତି ସାଢେ ୯ଟାରେ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ନିଯୁକ୍ତି ଓ ଶିଳ୍ପ ତାଲିମ ନିର୍ଦ୍ଦେଶକ ମନୋରଞ୍ଜନ ମହାପାତ୍ର ଶିଳ୍ପ ଏକାଡେମିଆ କନକ୍ଲେଭ-୨୦୨୪ର ରିପୋର୍ଟ ଫଳାଫଳ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଶିଳ୍ପ କନକ୍ଲେଭ କିପରି ସହାୟକ ହେବ ସେ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କନକ୍ଲେଭ ଶିଳ୍ପ ଜଗତ ପାଇଁ ନିଶ୍ଚିତ ଛାତ୍ରୀଛାତ୍ର ସୃଷ୍ଟି କରିବ ବୋଲି ମତପ୍ରକାଶ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିପିୟୁଟିର ଉପ କୁଳପତି ପ୍ରଫେସର ଅମୀୟ କୁମାର ରଥ ସମାରୋହରେ ଅଧ୍ୟକ୍ଷତା କରି ଏନ୍‌ପି-୨୦୨୦ର ଭୂମିକା ଓ ଏହାର ଲାଭ ଉପରେ ଆଲୋକପାତ କରିଥିଲେ। ଏହି ପ୍ରକାର କନକ୍ଲେଭ ବିଶ୍ୱବିଦ୍ୟାଳୟ ପାଇଁ ଶିଳ୍ପ ସହିତ ସହଯୋଗ କରିବା ଓ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଲକ୍ଷ୍ୟ ହାସଲ କରିବା ଦିଗରେ ସହାୟକ ହେବ ବୋଲି ବିପିୟୁଟିର ଉଦ୍ୟୋଗୀମାନଙ୍କୁ ୱାଟରକ୍ରାଫ୍ଟର ସିଇଓ ନିହାରିକା ବସ୍ତିଆ, ମିଥିକା ଟେକ୍ନୋଲୋଜିର ସିଇଓ ରାଜା ମିଶ୍ର, ପୁଟନ ଆଣ୍ଡ ଦି ସିକ୍ସଟନ୍ ସିଇଓ ଆୟୁଷ ଖେଦାରୀଷ, ଅଜିମ୍ ପ୍ରେମଜୀ ଫାଉଣ୍ଡେଶନ ପର୍ଯ୍ୟବେକ୍ଷକ ରାଜେଶ ହୋତାଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ସ୍ୱାଗତ କରାଯାଇଥିଲା। ବିପିୟୁଟିର ଅଧ୍ୟାପିକା ସଙ୍ଗୀତା ପୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ଶିଳ୍ପର ପ୍ରତିନିଧିମାନଙ୍କ ସହିତ ବିପିୟୁଟି ସହବନ୍ଧିତ ଶିକ୍ଷାନୁଷ୍ଠାନର ଛାତ୍ର ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। କନେକ୍ଲେଭର ସଂଯୋଜକ ଡକ୍ଟର ବିକ୍ରମାଦିତ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ହକି ଇଣ୍ଡିଆ ଲିଗ୍ ଖେଳାଳିଙ୍କ ପାଇଁ ଶିକ୍ଷଣୀୟ ପ୍ଲାଟଫର୍ମ: ଥେରି ବ୍ରିଙ୍କମ୍ୟାନ୍

ରାଉରକେଲା,୨୦।୧(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ସର୍ବାଧିକ ଗୋଲ ସ୍କୋର କରିଥିବା ଖେଳାଳୀ ତାଲିକାରେ ଥେରି ବ୍ରିଙ୍କ୍‌ମ୍ୟାନ ରହିଛନ୍ତି। ଏହି ଷ୍ଟାଡିୟମ୍‌ରେ ରବିବାର ରାତି ୮ଟା ୧୫ରେ ୨୯ତମ ମ୍ୟାଚ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ସୁଟ୍‌ଆଉଟ୍‌ରେ ୩-୦ ଗୋଲରେ ଏସ୍‌ପି ପାଇପର୍ସକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ବିଜୟ ପଛରେ ଦଳର ଫରୱାର୍ଡ ଖେଳାଳି ଥେରି ବ୍ରିଙ୍କମ୍ୟାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଥେରି ଏହି ମ୍ୟାଚ୍‌ର ୩ୟ କ୍ୱାର୍ଟରର ୩୫ ମିନିଟ୍ ଓ ୪ର୍ଥ କ୍ୱାର୍ଟରର ୪୭ ମିନିଟ୍‌ରେ ସର୍ବାଧିକ ଗୋଲ ମାରିଥିଲେ। ଥେରି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ପକ୍ଷରୁ ଫରୱାର୍ଡ ଖେଳାଳୀ ଭାବେ ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ସର୍ବାଧିକ ୮ଟି ଗୋଲ ମାରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଲିଗ୍‌ରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ୭ଟି ମ୍ୟାଚ୍ ଖେଳି ୩ଟିରେ ବିଜୟୀ ହୋଇ ପଞ୍ଚମ ସ୍ଥାନରେ ରହିଛି। ଥେରି ନେଦରଲ୍ୟାଣ୍ଡ ଦଳ ପକ୍ଷରୁ ଫରୱାର୍ଡ ଖେଳାଳୀ ଭାବେ ଖେଳନ୍ତି । ଥେରି କହିଥିଲେ, ୧୯୯୫ ମାର୍ଚ୍ଚ ୧୯ରେ ସେ ନେଦରଲ୍ୟାଣ୍ଡରେ ଜନ୍ମଗ୍ରହଣ କରିଥିଲେ। ସେ ଡଚ୍ ଦଳ ପକ୍ଷରୁ ପ୍ରଥମେ ମିଡ୍ ଫିଲ୍ଡର ଭାବେ ଖେଳ ଆରମ୍ଭ କରିଥିଲେ। ୧୮ ବର୍ଷ ବୟସରେ ସେ ପ୍ରଥମେ ୨୦୧୩ରୁ ୨୦୧୬ରେ ନିଜ ଦେଶ ପାଇଁ ଅଣ୍ଡର-୨୧ ଜାତୀୟ ଦଳରେ ଖେଳି ସର୍ବାଧିକ ୧୫ଟି ଗୋଲ କରି ନେଦରଲ୍ୟାଣ୍ଡ ଜାତୀୟ ଦଳରେ ଖେଳିବାକୁ ସୁଯୋଗ ପାଇଥିଲେ। ୨୦୧୮ ଓ ୨୦୨୩ରେ ନିଜ ଦେଶ ପକ୍ଷରୁ ବିଶ୍ୱକପ୍ ଖେଳିବାର ସୁଯୋଗ ପାଇ ବେଶ୍ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଏଥିସହ ୨୦୧୫ରେ ଲଣ୍ଡନରେ ୟୁରୋ ହକି ଚାମ୍ପିୟନଶିପ୍‌ରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏହା ପୂର୍ବରୁ ଥେରି ୨୦୨୩ରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ବିଶ୍ୱକପ ଖେଳିଥିବାରୁ ଏହି ଆଷ୍ଟ୍ରୋଟର୍ଫ ଓ ରାଉରକେଲା ପାଣିପାଗ ବିଷୟରେ ସେ ଅବଗତ ଥିଲେ। ହକି ଇଣ୍ଡିଆ ଲିଗ୍ ପ୍ରତ୍ୟେକ ଖେଳାଳୀଙ୍କ ପାଇଁ ଏକ ଶିକ୍ଷଣୀୟ ପ୍ଲାଟଫର୍ମ ଅଟେ । ଏହି ଲିଗ୍‌ରେ ଅଂଶଗ୍ରହଣ କରିଥିବା ୮ଟି ଦଳରେ ଭଲ ଖେଳାଳୀ ଅଛନ୍ତି। ତେଣୁ ଭାରତୀୟ ଖେଳାଳୀଙ୍କ ସହ ଆମ ଟିମ୍‌ରେ ଥିବା ବିଦେଶୀ ଖେଳାଳୀ ବେଶ୍ ସନ୍ତୁଳିତ ଅଛନ୍ତି। ତେଣୁ ଦଳ ଆଗକୁ ଭଲ ପ୍ରଦର୍ଶନ କରିବ ବୋଲି ଥେରି ଆଶା ରଖିଛନ୍ତି।



ଥେରି ବ୍ରିଙ୍କ୍‌ମ୍ୟାନ।

# ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ

ସୁନ୍ଦରଗଡ,୨୦।୧(ଜୟ ନାରାୟଣ ମେଣ୍ଡୁଲି)

ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ଜିଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟର ସୁନ୍ଦରଗଡ ଷ୍ଟାଡିୟମରେ ଚାଲିଥିବା ସିଏମ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ପଞ୍ଚମ ଦିବସ। ଏହି ଦିବସରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଖବରଦାତା ଡମ୍ବରୁଧର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ ଏସଡିବିଏଲ କିଞ୍ଜିରିମା ଓ ଫ୍ରେଣ୍ଡସ କ୍ଲବ ଉଜ୍ଜ୍ୱଳପୁର ମଧ୍ୟରେ ହୋଇଥିଲା। ଏଥିରେ ଏସଡିପିଏଲ ଦଳ ୨-୦ଗୋଲରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ଯୁବଜ୍ୟୋତି କ୍ଲବ ମସ୍ନିକାନୀ ଓ କୁଣ୍ଡୁକେଲା ଆଥଲେଟିକ ଆସୋସିଏଶନ ମଧ୍ୟରେ ଖେଳା ଯାଇଥିଲା। ଏଥିରେ କୁଣ୍ଡୁକେଲା ଆଥଲେଟିକ ଆସୋସିଏଶନ ୨-୧ଗୋଲରେ ବିଜୟୀ ହୋଇଥିଲା। ରେଫରୀ ରାଜେଶ କିଷାନ,ସୁଶାନ୍ତ କିଶାନ, ହିତେଶ ସା ଲିଙ୍କନ ପାଣ୍ଡେ ଖେଳ ପରିଚାଳନା କରିଥିଲେ।



ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଅନ୍ୟମାନେ ।

# ଜିଲାସ୍ତରୀୟ କନିଷ୍ଠ ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବଣାଇଁ,୨୦।୧(ପ୍ରଦୀପ ତ୍ରିପାଠୀ)

ବଣାଇଁ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ତିନିଦିନିଆ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଣାଇଁ ଉପ ଜିଲାପାଳ ଅକ୍ଷୟ ପିଲ୍ଲେ ଯୋଗଦେଇଥିବା ବେଳେ ଉଦ୍‌ଘାଟକ ଭାବେ ବଣାଇଁ ରାଜା ସାହେବ ବୀର କିଶୋର ଇନ୍ଦ୍ର ଦେଓ ଦେବ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସୁନ୍ଦରଗଡ ଜିଲାର ୧୭ଟି ବ୍ଲକ ଅଞ୍ଚଳରେ ଥିବା ୪ଶହ ବିଦ୍ୟାଳୟରୁ ସମୁଦାୟ ୧୧ ଶହ ୨୨ ଜଣ ଛାତ୍ରୀଛାତ୍ର ଶିବିରରେ ଯୋଗ ଦେଇ ପ୍ରଶିକ୍ଷଣ ନେବେ ବୋଲି ସୁନ୍ଦରଗଡ଼ ଜିଲା ଶିକ୍ଷାଅଧିକାରୀ ସୂଚନା ଦେଇଛନ୍ତି। ୩ ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିର ପ୍ରଥମେ ରେଡ଼କ୍ରସ ପତାକା ଉତ୍ତୋଳନ କରିବା ପରେ ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହୋଇଯାଇଛି। ପରେ ଅୟୋଜିତ ଏକ ଉଦଘାଟନୀ ଉତ୍ସବରେ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶକୁନ୍ତଳା କିଷାନ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିବିରର ମୁଖ୍ୟ ସଞ୍ଚାଳକ ଡ. ବିଭୀଷଣ ବାରିକ ପ୍ରଥମେ ଏହି ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଶୈଶବରୁ ଜଣେ ବିଦ୍ୟାର୍ଥୀ ମନରେ ସେବା, ନସ୍ୱାର୍ଥପରତା, ଚରିତ୍ର ନିର୍ମାଣ, ଶୃଙ୍ଖଳା ଉପରେ ଶିକ୍ଷା ପ୍ରଦାନ କରିବା ବୋଲି ବକ୍ତବ୍ୟ ରଖିଥିଲେ। ସେ ଆହୁରି ବିସ୍ତୃତ ଭାବେ ବୁଝାଇବାକୁ ଯାଇ ସମବେତ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ,ସେବା,ବନ୍ଧୁତାକୁ ପରିପୂରକ ବୋଲି ଦର୍ଶାଇ ଉତ୍ତମ ସ୍ୱାସ୍ଥ୍ୟ ଥିଲେ ସେବା ଯୋଗାଇ ପାରିବା ଓ ସେବା ଯୋଗାଇ ଭଲ ବନ୍ଧୁଟିଏ ପାଇ ଜୀବନକୁ ପରିବ୍ୟାପ୍ତ କରିବା ଏହି ଶିବିରର ଆଭିମୁଖ୍ୟ ବୋଲି ଉଲ୍ଲେଖ କରିଛନ୍ତି । ମୁଖ୍ୟ ଅତିଥି ବଣାଇଁ ଉପ ଜିଲାପାଳ ଅକ୍ଷୟ ପିଲ୍ଲେ ଶିବିରରେ ସମବେତ ଛାତ୍ରୀଛାତ୍ରଙ୍କୁ ଦେଖି ଭାବ ବିହ୍ୱଳ ହୋଇ ପଡିଥିଲେ। ଅବସରପ୍ରାପ୍ତ ଶିକ୍ଷାବିତ ଶୁଭେନ୍ଦ୍ର ନାଥ ମଲ୍ଲିକ ଯୋଗଦେଇ ସମବେତ ଛାତ୍ରୀଛାତ୍ରଙ୍କୁ ଦିଗ୍ଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ କୁମାର ମୁଣ୍ଡ, ବଣାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଶୀନାଥ ବେହେରା, କରେଇପୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଛନ୍ଦା ଚରଣ ଡଗରା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାର ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଶିବିରରେ ଯୋଗଦେଇ ସହଯୋଗୀତା କରୁଥିବା ଜଣାପଡ଼ିଛି ।




ଶିବିରରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ନାବାଳିକା ବଳାତ୍କାରୀଙ୍କୁ ସଶ୍ରମ ଜେଲ ଦଣ୍ଡାଦେଶ

ଝାରସୁଗୁଡ଼ା,୨୦ା୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ଉଲାପ ଗ୍ରାମର କୁମେଶ ଲୁହାର (୩୫)ଙ୍କୁ ନାବାଳିକା ବଳାତ୍କାର ଅଭିଯୋଗ ଘଟଣାରେ ସୋମବାର ଅପରାହ୍ନରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ପୂଜା ଷଡ଼ଙ୍ଗୀ ୨୦ବର୍ଷ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜାରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ଦିନ ପୀଡ଼ିତା (୧୨) ମାମୁ ଘର ଗାଁ ମାଝିପୋରକୁ ଚାଉଳ ଆଣି ଫେରୁଥିବା ବେଳେ ଖରଖାଇ ଜଙ୍ଗଲରେ ଉଲାପ ଗ୍ରାମର କୁମେଶ ପୀଡ଼ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ପାଖ ଗାଁ ମାହାରପଡାର କେତେଜଣ ବ୍ୟକ୍ତି ପୀଡିତାଙ୍କ ପୋଷାକ ଓ ଚପଲ ପଡିଥିବା ଦେଖି ସନ୍ଦେହ କରି ଆଖପାଖରେ ଖୋଜାଖୋଜି କରିଥିଲେ। ଏମାନଙ୍କୁ ଦେଖି କୁମେଶ ପଳାଇ ଯାଇଥିଲେ। ପୀଡିତା ପରିବାର ଲୋକଙ୍କୁ ଘଟଣା ବିଷୟରେ କହିବା ପରେ ବେଲପାହାଡ଼ ଥାନାରେ ତା ୧୭।୮। ୨୦୨୩ରିଖରେ ଏତଲା ଦିଆଯାଇଥିଲା। ଏ ନେଇ ପୋକ୍‌ସୋ ଆକ୍ଟ ସହିତ ଧାରା ୩୬୩, ୩୭୬ ଏବିଆଇପିସି ମାମଲା ରୁଜୁ କରି କୁମେଶଙ୍କୁ ଗିରଫ କରାଯାଇଥିଲା। ସରକାରୀ ଓକିଲ ପୃଥ୍ୱୀରାଜ ସିଂ ଦେଓ ପୀଡିତାଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

### ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର, କବିତା ପାଠୋତ୍ସବ

ଝାରସୁଗୁଡ଼ା,୨୦ା୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାସ୍ଥିତ ଲଇକେରା ବ୍ଲକ ଡିଗ୍ରୀ ମହାବିଦ୍ୟାଳୟରେ ପଶ୍ଚିମ ଓଡ଼ିଶା ଭାଷା କଳା ଓ ସଂସ୍କୃତିର ପ୍ରଚାରକ, ଶଦ୍ଦ ନୃତ୍ୟର ପ୍ରଣେତା, ଗୋଟିଏ ଦିନରେ ନୂଆଁଖାଇ ପଛର ମହାନାୟକ, କାଳଜୟୀ ନାଟ୍ୟ ବ୍ରହ୍ମର୍ଷି ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ସାହିତ୍ୟ ଅନୁଷ୍ଠାନ ନିରଞ୍ଜନା ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଗୁରୁ ଭଗବାନ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ମନ୍ତ୍ର ପାଠ କରିଥିଲେ। ବରିଷ୍ଠ ନାଟ୍ୟକାର ନିର୍ଦ୍ଦେଶକ ତଥା ପ୍ରାକ୍ତନ ପ୍ରାଧ୍ୟାପକ ରୋହିତ ପଟେଲଙ୍କ ସଭାପତିତ୍ୱ ଏବଂ ଅଧ୍ୟାପକ ପ୍ରମୋଦ କୁମାର ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ସନ୍ଦୀପ ଆଚାର୍ଯ୍ୟ ଓ ରେଣୁକା ଆଚାର୍ଯ୍ୟ ଯୋଗଦେଇଥିଲେ। ମୁଖ୍ୟବକ୍ତା ଲେଖିକା ଅଧ୍ୟାପିକା ମନ୍ଦାକିନୀ ଶତପଥୀ ଯୋଗଦାନ କରି ପଶ୍ଚିମ ଓଡିଶାର ଭାଷା କଳା ଓ ସଂସ୍କୃତି ଆଜି ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଛି। ଏହା ଗୁରୁ ଭଗବାନ ସାହୁଙ୍କ ସାରା ଜୀବନ ତ୍ୟାଗ ଓ ଅବଦାନ ଫଳ। ଏଭଳି ଯୁଗ ପୁରୁଷ ଅବହେଳିତ ହେବା ଅତି କ୍ଷୋଭର ବିଷୟ ଏବଂ ଆସନ୍ତା ଦିନରେ ଗୁରୁ ଭଗବାନ ସାହୁଙ୍କ ଉପରେ ବିଭିନ୍ନ ସ୍ଥାନରେ ସଭା ଅନୁଷ୍ଠିତ ହେବା ପାଇଁ ମତାମତ ଦେଇଥିଲେ। ଏହାପରେ ପଶ୍ଚିମ ଓଡ଼ିଶା ଭାଷା, କଳା ଓ ସଂସ୍କୃତି ଏବଂ ଗୁରୁ ଭଗବାନ ସାହୁ ଶୀର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରେମସାଗର ବେହେରା, ଦିବାକର ନାଏକ, କୁଳମଣି ସାହୁ ପ୍ରମୁଖ ବହୁ କବିକବିୟତ୍ରୀ ଯୋଗଦେଇଥିଲେ।

# କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ଗୁରୁତ୍ୱ

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ

ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)

ଜିଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚାଠାରେ ଚାଲିଥିବା ପାଞ୍ଚଦିନିଆ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବର ସୋମବାର ଥିଲା ଚତୁର୍ଥ ଦିବସ। ମୁଖ୍ୟଅତିଥି ଭାବେ ଅଧକ୍ଷା ପୌରପରିଷଦ ଶାନ୍ତି ମଞ୍ଜରୀ ଦେଇ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ଛାୟା ବିଭାଜିକା ଦେବାଶିଷ ଜଗଦେବ, ବ୍ଲକ କୃଷି ଅଧିକାରୀ ତିଲେଇବଣି ମନୋଜ ମାରାଣ୍ଡି, ଜିଲା ସଂଯୋଜକ ଏପିଆଇସିଓଏଲ ଗୋପବନ୍ଧୁ ଗଡ଼ନାୟକ, ପ୍ରକଳ୍ପ ପରିଚାଳକ ଓଡ଼ିଶା ଜୀବିକା ମିଶନ ଶିଶିର ଷଡ଼ଙ୍ଗୀ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୃଷି ଓ କୃଷକ ବିକାଶ ତଥା ଉତ୍ପାଦନ ବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଅନେକ ବ୍ୟବସ୍ଥା କରିଥିବା ବେଳେ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନ କୌଶଳ ଉତ୍ପାଦନ କ୍ଷମତା ବଢ଼ାଉଛି।



ମେଳାରେ ଅତିଥିମାନେ କୃଷି ଯନ୍ତ୍ରପାତି ବୁଲି ଦେଖୁଛନ୍ତି।

କୃଷି ଓ କୃଷକଙ୍କୁ ସଶକ୍ତ କରିବା ସହ କୃଷି ଯନ୍ତ୍ରପାତି ଓ ଯୁବ ଚାଷୀଙ୍କୁ ପ୍ରେରଣା ଯୋଗାଇ ଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ବିପିନି ବେହେରା କାଉଁସିବାହାଲ ବାରକୋଟ, ବବୁଲି ମାଝି ବାଘବାର ରିଆମାଳ, ଶର୍ମା କିଷାନ ବଡଛାଲପାଳ ତିଲେଇବଣି, ମା' ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ବାରକୋଟ, ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ରିଆମାଳ, ମା' ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ତିଲେଇବଣି ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସହକାରୀ କୃଷି ଅଧିକାରୀ ସ୍ୱୟଂ ଶିଖା ପ୍ରିୟଦର୍ଶିନୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ସଂଯୋଜନା କରିଥିଲେ ପଙ୍କଜିନୀ ନାଏକ ଓ ବିଦେଶୀ ସାହୁ। ତୃତୀୟ ଦିବସରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରବି ନାରାୟଣ ନାଏକ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପ ଜିଲାପାଳ ପରକ୍ଷିତ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ବିଭୁତି ଭୂଷଣ ଜେନା ମଣି ରାୟ, ଅଧିକ୍ଷକ ଯନ୍ତ୍ରୀ କୃଷି ଉତ୍ତରାଞ୍ଚଳ ସମ୍ବଲପୁର ଇଂ ଅଭିମନ୍ୟୁ ଜେନା, ଜିଲା ମତ୍ସ୍ୟ ଅଧିକାରୀ କୁଟିଳ ଚନ୍ଦ୍ର ଦାସ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ଆୟ ଦୁଇ ଗୁଣିତ କରିବା ନିମନ୍ତେ କୃଷି ଯନ୍ତ୍ରପାତି ବ୍ୟବହରା ଉପରେ ଗୁରୁତ୍ୱ ଦେଇଥିଲେ।

# ପୋଷ୍ୟ ସନ୍ତାନ ଗ୍ରହଣ କଲେ ଆମେରିକା ଦମ୍ପତି



ଆମେରିକା ଦମ୍ପତି ଜିଲାପାଳଙ୍କଠାରୁ ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି।

ଝାରସୁଗୁଡ଼ା,୨୦ା୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାରୁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ ଆମେରିକାରୁ ଦମ୍ପତି ଆସି ୧୨ ବର୍ଷର କନ୍ୟା ଗ୍ରହଣ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ଅପରାହ୍ନ ୩ଟାରେ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଉପସ୍ଥିତିରେ ଦମ୍ପତି ୧୨ ବର୍ଷର କନ୍ୟା ଗ୍ରହଣ କରି ଖୁସିବ୍ୟକ୍ତ କରି ଜିଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ, ଜିଲା ଶିଶୁ ମଙ୍ଗଳ କମିଟି, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଓ ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଏବଂ ଆମେରିକାସ୍ଥିତ ଫରେନ ଆଡପସନ ଏଜେନ୍ସି ପକ୍ଷରୁ ଏମ୍. କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିଶୁ କଲ୍ୟାଣ ସମିତି ଅଧକ୍ଷ ଆଶିଷ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା, ସୁରକ୍ଷା ଅଧିକାରୀ ଚୁଡାମଣି ପଣ୍ଡା, ପରାମର୍ଶଦାତା ସମୀର ମିଶ୍ର ତଥା ଶିଶୁ ଯତ୍ନ ଅନୁଷ୍ଠାନ ସମ୍ପାଦକ ନିରାକାର କିଷାନ, ମାନସ ମଲ୍ଲିକ, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପ୍ରବୀଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ସାମିଲ ହେଲେ ଦେବଗଡ଼ର ମହିଳା ଚାଷୀ




ଅନ୍ତର୍ଜାତୀୟ କୃଷି ସମ୍ମିଳନୀରେ ସାମିଲ ଦେବଗଡ଼ ଜିଲାର ମହିଳାମାନେ।

## ଅନ୍ତର୍ଜାତୀୟ କୃଷି ସମ୍ମିଳନୀ

ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ୨୦ଜଣ ମହିଳା ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଖାଦ୍ୟ ଓ ପୁଷ୍ଟି ନିରାପତା ପାଇଁ କୃଷି ଉପରେ ଅନୁଷ୍ଠିତ ତିନିଦିନିଆ ଅନ୍ତର୍ଜାତୀୟ କୃଷି ସମ୍ମିଳନୀରେ ଯୋଗଦେଇଛନ୍ତି। ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ଶସ୍ୟ ଉତ୍ପାଦନ ବୈଜ୍ଞାନିକ ଡାକ୍ତର ସବ୍ୟସାଚୀ ସାହୁଙ୍କ ନେତୃତ୍ୱରେ ମହିଳାମାନେ ସମ୍ମିଳନୀରେ ଯୋଗଦେଇଥିଲେ। ସମ୍ମିଳନୀରେ ଯୁକ୍ତରାଷ୍ଟ୍ର ଆମେରିକାଠାରୁ ଆରମ୍ଭ କରି ଆଫ୍ରିକାର ଦେଶ ସମୂହର ବୈଜ୍ଞାନିକମାନଙ୍କ ସହ ଭାରତର ବିଭିନ୍ନ କୃଷି ଗବେଷଣା କେନ୍ଦ୍ର ବୈଜ୍ଞାନିକ ଓ ବିଶ୍ୱ ବିଦ୍ୟାଳୟ ପ୍ରଫେସରମାନେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ କୃଷି ପ୍ରଦର୍ଶନୀରୁ ମହିଳାମାନେ ବିଭିନ୍ନ ବୈଜ୍ଞାନିକ ସମ୍ମତ ନୂତନ ଜ୍ଞାନ କୌଶଳ ଆହରଣ କରିଥିଲେ। ଏହି ଅବସରରେ ସେମାନେ ବିଶ୍ୱ ବିଦ୍ୟାଳୟର ଛତୁ ଗବେଷଣା କେନ୍ଦ୍ର ଓ ମହୁ ଉତ୍ପାଦକ କେନ୍ଦ୍ର ମଧ ସେମାନେ କରିଥିଲେ। ସମ୍ମିଳନୀରେ ବୈଷୟିକ କମିଟି ସହ ଅଧକ୍ଷ ତଥା ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ପ୍ରାକ୍ତନ ମୁଖ୍ୟ ବୈଜ୍ଞାନିକ ସୁଜିତ କୁମାର ନାଥ ମହିଳାମାନଙ୍କ ସହିତ ଦେବଗଡ଼ର କୃଷି ପ୍ରଣାଳୀ ଓ କୃଷି ଭିତ୍ତିକ ବିଭିନ୍ନ ରୋଜଗାର ପନ୍ଥା ଉପରେ ଆଲୋଚନା କରି ଏହା ଉପରେ ସେମାନଙ୍କୁ ଉତ୍ସାହିତ କରିଥିଲେ।

# ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ

ବ୍ରଜରାଜନଗର,୨୦ା୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳରେ ଥିବା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୫, ୨୬, ୨୭ ତିନିଦିନିଆ ଜିଲାସ୍ତରୀୟ ଯୋଗ ଶିବିର ପାଇଁ ଜିଲାସ୍ତରୀୟ କର୍ମକର୍ତ୍ତାମାନଙ୍କ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲା ମୁଖ୍ୟ ସରଂକ୍ଷକ ରାଜ୍ୟ ମୁଖ୍ୟ ପ୍ରଭାରୀ ପ୍ରଶାନ୍ତ ପ୍ରଧାନ, ପାତଞ୍ଜଳୀ ଯୋଗ ସମିତି ଜିଲା ପ୍ରଭାରୀ ବବନ ସିଂ, ମମତା ଚୈଧୁରୀ, ଯୁବରାଜ ସିଂହ, ଜୟଶ୍ରୀ ପାଢ଼ୀ, ପ୍ରତାପ ପ୍ରଧାନ, ଯୋଗେନ୍ଦ୍ର ବଢ଼େଇ, ଉପଦେଷ୍ଟା ହରିଶ୍ ବାଧବା, ଉମାକାନ୍ତ ମେହେର, ମିଡ଼ିଆ ପ୍ରଭାରୀ ରଞ୍ଜନ ସିଂ, କୋଷାଧକ୍ଷ ଓ ପ୍ରକାଶ ସିଂ, ସ୍ୱାମୀ ଆଦିତ୍ୟ ଦେବ, କେନ୍ଦ୍ରୀୟ ଯୁବା ପ୍ରଭାରୀ ସ୍ୱାମୀ ସନାତନ ଦେବ, ରାଜ୍ୟ ଯୁବା ପ୍ରଭାରୀ ଅମୃତାଂଶୁ ପ୍ରଧାନ, ମହିଳା ରାଜ୍ୟ ପ୍ରଭାରୀ ଗିରିଜା ଦେବୀ, ପ୍ରଶାନ୍ତ ସିଂ, ବର୍ଷା ଶା ପ୍ରମୁଖ ଯୋଗଦେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସିଂହଶାଳ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ମଧ୍ୟରେ ୧୩ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଅଭିଯୋଗ ଥିବା ଜଣାପଡିଛି। ବିଶେଷ କରି ପାନୀୟ ଜଳ, ସୁଭଦ୍ରା ଯୋଜନା, ମାଙ୍କଡ଼ ଉପଦ୍ରବ, ଖରିଫ ଧାନ ବିକ୍ରୟ ସମ୍ବନ୍ଧେ ଓ ପୁନର୍ବାର ସ୍କୁଲ ଖୋଲିବା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୩୨ଟି ଅଭିଯୋଗ ଶୁଣିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଉପ ଜିଲାପାଳ ପରକ୍ଷିତ ସାହୁ, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ତହସିଲଦାର ରବୀନ୍ଦ୍ର କୁମାର ନାୟକ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମିଶନ ଆଶ୍ରା ୨ରୁ ଆସାମ ଫେରିଲେ ଲକ୍ଷ୍ମୀ ମୁନି ସରକାର

ଝାରସୁଗୁଡ଼ା,୨୦ା୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରଶାସନ, ଜିଲା ଖଣିଜ ପାଣ୍ଠି ଓ ପିପୁଲ୍ସ ଫୋରମ୍ ଦ୍ୱାରା ପରିଚାଳିତ କଟାପାଲିସ୍ଥିତ ମିଶନ ଆଶ୍ରା ୨ରୁ ଶନିବାର ଆସାମ ଫେରିଲେ ଲକ୍ଷ୍ମୀ ମୁନି ସରକାର।

ପ୍ରାୟ ୨ ବର୍ଷ ତଳେ ଲକ୍ଷ୍ମୀ ମୁନି ନାମକ ଜଣେ ମାନସିକ ବିକାର ଗ୍ରସ୍ତ ମହିଳାଙ୍କୁ ବ୍ରଜରାଜନଗରର ବୁନ୍ଦିଆ ଅଞ୍ଚଳର ଗ୍ରାମବାସୀଙ୍କ ସହିତ ମିଶନ ଆଶ୍ରା ୨ର ଉଦ୍ଧାର କାରି କଟାପାଲି ଗ୍ରାମସ୍ଥିତ ମିଶନ ଆଶ୍ରା ୨ରେ ରଖିଥିଲେ। ୨ ବର୍ଷର ସେବା, ଯତ୍ନ, କାଉନସେଲିଂ ଓ ନିୟମିତ ଔଷଧ ଦ୍ୱାରା ଲକ୍ଷ୍ମୀମୁନି ନିଜର ଘର ଠିକଣା ଆସାମର କାମପୁର ଜିଲା ବୋଲି ମିଶନ ଆଶ୍ରା କର୍ମଚାରୀଙ୍କୁ ଜଣାଇଥିଲେ। ଗତ ଡିସେମ୍ବର ୧୭ରେ କେନ୍ଦ୍ରର କର୍ମଚାରୀମାନେ ଆସାମ ପୋଲିସ ସହାୟତାରେ ଲକ୍ଷ୍ମି ମୁନିଙ୍କ ବାପାଙ୍କୁ ନିଜ ଝିଅ ଲକ୍ଷ୍ମୀ ମୁନି ବିଷୟରେ ଜଣାଇଥିଲେ। ଝିଅର ଖବର ପାଇବା ମାତ୍ରେ ଲକ୍ଷ୍ମୀ ମୁନିଙ୍କ ବାପା ଶୁକ୍ରବାର ମିଶନ ଆଶ୍ରା ୨ରେ ପହଞ୍ଚି ନିଜ ଝିଅ




ଲକ୍ଷ୍ମୀ ମୁନିଙ୍କୁ ଜଗନ୍ନାଥଙ୍କ ପ୍ରତିଛବି ଦିଆଯାଉଛି।

ଘରକୁ ଫେରାଇ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକ, ପିପୁଲ୍ସ ଫୋରମ୍‌ର ପଶ୍ଚିମାଞ୍ଚଳ ମୁଖ୍ୟ ତଥା ଉପ ସଭାପତି ସଞ୍ଜୟ ଜେଠୀ, କେନ୍ଦ୍ର ପରିଚାଳକ କିରଣ କୁମାରି ଗୁପ୍ତା ଏବଂ କେନ୍ଦ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିଛବି ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଅର୍ପଣ କରି ଲକ୍ଷ୍ମୀ ମୁନିଙ୍କ ଭବିଷ୍ୟତ ଜୀବନ ପାଇଁ ଉନ୍ନତି କାମନା କରିଥଲେ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ: ୬ ଗିରଫ

ବ୍ରଜରାଜନଗର,୨୦ା୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗଙ୍ଗାନଗର ବସ୍ତି ଅବସ୍ଥିତ ଘରେ ଚାଲିଥିବା ଜୁଆ ଖେଳରେ ପୋଲିସ ଚଢାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩୪ ହଜାର ୩୮୦ ନଗଦ ଟଙ୍କା ସହ ୬ଟି ମୋବାଇଲ ଫୋନ ଜବତ କରିଛି। ଗିରଫ୍ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଗଙ୍ଗାନଗର ସନ୍ତୋଷୀ ପଡାରେ ଜୁଆ ଖେଳ ହେଉଥିବା କୌଣସି ସୂତ୍ରରୁ ଖବର ପାଇଥିଲେ। ଏସ୍‌ଆଇ ପ୍ରଦୀପ ସାହୁ, ଅଭୟ ମହାନ୍ତି ଓ ଦିଲୀପ ବାଗ ଘଟଣାସ୍ଥଳରେ ପହଞ୍ଚି ଜୁଆ ଖେଳ ଚାଲିଥିବା ସମୟରେ ୬ଜଣଙ୍କୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହିତ ଆଗାମୀ ଦିନରେ ଚଢାଉ କଡାକଡି କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଆୟୋଜିତ ସଚେତନତା ଶୋଭାଯାତ୍ରା।

କୋଲାବିରା,୨୦ା୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହା ପଣ୍ଡକିମାଲ ଶିବ ମନ୍ଦିର କଲ୍ୟାଣ ମଣ୍ଡପଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଶିବମନ୍ଦିରଠାରୁ ଆମ ଗାଁ ଆମ ବିକାଶ କେନ୍ଦ୍ର ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ ହୋଇଥିଲା। ମୁଖ୍ୟଅତିଥି କୋଲବିରା ଥାନା ଭାରପ୍ରାପ୍ତ ଅଧିକାରୀ ଉପ ନିରୀକ୍ଷକ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ଥିବାବେଳେ ସହକାରୀ ଉପନିରୀକ୍ଷକ ସୁଶିଲ କୁମାର ଦାସ, କୁକିହାମାଲ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଞ୍ଜନ କୁମାର ପଟେଲ ଏବଂ ଜଗଦିଶ କିଷାନ, ପଣ୍ଡକିମାଲ ଗ୍ରାମ ସଭାପତି ୱାର୍ଡ଼ସଭ୍ୟ ଟଙ୍କଧର କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନ ନିଶା ସେବନ ନ କରି ଗାଡ଼ି ଚଳାଇବା, ହେଲମେଟ ବ୍ୟବହାର କରିବା, ୧୮ ବର୍ଷ ବୟସରୁ ଅଧିକ ହେଲେ ଅଧିକୃତ ଲାଇସେନ୍ସ କରି ଗାଡ଼ି ଚଳାଇବା ଏବଂ ଏହି ଛୋଟିଆ ଅବହେଳା ହେତୁ ଜୀବନ ଚାଲିଯାଏ ଓ ତାଙ୍କ ପରିବାର ଲୋକଙ୍କୁ କିପରି ଅସୁବିଧାର ସମ୍ମୁଖୀନ ହେବା ପଡିବା ବିଷୟରେ ଆଲୋକପାତ କରିଥିଲେ। ନେହେରୁ ଯୁବକ କେନ୍ଦ୍ର ଦ୍ୱାରା ଜାତୀୟ ଯୁବ ସ୍ୱେଚ୍ଛାସେବୀ ନେହା ସାହୁ ଓ ଟାଇଗର ଯୁବକ ସଂଘ ସଭାପତି ଲୁକେଶ୍ୱର କିଷାନ, ସମ୍ପାଦକ ଭାଗିରଥି କିଷାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁସଂଖ୍ୟକ ଜନସାଧରଣ ଯୋଗଦାନ କରିଥିଲେ।

# ନବ ଦାସ ଫାଉଣ୍ଡେଶନ ପକ୍ଷରୁ ୨ୟ ଆଥ୍‌ଲେଟିକ ମିଟ୍

ଝାରସୁଗୁଡ଼ା,୨୦ା୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ଶ୍ରୀପୁରାଠାରେ ନବ ଦାସ ଫାଉଣ୍ଡେଶନ ପକ୍ଷରୁ ଦୁଇ ଦିନିଆ ୨ୟ ଆଥେଲେଟିକ ମିଟ-୨୦୨୫ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି। ଶ୍ରୀପୁରା ପଞ୍ଚାୟତ ଅଙ୍ଗନୱାଡ଼ି ପିଲାଙ୍କଠୁ ଆରମ୍ଭ କରି ବୃଦ୍ଧାମାନଙ୍କ ପର୍ଯ୍ୟନ୍ତ ମୋଟ ୪୫ ଗୋଟି ଖେଳରେ ଭାଗ ନେଇଥିଲେ। ମୁଖ୍ୟଅତିଥି ପୂର୍ବତନ ବିଧାୟିକା ସୁଶ୍ରୀ ଦୀପାଳି ଦାସ, ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବ୍ଲକ ଅଧକ୍ଷା ଚିତ୍ରେଣୀ ପଟେଲ, ଜିଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ସରପଞ୍ଚ ଯୋଶୋବନ୍ତି ପାଣ୍ଡେ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ହିରାଲାଲ ବାଗ, ଝାରସୁଗୁଡ଼ା ବ୍ଲକ ବିଜେଡି ସଭାପତି ଦାମୋଦର ନାଥ, ପୂର୍ବତନ ଜିଲା ପରିଷଦ ସଭ୍ୟା ମିନତୀ ପାତ୍ର, ଅବସର ପ୍ରାପ୍ତ ଶିକ୍ଷକ ଅକ୍ରୁର ପାଢୀ, ନିମାଇଁ ଚରଣ ଦୁବେ, ବାସୁଦେବ ଭଇଁସା ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଜଜ୍ ଭାବେ ତ୍ରିନାଥ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କ୍ରିକେଟ ପ୍ରତିଯୋଗିତା: ତରେଇକେଲା ଚାମ୍ପିୟନ

କୋଲାବିରା,୨୦ା୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ମିନିଷ୍ଟାଡିୟମଠାରେ କୋଲାବିରା ଦାସ୍ ସ୍ପୋର୍ଟ୍ସ ଆନୁକୁଲ୍ୟ ଓ ଜୟ ବଜରଙ୍ଗ କ୍ରିକେଟ କ୍ଲବ ସହଯୋଗରେ ଏକ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଦାସ ସ୍ପୋର୍ଟ୍ସ ନିର୍ଦ୍ଦେଶକ ପପୁନ ଦାସ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟନ କରି ସ୍ୱାସ୍ଥ୍ୟପାଇଁ ଖେଳକୁଦ ମଧ ଏକ ଅଭିନ୍ନ ଅଙ୍ଗ ବୋଲି ଅଭିହିତ କରି ଖେଳ ସହିତ ଯୋଗ ପ୍ରତି ମଧ ଧ୍ୟାନ ଦେବା ଅପରିହାର୍ଯ୍ୟ ବୋଲି କହିଛନ୍ତି। ମୁଖ୍ୟଅତିଥି ଭାବେ ୱାର୍ଡ ସଭ୍ୟ ସ୍ମୃତିରଞ୍ଜନ ରାଏ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍ ସମାସିଂହା ଓ ଜେବିସିସି କୋଲାବିରା ମଧ୍ୟରେ ହୋଇଥିଲା। ଏଥିରେ କୋଲାବିରା ଜେବିସିସି ଦଳକୁ ପରାସ୍ତ କରି ସମାସିଂହା ଦଳ ବିଜୟୀ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟଅତିଥି ଭାବେ ସମିତି ସଭ୍ୟ ଦୀନବନ୍ଧୁ ଧୁରୁଆ, ପପୁନ ଦାସ, ପ୍ରବୀଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳରେ ଅଞ୍ଚଳର ୪ଟି ଦଳ ତରେଇକେଲା, କୋଲାବିରା, ସମାସିଂହା ଏବଂ କୋଲାବିରା ଜେବିସିସି ଆଦି ୪ଟି ଦଳ ଭାଗ ନେଇଥିଲା। ୱାର୍ଡସଭ୍ୟ ସ୍ମୃତିରଞ୍ଜନ ରାଏ ଏବଂ ଦାସ୍ ସ୍ପୋର୍ଟ୍ସ ନିର୍ଦ୍ଦେଶକ ପପୁନଦାସ ସାହୁ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଜୟ ବଜରଙ୍ଗ କ୍ରିକେଟ କ୍ଲବର ଅମନ ଟଣକୋର, ଅମନ ହୋତା, ଅଶୋକ ରାଏ, କ୍ଷିତିସ ମହାପାତ୍ର, ଲିକୁ ସାହୁ, ବିନିତ ବେହେରା, କ୍ଷିରୋଦ ମୋହନ ରଣବିତା, ମୁକେଶ ରାଏଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଯୁବ ଉଦ୍ୟୋଗୀ ରାଜେନ୍ଦ୍ର ମାଝୀ ସମ୍ମାନିତ



ଥୁଆମୂଳ ରାମପୁର,୨୦।୧ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବଡ଼ଛତ୍ରଙ୍ଗ ଗ୍ରାମର ସ୍ୱର୍ଗତ ଭଗବାନ ମାଝୀଙ୍କ ପୁତ୍ର ରାଜେନ୍ଦ୍ର ମାଝୀ ଜଣେ ସଫଳ ଉଦ୍ୟୋଗୀ ଭାବେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଦିବାସୀ ମେଳାରେ ରାଜେନ୍ଦ୍ରଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରଶଂସାପତ୍ର ସହ ଉପ ଢୌକନ ଦେଇ ସମ୍ମାନିତ କରିଛନ୍ତି। ରାଜେନ୍ଦ୍ର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପ୍ରକଳ୍ପ ୨୦୨୩-୨୪ ବର୍ଷରେ ୧ଲକ୍ଷ ଟଙ୍କା ସହାୟତାରେ ନିଜ ଗ୍ରାମରେ ଡି.ଟି.ପି. ଜେରକ୍ସ ପ୍ରିଣ୍ଟର ସର୍ଭିସ ସେଣ୍ଟର ଆରମ୍ଭ କରିଥିଲେ। ନିଜର ଦୃଢ଼ ଇଚ୍ଛାଶକ୍ତି, କର୍ତ୍ତବ୍ୟନିଷ୍ଠା ବଳରେ ସେ ଖୁବ କମ ଦିନରେ ସଫଳତା ପାଇଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଖଡିଆଳରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**୮୬ ଅଭିଯୋଗ ପଞ୍ଜୀକୃତ**

ଖଡ଼ିଆଳ,୨୦।୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲାପାଳ ମଧୁସୂଦନ ଦାଶଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୭ଟି ବ୍ୟକ୍ତିଗତ, ୯ଟି ଗୋଷ୍ଠୀଗତ ମୋଟ ୮୬ ଅଭିଯୋଗର ଶୁଣାଣି ହୋଇଥିଲା । ଏହିସବୁ ଅଭିଯୋଗ ଉପରେ ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗୋଇମୁଣ୍ଡି ଗାଁର ବୃଦ୍ଧା ଉର୍ମିଳା ଜଗତଙ୍କୁ ରେଡକ୍ରସ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କାର ତତ୍କାଳ ସହାୟତା ଯୋଗାଇ ଦିଆଯାଇଥିଲା। ଏସ୍‌ଡିପିଓ ଅମ୍ରିତ ପାଲ ସିଂଙ୍କଙ୍କ ସହିତ ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧରଣୀଧର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଶେଖ ନସିମ ଶିବିର ପରିଚାଳନା କରିଥିବାବେଳେ ଖଡ଼ିଆଳ ବିଡ଼ିଓ ନରସିଂହ ଗଡବା, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସାସ୍ଥ୍ୟଶିବିର ଆୟୋଜନ ହୋଇଥିଲା।

### ଅର୍ଥଶାସ୍ତ୍ର ବିଭାଗ ପୁରାତନ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତି ବୈଠକ



ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ହେବାକୁ ଥିବା ଅର୍ଥଶାସ୍ତ୍ର ବିଭାଗର ଆଲୁମ୍‌ନି ମିଟ ପାଇଁ ଆଲୋଚନା କରିଥିଲେ। ଏହି ବୈଠକନ୍ଦରେ ଜିଲା ତଥା ଜିଲା ବାହାରୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଆସନ୍ତା ୨୬ ତାରିଖରେ ଦ୍ୱିତୀୟ ବୈଠକ କରାଯିବା ସହ ଫେବୃୟାରୀ ୯ରେ ଆଲୁମ୍‌ନି ମିଟ ହେବ ବୋଲି ପୂର୍ବତନ ଛାତ୍ରସଂସଦ ସଭାପତି ହରିଶ କୁମାର ଅହୀର ସୂଚନା ଦେଇଛନ୍ତି। ଏହି ବୈଠକରେ ସନ୍ତୋଷ ସାହୁ, ଅକ୍ଷୟ ଧଙ୍ଗଡା ମାଝୀ, ଅଭିଷେକ ଦଣ୍ଡସେନା, ହରିଶ କୁମାର ଅହିର, ସୁରଜ ଅଗ୍ରୱାଲ, ଶୁଭମ ପ୍ରଧାନ, ବିନୟ ଭାଟି, ସୁନନ୍ଦିତା ସାହୁ, ମହିମା ଖାତୁନ, ଯଜ୍ଞାସିନୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଆକ୍ସନ ମୋଡ୍‌ରେ କଳାହାଣ୍ଡି ଖଣି ବିଭାଗ

- ବେଆଇନ ବାଲି ଚାଲାଣ ବେଳେ ଧରପଗଡ
- ୫ ଲକ୍ଷ ୩୦ ହଜାର ଜରିମାନା ଆଦାୟ

ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ବିଭିନ୍ନ ତହସିଲରେ ବେଆଇନ ଭାବେ ବାଲି ଓ ପଥର ଚୋରା ଚାଲାଣ ରୋକିବା ପାଇଁ ଜିଲା ଖଣି ବିଭାଗ ଅଣ୍ଟା ଭିଡିଛି। ଜିଲାରେ ଏସବୁକୁ ରୋକିବା ପାଇଁ ଆକ୍ସନ ମୋଡ୍‌କୁ ଓହ୍ଲାଇଛି ଖଣି ବିଭାଗ। ଏଥିପାଇଁ ସାଥୀରେ ରାଜସ୍ୱ ବିଭାଗ ଓ ପୋଲିସ କର୍ମଚାରୀଙ୍କୁ ନେଇ ୨ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ରବିବାର ରାତିରେ ଭବାନୀପାଟଣା ତହସିଲ ଅଞ୍ଚଳରେ ଚଢାଉ ସମୟରେ ୪ଟି ଟ୍ରାକ୍ଟରଠାରୁ ୯୦ ହଜାର ଓ ୨ଟି ହାଇୱାଠାରୁ ୨ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ସୋମବାର ଥୁଆମଳ ରାମପୁର ତହସିଲରେ ଚଢାଉ କରାଯାଇ ୩ଟି ଟ୍ରାକ୍ଟରରୁ ୧ଲକ୍ଷ ୨୦ ହଜାର ଓ ଗୋଟିଏ



ଚଢାଉ ବେଳେ ଧରାପଡିଥିବା ଟ୍ରାକ୍ଟର ଓ ହାଇୱା।

ହାଇୱାଠାରୁ ୧ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସହ କଲମପୁର ତହସିଲ ଅଞ୍ଚଳରେ ଗୋଟିଏ ଟ୍ରାକ୍ଟର ଜବତ କରାଯାଇ ସ୍ଥାନୀୟ ଥାନା ଜିମା ଦିଆଯାଇଛି। ସମୁଦାୟ ୭ଟି ଟ୍ରାକ୍ଟର ଓ ୩ଟି ହାଇୱାରୁ ୫ଲକ୍ଷ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଭବାନୀପାଟଣା ତହସିଲ ଅଞ୍ଚଳରେ ଚଢାଉରେ କଳାହାଣ୍ଡି ଖଣି ଉପନିର୍ଦ୍ଦେଶକ ବିଶ୍ୱନାଥ ସୋରେନ ଓ ତାଙ୍କ ଟିମ୍ ତହସିଲାଦାର ଶୁଭସ୍ମିତା ମିଶ୍ର ଓ ତାଙ୍କ ଟିମ୍ ସମେତ ପୋଲିସ କର୍ମଚାରୀ ସାମିଲ ଥିଲେ। ସେହିପରି ଥୁଆମୂଳ ରାମପୁର ଓ କଲମପୁର ତହସିଲ ଅଞ୍ଚଳରେ ହୋଇଥିବା ଚଢାଉରେ ଖଣି ଅଧିକାରୀ ମୁରଲୀଧର ନାଏକ, କ୍ଷେତ୍ର ଅଧିକାରୀ ମଳୟ ରଞ୍ଜନ ବିଶ୍ୱାଳଙ୍କ ସମେତ ସ୍ଥାନୀୟ ତହସିଲଦାର ଓ ପୋଲିସ କର୍ମଚାରୀ ସାମିଲ ଥିଲେ। କଳାହାଣ୍ଡି ଜିଲା ଖଣି ବିଭାଗ କାର୍ଯ୍ୟାଳୟରେ କମ୍ ସଂଖ୍ୟକ କର୍ମଚାରୀ ଥିବା ସତ୍ତ୍ୱେ ବିଭିନ୍ନ ଅଞ୍ଚଳରେ ଏପରି ଚଢାଉକୁ ନେଇ ଜିଲାରେ ଚୋରା ଚାଲାଣ କରୁଥିବା ବାଲି ଓ ପଥର ମାଫିଆଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି।

## ଲାଞ୍ଜିଗଡ଼ରେ ୮ଦିନ ହେଲା ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ନାହିଁ

ଲାଞ୍ଜିଗଡ଼,୨୦।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳରେ ୮ଦିନ ହେଲା ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା କଥା, ଲାଞ୍ଜିଗଡ଼ ଏକ ଶିଳ୍ପାଞ୍ଚଳ ହୋଇଥିବା ବେଳେ ଅଧିକାଂଶ ଲୋକ ବିଏସ୍‌ଏନ୍‌ଏଲ୍ କମ୍ପାନୀ ସିମ୍ ବ୍ୟବହାର କରିଥାନ୍ତି। ଏପରି କି ଅଫିସଗୁଡ଼ିକରେ ମଧ୍ୟ ଏହି କମ୍ପାନୀର ନେଟ୍ ବ୍ୟବହାର ହୋଇଥାଏ। ଅଧିକାଂଶ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ବିଏସ୍‌ଏନ୍‌ଏଲ୍ ନମ୍ବର ଜଡ଼ିତ ଥିବାରୁ ସେମାନେ ଓଟିପି ନ ଆସିଲେ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି। ବିଗତ ୮ଦିନ ହେଲା ଏହି ସମସ୍ୟା ଲାଗିରହିଛି। ପ୍ରତି ମାସରେ ୫ଦିନ ୬ଦିନ ନେଟ୍‌ୱର୍କ ଉଭାନ ହୋଇଯାଏ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲାଞ୍ଜିଗଡ଼ ବ୍ଲକ୍‌ର ବିଶ୍ୱନାଥପୁର ଓ ଦୁର୍ଗମ ଘାଟି ଅଞ୍ଚଳରେ ଥିବା ମୁଷନାଳ ଓ ବିଜେପୁରଠାରେ ବିଏସ୍‌ଏନ୍‌ଏଲ୍ ଟାୱାର ସ୍ଥାପନ କରାଯାଇଛି। ହେଲେ ତାହା ନାମକୁମାତ୍ର। ନେଟ୍ କାମ ଥିଲେ ଲୋକେ ହାତିଶାଳ ଘାଟିକୁ ଆସି ନିଜ କାମ କରୁଛନ୍ତି। ଏ ବିଷୟରେ ନେଟ୍‌ୱର୍କ ବିଭାଗର ରମାକାନ୍ତ ପ୍ରାମାଣିକଙ୍କୁ ପଚାରିବାରୁ ସେ କହିଲେ, କେବୁଲ କଟିଯାଇଥିବାରୁ ନେଟ୍‌ୱର୍କ ନାହିଁ। କେବୁଲ କାମ କରିବା ପାଇଁ କର୍ମଚାରୀ ଯାଇଥିଲେ, ସେମାନଙ୍କୁ ପଚାରିଲେ ଜଣାପଡ଼ିବ ବୋଲି ପ୍ରକାଶ କରିଥିଲେ। କେବୁଲ ଯୋଡ଼ିବା ବିଭାଗର ରଜନୀକାନ୍ତ ମିଶ୍ରଙ୍କୁ ପଚାରିବାରୁ ଲାଞ୍ଜିଗଡ଼ ପ୍ଲାଣ୍ଟ ଭିତରେ କେବୁଲ କଟିଛି। ଭିତରକୁ ଯିବା ପାଇଁ ଅନୁମତି ମିଳିଲେ କେବୁଲ ଯୋଡ଼ାଯିବ ଓ ଏଥିପାଇଁ ୨/୩ ଦିନ ଲାଗିପାରେ ବୋଲି ପ୍ରକାଶ କରିଥିଲେ। ଏହାକୁ ନେଇ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି।

## ଅବହେଳା ପାଇଁ ଟ୍ରାଭେଲ ଏଜେନ୍ସି ଦଣ୍ଡିତ

ନୂଆପଡ଼ା,୨୦।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖାଉଟି ଅଦାଲତରେ ଏକ ଟ୍ରାଭେଲ ଏଜେନ୍ସି ଦଣ୍ଡିତ ହୋଇଛି। ଟ୍ରାଭେଲ ଏଜେନ୍ସି ଜିଲା ଖାଉଟି ଅଦାଲତର ଆଦେଶକୁ ଅନୁପାଳନ କରି ଅଭିଯୋଗକାରୀଙ୍କୁ କ୍ଷତି ପୂରଣ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ନୂଆପଡା ଜିଲା ଜୋଙ୍କ ଥାନା ଖରିଆର ରୋଡ ସହର ୱାର୍ଡ ନଂ-୯ର ଦୀପକ ଯୋଶୀ ଗତବର୍ଷ କୋଚିନ ସହରର ଶ୍ରୀକଣ୍ଠଥ ରୋଡର ଟୁରଏକଲ ଟ୍ରାଭେଲ ଏଜେନ୍ସିର ଏକ ଯାତ୍ରା ଅବକାଶ ପ୍ୟାକେଜ କିଣିଥିଲେ। ଏଥିରେ କନ୍ୟାକୁମାରୀର ଗ୍ରାଣ୍ଡ ସୁପରିୟର ୩ ଷ୍ଟାର ହୋଟେଲ ଟେମ୍ପଲ ସିଟି ବଦଳରେ ଆବାସ ବ୍ୟବସ୍ଥା ଚୁକ୍ତି ହୋଇଥିଲା। କିନ୍ତୁ ଟ୍ରାଭେଲ ଏଜେନ୍ସି ତରଫରୁ ଟେମ୍ପଲ ସିଟି ବଦଳରେ ହୋଟେଲ ସି ଫେସରେ ଆବାସ ବ୍ୟବସ୍ଥା କରାଯାଇଥିଲା। ଚୁକ୍ତି ମୁତାବକ ଆବଶ୍ୟକ ସୁବିଧା ମିଳି ନ ଥିଲା। ଏଣୁ ଦୀପକ ୨୦୨୪ ଅକ୍ଟୋବର ୬ରେ ଖରିଆର ରୋଡ ଟ୍ରାଭେଲ ଏଜେନ୍ସି ବିରୋଧରେ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସଦସ୍ୟ ହଳଧର ପଧାନଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ଶୁଣାଣି କରିଥିଲେ । ଏଥିରେ ଗ୍ରାହକଙ୍କ ପ୍ରତି ଅବହେଳା କରିଥିବାରୁ ଟ୍ରାଭେଲ ଏଜେନ୍ସିକୁ ୧୫ ହଜାର ଟଙ୍କାର କ୍ଷତିପୂରଣ ଓ ମୋକଦ୍ଦମା ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

### ଖଡ଼ିଆଳ ମହୋତ୍ସବ ୱେବ୍‌ସାଇଟ ଉନ୍ମୋଚିତ

ଖଡ଼ିଆଳ,୨୦।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳର ବିଲୁପ୍ତ ଲୋକକଳା, ଲୋକ ସାହିତ୍ୟ, ଲୋକ ସଂସ୍କୃତିର ପୁନରୁଦ୍ଧାର ପାଇଁ ଆୟୋଜିତ ହୋଇଆସୁଛି ଖଡ଼ିଆଳ ମହୋତ୍ସବ। ଚଳିତବର୍ଷ ଏହା ୧୯ ବର୍ଷରେ ପଦାର୍ପଣ କରିଛି। ମହୋତ୍ସବର ପ୍ରଚାରପ୍ରସାର ପାଇଁ ଆୟୋଜକ କମିଟି ପକ୍ଷରୁ ଏକ ୱେବ୍‌ସାଇଟ ଉନ୍ମୋଚନ କରାଯାଇଛି। ମୁଖ୍ୟ ଅତିଥି ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀଙ୍କ କରକମଳରେ ଏହା ଉନ୍ମୋଚିତ ହୋଇଥିଲା। ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଆୟୋଜକ କମିଟି ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ମହୋତ୍ସବ ନାଁରେ ୱେବ୍‌ସାଇଟ ଉନ୍ମୋଚନ ହୋଇଥିଲା। www.khadialmohtsavରେ ନାମିତ ୱେବ୍‌ସାଇଟରେ ମହୋତ୍ସବର ସମସ୍ତ ସୂଚନା ଉପଲବ୍ଧ ଥିବା କମିଟି ସଭାପତି ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ମହୋତ୍ସବକୁ ଆହୁରି ଆଗେଇନେବାରେ ସହାୟକ ହେବ ବୋଲି ବିଧାୟକ ପାଣିଗ୍ରାହୀ ମତପ୍ରକାଶ କରିଥିଲେ। ୱେବ୍‌ସାଇଟ ଉନ୍ମୋଚନ ସମୟରେ ମହୋତ୍ସବ କମିଟି ପଦାଧିକାରୀ ସହ ବିଭିନ୍ନ ଉପ କମିଟି ଆବାହକ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ



ଅତିଥିଙ୍କ ସହ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନେ।

ଗୋଲାମୁଣ୍ଡା,୨୦।୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅଧକ୍ଷ ଜୟନ୍ତ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ନମ୍ରତା ନାୟକ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧାପକ ସରୋଜ କାନ୍ତ ରଥ, ଅଧାପକ ପ୍ରଦୀପ କୁମାର ମିଶ୍ର, ଅଧାପିକା ସୋଭଗିନୀ ନାୟକ, କ୍ଷୀରସିନ୍ଧୁ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧିକାରୀ ଲିଙ୍ଗେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ପ୍ରଶିକ୍ଷିକା ସୋନାଲି ପଣ୍ଡା ଓ ବନିତା ରାଉତ ୧୦୦ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ହୋଇଥିବା ୪ ବରିଷ୍ଠ ବ୍ୟାଡମିଣ୍ଟନ ଖେଳାଳି।

## ଚମକିଲେ କଳାହାଣ୍ଡିର ବରିଷ୍ଠ ଖେଳାଳି

**ଓଡିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ରାଙ୍କିଙ୍ଗ ଟୁର୍ନାମେଣ୍ଟ**

ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)

ବାଲେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଡୋର ହଲ ଠାରେ ଗତ ୩ଦିନ ଧରି ଚାଲିଥିବା ଓଡିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ରାତିରେ ଉଦଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ କଳାହାଣ୍ଡିର ବରିଷ୍ଠ ଖେଳାଳିମାନେ ଚମକି ଛନ୍ତି। ୪ଟି ବର୍ଗରେ ସେମାନେ ଚାମ୍ପିୟନ ହୋଇ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କଳାହାଣ୍ଡିର ମହେଶ କୁକରେଜା ୫୦ବର୍ଷରୁ ଉର୍ଦ୍ଧ୍ୱ (ଡବଲ୍ସ)ରେ ଚାମ୍ପିୟନ ହୋଇଥିବା ବେଳେ ୫୫ ବର୍ଷରୁ ଉର୍ଦ୍ଧ୍ୱରେ ସମୀର କୁମାର ସାହୁ ଚାମ୍ପିୟନ ହୋଇଛନ୍ତି। ସେହିପରି ୬୦ ବର୍ଷରୁ ଉର୍ଦ୍ଧ୍ୱ (ସିଙ୍ଗଲ୍ସରେ) ଗୌରୀ ଶଙ୍କର ବିଶି ଓ ୭୦ବର୍ଷରୁ ଉର୍ଦ୍ଧ୍ୱରେ ମନୋରଞ୍ଜନ ଦାସ ଚାମ୍ପିୟନ ହୋଇଛନ୍ତି। ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଶଗଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଶଗଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପୂଜ୍ୟ ପ୍ରଣାମ -୨୦୨୫ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଯୋଗାଚାର୍ଯ୍ୟ ତଥା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡା. ନୀହାରେନ୍ଦ୍ର ପଣ୍ଡା ଯୋଗଦେଇ ଶାରୀରିକ ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ବଂଶୀବାଦକ ତଥା ଧର୍ମଗଡ଼ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସଞ୍ଜୀବ ମୁଣ୍ଡ, ଚିତ୍ରଶିଳ୍ପୀ ମୁକୁନ୍ଦ ରେଙ୍ଗୀ, ସର୍ଗୀଗୁଡା କ୍ଲଷ୍ଟର ସିଆର୍‌ସିସି ମହମ୍ମଦ ଜାର୍କି, ଶଗଡା ସରପଞ୍ଚ ଗୋବିନ୍ଦ ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆସନ୍ତ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଜୟାପ୍ରଦା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଚଳିତ ଶିକ୍ଷାବର୍ଷରେ ସର୍ବାଧିକ ଉପସ୍ଥାନ ପାଇଁ କୁନ୍ତଳା ଦଣ୍ଡସେନା, ପରିଚ୍ଛନ୍ନତା ପାଇଁ ବୈଷ୍ଣବୀ ନାଏକ, ଶ୍ରେଷ୍ଠ ଛାତ୍ର ଭାବରେ ନିତିନ ନାଏକ, ୨୦୦୪ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କସିସ ନାଏକଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ ଉଦ୍‌ଯାପିତ

ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୫ ଦିନ ଧରି ଚାଲିଥିବା ତୃତୀୟ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗଭ୍ୟାସ ଭୋଇ ମୁଖ୍ୟଅତିଥି ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ, କୁଳସଚିବ ପିତାମ୍ବର ଭୋଇ, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚଗୁଡିକ ସମାନ୍ତରାଳ ଭାବରେ ବିଶ୍ୱବିଦ୍ୟାଳୟ ଖେଳପଡିଆ ଓ ପୋଲିସ ରିଜର୍ଭ ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଘରୋଇ ଦଳକୁ ୩ ଉଇକେଟରେ ପରାସ୍ତ କରି ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ମ୍ୟାଚଗୁଡିକୁ ସୁମିତ ପଟ୍ଟନାୟକ, ବିପ୍ଲବ ସିଂହ ଓ ଆଦିତ୍ୟ ନାରାୟଣ ପ୍ରଧାନ ପରିଚାଳନା କରିଥିଲେ। ଶେଷରେ ସୁବ୍ରତ ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଉଦ୍‌ଯାପନୀ ସମାରୋହରେ ଅତିଥି ସହ ଖେଳାଳିମାନେ।

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କୋକସରା,୨୦।୧ (ଦୁଷ୍ମନ୍ତ କୁମାର ପାଢୋଷୀ): ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ସୋମବାର କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓଙ୍କ ଅନୁପସ୍ଥିତିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗ୍ରାମର ସଚେତନ ନାଗରିକ ଉପସ୍ଥିତ ରହି ସାଧାରଣତନ୍ତ୍ର ଦିବସ ପାଳନ ଉପରେ ଆଲୋଚନା କରିଥିଲେ। ପ୍ରତ୍ୟୁଷରେ ପ୍ରଭାତ ଫେରି ଓ ବିଭିନ୍ନ ଅନୁଷ୍ଠାନରେ ସକାଳ ୭ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ ପରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହେବ। ବୈଠକରେ ବିଆର୍‌ସିସି ତୋଫାନ ମାଝୀ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର

ଗୋଲାମୁଣ୍ଡା, ୨୦।୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ଗ୍ରାମପଞ୍ଚାୟତ ପ୍ରକୋଷ୍ଠରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ଶ୍ରୀଧର ପଣ୍ଡା, ଗୋଲାମୁଣ୍ଡା ଅତିରିକ୍ତ ତହସିଲଦାର ଜୟସେନ ଧରୁଆ, ସିଡିପିଓ କେ ଉଷା ଲକ୍ଷ୍ମୀ, ଏବିଇଓ ଲିନା ଦାଶ, ସହକାରୀ ଯନ୍ତ୍ରୀ ପର୍ଶୁରାମ ନାୟକ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ବୃନ୍ଦାବାହାଲ ସମିତିସଭ୍ୟ ଗୋରେଖ ବିଶି ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ସମୁଦାୟ ୯୭ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୧୯ଜଣଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ଅଧିକାଂଶ ଆବାସ ଯୋଜନା ପାଇଁ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଧରା ହେଲା ଗୋଠଛଡ଼ା ଭାଲୁ

କୋକସରା,୨୦।୧ (ଦୁଷ୍ମନ୍ତ କୁମାର ପାଢୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ଶିଉନି ଅଞ୍ଚଳରେ ଏକ ଗୋଠଛଡା ଭାଲୁ ଦିନ ଦ୍ୱିପ୍ରହରରେ ଖାଦ୍ୟ ଅନ୍ୱେଷଣରେ ବିଭିନ୍ନ ସ୍ଥାନରେ ବିଚରଣ କରୁଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମ ସମେତ ଧରିତ୍ରୀରେ ଖବର ପ୍ରକାଶ ପରେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର. କାଳାଇ ଭେନନଙ୍କ ଦୃଷ୍ଟି ଗୋଚର ହୋଇଥିଲା। ସୋମବାର ଦକ୍ଷିଣ ବନଖଣ୍ଡ ଜୀବଜନ୍ତୁ ଉଦ୍ଧାରକାରୀ ଦଳର ଏକ ଟିମ ଶିଉନି ଗ୍ରାମରେ ପହଞ୍ଚି ନିକଟସ୍ଥ ଏକ ପରିତ୍ୟକ୍ତ ରାଇସ ମିଲ ମଧ୍ୟରୁ ଭାଲୁକୁ ଟ୍ରାଙ୍କୁଲାଇଜର କରି ଯନ୍ତାରେ ନେଇ ଯାଇଛନ୍ତି। ଏହି ସମୟରେ ଧର୍ମଗଡ଼ ରେଞ୍ଜ ଅଫିସର ଭବାନୀ ଶଙ୍କର କାଉର୍, ଆମପାଣି ଫରେଷ୍ଟର ଚିତ୍ତରଞ୍ଜନ ବେହେରା, କୋକସରା ପ୍ରାଣୀ ଚିକିତ୍ସା ଅଧିକାରୀ ସୁଜିତ କୁମାର ଶତପଥୀ ଉପସ୍ଥିତ ଥିଲେ।

## ରିଷିଡ଼ା କପ୍ ଫୁଟ୍‌ବଲ: ଘଣ୍ଟାପଡା ବିଜୟୀ

ରିଷିଡ଼ା,୨୦।୧ ((ସୁଶାନ୍ତ ମଲ୍ଲିକ)

କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ମିନିଷ୍ଟାଡିୟମଠାରେ ସୋମବାର ରିଷିଡା କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ରିଷିଡା ଓ ଘଣ୍ଟାପଡା (ବୌଦ୍ଧ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଘଣ୍ଟାପଡ଼ା ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ପିଙ୍କୁ ଚନ୍ଦନ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ସାହୁ ଓ ଗୋବର୍ଦ୍ଧନ ମାଝୀ ଲାଇନରେ ସହାୟତା କରିଥିଲେ। ଉଦଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଭୂପିନ୍ଦର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଦ୍ୟୋଗପତି ଶିବଲାଲ କେଡିଆ, ସାମାଜିକ କର୍ମୀ ନେମିଚାନ୍ଦ ଜୈନ (ମିନୁ) ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ନରୋତ୍ତମ ସେଲମା ସଭାପତିତ୍ୱ କରିଥିଲେ। ମଙ୍ଗଳବାର ବଲାଙ୍ଗୀର ସ୍ପୋର୍ଟିଙ୍ଗ କ୍ଲବ ଓ ଟିଟିଲାଗଡ ରାଇଜିଂ ଷ୍ଟାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## କାୟାକଳ୍ପ ଟିମ୍‌ର କୋକସରା ସିଏଚ୍‌ସି ପରିଦର୍ଶନ




କାୟାକଳ୍ପ ଟିମ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ।

କୋକସରା,୨୦।୧ (ଦୁଷ୍ମନ୍ତ କୁମାର ପାଢୋଷୀ)

ରାଜ୍ୟ କାୟାକଳ୍ପ ଟିମ୍‌ର ଏକ ପ୍ରତିନିଧି ଦଳ ସୋମବାର କଳାହାଣ୍ଡି ଜିଲା କୋକସରା ସିଏଚ୍‌ସି ପରିଦର୍ଶନ କରିଛନ୍ତି। ଟିମ୍ ସଦସ୍ୟ ଡାକ୍ତରଖାନାରେ ସ୍ୱଚ୍ଛତା, ଭିତିଭୂମି ଓ ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ସିଏଚ୍‌ସିର ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ରାଜ୍ୟ କାୟାକଳ୍ପ ବିଭାଗର ଡଡ଼ିଏସ୍ ଅରବିନ୍ଦ, ଯୁଗ୍ମ ନିର୍ଦ୍ଦେଶକ ଏଚ୍‌ଆଇଭି ଏଡ୍‌ସ ବସନ୍ତ କୁମାର ସାହୁ, କନସଲଟିଂ ସିପି ପ୍ରିତିଶ ରଞ୍ଜନ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପିରମାଲ ଫାଉଣ୍ଡେସନ, ଜିଲା କାୟାକଳ୍ପ ବିଭାଗ ମାଇକ୍ରୋ ବାଇଲୋଜିଷ୍ଟ ଲିପ୍ସା ପ୍ରିୟଦର୍ଶନୀ ମହାନ୍ତି ପ୍ରମୁଖ ସାମିଲ ଥିଲେ। ସିଏଚ୍‌ସିର ବହିଃ ବିଭାଗ, ଅନ୍ତଃ ବିଭାଗ, ଅସ୍ତ୍ରୋପଚାର କକ୍ଷ, ପ୍ରସୁତି ୱାର୍ଡ, ପେସେଣ୍ଟ ୱାର୍ଡ, ଔଷଧ ଭଣ୍ଡାର, ବର୍ଯ୍ୟବସ୍ତୁ ପରିଚାଳନା ବିଭାଗ, ଶବ ବ୍ୟବଚ୍ଛେଦ ଗୃହ ବୁଲି ଦେଖିବା ସହ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ଟିମ୍ ସହ କୋକସରା ସିଏଚ୍‌ସି ଇନ୍‌ଚାର୍ଜ ଡା. ତତ୍ତ୍ୱଦର୍ଶୀ ଦାଶ, ଡା. ଦେବେନ୍ଦ୍ର ମାଝୀ, ଡା. ମାନସ ମେହେର, ଡା. ଉମାକାନ୍ତ ଶବର, ଫାର୍ମାସିଷ୍ଟ ସୁଧିର ଧଙ୍ଗ ମାଝୀ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଡୁମାଳ ସମାଜର ନୂତନ କମିଟି ଗଠିତ

ବିନିକା, ୨୦।୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାର ଇଷ୍ଟଦେବୀ ମା’ ନାରାୟଣୀ ମନ୍ଦିରରେ ସହରାଞ୍ଚଳ ଡୁମାଳ ସମାଜର ନୂତନ କମିଟି ସୋମବାର ଗଠନ କରାଯାଇଛି। ଗନ୍ଧର୍ବ ମାହାରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତକ୍ରମେ ସଭାପତିଭାବେ ଭୁବନେଶ୍ୱର ପାତ୍ର, ସମ୍ପାଦକ ଗନ୍ଧର୍ବ ମାହାର, ଉପସଭାପତି କାହ୍ନୁ କର୍ଣ୍ଣ, କୋଷାଧ୍ୟକ୍ଷ କୈଳାସ ମାହାର ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ଗଦାଧର ମାହାର, ଭୀମସେନ ମହାକୁର, ଗଙ୍ଗାଧର ମାହାର, ମୀନକେତନ ବାଘ, ଘନାଶ୍ୟାମ ପଧାନଙ୍କୁ ରଖାଯଇଛି। କମିଟି ଗଠନ ପରେ ସମାଜର ଉନ୍ନତି ଏବଂ ସମାଜରେ ଭାଇଚାରା ବଜାୟ ରଖିବା ନେଇ ପ୍ରୟାସ ଜାରି ରହିବ ବୋଲି ସଭାପତି ପାତ୍ର କହିଛନ୍ତି।

### ରାମାୟଣ ପାରାୟଣ

ଅମରପାଲି, ୨୦।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଯୁଧିଷ୍ଠିରପୁର ଗ୍ରାମରେ ଏକଦିବସୀୟ ତୁଳସୀ ରାମାୟଣ ପଠନ ଅନୁଷ୍ଠିତ ହୋଇଛି। ଉକ୍ତ ପାରାୟଣରେ ଗୋବର୍ଦ୍ଧନ ମିଶ୍ର ବ୍ୟାସଭାବେ ଯୋଗଦେଇ ଗ୍ରାମର ବଟ ବୃକ୍ଷ ପ୍ରଙ୍ଗଣରେ ତୁଳସୀ ରାମାୟଣ ପଠନ କରିଥିଲେ। ଗ୍ରାମର ପାରାୟଣ କମିଟି ସଭାପତି ବିହାରି ପଧାନ, ଉପସଭାପତି ସୁଶାନ୍ତ ପଧାନ, ସମ୍ପାଦକ ହିମାଂଶୁ ପଧାନ, କୋଷାଧ୍ୟକ୍ଷ ପ୍ରଦୀପ ପଧାନ, କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ସମସ୍ତ ଭକ୍ତ ପରିଚାଳନରେ ସହଯୋଗ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ

ବୌଦ୍ଧ, ୨୦।୧ (ଅଜିତ କୁମାର ବାରିକ)

ବୌଦ୍ଧ ଥାନା ଅନ୍ତର୍ଗତ ବାଲିପଟା ନର୍ସରୀଠାରେ ଏକ ଗଛରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ବୌଦ୍ଧ ଥାନା ଜଟେସିଙ୍ଗା ଗ୍ରାମର ବିଭୂତି ସେଠି (୨୫) ନିଖୋଜ ଥିବାନେଇ ଗତ ରବିବାର ସମ୍ପର୍କୀୟ ଭାଇ ନିରାକାର ସେଠି ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ସୋମବାର ବିଭୂତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ବାଲିପଟା ନର୍ସରୀଠାରେ ଏକ ଗଛରେ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଦେଖିବାକୁ ପରେ ବୌଦ୍ଧ ପୋଲିସକୁ ଖବର ଦେଇଥିଲେ। ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଘରୋଇ ଗାଡିରେ ଅରେଞ୍ଜି ଲାଇଟ୍

ସୋନପୁର, ୨୦।୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସିଡିଓ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର କିଛି ମାସ ହେବ ଏକ ଘରୋଇ ନମ୍ବର ଥିବା ଗାଡ଼ିକୁ ବ୍ୟବହାର କରୁଛନ୍ତି। ଅଫିସ କାମରେ ବ୍ୟବହାର କରୁଥିବା ଉକ୍ତ ଗାଡିରେ ଅରେଞ୍ଜ୍ ଲାଇଟ୍ ଲଗାଯାଇଛି। ଏହି ଗାଡିରେ ବସି ସେ ସାରା ଜିଲା ବୁଲୁଛନ୍ତି। ତେବେ ଏହା ପରିବହନ ବିଭାଗର ଦୃଷ୍ଟିକୁ ଆସୁନି। ପରିବହନ ବିଭାଗ ସାଧାରଣ ଲୋକଙ୍କ ପାଇଁ କଡା ଆଭିମୁଖ୍ୟ ପୋଷଣ କରୁଥିବା ବେଳେ ସିଡିଓ ଚଢୁଥିବା ଗାଡିକୁ ହାତ ମାରିବାକୁ ସାହସ ଜୁଟାଇ ପାରୁନି। ଜିଲାପାଳ ଛୁଟିରେ ଗଲେ ସିଡିଓ ଜିଲାପାଳ ଦାୟିତ୍ୱରେ ରହୁଛନ୍ତି। ତେଣୁ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ନେଉନଥିବା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଞ୍ଚଳିକ ପରିବହନ ଅଧିକାରୀ ଆଇନ ଅନୁଯାୟୀ ଭିସିଆର କାଟିବା ସହ ଉକ୍ତ ଗାଡି ଜବତ କରିବାକୁ ଦାବି ହେଉଛି।

ଉଲୁଣ୍ଡା ଚଢେଇପଙ୍କ ଅଞ୍ଚଳର ଧନମଣି ମେହେରଙ୍କ ମହିନ୍ଦ୍ରା ଏକ୍ସୟୁଭି ୭୦୦ ଗାଡିକୁ ସିଡିଓ ଚଢୁଛନ୍ତି। ଏହି ଗାଡିର ନଂ. ଓଡି୦୩ଏଡି-୪୮୧୬। ଯାହାକି ଏକ ଘରୋଇ ନମ୍ବର ଏବଂ ସେଥିରେ ଅରେଞ୍ଜ୍ ଲାଇଟ୍ ଲାଗିଛି। ନିୟମ ଅନୁଯାୟୀ କୌଣସି ସରକାରୀ କାର୍ଯ୍ୟାଳୟରେ ଘରୋଇ ଗାଡି ବ୍ୟବହାର ହୋଇପାରିବ ନାହିଁ। କିନ୍ତୁ ସିଡିଓ ଏହା କରି ଆସୁଛନ୍ତି। ଏହା ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍‌ର ଖୋଲା ଉଲ୍ଲଂଘନ। ଅନ୍ୟପକ୍ଷେ ଏହା ଏକ ଘରୋଇ ଗାଡି ଭାବେ ପଞ୍ଜିକରଣ ହୋଇଥିବାରୁ ଏଥିରେ ସ୍ପିଡି ଗଭର୍ନର, ଭିଏଲଡିଟି ଓ ପାନିକ୍ ବଟନ ସଂଯୋଗ ହୋଇନି। ସିଡିଓଙ୍କ କାର୍ଯ୍ୟାଳୟରେ ଏହି ଗାଡି ବ୍ୟବହାର ପାଇଁ ନିୟମ ଅନୁଯାୟୀ ଟେଣ୍ଡର ନୋଟିସ୍ ବାହାରିଛି କି ନାହିଁ ତାହା ମଧ୍ୟ ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ କୁହନ୍ତି, ବରିଷ୍ଠ ଅଧିକାରୀମାନେ ଆଇନର ଉର୍ଦ୍ଧ୍ୱରେ ନୁହନ୍ତି। ଘରୋଇ ନମ୍ବର ଥିବା ଗାଡିରେ ଅରେଞ୍ଜି ଲାଇଟ୍ ଲଗାଇ ବ୍ୟବହାର କରିବା ଅନୁଚିତ।



ସରକାରୀ କାର୍ଯ୍ୟାଳୟରେ ଭଡାରେ ଲାଗିଥିବା ଘରୋଇ ଗାଡି।

### ମୋଟର ଯାନ ଆଇନ ଅନୁଯାୟୀ ହେଉନି କାର୍ଯ୍ୟାନୁଷ୍ଠାନ

ପରିବହନ ବିଭାଗ ମୋଟର ଯାନ ଆଇନ ଅନୁଯାୟୀ ଜରିମାନା ଆଦାୟ କରିବା ସହ ଗାଡିକୁ ଜବତ କରୁ। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା କହିଛନ୍ତି, ଅରେଞ୍ଜି ଲାଇଟ୍ ଦୂରର କଥା ଘରୋଇ ନମ୍ବର ଥିବା ଗାଡି ସରକାରୀ କାର୍ଯ୍ୟାଳୟରେ ଭଡାରେ ଲାଗି ପାରିବ ନାହିଁ। ଏଥିପାଇଁ ଆମର ଅନୁମତି କିମ୍ବା ମତାମତ ନିଆ ଯାଇ ନ ଥିବା କହିଛନ୍ତି। ଏ ନେଇ ସିଡିଓ ମେହେରଙ୍କୁ ପଚାରିବାରୁ ସମ୍ବଲପୁରର ଏକ ଟ୍ରାଭେଲ ଏଜେନ୍ସି ଏହି ଗାଡି ଭଡାରେ ଲଗାଇଛି। ପୁରୁଣା ଗାଡି ମରାମତି ଆବଶ୍ୟକ ହେବାରୁ ଏଜେନ୍ସି ୨ମାସ ହେବ ଏହି ଗାଡିକୁ ଅସ୍ଥାୟୀ ଭାବରେ ଦେଇଛି। ତଦନୁଯାୟୀ ରେଜିଷ୍ଟ୍ରେଶନ କରିବାକୁ ଟ୍ରାଭେଲ ଏଜେନ୍ସିକୁ କୁହାଯାଇଛି ବୋଲି ସେ କହିଛନ୍ତି।

# ୧୭୪ ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ


ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଉଛି।

ଅମରପାଲି, ୨୦।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ ବାଳିକାମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରାଣୀ ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅମରପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ପ୍ରଧାପିକା ଗୀତାଞ୍ଜଳି ପୂଜାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସଭାରେ ଆତ୍ମରକ୍ଷା କୌଶଳ ଶିକ୍ଷାଲାଭ କରିବାର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ମତ ଦେବାସହ ଛାତ୍ରୀ ମାନଙ୍କ ମନୋବଳକୁ ବଢାଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ହରପ୍ରିୟା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ସଂଯୋଜିକା ଅଧ୍ୟାପିକା ସୁପ୍ରଭା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୭୪ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନରଭାବେ ସୁରଜ୍ୟୋତି ପଧାନ ଓ ଶିବାନୀ ପଧାନ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁବାଷ ଚନ୍ଦ୍ର ଶତପଥୀ, ଦିବାକର ଭୋଇ, ଶ୍ରୀରାମ ଦେହେରୀ, କଳାକାହ୍ନୁ ପଧାନ ସହଯୋଗ କରିଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଅମରପାଲି, ୨୦।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ଗ୍ରାମ ପଞ୍ଚାୟତ ପରିସରରେ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତଶିବିରରେ ବୀରମହାରାଜପୁର ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ରାଜୀବ ହାଁସଦାଙ୍କୁ ସରପଞ୍ଚ ଶ୍ରୀଯୁକ୍ତ ନନ୍ଦ ଓ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ସ୍ୱାଗତ କରିଥିଲେ। ପରେ ବ୍ଲକ ତରଫରୁ ହେଉଥିବା ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିରରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ତହସିଲଦାର ପୁନମ ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରିଣୀ ଅଞ୍ଜୁଲତା ମିଶ୍ରଙ୍କ ସମେତ କୃଷି ବିଭାଗ, ଉଦ୍ୟାନ ବିଭାଗ, ଶିକ୍ଷାବିଭାଗ, ଯୋଗାଣ ବିଭାଗ ସହ ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ। ଶିବିରରେ ସମୁଦାୟ ସମୁଦାୟ ୪ ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ ୨ଟି ସାମୂହିକ ଓ ୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌର ଚରଣ ସାହୁ, ସୁରେନ୍ଦ୍ର କର୍ଣ୍ଣ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଫକିର ମୋହନ ଓଡ଼ିଆ ସାହିତ୍ୟର କଥା ସମ୍ରାଟ


ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥିମାନେ।

### ସୁବଳୟା ଯୁକ୍ତ ୨ କଲେଜରେ ଆଲୋଚନାଚକ୍ର

ଅମରପାଲି, ୨୦।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨ ମହାବିଦ୍ୟାଳୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଫକିର ମୋହନଙ୍କ ସମଗ୍ର ଗଳ୍ପକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଭାରାପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋନପୁର ମହାବିଦ୍ୟାଳୟ ଅଧ୍ୟାପକ ଡ. ମୀନକେତନ କୁମ୍ଭାର ମୁଖ୍ୟବକ୍ତାଭାବେ ଯୋଗଦେଇ ବ୍ୟାସ କବି ଫକୀର ମୋହନଙ୍କ ବିଭିନ୍ନ ଗଳ୍ପ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ଫକୀର ମୋହନଙ୍କ ଗଳ୍ପ ଓ ଉପନ୍ୟାସ ଉପରେ ଆଲୋଚନା କରିବା ସହିତ ତାଙ୍କୁ ଓଡ଼ିଆ କଥା ସାହିତ୍ୟର କଥା ସମ୍ରାଟ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ପ୍ରଜ୍ଞା କଳ୍ପିତ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଦେବାଶିଷ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଅର୍ପିତା ନାୟକ, ମିତା ପଧାନ, ଅଧ୍ୟାପକ ସଞ୍ଜୟ ମେଣ୍ଡିଲି, ଦିଲୀପ ମେହେର, ଗୋପାଳ ଭୋଇ, ଶମ୍ଭୁ ଭୋଇ, ହରିହର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁ ମହିଳା ପୁରୁଷ।

ଅମରପାଲି, ୨୦।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ପଞ୍ଚାୟତ ଅନ୍ତର୍ଗତ ହନୁମାନପାଲି ଗ୍ରାମରେ ମାଘ ତିଳ ସପ୍ତମୀ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୂଆଁପାଲି ମହାନଦୀ ଘାଟରୁ ଶହଶହ ଶ୍ରଦ୍ଧାଳୁ ମହିଳା ଓ ପୁରୁଷ ଭଜନ ସଂକୀର୍ତ୍ତନ୍ୟ ସହ ଜଳ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସୁରେନ୍ଦ୍ର ମେହେର ଓ ତାଙ୍କ ଧର୍ମପତ୍ନୀ ଗୁଲାପି ମେହେର ପ୍ରହର ଘର କର୍ତ୍ତା ଏବଂ ଯଜ୍ଞକୁଣ୍ଡରେ ଉପେନ୍ଦ୍ର ମେହେର ତାଙ୍କ ଧର୍ମ ପତ୍ନୀ ସବିତା ମେହେର ଦାୟିତ୍ୱ ନିର୍ବାହ କରୁଛନ୍ତି। ମଙ୍ଗଳବାର ଅଷ୍ଟ ପ୍ରହର ନାମଯଜ୍ଞର ନାମାରମ୍ଭ ହେବ। ଆୟୋଜକ କମିଟି ପକ୍ଷରୁ ସଭାପତି ହରି ମେହେର, ସମ୍ପାଦକ ଦୀନବନ୍ଧୁ ମେହେର, କୋଷାଧ୍ୟକ୍ଷ ଶିବରାମ ମେହେରଙ୍କ ସହ ବୈଶାଖୁ ମେହେର, ଅର୍ଜୁନ ମେହେର, ଗଣପତି ମେହେର, ନବୀନ ବାଘ, ନକୁଳ ମେହେର, ଈଶ୍ୱର ହାତୀ, ତ୍ରିନାଥ ମେହେର, ମନରଞ୍ଜନ ମେହେର, କନ୍ଦର୍ପ ମେହେର, ଦାରୁ ହାତୀ, ହାଡୁ ମେହେର, ଗୁର ମେହେର, ପଳାଉ ମେହେର, ରାଜୁ ପଧାନ, ରାମକୃଷ୍ଣ ମେହେରଙ୍କ ସହ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।


କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରୀଛାତ୍ର।

### ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା

ହରଭଙ୍ଗା, ୨୦।୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗାଠାରେ ଥିବା ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ସୋମବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତଙ୍କ ଅଧ୍ୟକ୍ଷତାରେ ଏହି କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା। କ୍ରୀଡା ପ୍ରତିଯୋଗିତାକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପରିଚାଳନା କରିଥିଲେ। ହରଭଙ୍ଗା ଓ ନାରାୟଣ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର କ୍ରୀଡାରେ ଭାଗ ନେଇଥିଲେ। ଅଧ୍ୟାପିକା ସସ୍ମିତା ଧନ୍ୟବାଦ ପ୍ରଦାନ କରିଥିଲେ।

### ପାପକ୍ଷୟ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ

ବିନିକା, ୨୦।୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟ୍ସ କ୍ଲବ କାର୍ଯ୍ୟାଳୟ ପାଖରେ ଆଗାମୀ ଫେବୃଆରୀ ୧୧ରୁ ହେବାକୁ ଥିବା ପାପକ୍ଷୟ ମହୋତ୍ସବ ପାଇଁ ସୋମବାର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ବିନିକା ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ କୁମାର ପଣ୍ଡା ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଞ୍ଚଳର ଶତାଧିକ ଅନୁଷ୍ଠାନ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ବକ୍ସିଂ ପ୍ରତିଯୋଗିତା ପାଇଁ ଚୟନ ଶିବିର

ସୋନପୁର, ୨୦।୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡ଼ିୟମରେ ଏକ ବକ୍ସିଂ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସୁବର୍ଣ୍ଣପୁର ଜିଲାରୁ ମୋଟ ୨୧ଜଣ ବକ୍ସର ଅଂଶଗ୍ରହଣ କରିଥିଲେ। ଏଥିରେ ମହିଳା ବିଭାଗରେ କାଜଲ ସେଠୀ ଓ ସଜନାସିନି ପର୍ଟିଆଙ୍କୁ ଚୟନ କରାଯାଇଛି। ବାଳିକା ବର୍ଗରେ ବିଷ୍ଣୁପ୍ରିୟା ସିଂ, ଅର୍ଜିତା ପଧାନ, ପ୍ରତିମା ମହାନନ୍ଦ ଓ ପାୟଲ ସିଂ ଚୟନ ହୋଇଛନ୍ତି। ଜାନୁୟାରୀ ୨୧ରେ ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡ଼ିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ବକ୍ସିଂ ଚୟନ ଶିବିରରେ ଏହି ୬ ଜଣ ବକ୍ସର ସୁବର୍ଣ୍ଣପୁର ଜିଲାରୁ ପ୍ରତିନିଧିତ୍ୱ କରିବେ। ସେମାନଙ୍କୁ ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ପିୟୁଷ କୁମାର ପଣ୍ଡା ଶୁଭେଚ୍ଛା ଜଣାଇବା ସହ ଉନ୍ନତ ଖେଳ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ମୁଷ୍ଟିଯୋଦ୍ଧା ପ୍ରଶିକ୍ଷକ ରାଜ କୁମାର ମେଷୁଲି, କୃତିବାସ ଶତପଥୀ, ବ୍ରଜଗୋପାଳ ପଣ୍ଡା, ହେମନ୍ତ ରାଉତ, ସୁବର୍ଣ୍ଣପୁର ଜିଲା କ୍ରୀଡ଼ା ସଂଘ ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସହସମ୍ପାଦକ ନନ୍ଦକିଶୋର ତ୍ରିପାଠୀ, ଫୁଟବଲ ସମ୍ପାଦକ ରାଜୀବ କୁମାର ସାହୁ, ଭଲିବଲ ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ, ଭୁକୁଲୁ ବକ୍ସି, କଲିମ ମହମ୍ମଦ, ଗୌରିଶ୍ୟାମ ପଣ୍ଡା, ଦିଲୀପ ଗୁରୁ, ବଳରାମ ପଟ୍ଟନାୟକ, ଗୋପାଳ ବରେଇ ଉପସ୍ଥିତ ଥିଲେ।


କ୍ରୀଡ଼ା ସଂଘର କର୍ମକର୍ତ୍ତାଙ୍କ ଗହଣରେ ଚୟନ ହେଇଥିବା ପ୍ରତିଯୋଗୀ।

# ଖମ୍ଭେଶ୍ୱରୀ କ୍ରିକେଟ: ଖମାରକୁ ଟାଇଟଲ

### ପ୍ରବୀଣ ତାଣ୍ଡିଆ ମ୍ୟାନ ଅଫ ଫାଇନାଲ, ହରି କ୍ଷେତି ମ୍ୟାନ ଅଫ ଦ ସିରିଜ

ଅମରପାଲି, ୨୦।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତମହୁଲ ପଞ୍ଚାୟତ ଟେଭାପଦର ଗ୍ରାମର ଖେଳ ପଡ଼ିଆରେ ଚାଲିଥିବା ମା’ ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁବଳୟାକୁ ହରାଇ ଖମାର ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟ ୧୨-୧୨ ଓ ୮-୮ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମ ଫର୍ମାଟରେ ଖମାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୩ ରନ କରିଥିଲା। ଜବାବରେ ସୁବଳୟା ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ସୁବଳୟା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ଖମାର ଦଳ ଆବଶ୍ୟକ ରନକୁ ୭.୪ ଓଭରରେ ୬ ଉଇକେଟ ହରାଇ ସଂଗ୍ରହ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଖମାର ଦଳ ୨-୦ରେ ମ୍ୟାଚରେ ବିଜେତା ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ରୁଦ୍ର ପ୍ରକାଶ ମହାକୁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବୀତରଣ ଉତ୍ସବରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ନାରାୟଣ ଲୁହା, ପିତାମହୁଲ ସରପଞ୍ଚ ଆକଙ୍କ୍ଷିତା ବଢ଼ିଆ, ଉଫୁଲା ସରପଞ୍ଚ ପ୍ରତିନିଧି ମିନକେତନ ମହାକୁର, ଶ୍ରୀକାନ୍ତ କର୍ମୀ, ମନୋରଞ୍ଜନ ବାଘ, ଜ୍ଞାନେନ୍ଦ୍ର ମହାକୁର, କୁଶଧର ମହାକୁର, ସନ୍ତୋଷ ମହାଲିକ, ଦୁର୍ବାଦଳ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଖମାରର ପ୍ରବୀଣ ତାଣ୍ଡିଆଙ୍କୁ ମ୍ୟାନ ଅଫ ଫାଇନାଲ ଓ ହରି କ୍ଷେତିଙ୍କୁ ମ୍ୟାନ ଅଫ ସିରିଜ ଭାବେ ପୁରସ୍କୃତ କରିବା ସହିତ ଚାମ୍ପିୟନ ଖମାର ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ସୁବଳୟା ଦଳକୁ ନଗଦ ୭ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଶେଷରେ ଆୟୋଜକ ସମ୍ପାଦକ ଘନଶ୍ୟାମ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ମ୍ୟାଚକୁ କୁନୁ ତାଣ୍ଡିଆ ଓ ସନ୍ତୋଷ ବାଦୀ ପରିଚାଳନା କରିଥିଲେ। ଦେବାଶିଷ କ୍ଷେତି ଓ ସନିଦେବ କର୍ତ୍ତିଆ ସ୍କୋରିଙ୍ଗ ଏବଂ ବିନୋଦ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହିତ ଚାମ୍ପିୟନ ଓ ରନର ଅପ ଦଳର ଖେଳାଳିମାନେ।

# ଜୋର ଧରିଲା ମହୋତ୍ସବ ଆୟୋଜନ ଦାବି

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ସ୍ମାର୍ଟ ସିଟି ରାଉରକେଲାରେ କଳା, ସଂସ୍କୃତିର ବିକାଶ ସହ ସହରବାସୀଙ୍କ ମନୋରଞ୍ଜନ ପାଇଁ ସରକାରୀ ଭାବେ ସେଭଳି ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଉନାହିଁ। ସରକାରୀ ସ୍ତରରେ ବରଗଡ଼ରେ ଧନୁଯାତ୍ରା, ସମ୍ବଲପୁରରେ ଯୁବ ମହୋତ୍ସବ, ଝାରସୁଗୁଡ଼ାରେ ଦୁଲ୍‌ଦୁଲି, ସୁନ୍ଦରଗଡ଼ରେ ଯତ୍ରା ଭଳି ମହୋତ୍ସବ କରାଯାଉଛି। ରାଉରକେଲା ଏକ ସଂସ୍କୃତି ସମ୍ପନ୍ନ ସହର ହୋଇଥିବାରୁ ଏଠାରେ ମଧ୍ୟ ସେଭଳି ମହୋତ୍ସବ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହେଉଛି।

୨୦୧୯ରେ ରାଉରକେଲା ସ୍ମାର୍ଟ ସିଟି ପକ୍ଷରୁ ବ୍ରାହ୍ମଣୀ ଫେଷ୍ଟ ଆୟୋଜନ କରାଯାଇଥିଲା। ଏଥିରେ ବଲିଉଡ୍ କଳାକାର ଓ ବାହାର ଠିକାଦାରମାନଙ୍କୁ ସୁଯୋଗ ଦିଆଯାଇଥିଲା। ଏଥିରେ ସ୍ଥାନୀୟ କଳାକାରମାନଙ୍କୁ ସୁଯୋଗ ନ ମିଳିବା ଅଭିଯୋଗରେ ବିବାଦୀୟ ହୋଇପଡ଼ିଥିଲା। ଏହାପରଠୁ ସହରରେ ଏହି ଶ୍ରେଣୀୟ କାର୍ଯ୍ୟକ୍ରମ ହୋଇନାହିଁ।

**ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯିବ: ଆର୍‌ଏମ୍‌ସି**

୨୦୨୩ରେ ବିଶ୍ୱକପ୍ ପୁରୁଷ ହକି ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ କଳାକାରମାନଙ୍କ କୌଣସି ଭୂମିକା ନ ଥିଲା। ୨୦୧୪ରେ ରାଉରକେଲା ମହାନଗର ନିଗମ ଘୋଷଣା ହେବା ପରେ କିଛି ସାମାଜିକ ଅନୁଷ୍ଠାନ ପକ୍ଷରୁ ପ୍ରଶାସନ ତତ୍ତ୍ୱାବଧାନରେ ବିଭିନ୍ନ ସାଂସ୍କୃତିକ ତଥା ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ତେବେ ରାଉରକେଲାରେ ବିଧିବଦ୍ଧ ଭାବେ ପ୍ରଶାସନ ପକ୍ଷରୁ କୌଣସି ମହୋତ୍ସବ ଆୟୋଜନ ହେଉନାହିଁ। ଫଳରେ ଏହି ଅଞ୍ଚଳର କଳାକାରମାନେ ନିଜ ପ୍ରତିଭା ପ୍ରଦର୍ଶନରୁ ବଞ୍ଚିତ ହେଉଛନ୍ତି।

ରାଉରକେଲାର ଜଣେ କଳାକାର ସରୋଜ ପାତ୍ର କୁହନ୍ତି, ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ କିଛି ସାମାଜିକ ଅନୁଷ୍ଠାନ ପ୍ରୟାସରେ ଆର୍‌ଏମ୍‌ସି ସମ୍ମୁଖରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅନେକ କଳାକାର, କ୍ରୀଡ଼ାବିତ୍ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଥିଲେ। ସହରବାସୀଙ୍କ ଭରପୁର ମନୋରଞ୍ଜନ ହେଉଥିଲା। ତେବେ ଅର୍ଥାଭାବରୁ ଏହି ଅଧିକ ଦିନ କରାଯାଇପାରି ନ ଥିଲା। ଏପରି କାର୍ଯ୍ୟକ୍ରମ ବନ୍ଦ ହେବା ଯୋଗୁ କଳାକାରମାନଙ୍କ ମଧ୍ୟରେ ନୈରାଶ୍ୟ ଦେଖାଯାଇଥିଲା ବୋଲି ପାତ୍ର କହିଥିଲେ। ସେହିପରି ବରିଷ୍ଠ ଶ୍ରମିକ ନେତା ବିଷ୍ଣୁ ମହାନ୍ତି, କହିଛନ୍ତି, ଅନେକ ସମୟରେ ଘରୋଇ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଯାହାଦ୍ୱାରା ସମନ୍ୱୟ ସମ୍ପର୍କ ବଳିଷ୍ଠ ହେଉଛି। ତେବେ ପ୍ରଶାସନ ପକ୍ଷରୁ ସ୍ଥାନୀୟ କଳାକାରମାନଙ୍କୁ କଳା ପ୍ରଦର୍ଶନର ସୁଯୋଗ ମିଳିବା ଜରୁରୀ ବୋଲି ସେ କହିଥିଲେ। ଅନୁରୂପ ଭାବେ ସଚେତନତା ନାଗରିକ ମଞ୍ଚ ସଭାପତି ଇଂ. ବିମଳ ବିଶି କୁହନ୍ତି, ୧୯୫୯ରେ ରାଉରକେଲାରେ ଦେଶର ପ୍ରଥମ ରାଷ୍ଟ୍ରାୟତ୍ତ କମ୍ପାନୀ ସ୍ଥାପନ ହେବା ପରେ ଏହା ସର୍ବଧର୍ମ ଓ ବହୁ ଭାଷାଭାଷୀଙ୍କ ସହରରେ ପରିଣତ ହୋଇଛି। ରାଜନୈତିକ ଉଦାସୀନତା ଯୋଗୁ ଏହାର ବିକାଶ ମନ୍ଥର ହୋଇଛି। ଏଠାରେ ଅନେକ ସ୍ୱନାମଧନ୍ୟ କଳାକାର ଜନ୍ମ ହୋଇଛନ୍ତି। ହେଲେ କଳାକାରଙ୍କୁ ପ୍ରୋତ୍ସାହନ ପାଇଁ ପ୍ରଶାସନର ସେଭଳି ଭୂମିକା ନାହିଁ ବୋଲି ବିଶି କହିଛନ୍ତି।

ସେହିପରି ଇଂ. ଅଭୟ ଦାଶ କହିଛନ୍ତି, ଆଦିବାସୀ ବହୁଳ ସୁନ୍ଦରଗଡ଼ର ଏକ ପ୍ରମୁଖ ଅଞ୍ଚଳ ହେଉଛି ରାଉରକେଲା। ଅନ୍ୟ ସ୍ଥାନ ଭଳି ଏଠାରେ ସାଂସ୍କୃତିକ କ୍ୟାଲେଣ୍ଡର କାର୍ଯ୍ୟକ୍ରମ ନାହିଁ କହିଲେ ଚଳେ। ହକି ସମୟରେ ରୋଡ୍ ଶୋ, ପଥପ୍ରାନ୍ତ ନାଟକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ହେଲେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ନିୟମିତ ଧାର୍ଯ୍ୟ ହୋଇପାରୁନାହିଁ। ଏ ନେଇ ପ୍ରଶାସନ ଉପଲବ୍ଧି କରିବା ଉଚିତ ବୋଲି ଦାଶ କହିଥିଲେ। ଏ ସମ୍ପର୍କରେ ଆର୍‌ଏମ୍‌ସି ଯୁଗ୍ମ କମିଶନର ପଲ୍ଲବୀ ନାୟକଙ୍କୁ ପଚରାଯିବାରୁ ସେ କହିଲେ, ରାଉରକେଲାରେ ଏପରି କୌଣସି ନିୟମିତ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇନାହିଁ। ତେବେ ଖୁବ୍‌ଶୀଘ୍ର ଏପରି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରସ୍ତାବ ଦିଆଯିବ ବୋଲି ନାୟକ କହିଥିଲେ।



ଆରଏସ୍‌ପି କଞ୍ଚାମାଲ ପ୍ରବନ୍ଧନ ବିଭାଗରେ ଉପସ୍ଥିତ କର୍ମଚାରୀ।

## ଅଭିନବ ଡିଟାଚେବଲ ମୋନୋ ଚାନେଲ ହୋଷ୍ଟ ବିକଶିତ

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର କଞ୍ଚାମାଲ ପ୍ରବନ୍ଧନ ବିଭାଗର ଉଦ୍ୟୋଗୀ କର୍ମଚାରୀମାନେ ଅଗ୍ନି ନିର୍ବାପନ ପମ୍ପ ହାଉସରେ ଏକ ଡିଟାଚେବଲ ମୋନୋ ଚ୍ୟାନେଲ ହୋଷ୍ଟ ସଫଳତାର ସହ ଡିଜାଇନ ଏବଂ କାର୍ଯ୍ୟକାରୀ କରିଛନ୍ତି। ୧ହଜାର କି.ଗ୍ରା. ପର୍ଯ୍ୟନ୍ତ ଭାର ପରିଚାଳନା କ୍ଷମତା ବହନ କରୁଥିବା ଏହି ଅଭିନବ ସୁବିଧା ପମ୍ପ ହାଉସରେ ମୋଟର ଓ ପମ୍ପଗୁଡ଼ିକର ରକ୍ଷଣାବେକ୍ଷଣ, ସ୍ଥାନାନ୍ତରକୁ ସରଳ କରିବା ସହ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଜାନୁଆରୀ ୧୭ ତାରିଖରେ ସିଜିଏମ୍ ଆଇରନ ଆତିଶ ଚନ୍ଦ୍ର ସରକାର ଆନୁଷ୍ଠାନିକ ଭାବେ ଡିଟାଚେବଲ ମୋନୋ ଚ୍ୟାନେଲ ହୋଷ୍ଟ ସୁବିଧାର ଉଦ୍‌ଘାଟନ କରିଥିଲେ। ଏ ନେଇ ଆର୍‌ଏମ୍‌ଏଚ୍‌ପି ବିଭାଗର ଜିଏମ୍ ଇନ୍‌ଚାର୍ଜ ଜୟଦୀପ ସେଠୀ, ଜିଏମ୍ ମେକାନିକାଲ ମାଧୋ ବାନ୍ରା, ଜିଏମ୍ ଅପରେଶନ ବି. ପ୍ରଭାକର ଷେଣ୍ଡେ, ଜିଏମ୍ ଇଲେକ୍ଟ୍ରିକାଲ ମନୋଜ କୁମାର ଗିରି, ବିଭାଗର ଜିଏମ୍ ପ୍ରସନ୍ନ କୁମାର ନାୟକ, ଡିଜିଏମ୍ ପ୍ରସନ୍ନଜିତ ରାୟ ଏବଂ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରସନ୍ନଜିତ ରାୟଙ୍କ ନେତୃତ୍ୱରେ ଗଠିତ ଦଳ ଡିଟାଚେବଲ ମୋନୋ ଚ୍ୟାନେଲ ହୋଷ୍ଟ ବିକଶିତ କରିଛନ୍ତି।

ଉଲ୍ଲେଖନୀୟ, ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ସୁନିଶ୍ଚିତ କରିବାରେ ଅଗ୍ନି ନିର୍ବାପକ ପମ୍ପ ହାଉସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପମ୍ପ ଓ ମୋଟରଗୁଡ଼ିକୁ ସର୍ବଦା କାର୍ଯ୍ୟକ୍ଷମ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାର ସ୍ଥାପନା ପରଠାରୁ ସୀମିତ ସ୍ଥାନ ଏବଂ ପମ୍ପ ଉଠାଇବା ପାଇଁ ଅନୁପଯୁକ୍ତ ହୋଷ୍ଟ ସ୍ଥିତି ଯୋଗୁ ପମ୍ପ ହାଉସରେ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ଏକ ପ୍ରମୁଖ ଆହ୍ୱାନ ଥିଲା। ରକ୍ଷଣାବେକ୍ଷଣ କର୍ମଚାରୀ ପ୍ରାୟତଃ ଭାରି ଉପକରଣ ସ୍ଥାନାନ୍ତର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯେଉଁଥିପାଇଁ ବ୍ୟାପକ ମାନବ ସମ୍ବଳ, ସମୟ ଓ ପ୍ରୟାସ ଆବଶ୍ୟକ ହେଉଥିଲା। ଏହାବ୍ୟତୀତ ସଙ୍କୀର୍ଣ୍ଣ ସ୍ଥାନରେ ଏପରି ଉପକରଣମାନ ପରିଚାଳନା କରିବାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଦୁର୍ଘଟଣାର ଆଶଙ୍କା ମଧ୍ୟ ସୃଷ୍ଟି କରୁଥିଲା। ହୋଷ୍ଟ ସର୍ବନିମ୍ନ ମାନବ ସମ୍ବଳ ସହିତ ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡ଼ିକର ଦକ୍ଷ ଓ ସୁରକ୍ଷିତ ସ୍ଥାନାନ୍ତରକୁ ସକ୍ଷମ କରୁଛି। କେବଳ ଦୁଇଜଣ ବ୍ୟକ୍ତି ବର୍ତ୍ତମାନ କମ୍ ସମୟରେ କାର୍ଯ୍ୟ ସମାପ୍ତ କରିପାରିବେ, ଯାହା ପ୍ରୟାସ ଓ ସମୟକୁ ଯଥେଷ୍ଟ ହ୍ରାସ କରିଛି। ହୋଷ୍ଟର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଲା ଏହାର ପୃଥକୀକରଣ। ୧୦ମିନିଟ ମଧ୍ୟରେ ଅଧିକ ନିଷ୍କାସନ ଏବଂ ଏହାକୁ ପୋର୍ଟେବଲ୍ ଭାବେ ଅନ୍ୟ ସ୍ଥାନରେ ଉପଯୋଗ ପାଇଁ ସ୍ଥାନାନ୍ତର ହେବ।

## ୨୩ରୁ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ଅଖିଳ ବିଶ୍ୱଭାରତୀ ଗାୟତ୍ରୀ ପରିବାର ପକ୍ଷରୁ ୨୦୨୪-୨୫ ବର୍ଷକୁ ନାରୀ ସଶକ୍ତୀକରଣ ଏବଂ ରାଷ୍ଟ୍ର ଜାଗରଣ ଅଭିଯାନ ଭାବେ ଘୋଷଣା କରାଯାଇଛି। ନାରୀ, ମମତା, ଦୟା, କରୁଣାର ମୂର୍ତ୍ତିମାନ ସ୍ୱରୂପ। ସଂସାର ନିଷ୍ଠୁରତାର ଅଗ୍ନିରେ ଦଗ୍ଧ ହେଉଥିବା ବେଳେ ଯୁଗଋଷି ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଏକବିଂଶ ଶତାବ୍ଦୀକୁ ନାରୀ ଶତାବ୍ଦୀ ଭାବେ ଘୋଷଣା କରିଛନ୍ତି। ନାରୀର ଉପସ୍ଥିତି ହିଁ ସଂସାରରେ ଆନନ୍ଦ ଉଲ୍ଲାସର ସଂରଚନା କରିଥାଏ। ସେହି ଦିବ୍ୟଭାବର ଜାଗରଣ ପାଇଁ ରାଉରକେଲା ଗାୟତ୍ରୀ ଶକ୍ତିପୀଠ ପ୍ରାଙ୍ଗଣରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ କରାଯିବ। ଏହା ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବ। ଏ ନେଇ ସୋମବାର ମଧ୍ୟାହ୍ନ ୧୨ଟାରେ ସେକ୍ଟର-୨ ଗାୟତ୍ରୀ ଶକ୍ତିପୀଠ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଜିଲା ସଂଯୋଜକ କାଶୀନାଥ ପଣ୍ଡା, ମୁଖ୍ୟ ବ୍ୟବସ୍ଥାପକ ନିତ୍ୟାନନ୍ଦ ଦାଶ, ସହ ବ୍ୟବସ୍ଥାପକ ପ୍ରମୋଦ କୁମାର ଅଗ୍ରୱାଲ, କାର୍ଯ୍ୟବାହୀ ସମ୍ପାଦକ ଲମ୍ବୋଦର ମହାଲିକ, କାର୍ଯ୍ୟବାହୀ କୋଷାଧ୍ୟକ୍ଷ ତ୍ରିଲୋଚନ ମିଶ୍ର, ସଦସ୍ୟ ଅରବିନ୍ଦ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଟୋ ଚୋରି: କ୍ରେତାଙ୍କ ସମେତ ୪ ଗିରଫ



ରାଉରକେଲା,୨୦।୧(ସଙ୍ଗୀତା ଜେନା)

ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲଟାଉନଶିପ୍ ଅଞ୍ଚଳରେ ଅଟୋ ଚୋରି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରାହ୍ମଣୀ ତରଙ୍ଗ ଥାନା ବେଦବ୍ୟାସ ମନ୍ଦିର ରୋଡ଼ର ରମାକାନ୍ତ ପ୍ରଧାନ(୩୫), ସଞ୍ଜୟନାଥ ଗୋସାଇଁ(୩୦), ଅଟୋ କ୍ରେତା ଝାଡ଼ଖଣ୍ଡ ଖୁଣ୍ଟି ଜିଲା ଜରେଇଗଡ଼ର ରଘୁନନ୍ଦନ ସିଂହ(୩୦) ଓ ଗୁମ୍‌ଲା ଜିଲା ସିସିଆର ବିଶ୍ୱନାଥ ଓରାମ(୩୫)। ସେମାନଙ୍କଠାରୁ ୫ଟି ଅଟୋ (ନଂ.ଜେଏଚ୍ ୦୫ସିଏଚ୍/୯୦୩୦, ଜେଏଚ୍ ୦୫ସିଜି/୨୮୫୬, ନଂ.ଜେଏଚ୦୧ସିୟୁ/୬୭୧୯, ନଂ.ଜେଏଚ୦୧ସିୟୁ/୬୭୧୯ ଏବଂ ନଂ.ଜେଏଚ୍‌୦୧ଡିଏସ୍/୧୯୭୭) ଜବତ ହୋଇଛି। ସୋମବାର ଅପରାହ୍ନ ୪ଟାରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ସିଭିଲଟାଉନଶିପ୍ ଅଞ୍ଚଳର ମଧୁସ୍ମିତା ସାହୁ ୨୦୨୪ ଜୁନ୍ ମାସରେ ଏକ ଅଟୋ (ନଂ.ଓଡ଼ି୧୪ଟି/୧୫୮୨) କିଣି ଘର ସାମ୍ନାରେ ପାର୍କିଂ କରିଥିଲେ। ଏହାପରେ ସେଠାରୁ ତାଙ୍କ ଅଟୋ ଚୋରି ହୋଇଥିବା ନେଇ ସେ ରଘୁନାଥପାଲି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୩୧୨/୨୪) ରୁଜୁ କରି ତଦନ୍ତ କରିବା ସହ ଉକ୍ତ ୪ଜଣଙ୍କୁ ଗିରଫ କରିଥିଲା। ବେଦବ୍ୟାସ ମନ୍ଦିର ରୋଡ଼ରେ ରହୁଥିବା ରମାକାନ୍ତ ଓ ସଞ୍ଜୟ ନାଥ ଡ୍ରାଇଭର ଅଟନ୍ତି। ସେମାନେ ଅଧିକ ଅର୍ଥ ରୋଜଗାର ଆଶାରେ ଅନ୍ୟମାନଙ୍କ ସହଯୋଗରେ ସହରର ବିଭିନ୍ନ ସ୍ଥାନରୁ ଅଟୋ ଚୋରି କରୁଥିଲେ ଏବଂ ଉକ୍ତ ଅଟୋଗୁଡ଼ିକର ନମ୍ବର ପ୍ଲେଟ୍ ବଦଳାଇ ଝାଡ଼ଖଣ୍ଡରେ ବିକ୍ରି କରୁଥିଲେ। ଏହି ଚୋରି କାର୍ଯ୍ୟରେ ରଘୁନନ୍ଦନ ଏବଂ ବିଶ୍ୱନାଥ ସହଯୋଗ କରିବା ସହ ସେମାନଙ୍କଠାରୁ ଚୋରି ଅଟୋ କିଣୁଥିଲେ। ଏହି ଗ୍ୟାଙ୍ଗର ଅନ୍ୟମାନେ ଫେରାର ଅଛନ୍ତି ଏବଂ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଅର୍ଦ୍ଧଦଗ୍ଧ ଯୁବକ ମୃତ

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ରାଉରକେଲା ରେଳଷ୍ଟେଶନ ଆଉଟର (ଝାରସୁଗୁଡ଼ା ଶେଷ) ନିକଟରେ ଗତ ୮ ତାରିଖ ମଧ୍ୟାହ୍ନ ୧୨ଟାରେ ଏକ ଲୁହା ପାଇପ ନେଇ ଯାଉଥିବା ଜଣେ ଯୁବକ ରେଳବାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅର୍ଦ୍ଧଦଗ୍ଧ ହୋଇଯାଇଥିଲେ। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଲେ ନୟାବଜାରର ବବ୍‌ଲୁ ଲାକ୍ରା(୨୬)। ଏ ନେଇ ଜିଆରପି ଥାନାରେ ସୋମବାର ଅପରାହ୍ନ ୪ଟାରେ ଏକ ମାମଲା (ନଂ.୯/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ଆର୍‌ଏସ୍‌ପି ଠିକା ଶ୍ରମିକ ପୁରସ୍କୃତ



ଠିକା ଶ୍ରମିକମାନଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଷ୍ଟିଲ ମେଲ୍ଟିଙ୍ଗ ଶପ୍-୨ ବିଭାଗ ସମ୍ମିଳନୀ କକ୍ଷରେ ଗତ ୧୪ ତାରିଖରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ବିଭିନ୍ନ ଏଜେନ୍ସିର ୪ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କ କାର୍ଯ୍ୟସ୍ଥଳରେ ପ୍ରଶଂସନୀୟ ପ୍ରୟାସ ପାଇଁ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ୍ ଟି. ପି. ଶିବଶଙ୍କର ଅଧ୍ୟକ୍ଷତା କରି ଠିକା ଶ୍ରମିକମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଏସ୍‌ଏସ୍‌ଏସ୍-୨ ଅପରେଶନ ବିଭାଗର ଜିଏମ୍ ଇନ୍‌ଚାର୍ଜ ଅଜିତ କୁମାର ଦାସ, ଏସ୍‌ଏମ୍‌ଏସ୍-୨ ମେକାନିକାଲ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏମ. ଜି ଶ୍ରୀକାନ୍ତ, ଏସ୍‌ଏମ୍‌ଏସ-୨ ଇଲେକ୍ଟ୍ରିକାଲ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି. ପ୍ରଣୟ, ଏଚ୍‌ଆର-ସିଏଲସିଟି ଏଣ୍ଡ ଏମ୍ ବିଭାଗର ଜିଏମ ଜି. ଆର ଦାସ, ଏଚ୍‌ଆର ବିଭାଗ ଏଜିଏମ୍ ଦେବାଶିଷ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାମାନଙ୍କ ମଧ୍ୟରେ ମେସର୍ସ ଅଙ୍କିତା କନଷ୍ଟ୍ରକ୍ସନର ଠିକା ଶ୍ରମିକଙ୍କୁ କନଭର୍ଟର ଅଞ୍ଚଳର ହାଉସକିପିଂରେ ଅନୁକରଣୀୟ ପ୍ରୟାସ ଲାଗି ପୁରସ୍କୃତ କରାଯାଇଥିବା ବେଳେ ମେସର୍ସ ଜାମିପୋଲର ଠିକା ଶ୍ରମିକଙ୍କୁ ବ୍ରେକଡାଉନ ସମୟରେ ଡିଏସ୍ ୟୁନିଟରେ ସିଷ୍ଟମର ପୁନରୁଦ୍ଧାର ପାଇଁ ପୁରସ୍କୃତ କରାଯାଇଥିଲା। ସେହିପରି ମେସର୍ସ ଶର୍ମା ଟ୍ରାନ୍ସପୋର୍ଟର ଜଣେ ଅପରେଟରଙ୍କୁ ଏଫ୍‌ଏସ୍‌ଏନ୍‌ଏଲ୍‌ର ଧର୍ମଘଟ ସମୟରେ ଉତ୍ସର୍ଗୀକୃତ ପ୍ରୟାସ ପାଇଁ ପୁରସ୍କୃତ କରାଯାଇଥିଲା। ଯାହା ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡ଼ିକର ସୁଗମ ପରିଚାଳନାରେ ସହଯୋଗ କରିଥିଲା। ଏସ୍‌ଏମ୍‌ଏସ-୨ ବିଭାଗର ମ୍ୟାନେଜର ପି. କେ. ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## 'ମାନବ ଜୀବନଚର୍ଯ୍ୟାରେ ବିଜ୍ଞାନ ଓ ଆଧ୍ୟାତ୍ମିକତାର ପ୍ରଭାବ' ଆଲୋଚନାଚକ୍ର

ରାଉରକେଲା,୨୦।୧(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ଗୋପବନ୍ଧୁ ପାଠାଗାର ପରିସରରେ ନୂଆଦିଲ୍ଲୀସ୍ଥିତ କର୍ପୋରେଟ୍ ଆଶ୍ରମ ଓ ରାଉରକେଲା ଆସୋସିଏଶନ ଫର ବାୟୋଜେନେସି ଅଫ ସାଇନ୍ସ ଏଣ୍ଡ ସ୍ପିରିଚୁଆଲ (ଆର୍‌ଏବିଏସ୍‌ଏସ୍)ର ମିଳିତ ଉଦ୍ୟମରେ ଏକ ଆଲୋଚନାଚକ୍ର ରବିବାର ରାତି ସାଢ଼େ ୭ଟାରେ ଅନୁଷ୍ଠିତ ହୋଇଯାଇଛି। ହାଇଟେକ୍ ମେଡିକାଲ କଲେଜର ଉପ ଅଧୀକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଆର୍‌ଏସ୍‌ପି ସେବା ନିବୃତ୍ତ ସହ ମହାପ୍ରବନ୍ଧକ ସୁବାସ ଚନ୍ଦ୍ର ମହାପାତ୍ର, ଯୋଗଗୁରୁ ଶ୍ରୀକାନ୍ତ ଷଡ଼ଙ୍ଗୀ ଉପସ୍ଥିତ ରହି ମାନବ ଜୀବନ ଚର୍ଯ୍ୟାରେ ବିଜ୍ଞାନ ଓ ଆଧ୍ୟାତ୍ମିକତାର ପ୍ରଭାବ ଶୀର୍ଷକ ଉପରେ ଆଲୋଚନା କରିଥିଲେ। କର୍ପୋରେଟ୍ ଆଶ୍ରମର ପ୍ରତିଷ୍ଠାତା ସଦସ୍ୟା ଲିପ୍ସା ମହାନ୍ତି, ଆରଏବିଏସ୍‌ଏସ୍ ଉପସଭାପତି ଦେବ ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଭାରତୀୟ ବୈଜ୍ଞାନିକ ଓ ଆଧ୍ୟାତ୍ମିକତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କହିଥିଲେ। ଆରଏବିଏସ୍‌ଏସ୍‌ର ସାଧାରଣ ସମ୍ପାଦକ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସୁନ୍ଦରଗଡ,୨୦।୧
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ସବଡେଗା ବ୍ଲକ କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ବିଦ୍ୟାଳୟର ଏକାଦଶ ଶ୍ରେଣୀର ୫୦ଜଣ ଛାତ୍ରୀ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଲାଭ କରିଥିଲେ। ପ୍ରଶିକ୍ଷକା ମମତା ପଟେଲ ପ୍ରଶିକ୍ଷଣ ଦେଇଥିଲେ। ଅଧକ୍ଷା ନନ୍ଦିତା ନାୟକ ସଭାରେ ଅଧକ୍ଷତା କରି ଛାତ୍ରୀମାନେ ନିଜର ସୁରକ୍ଷା ବେଳେ ଉପଯୋଗ କରିବାକୁ ଉପଦେଶ ଦେଇଥିଲେ।

## ଏନ୍‌ଆଇଟିର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଶିବିରରେ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ପକ୍ଷରୁ ଉନ୍ନତ ଭାରତ ଅଭିଯାନ ଦ୍ୱାରା ପୋଷ୍ୟ ଗ୍ରାମ ମିଟକୁନ୍ଦରୀରେ ଗତ ୧୮ ତାରିଖରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଉନ୍ନତ ଭାରତ ଅଭିଯାନ ଓଡ଼ିଶାର କ୍ଷେତ୍ରୀୟ ସଂଯୋଜକ ପ୍ରଫେସର ରାମକୃଷ୍ଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏନ୍‌ଆଇଟି ରାଉରକେଲାର ଚିକିତ୍ସାଧିକାରୀ ଡା. ସମ୍ଭାଷଣ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ମାନବିକ ଓ ସାମାଜିକ ବିଜ୍ଞାନ ବିଭାଗର ଡେଭଲେପମେଣ୍ଟ ଷ୍ଟଡିଜ୍ ଓ ନିରନ୍ତର ବିକାଶ ଲକ୍ଷ୍ୟ କ୍ଲବର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଥିଲେ। ମିଟକୁନ୍ଦରୀ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିରକୁ ଆସୁଥିବା ଲୋକମାନଙ୍କ ନାମ ପଞ୍ଜୀକରଣ, ଓଜନ, ଉଚ୍ଚତା, ରକ୍ତଚାପ, ଅମ୍ଳଜାନ, ହୃଦ୍‌ସ୍ପନ୍ଦନ ମାପିବା ପରେ ଡାକ୍ତରୀ ଟିମ୍ ସେମାନଙ୍କୁ ଆବଶ୍ୟକୀ ଔଷଧ ବଣ୍ଟନ କରିଥିଲେ। ଉକ୍ତ ଶିବିର ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ପରିଚାଳନା ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା।

## ଦଳପୋଷରେ ସରଣା ଝଣ୍ଡା ସ୍ଥାପିତ



ଦଳପୋଷ ଗ୍ରାମରେ ଝଣ୍ଡା ସ୍ଥାପନ କରାଯାଉଛି।

ଝିରପାଣି,୨୦।୧(ଉତ୍ତମ ବେହେରା)

ବିଶ୍ରା ବ୍ଲକ ଜାମସେରା ପଞ୍ଚାୟତର ଦଳପୋଷ ଗ୍ରାମରେ ସୋମବାର ମଧ୍ୟାହ୍ନ ୧୨ଟାରେ ପୂଜାର୍ଚ୍ଚନା କରି ସରଣା ଝଣ୍ଡା ସ୍ଥାପନ କରାଯାଇଛି। ଏହାକୁ ପାହ୍ନା ସାନିକା ଏକ୍କା ବିଧିବଦ୍ଧ ଭାବେ ପୂଜା କରିଥିଲେ। ଝିରପାଣି ସରପଞ୍ଚ ଅଜିତ ତିର୍କୀ, ଜାମସେରା ପଞ୍ଚାୟତର ବେଦନା ଓରାମ, ଝରିଓ କେର୍କେଟା, ରାଙ୍କା ତିର୍କୀ, ଜହରୁ କୁଜୁର, ରାଜକୁମାର ତିର୍କୀଙ୍କ ସମେତ ଓରାମ ସମାଜର ଶତାଧିକ ଶ୍ରଦ୍ଧାଳୁ ଏଥିରେ ଉପସ୍ଥିତ ଥିଲେ।

## ନଟବର ବିଜେତା, ଆର୍. ଲାକ୍ରା ଉପବିଜେତା

**ଆର୍‌ଏସ୍‌ପିର ୫୭ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ**

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଗତ ୧୮ ଏବଂ ୧୯ ତାରିଖ ଦୁଇଦିନ ଧରି ରାଉରକେଲା ଜୁବୁଲି ପାର୍କରେ ଆର୍‌ଏସ୍‌ପିର ୫୭ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ରବିବାର ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଦୀପିକା ମହିଳା ସଂହତିର ଉପାଧକ୍ଷା ପ୍ରଭାତୀ ମିଶ୍ର, ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ. ଯୋଜୋ ଉପସ୍ଥିତ ଥିଲେ। ଚଳିତ ବର୍ଷ ଉତ୍ସବରେ କଟ ଫ୍ଲାୱାର, ପଟ୍ ପ୍ଲାଣ୍ଟ, ଫଳ ଓ ପନିପରିବା ଆଦି ସମସ୍ତ ବିଭାଗରେ ସର୍ବାଧିକ ପଏଣ୍ଟ ଲାଭ କରିଥିବା ସେକ୍ଟର-୬, ଏଚ୍-୪୧୭ ନିବାସୀ ନଟବର ରଣାଙ୍କୁ ମୁଖ୍ୟଅତିଥି ଚାମ୍ପିୟନ ଘୋଷିତ କରି ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ସର୍ବାଧିକ ପଏଣ୍ଟ ହାସଲ କରି ସେକ୍ଟର-୭ ସି, ସି-୧୫୭ ନିବାସୀ ଆର୍. ଲାକ୍ରାଙ୍କୁ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା। କଟ ଫ୍ଲାୱାର, ପଟ୍ ପ୍ଲାଣ୍ଟ ଆଦି ସମସ୍ତ ବିଭାଗରେ ନଟବର ରଣା ସର୍ବାଧିକ ଏଗ୍ରିଗେଟ ପଏଣ୍ଟ ହାସଲ କରିବା ସହିତ ଶ୍ରେଷ୍ଠ ଚନ୍ଦ୍ରମଲ୍ଲିକା ତଥା ଶ୍ରେଷ୍ଠ ସ୍ପେଶିମେନ ବ୍ଲୁମ ଟ୍ରି ରୋଜ ପାଇଁ କିଙ୍ଗ୍ ଅଫ୍ ଦି ଶୋ ଟ୍ରଫି ହାସଲ କରିଥିଲେ। ଦ୍ୱିତୀୟ ବିଜେତା ଆର୍. ଲାକ୍ରା ଶ୍ରେଷ୍ଠ ସ୍ପେଶିମେନ ବ୍ଲୁମ ହାଇବ୍ରିଡ୍ ଟ୍ରି ରୋଜ ଭିୟାମାଲା ପାଇଁ କୁଇନ ଅଫ୍ ଦି ଶୋ ପୁରସ୍କାର ଲାଭ କରିଥିଲେ। ବିଶ୍ରା ଛକ ଫଳ ମାର୍କେଟର ମେସର୍ସ ଗିତ ନର୍ସରୀ ସମସ୍ତ ବର୍ଗର ପନିପରିବା ଓ ଫଳରେ ସର୍ବାଧିକ ପଏଣ୍ଟ ସହ ଟ୍ରଫି ଲାଭ କରିଥିଲେ। ପ୍ରାରମ୍ଭରେ ବି. କେ. ଯୋଜୋ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦ୍ୟାନ କୃଷି ବିଭାଗ ଡିଜିଏମ ଓ ଜେଡଡିପି ଇନ୍‌ଚାର୍ଜ ଡ. ଏ. ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ। ସିଲିକନ ଷ୍ଟିଲ ମିଲ୍ ବିଭାଗର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଦର୍ଶନୀରେ ମୋଟ ୭୭୧ଟି ବର୍ଗରେ ପ୍ରବେଶିକା ସ୍ଥାନ ପାଇଥିଲା।



ଉଦ୍‌ଯାପନୀ ସମାରୋହରେ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

## ସ୍କୁଲରେ ହେଉନି ଜୁଭେନାରୀ କ୍ୟାମ୍ପ

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ପିଲାମାନେ ଭ୍ୟାନ୍ ଯୋଗେ ସ୍କୁଲକୁ ଯିବାଆସିବା କରୁଛନ୍ତି। ତେବେ ପରିବହନ ବିଭାଗ ପକ୍ଷରୁ ଏହି ଭ୍ୟାନଗୁଡ଼ିକର ଫିଟ୍‌ନେସ୍, ଲାଇସେନ୍ସ ନବୀକରଣ, ଇନ୍ସୁରାନ୍ସ, ଗାଡ଼ି ଚାଳନା ଆଦି ଯାଞ୍ଚ ଏବଂ ସଚେତନତା ପାଇଁ ସ୍କୁଲରେ ଜୁଭେନାରୀ କ୍ୟାମ୍ପ କରାଯାଉ ନ ଥିବା ଅଭିଯୋଗ ହେଉଛି। ରାଉରକେଲା ସହରର ବିଭିନ୍ନ ରାସ୍ତାରେ ସ୍କୁଲ ପିଲାଙ୍କୁ ଟେମ୍ପୋ, ଟ୍ୟାକ୍ସିରେ ଓଭରଲୋଡ୍ କରି ଅସୁରକ୍ଷିତ ଭାବେ ନିଆଯାଉଥିବା ଦୃଶ୍ୟ ଦେଖିଲେ ଏହା ଜଣାପଡେ।

ସୂଚନା ଅନୁସାରେ, ବିଶ୍ରା ଶିକ୍ଷାଞ୍ଚଳରେ ୧୨୪ ବେସରକାରୀ ସ୍କୁଲ ରହିଥିବାବେଳେ ଅଧିକାଂଶ ସ୍କୁଲକୁ ପିଲାମାନେ ଭ୍ୟାନ୍ ଯୋଗେ ଯାଆସ କରିଥାନ୍ତି। ସହରରେ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଭ୍ୟାନ ଯୋଗେ ବେସରକାରୀ ସ୍କୁଲର ହଜାର ହଜାର ପିଲା ପଢ଼ିବାକୁ ଯାଉଛନ୍ତି। ତେବେ ପରିବହନ ଓ ଶିକ୍ଷା ବିଭାଗ ମିଳିତ ଭାବେ ଏହି ପିଲାମାନଙ୍କ ସୁରକ୍ଷାକୁ ନେଇ ଯାନଗୁଡ଼ିକର ସ୍ଥାୟିତ୍ୱ ଓ ଚାଳକଙ୍କ ଦକ୍ଷତା ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ପରିବହନ ବିଭାଗର ନିୟମ ମୁତାବକ ସ୍କୁଲ ଭ୍ୟାନ ଓ ଚାଳକମାନଙ୍କର ପ୍ରଥମେ ପୋଲିସ ଯାଞ୍ଚ ହେବା କଥା। ପରେ ଚାଳକଙ୍କର ମୋତିଆବିନ୍ଦୁ, ଚକ୍ଷୁ ପରୀକ୍ଷା, ଲାଇସେନ୍ସ ଓ ପ୍ରମାଣପତ୍ର ଯାଞ୍ଚ ହେବା ଜରୁରୀ। ଏଥିସହିତ ପ୍ରତିବର୍ଷ ବିଦ୍ୟାଳୟ ଶିକ୍ଷା ସତ୍ର ଆରମ୍ଭରେ ଏହି ଯାଞ୍ଚ କରାଯିବା ସହ ବିଭିନ୍ନ ପରିବହନଗତ ସଚେତନତା ଶିବିର ବିଭାଗ ପକ୍ଷରୁ କରାଯାଇଥାଏ। ମାତ୍ର ସ୍କୁଲ ଖୋଲିବାର ବହୁ ମାସ ବିତିସାରିଥିଲେ ମଧ୍ୟ ବିଭାଗ ପକ୍ଷରୁ ଏ ଦିଗରେ କୌଣସି କାର୍ଯ୍ୟକ୍ରମ କରାଯାଇ ନ ଥିବା ଜଣାପଡ଼ିଛି। ଏ ନେଇ ବିଶ୍ରା ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ୩୦ ଭାଗରୁ ଊର୍ଦ୍ଧ୍ୱ ସ୍କୁଲରେ ଜୁଭେନାରୀ କ୍ୟାମ୍ପ ହୋଇଛି। ଏଥିସହ ଉଭୟ ସରକାରୀ ଏବଂ ବେସରକାରୀ ସ୍କୁଲରେ ଲାଗିଥିବା ଯାନଗୁଡ଼ିକର ସମସ୍ତ ପ୍ରମାଣପତ୍ର ମଧ୍ୟ ଯାଞ୍ଚ ହେଉଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ରାଉରକେଲା ପରିବହନ ଅଧିକାରୀ ଭି. ସାମନ୍ତସିଂହାର କୁହନ୍ତି, ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସ୍କୁଲ ଭ୍ୟାନ ଚାଳକଙ୍କୁ ନେଇ ବିଭାଗ ପକ୍ଷରୁ ପ୍ରତିବର୍ଷ ଜୁଭେନାରୀ କ୍ୟାମ୍ପ ହେଉଛି। କ୍ୟାମ୍ପ ଜରିଆରେ ସ୍କୁଲ ଭ୍ୟାନ୍‌ଗୁଡ଼ିକର ମାନଦଣ୍ଡ, ଚାଳକଙ୍କ ଦକ୍ଷତା ସହ ସୁରକ୍ଷାଗତ ଚାଳନା ବିଷୟରେ ସଚେତନ କରାଯାଉଛି। କେବଳ ଜୁଭେନାରୀ କ୍ୟାମ୍ପ ହୋଇଗଲେ ହେବ ନାହିଁ, ନିଜ ପିଲାମାନଙ୍କ ସୁରକ୍ଷା ଦିଗରେ ଅଭିଭାବକମାନେ ମଧ୍ୟ ବିଶେଷ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ସେ କହିଥିଲେ।



ସେକ୍ଟର-୧୯ ରାସ୍ତାରେ ଏକ ସ୍କୁଲ ଭ୍ୟାନରେ ପିଲାମାନେ ଯାଉଛନ୍ତି।

**ବିଶ୍ରା ଶିକ୍ଷା ଅଞ୍ଚଳ**

**ଷଣ୍ଢ ଆକ୍ରମଣରେ ବ୍ୟକ୍ତିଙ୍କ ମୃତ୍ୟୁ**

ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ) : ଜମନକିରା ଥାନା ଗୌଡପାଲି ଫାଣ୍ଡି କୁଲୁଣ୍ଡା ଗାଁର ରାୟସିଂ ନାଏକ ( ୬୦) ନାମକ ଜଣେ ବ୍ୟକ୍ତି ଷଣ୍ଢ ଆକ୍ରମଣରେ ସୋମବାର ମୃତ୍ୟୁ ଘଟିଛି। ଏନେଇ ଜମନକିରା ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାଇ, ସକାଳ ୬ଟାରେ ରୟସିଂ କୌଣସି କାମରେ ଘରୁ ଯାଉଥିବା ସମୟରେ ଏକ ଷଣ୍ଢ ଆକ୍ରମଣ କରିଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବୃଦ୍ଧି ପାଇଛି ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା




ହୀରାକୁଦ ଆର୍ଦ୍ରଭୂମିରେ ଦେଖିବାକୁ ମିଳିଥିବା ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀ।

**ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରରେ ଚଳିତବର୍ଷ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଶୀତକାଳୀନ ପକ୍ଷୀ ଗଣନା ଅଭିଯାନ ଶେଷ ହେବା ପରେ ଏହା ଜଣାପଡ଼ିଛି। ସୋମବାର ମିଳିଥିବା ତଥ୍ୟ ଅନୁସାରେ ଚଳିତବର୍ଷ ୧୧ଟି ନୂତନ ପ୍ରଜାତି ସହ ମୋଟ ପ୍ରାୟ ୩୫ ହଜାର ୩୦୦ ଅଧିକ ସଂଖ୍ୟକ ପକ୍ଷୀଙ୍କ ସମାଗମ ହୋଇଛି।

ହୀରାକୁଦ ବନ୍ୟପ୍ରାଣୀ ମଣ୍ଡଳ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାଶଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଚଳିତବର୍ଷ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ ପକ୍ଷୀଙ୍କ ସମାଗମ ହୋଇଛି। ସେମାନଙ୍କ ମଧ୍ୟରୁ ରେକର୍ଡ ହୋଇଥିବା ଅଧିକ ସଂଖ୍ୟକ ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ୬୩,୨୦୨ଟି ଲେଜର ହ୍ୱିସ୍କି ଡକ୍, ୫୫,୨୪୭ଟି କମନ କୁଟ୍ ଓ ୪୫,୪୪୭ଟି ଟଫଡ ଡକ୍ ରହିଛନ୍ତି। ଏହାବ୍ୟତୀତ ପୋଚାର୍ଡ, ଗ୍ରେଟ୍ କ୍ରେଷ୍ଟେଡ୍ ଗ୍ରେବ୍, କରମୋରାଣ୍ଟ, ହେରନ୍, ଜାକାନାସ୍, ଷ୍ଟିଲ୍ଟସ୍, ଲାପୱିଙ୍ଗ, ସ୍ୟାଣ୍ଡପାଇପର୍ସ, ବିଭିନ୍ନ ପ୍ରକାରର ଗୁଲ୍, ଡକ୍ସ, ଟର୍ନସ୍, ପ୍ଲୋଭର୍ସ ଓ ଶ୍ରୀକ୍ସ ଆଦି ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ଚଳିତବର୍ଷ ୱେଷ୍ଟର୍ନ ୟେଲୋ ୱାଗଟେଲ୍, ପିଣ୍ଟେଲ୍ ସ୍ନାଇପ୍, ଓରିଏଣ୍ଟାଲ୍ ସ୍କାଏଲାର୍କ, ରେଡ୍‌ନେକ ଫାଲକନ୍, କ୍ଲାମରସ୍ ରିଡ୍ ୱାରବ୍ଲର୍ସ, କ୍ରେଷ୍ଟେଡ୍ ଲାର୍କ, କେଣ୍ଟିସ୍ ପ୍ଲୋଭ, ଗ୍ରୀନିସ୍ ୱାରବ୍ଲର୍ସ, ରଫ୍, ପାଲିଡ୍ ହାରିଅର୍ ଓ ଲାନସୋଲଟେଡ୍ ୱାରବ୍ଲର୍ସ ଆଦି ୧୧ଟି ନୂତନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଇ ସୃଷ୍ଟି ହୋଇଥିବା ବିସ୍ତୀର୍ଣ୍ଣ କର୍ଦ୍ଦମାକ୍ତ ଅଞ୍ଚଳ ପ୍ରତି ଅଧିକରୁ ଅଧିକ ବିଦେଶାଗତ ପକ୍ଷୀ ଆକର୍ଷିତ ହେବା ଅନ୍ୟତମ ପ୍ରମୁଖ କାରଣ ବୋଲି କହିଛନ୍ତି ବନଖଣ୍ଡ ଅଧିକାରୀ ଦାଶ।

**ହୀରାକୁଦ ଜଳଭଣ୍ଡାରରେ ୧୧ ନୂତନ ପ୍ରଜାତିର ବିଦେଶାଗତ ପକ୍ଷୀ**

ଚଳିତବର୍ଷ ପକ୍ଷୀ ଗଣନା ପାଇଁ ଜଳଭଣ୍ଡାରର ପ୍ରାୟ ୫୫୦ ବର୍ଗ କିଲୋମିଟରର ଆର୍ଦ୍ରଭୂମି ଅଞ୍ଚଳକୁ ପ୍ରତ୍ୟେକ ୪୦ ବର୍ଗ କିଲୋମିଟର ବିଶିଷ୍ଟ ୨୧ଟି ସେକ୍ଟରରେ ବିଭକ୍ତ କରାଯାଇଥିଲା। ଏଥିରେ ୭୦ ଜଣ ପକ୍ଷୀ ବିଶେଷଜ୍ଞଙ୍କ ନିୟୋଜିତ ହୋଇଥିଲେ। ତାଙ୍କର ସହାୟତା ପାଇଁ ୨୦ଜଣ ସହାୟକ କର୍ମଚାରୀ ରହିଥିଲେ। ସେମାନେ ୩୨ଟି ଦଳରେ ବିଭକ୍ତ ହୋଇ ଜଳଭଣ୍ଡାରର ବିଭିନ୍ନ ସ୍ଥାନରେ ପକ୍ଷୀ ଗଣନା କରିଥିଲେ। ୨୦୨୪ ମସିହାରେ ଜଳଭଣ୍ଡାରରେ ୧୧୩ ପ୍ରଜାତିର ୩ ଲକ୍ଷ ୪୨,୩୪୫ ଦେଶୀ, ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ରେକର୍ଡ ହୋଇଥିଲା।

# କୁଚିଣ୍ଡାର ଲିପ୍‌ସା କୁମୁରା ମିସ୍ ଓଡ଼ିଶା

**କୁଚିଣ୍ଡା,୨୦।୧(ବିରଞ୍ଚି ଦର୍ଲା)**



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଅଙ୍କନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ପକ୍ଷରୁ ଚାଲିଥିବା ବିଉଟି ଫ୍ୟାଶନ ଆଣ୍ଡ ଟ୍ୟାଲେଣ୍ଟ ଶୋ'ରେ ସମସ୍ତଙ୍କୁ ପଛରେ ପକାଇ କୁଚିଣ୍ଡା ମାଟିର ଝିଅ ଲିପସା କୁମୁରା ହୋଇଛନ୍ତି ମିସ୍ ଓଡ଼ିଶା-୨୦୨୫। ଗତ ୧୪ରୁ ୩୮ଜଣ ପ୍ରତିଯୋଗୀଙ୍କୁ ନେଇ ପ୍ରଥମେ ଗ୍ରୋମିଙ୍ଗ ସେଶନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ହେଲେ ଫାଇନାଲ ଶେସନକୁ ୬ଜଣ ଉନ୍ନିତ ହୋଇଥିଲେ। ଅନ୍ୟ ୫ପ୍ରତିଯୋଗୀଙ୍କୁ ପଛରେ ପକାଇ ଲିପସା ମିସ୍ ଓଡିଶା ବିଜୟ ମୁକୁଟ ପିନ୍ଧି କୁଚିଣ୍ଡାକୁ ଗୌରବାନ୍ୱିତ କରିଛନ୍ତି। ସେ କୁଚିଣ୍ଡା କଲେଜ ଏନସିସି ସିନିୟର କ୍ୟାଡେଟ ଥିଲେ। ୨୦୨୨ରେ ଯୁକ୍ତ ୩ ବିଜ୍ଞାନ ବିଭାଗରୁ କୃତକାର୍ଯ୍ୟ ହୋଇ ଏବେ ସମ୍ବଲପୁର ସେଭେନ ହିଲ୍ସରେ ଏନସିସି ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। କୁଚିଣ୍ଡା ସହରର ୱାର୍ଡ ନଂ.୭ ଜ୍ୟୋତିପଡା ବାସିନ୍ଦା ସ୍ୱର୍ଗତ ଗୋପାଳ କୁମୁରାଙ୍କ ଜ୍ୟେଷ୍ଠା କନ୍ୟା। ଲିପସା କୁଚିଣ୍ଡା କଲେଜରେ ବିଜ୍ଞାନ ବିଭାଗରେ ଯୁକ୍ତ ୨ ଓ ଯୁକ୍ତ ୩ ଅଧ୍ୟୟନ କରି ଏନ୍‌ସିସିରେ ପାରଦର୍ଶିତା ହାସଲ କରିଥିଲେ। ମା' ନିରୂପମା ତାଙ୍କୁ ବହୁ କଷ୍ଟରେ ପାଠ ପଢାଉଥିଲେ। କୁଚିଣ୍ଡା କଳାପରିଷଦ ଓ କୁଚିଣ୍ଡା କଲେଜର ମିଳିତ ଆନୁକୂଲ୍ୟରେ ୨୦୨୨ରେ ହୋଇଥିବା ସମ୍ବଲପୁରୀ ଦିନରେ ସେ ବିଜେତା ହୋଇଥିଲେ। ମା'ଙ୍କ ପ୍ରେରଣା ଓ ଆଶୀର୍ବାଦ ତାଙ୍କୁ ଆଜି ଏହି ସଫଳତା ସହ ମିସ୍ ଓଡ଼ିଶା ବିଜେତା ମୁକୁଟ ପିନ୍ଧାଇଛି।

# ବୋଲେରୋ ସହ ୬୦ କେଜି ଗଞ୍ଜେଇ ଜବତ, ୨ ଗିରଫ

**ରେଢାଖୋଲ, ୨୦।୧(ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲ ଅବକାରୀ ବିଭାଗ ସୋମବାର ସକାଳେ ଏକ ବୋଲେରୋ ଯୋଗେ ଚାଲାଣ ବେଳେ ୬୦ କେଜି ଗଞ୍ଜେଇ ଜବତ କରିଛି। ଚାଲାଣରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ନାକଟୀଦେଉଳ ଥାନା ଜାମଯୋରୀ ଗ୍ରାମର ଧ୍ରୁବଚରଣ ବିଶ୍ୱାଳ ଓ ବୌଦ୍ଧ ଥାନା ଧନବଲସ ଗ୍ରାମର ତ୍ରିନାଥ ପ୍ରଧାନ। ଏ ନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ତେବେ ଉଭୟଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବୌଦ୍ଧରୁ ବୋଲେରୋ (ନଂ. ଓଡି ୧୫ ସି-୦୯୦୦) ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନାପାଇ ରେଢାଖୋଲ-ବୌଦ୍ଧ ରାସ୍ତାର ଲଇଣ୍ଡାମସଲ ଛକରେ ଅବକାରୀ ବିଭାଗ କର୍ମଚାରୀ ଛକି ରହିଥିଲେ। ଗାଡି ପହଞ୍ଚିବା ପରେ ଅବକାରୀ କର୍ମଚାରୀମାନେ ଅଟକାଇ ଯାଞ୍ଚ କରିବାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଅବକାରୀ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳ, ଓଆଇସି କିର୍ତ୍ତନ ନାଏକ, ଏଏସଆଇ ବିନୋଦିନି ବେହେରା ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

# ଆଇଆଇଏମ୍ ସମ୍ବଲପୁରରେ ସିଇଓ ଇମର୍ସନ କାର୍ଯ୍ୟକ୍ରମ



ଉଦ୍‌ଯାପନୀ ଉତ୍ସବରେ ଏକତ୍ରିତ ଅଂଶଗ୍ରହଣକାରୀ।

**ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର)**

ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସରେ ଏକ୍‌ଜିକ୍ୟୁଟିଭ୍ ଏମବିଏ-୨୦୨୪-୨୬ ଓ ଏମବିଏ ଫର୍ ୱାରକିଙ୍ଗ୍ ପ୍ରଫେସନାଲ୍ ୨୦୨୩-୨୫ ବ୍ୟାଚ୍ ପାଇଁ ଆୟୋଜିତ ଛଅ ଦିନିଆ ସିଇଓ ଇମର୍ସନ୍ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାଗ ନେଇଥିବା କର୍ମଜୀବୀମାନଙ୍କ ସହ ଛାତ୍ରୀଛାତ୍ରଙ୍କୁ ଅଭିଜ୍ଞ ପେସାଦାର ବ୍ୟକ୍ତିତ୍ୱମାନଙ୍କ ସହ ସିଧାସଳଖ କଥାବାର୍ତ୍ତା ମାଧ୍ୟମରେ ବ୍ୟବହାରିକ ଜ୍ଞାନ, ଶିଳ୍ପ ଧାରା ଓ ନେତୃତ୍ୱ ଦକ୍ଷତା ଆହରଣର ସୁଯୋଗ ପାଇଥିଲେ।

ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ନିଜର ସ୍ୱାଗତ ଅଭିଭାଷଣରେ କ୍ୟାମ୍ପସର ଆଧୁନିକ ଭିତ୍ତିଭୂମିକୁ ଭାରତୀୟ ସଂସ୍କୃତି ସହିତ ମିଶ୍ରଣ କରିଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଆମାଜନ ୱେବ୍ ସର୍ଭିସେସ୍‌ର କଷ୍ଟମର୍ ସଲ୍ୟୁସନ୍ ସିଆଇଓ ଆଡଭାଇଜରି ମୁଖ୍ୟ ଡ. ବିଶ୍ୱଜିତ ମହାପାତ୍ର କହିଛନ୍ତି, ଡିଜିଟାଲ ରୂପାନ୍ତରଣ ହେଉଛି ପରସ୍ପର ସହ ଜଡ଼ିତ ଏକ କ୍ରମବର୍ଦ୍ଧିଷ୍ଣୁ ବୁଦ୍ଧିମତ୍ତା। ଆମେ ବର୍ତ୍ତମାନ ଉପକରଣଯୁକ୍ତ ଦୁନିଆରେ ନିତିଦିନିଆ ଜୀବନ ଶୈଳୀରେ ଏହାର ପ୍ରୟୋଗ ଦିନକୁ ଦିନ ଅଭିନବ କାର୍ଯ୍ୟଶୈଳୀ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ନୂତନ ବ୍ୟବସାୟିକ ମାନଦଣ୍ଡ ସୃଷ୍ଟିକୁ ପ୍ରୋତ୍ସାହିତ କରିଥାଏ ବୋଲି କହିଥିଲେ। ଏହିଅବସରରେ ଅର୍ଥିକ ଦୁର୍ବଳ ବର୍ଗର କ୍ରିତିକା କ୍ରିଷ୍ଣା ପାଞ୍ଚାଲ, ସପନା ରାଣୀ, ପଲ୍ଲବୀ ଲତା, ଗୁନିକା କୌର ଓ ମନଜୋତ କୌରଙ୍କ ସମେତ ମନୋନୀତ ମେଧାବୀ ଏମବିଏ ଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ୧ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ସେହିପରି ଆଇଆଇଏମ୍ ସମ୍ବଲପୁରର ଦିଲ୍ଲୀ କ୍ୟାମ୍ପସରେ ଏମ୍‌ବିଏ ବିଭାଗରେ କାର୍ଯ୍ୟରତ ଡ. ଗିରିଶ ମୋହନ ଗୁପ୍ତାଙ୍କ ପତ୍ନୀ ଶାରଦା ଗୁପ୍ତାଙ୍କ ଆନୁକୂଲ୍ୟରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

**ମେଧାବୀ ଛାତ୍ରୀଛାତ୍ରଙ୍କୁ ୧ ଲକ୍ଷ ଟଙ୍କାର ବୃତ୍ତି ପ୍ରଦାନ**

କାର୍ଯ୍ୟକ୍ରମରେ ସିଏସ୍‌ଏମ୍ ଟେକ୍ନୋଲୋଜିର ସିଇଓ ପ୍ରିୟଦର୍ଶୀ ନାନୁ ପାଣି, ପାଟର୍ନ ଇଣ୍ଡିଆ ମହାପ୍ରବନ୍ଧକ ନୀଲେଶ ବିନିୱାଲେ, ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଜାତୀୟ ମୁଖ୍ୟ ମାନସ ବଡ଼ପଣ୍ଡା, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତଲ, ହିଣ୍ଡାଲକୋ ହୀରାକୁଦ ସଭାପତି ଦେବାଶିଷ ମଲ୍ଲିକ ଓ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟରିଜ୍ ଲିମିଟେଡ୍‌ର ବରିଷ୍ଠ ମାନବ ସମ୍ବଳ ଉପସଭାପତି ରାଜେଶ ସିଂହ ହିଣ୍ଡାଲ୍‌କୋ ଯୁଗ୍ମ ସଭାପତି ଓ ପ୍ଲାଣ୍ଟମୁଖ୍ୟ ଗୁଲସନ୍ ତିୱାରୀ, ଆଇଆଇଟି ଖଡ଼ଗପୁରର ଟିସିଏସ୍ ଇନୋଭେଶନ୍ ପାର୍କର ରିସର୍ଚ୍ଚ ମୁଖ୍ୟ ଡ. ଦେବାଶିଷ ଗୁହା, ଜେଏସଡବ୍ଲୁ ଷ୍ଟିଲ୍‌ର ସିଏଚ୍‌ଆର୍‌ଓ ଜୟ ପ୍ରକାଶ ସିଂହ, ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ଏଚ୍‌ଆରବିପି ଅକ୍ଷୟ ରକ୍ଷୀତ, ଇନଫୋସିସ୍‌ର ବରିଷ୍ଠ ନିର୍ଦ୍ଦେଶକ ତଥା ଇନ୍‌ଫୋସିସ୍ ଫାଉଣ୍ଡେଶନ ଭୁବନେଶ୍ୱରର ମୁଖ୍ୟ ମନିଷ ପାଣ୍ଡେ ପ୍ରମୁଖଙ୍କ ସହିତ ବହୁ ଶିଳ୍ପସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଭାଜପା ଜିଲା ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ

**ସମ୍ବଲପୁର,୨୦।୧(ବି.ଶଙ୍କର)**

ସମ୍ବଲପୁର ଜିଲା ଭାଜପା ସଭାପତି ପଦ ଓ ରାଜ୍ୟ ପରିଷଦ ସଦସ୍ୟ ପାଇଁ ଗୁରୁବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ନିକଟ ଅତୀତରେ ସମ୍ବଲପୁର ସାଙ୍ଗଠନିକ ଜିଲାର ୨୭ଟି ମଣ୍ଡଳରୁ ୨୨ ମଣ୍ଡଳର ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧିଙ୍କ ନାମ ଘୋଷଣା ହୋଇଥିଲା । ଜିଲା ସଭାପତି ଓ ରାଜ୍ୟ ପରିଷଦ ସଦସ୍ୟ ପାଇଁ ୪୪ ଜଣଙ୍କ ମଧ୍ୟରୁ ଜିଲା ସଭାପତି ଓ ରାଜ୍ୟ ପରିଷଦ ସଦସ୍ୟଙ୍କ ନାମକୁ ପ୍ରସ୍ତାବକଭାବେ ପ୍ରସ୍ତାବନା ଓ ସମର୍ଥକ ଭାବେ ସମର୍ଥନ ଦେଇ ପାରିବ ବୋଲି ଘୋଷଣା କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ନିଯୁକ୍ତ ସମ୍ବଲପୁର ଜିଲା ନିର୍ବାଚନ ଅଧିକାରୀ ଭାବେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସହ ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ପଟେଲ ଓ ରାମଚନ୍ଦ୍ର ମେହେର ଆଜିର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାକୁ ସୂଚାରୁ ଭାବେ ସମ୍ପନ୍ନ କରିଛନ୍ତି । ଏନେଇ ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚିତ କରିଛନ୍ତି ଯେ, ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାରେ ସୁଶିଲ କୁମାର କର, ନମ୍ରସକାନ୍ତ ପଟ୍ଟନାୟକ, ଶମ୍ଭୁ ବରେଲିଆ, ସୁଶାନ୍ତ କୁମାର ପୁରୋହିତ ପ୍ରମୁଖ ଜିଲା ସଭାପତି ପାଇଁ ଓ ସୂର୍ଯ୍ୟ କୁମାର ପ୍ରଧାନ, ବିଦ୍ୟାଧର ସୁନା, ରାଧେଶ୍ୟାମ ବାରିକ, ବିଭୂତି କଲ୍ୟାଣ ପଟେଲ, ଅନିଲ କୁମାର ବେହେରା, ନିରଞ୍ଜନ କିଶୋର ଦାସ, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ମିତ୍ରଭାନୁ ପ୍ରଧାନ ପ୍ରମୁଖ ରାଜ୍ୟ ପରିଷଦ ସଦସ୍ୟ ସକାଶେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ବାଳିକା ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ରେଢାଖୋଲ, ୨୦।୧ (ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲ ରାଣିଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳଶିକ୍ଷକ ମମତା ମଞ୍ଜରୀ ସାହୁ, ଖଗେଶ୍ୱର ନାଏକ, ଯୋଗିନ୍ଦ୍ର ପଣ୍ଡା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତକା ଅବତରଣ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ବିଜୟାନନ୍ଦ ପ୍ରଧାନ ଉଦଯାପନୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଇଶ୍ୱରଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

**ଜମନକିରା,୨୦।୧( ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ଥାନା ଜାମୁମାଳ ଗାଁର ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ୩ ମାସର ଗର୍ଭବତୀ କରିଥିବା ଅଭିଯୋଗରେ ସୋମବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କୁଚିଣ୍ଡା ଥାନା ସିଙ୍କଲପୋଷି ଗାଁର ଚିକୁନ ଖରସେଲ(୨୨)। ତାଙ୍କୁ ସମ୍ବଲପୁର ପୋକ୍‌ସୋ କୋର୍ଟ ପଠାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଏନେଇ ଜମନକିରା ଥାନାରେ ଏକ ମାମଲା (ନଂ.୩/୨୫) ରୁଜୁ ହୋଇଛି।

**ନାବାଳିକା ୩ମାସର ଗର୍ଭବତୀ**

ପୋଲିସ ସୂଚନା ଅନୁଯାୟୀ, କୁଚିଣ୍ଡା ଥାନା ଶୀଙ୍କଲପୋଷି ଗାଁର ଚିକୁନ ଜମନକିରା ଥାନା ବଡ଼ମାଳ ପଞ୍ଚାୟତ ଜାମୁମାଲ ଗାଁରେ କିଛି ବର୍ଷ ହେବ ତାଙ୍କ ମା'ଙ୍କ ସହ ରହି ଆସୁଛନ୍ତି। କିଛି ମାସ ହେବ ସେହି ଗାଁର ଜଣେ ନାବାଳିକାଙ୍କ ସହ ଚିକୁନ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣକ ୩ ମାସର ଗର୍ଭବତୀ ହେବା ପରେ ପରିବାର ଲୋକ ଜାଣିଥିଲେ। ଏହାପରେ ଚିକୁନଙ୍କୁ ବାହା ହେବା ପାଇଁ କହିବାରେ ସେ ଏଥିରେ ରାଜି ହୋଇ ନ ଥିଲେ। ପରେ ପୀଡ଼ିତାଙ୍କ ପରିବାର ଲୋକେ ଏ ନେଇ ଜମନକିରା ଥାନାରେ ଅଭିଯୋଗ କରିଥିଲେ।

# ମହାନଦୀରେ ବୁଡ଼ ପକାଇ ପ୍ରାୟଶ୍ଚିତ କଲେ କଂସ

**ସମ୍ବଲପୁର,୨୦।୧(ବି.ଶଙ୍କର)**

ସମ୍ବଲପୁରୀ ଧନୁଯାତ୍ରା ରବିବାର ରାତିରେ କଂସ ବଧ ସହ ଉଦ୍‌ଯାପିତ ହୋଇଯାଇଛି । ଯାତ୍ରାରେ ମହାରାଜ କଂସ ଭୂମିକାରେ ଅଭିନୟ କରିଥିବା କଳାକାର ଦୀର୍ଘ ୫ ଦିନ ବ୍ୟାପି ଶ୍ରୀକୃଷ୍ଣଙ୍କୁ ତିରସ୍କାର ଓ ଭର୍ତ୍ସନା କରିଥିଲେ । ତେଣୁ ସୋମବାର କଂସ ମହାରାଜ ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ମହାନଦୀରେ ବୁଡ ପକାଇ ପ୍ରାୟଶ୍ଚିତ କରିଛନ୍ତି । ଏଥିସହ ଗୋପାଳଜୀ ଠାକୁରଙ୍କଠାରେ କ୍ଷମା ଯାଚନା କରିଛନ୍ତି । ସେହିପରି ଇଷ୍ଟ ଦେବୀ ସମଲେଶ୍ୱରୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଅଭିନେତା ଫଣୀନ୍ଦ୍ରଙ୍କ ସହ ମନ୍ତ୍ରୀ ଚୈତନ୍ୟ ନାୟକ, ଗୁପ୍ତଚର ସ୍ୱାଧିନ ପଣ୍ଡା, ମଞ୍ଚ ଅଭିନେତା ସୂର୍ଯ୍ୟ ପାଣିଗ୍ରାହୀ, ସ୍ୱବଲପୁରୀ ଧନୁଯାତ୍ରାର ଲେଖକ ଓ ନିର୍ଦ୍ଦେଶକ ବବୁଲୁ ବାଗ ମଧ୍ୟ ସାମିଲ ଥିଲେ।

**ମଣପୁରମ୍ ଗୋଲ୍ଡ ଲୋନ ସଂସ୍ଥା ଡକାୟତି ମାମଲା**

# ଭଡ଼ାଘରୁ ମିଳିଲା ଦେଶୀ ପିସ୍ତଲ ସହ କ୍ୟାଟ୍ରିଜ୍ ଗୁଳି

**ସମ୍ବଲପୁର,୨୦।୧ (ପ୍ରମୋଦ ବହିଦାର)**

ବୁଢ଼ାରଜା ମଣପପୁମ୍ ଗୋଲ୍ଡ ଲୋନ ସଂସ୍ଥା ସୁନା ଗହଣା ଓ ଟଙ୍କା ଲୁଟ୍ ମାମଲାରେ ପଶ୍ଚିମବଙ୍ଗ ହୁଗୁଳିରୁ ଗିରଫ ଅଭିଯୁକ୍ତ ବିହାର ହାଜିପୁର ଅଞ୍ଚଳର ମୂଳ ବାସୀନ୍ଦା ପଙ୍କଜ ପାଶ୍ୱାନ(୨୬)ଙ୍କ ତିନିଦିନିଆ ପୋଲିସ ରିମାଣ୍ଡ ଅବଧି ସୋମବାର ଶେଷ ହୋଇଛି। ରିମାଣ୍ଡ ସମୟରେ ପୋଲିସ ପଚରା ଉଚରା କରି ମଣପୁରମ ସଂସ୍ଥା ଡକାୟତି ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ହାସଲ କରିଛି। ସେହିପରି ଅଭିଯୁକ୍ତଙ୍କ ସୂଚନା ଅନୁସାରେ ଠେଲକୁଲେଇ ଥାନା ଅଞ୍ଚଳରେ ସେ ରହୁଥିବା ଭଡ଼ାଘର ଉପରେ ପୋଲିସ ଚଢ଼ାଉ କରି ସାକ୍ଷୀମାନଙ୍କ ଉପସ୍ଥିତିରେ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଅଭିଯୁକ୍ତଙ୍କ ଭଡ଼ାଘରୁ ଏକ ଦେଶୀ ପିସ୍ତଲ, ଏକ କ୍ୟାଟ୍ରିଜ୍ ଓ ୫ଟି ଜୀବନ୍ତ ଗୁଳିକୁ ପୋଲିସ ଜବତ କରିଛି। ତେବେ ପୋଲିସ ଅଭିଯୁକ୍ତଙ୍କଠାରୁ ମିଳିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ନିକଟରେ ଯଥାଶୀଘ୍ର ପହଞ୍ଚିବାରେ ପୋଲିସ ପାଇଁ ବିଶେଷ ସହାୟକ ହେବ ବୋଲି କହିଛନ୍ତି ସଦର ଏସ୍‌ଡିପିଓ ତୋଫାନ ବାଗ। ସୋମବାର ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ସମ୍ବଲପୁର ଏସଡିଜେଏମ୍ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ବିଚାରପତିଙ୍କ ଆଦେଶ ଅନୁସାରେ ଅଭିଯୁକ୍ତଙ୍କୁ ପୁଣିଥରେ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ ଇଷ୍ଟଜୋନ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ

**ସମ୍ବଲପୁର,୨୦।୧(ବି.ଶଙ୍କର)**

ଜେଏସଡବ୍ଲ୍ୟୁ-ବିପିଏସଏଲ ଇଷ୍ଟଜୋନ ସ୍ପୋର୍ଟ୍ସ ଚାମ୍ପିୟନଶିପ ସମ୍ବଲପୁର ଜିଲା ଠେଲକୋଲୋଇ ସ୍ଥିତ କମ୍ପାନୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଜେଏସଡବ୍ଲ୍ୟୁ ବିପିଏସଏଲ ଅନୀଲ କୁମାର ସିଂ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗୀତାରେ ଜେଏସଡବ୍ଲ୍ୟୁ-ବିପିଏସଏଲ, ଜେଏସଡବ୍ଲ୍ୟୁ-ରାୟଗଡ, ଜେଏସଡବ୍ଲ୍ୟୁ-ପାରାଦୀପ ପ୍ରଭୃତି ଆଞ୍ଚଳରୁ ପ୍ରାୟ ୩ଶହ ପ୍ରତିଯୋଗୀ କ୍ରୀଡା ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ରଙ୍ଗୀନ ଇଷ୍ଟ ଜୋନ ସ୍ପୋର୍ଟ୍ସ ଚାମ୍ପିୟନଶିପ ସମାରୋହ ହୋଇଥିଲା । ସିଇଓ ଉମେଶ ରାୟ, ବାଣିଜ୍ୟିକ ମୁଖ୍ୟ ଗିରିଶ ନାୟକ, ଭିପି ବିକାଶ ଜୈନ, ଜେପି ସିଂ, ସଞ୍ଜୟ କୁମାର ଓ ପ୍ରକାଶ ଜି, ଏଭିପ ଜିତେନ୍ଦ୍ର ସିଂ ପାରିହର ଉପସ୍ଥିତ ଥିଲେ । ୧୦୦ ମିଟର ଦୌଡ ଓ ୪୦୦ ମିଟର ମିକ୍ସଡ ରିଲେ, ବ୍ୟାଡମିଣ୍ଟନ, କ୍ରିକେଟ୍ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା । ଆଡମିନିଷ୍ଟ୍ରେଶନ ଭିପି ମନୋଜ କୁମାର ସିଂଙ୍କ ନେତୃତ୍ୱରେ କ୍ରୀଡ଼ା କମିଟି ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲେ ।



ସ୍ପୋର୍ଟ୍ସ ଚାମ୍ପିୟନଶିପକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

# ସତ୍ୟର ସନ୍ଧାନରେ ବିଜ୍ଞାନ ଏକ ଶକ୍ତିଶାଳୀ ଅସ୍ତ୍ର

**ସମ୍ବଲପୁର ପୁସ୍ତକ ମେଳା ତୃତୀୟ ଦିବସର ଆଲୋଚନାଚକ୍ର**

**ସମ୍ବଲପୁର, ୨୦।୧(ଭବାନୀ ଶଙ୍କର ଭୋଇ)**



ଆଲୋଚନା ଚକ୍ରରେ କବି ପ୍ରସନ୍ନ କୁମାର ମିଶ୍ରଙ୍କ ଦୁଇଟି କବିତା ପୁସ୍ତକ ଗାଁଧୂଳି ଓ ମଧୁବିନ୍ଦୁକୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।

ସମ୍ବଲପୁର ପୁସ୍ତକ ମେଳାରେ ସୋମବାର ତୃତୀୟ ଦିବସର ଆଲୋଚନାଚକ୍ରରେ ବୈଜ୍ଞାନିକ ମନୋବୃତ୍ତିର ଉନ୍ମେଷ ବିଷୟରେ ଏକ ଆଲୋଚନାଚକ୍ର ହୋଇଥିଲା। ସେତୁର ସଭାପତି ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଆଲୋଚକ ପ୍ରଫେସର ରବିନ୍ଦ୍ରନାଥ ମିଶ୍ର କହିଥିଲେ, ଆମେ ସମସ୍ତେ ସତ୍ୟର ସନ୍ଧାନ କରୁଛେ। ଏହା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଆମେ ଯେକୌଣସି ସ୍ତରକୁ ଦେଖିଲେ ସେଠାରେ ବୈଜ୍ଞାନିକ ଅନୁଚିନ୍ତନର ସ୍ପର୍ଶ ନିଶ୍ଚିତ ଭାବେ ପାଇଥାଉ। ଆମେ ସବୁ ବୈଜ୍ଞାନିକ ପରୀକ୍ଷଣରେ ସଫଳ ହେବା ବୋଲି ଧରି ନ ନେଇ ଏଥିରେ ସମ୍ଭାବ୍ୟ ବିପଦ ପ୍ରତି ମଧ୍ୟ ସଚେତନ ହେବା ଉଚିତ। ବୈଜ୍ଞାନିକ ମନୋଭାବ ମଣିଷର ଅନେକ ସମସ୍ୟା ସମାଧାନ ଦିଗରେ ସହାୟକ ହେବା ସହ ପରିବର୍ତ୍ତନଶୀଳତାକୁ କିଭଳି ସହଜରେ ଗ୍ରହଣ କରାଯାଇ ପାରିବ ତାହା ବୈଜ୍ଞାନିକ ଚିନ୍ତନ ଆମକୁ ଶିଖାଇଥାଏ । ଅନେକ ଦୃଷ୍ଟାନ୍ତ ଦେଇ ସେ ତାଙ୍କ ବକ୍ତବ୍ୟ ରଖିଥିଲେ।

ଆଲୋଚକ ପ୍ରଫେସର ପ୍ରସନ୍ନ କୁମାର ମିଶ୍ର ମଣିଷକୁ ଏକ ବୈଜ୍ଞାନିକ ପ୍ରାଣୀ ଭାବରେ ଅବିହିତ କରି କହିଥିଲେ ଯେ ବିଜ୍ଞାନ ବିନା ମଣିଷ ବଞ୍ଚିବା ଅସମ୍ଭବ। ମଣିଷର ଶରୀର ମଧ୍ୟ ଏକ ବୈଜ୍ଞାନିକ ପଦ୍ଧତିରେ ଗଠିତ ଓ ସଞ୍ଚାଳିତ। ଆମେ ସଂପ୍ରତି ଦୈନନ୍ଦିନ ଜୀବନରେ ଯେତେମାତ୍ରାରେ ବୈଜ୍ଞାନିକ ଉପକରଣ ମାନ ବ୍ୟବହାର କରୁଛେ ସେଥିପାଇଁ ଆମକୁ ବିଜ୍ଞାନର କିଛି ନା କିଛି ଜ୍ଞାନ ରଖିବା ନିହାତି ଜରୁରି। ଅତିଥି ଭିସୁଟର କୁଳପତି ପ୍ରଫେସର ବିଭୂତିଭୂଷଣ ପତି କହିଥିଲେ, ସତ୍ୟର ସନ୍ଧାନରେ ବିଜ୍ଞାନ ନିଶ୍ଚିତ୍ତ ଭାବେ ଏକ ଶକ୍ତିଶାଳୀ ଅସ୍ତ୍ର। ଆମ ଅଞ୍ଚଳରେ ଆଠଟି ବଡ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଅଛି। ଏଣୁ ବିଜ୍ଞାନ ଆଧାରିତ ଗବେଷଣା କାର୍ଯ୍ୟ ଜାରି ରହିଛି। ମୁଖ୍ୟ ଅତିଥି ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଥିଲେ ଯେ, ସଂପ୍ରତି ଆମେ କୃଷି କ୍ଷେତ୍ରରେ ବିଜ୍ଞାନର ପ୍ରୟୋଗ କରି ଲାଭବାନ ହେଉଛୁ। ଜ୍ୟୋତିଷ ବିଦ୍ୟା ମଧ୍ୟ ବିଜ୍ଞାନ ଆଧାରିତ। ସଭାରେ କବି ପ୍ରସନ୍ନ କୁମାର ମିଶ୍ରଙ୍କ ଦୁଇଟି କବିତା ପୁସ୍ତକ 'ଗାଁଧୂଳି' ଓ 'ମଧୁବିନ୍ଦୁ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସେତୁର ସଦସ୍ୟ ଡ. ସ୍ୱୟଂ ପ୍ରକାଶ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହସମ୍ପାଦକ ଡ. ରୀତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଦ୍ୟାର୍ଣ୍ଣ ପଣ୍ଡା, ଅନନ୍ୟା ବେହେରା, ଜୟକୃଷ୍ଣ ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ବାନ୍ଧି ଏସିଡ୍ ପକାଇଲେ ସ୍ୱାମୀ

କୋଟା, ୨୦।୧

ରାଜସ୍ଥାନର କୋଟାସ୍ଥିତ ମହାବୀର ନଗର ଅଞ୍ଚଳରୁ ଜଣେ ନିଷ୍ଠୁର ସ୍ୱାମୀଙ୍କ ବର୍ବରତା ସାମ୍ନାକୁ ଆସିଛି। ସୁନୀତ ଦୀକ୍ଷିତ(୫୦) ନାମକ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ମମତା ଗୌଡ଼ଙ୍କୁ ରବିବାର ମାଡ଼ ମାରିବା ସହ ତାଙ୍କ ହାତ, ଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ସୁନୀତ ମମତାଙ୍କ ଉପରେ ଏସିଡ୍ ପକାଇ ତାଙ୍କୁ ଘରର ଏକ କୋଠରି ମଧ୍ୟରେ ତାଲା ପକାଇ ଫେରାର ହୋଇଯାଇଥିଲେ। କିଛିଘଣ୍ଟା ପରେ ମମତାଙ୍କ ଶ୍ୱଶୁର ଘରକୁ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଶରୀରର ବହୁ ଅଂଶ ପୋଡ଼ିଯାଇଥିବାରୁ ସେ ମମତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ମମତା ସଓ୍ୱାଇ ମାଧୋପୁର ଜିଲା ବାଲୋରର ଅଞ୍ଚଳରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ତେଣୁ ତାଙ୍କୁ ସ୍ୱାମୀ ସୁନୀତଙ୍କଠାରୁ ଅଲଗା ରହିବାକୁ ପଡୁଥିଲା, ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟ କଳହ ଲାଗି ରହୁଥିଲା। ଏକ ଶିକ୍ଷକ ସମ୍ମିଳନୀରେ ଯୋଗଦେବା ପାଇଁ ମମତା ଶନିବାର କୋଟା ଆସିଥିଲେ। ମମତାଙ୍କ ଅଭିଯୋଗ ଆଧାରରେ ପୋଲିସ ସୁନୀତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍)ର ଧାରା ୧୨୪(୧), ୧୨୭(୨), ୭୯, ୧୦୯(୧) ଅନୁଯାୟୀ ମାମଲା ରୁଜୁ କରି ସୋମବାର ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି।

### ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଗୁଳିକରି ହତ୍ୟା


ରବି ତେଜା

ଓ୍ୱାଶିଂଟନ, ୨୦।୧

ଆମେରିକାର ଓ୍ୱାଶିଂଟନ ଡିସିରେ ସୋମବାର ଜଣେ ଭାରତୀୟ ଛାତ୍ରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତ ଛାତ୍ର ଜଣକ ହାଇଦ୍ରାବାଦର ଗ୍ରୀନ୍ ହିଲ୍ସ କଲୋନି ନିବାସୀ କୋୟଦା ରବି ତେଜା(୨୬) ବୋଲି ଜଣାପଡ଼ିଛି। ତାଙ୍କୁ ଓ୍ୱାଶିଂଟନ ଡିସିର ଏକ ଗ୍ୟାସ୍ ଷ୍ଟେଶନ ନିକଟରେ କେତେଜଣ ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ତେବେ ଏହି ଗୁଳିକାଣ୍ଡକୁ ନେଇ ଓ୍ୱାଶିଂଟନ ଡିସି ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଆତତାୟୀଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି। ରବି ମାଷ୍ଟର ଡିଗ୍ରୀ ପଢ଼ିବା ପାଇଁ ୨୦୨୨ ମାର୍ଚ୍ଚରେ ଆମେରିକା ଯାଇଥିଲେ। ଘଟଣାକୁ ନେଇ ରବିଙ୍କର ଜଣେ ସମ୍ପର୍କୀୟ କହିଛନ୍ତି, ଏକ କୋରିୟର ଡେଲିଭରି କରୁଥିବା ସମୟରେ କେତେଜଣ ଆତତାୟୀ ରବିଙ୍କୁ ଗୁଳି କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ରବିଙ୍କ ପରିବାର ଦାବି କରିଛି।


ଶପଥ ନେବା ପୂର୍ବରୁ ସୋମବାର ଓ୍ୱାଶିଂଟନର ସେଣ୍ଟ ଜନ୍ସ ଚର୍ଚ୍ଚରେ ସର୍ଭିସ ପାଇଁ ପହଞ୍ଚିଛନ୍ତି ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ତାଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପ, ପୁଅ ବାରୋନ୍ ଟ୍ରମ୍ପ ଏବଂ ନିର୍ବାଚିତ ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ତାଙ୍କ ସ୍ତ୍ରୀ ଉଷା ଭାନ୍ସ।

# ବେଆଇନ ଅନୁପ୍ରବେଶ ରୋକିବାକୁ ପ୍ରତିଶ୍ରୁତି

## ଟ୍ରମ୍ପଙ୍କ ଦ୍ୱିତୀୟ ଇନିଂସ୍ ଆରମ୍ଭ

ଓ୍ୱାଶିଂଟନ, ୨୦।୧

ମହାଭିଯୋଗ, ଅପରାଧରେ ଅଭିଯୁକ୍ତ ଏବଂ ଦୁଇଥର ହତ୍ୟା ଉଦ୍ୟମକୁ ଅତିକ୍ରମ କରି ରିପବ୍ଲିକାନ୍ ନେତା ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ନିର୍ବାଚିତ ହେବା ସହ ସୋମବାର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଦ୍ୱିତୀୟ ଇନିଂସରେ ସେ ସରକାରୀ ଅନୁଷ୍ଠାନଗୁଡ଼ିକରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଆମେରିକାରେ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ସେ ପ୍ରତିଜ୍ଞାବଦ୍ଧ ଏବଂ ତୃତୀୟ ବିଶ୍ୱଯୁଦ୍ଧ କରାଇଦେବେନି ବୋଲି ଟ୍ରମ୍ପ ଶପଥ ଗ୍ରହଣ ପୂର୍ବରୁ ଉଦ୍‌ବୋଧନରେ କହିଛନ୍ତି।

ଓ୍ୱାଶିଂଟନ କ୍ୟାପିଟାଲ ଓ୍ୱାନ୍ ଏରେନାରେ ଏକ ରାଲିକୁ ସମ୍ବୋଧନ କରି ଟ୍ରମ୍ପ କହିଥିଲେ, ମଙ୍ଗଳବାର ସୂର୍ଯ୍ୟାସ୍ତ ସୁଦ୍ଧା ଆମ ଦେଶରେ ଅବାଞ୍ଛିତ ପ୍ରବେଶ ବନ୍ଦ ହେବ। ସେ ଟିକ୍‌ଟକ୍‌ଠାରୁ ଆରମ୍ଭ କରି ୟୁକ୍ରେନ୍ ଯୁଦ୍ଧର ଅବସାନ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ କହିଥିଲେ। ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଟ୍ରମ୍ପ ତାଙ୍କ ପ୍ରଥମ ଦିନର କାର୍ଯ୍ୟସୂଚୀରେ ୨୦୦ ଏକ୍‌ଜିକ୍ୟୁଟିଭ୍ ଅର୍ଡର ସହ ସୀମା ଏମର୍ଜେନ୍ସି କାର୍ଯ୍ୟକାରିତାକୁ ରଖିଛନ୍ତି। ଏଥିସହ କ୍ୟାପିଟୋଲ ଆକ୍ରମଣ ଘଟଣାରେ ଅଭିଯୁକ୍ତ ତଥା ଦୋଷୀସାବ୍ୟସ୍ତ ୧,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କ୍ଷମା ପ୍ରଦାନ କରିବେ। ୨୦୦ ଏକ୍‌ଜିକ୍ୟୁଟିଭ୍ ଅର୍ଡର ମାଧ୍ୟମରେ ଟ୍ରମ୍ପ ଦେଶର ବିଫଳ ତଥା ଦୁର୍ନୀତିଗ୍ରସ୍ତ ରାଜନୈତିକ ପ୍ରତିଷ୍ଠାନଗୁଡ଼ିକୁ ପରିବର୍ତ୍ତନ କରିବେ ବୋଲି ତାଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି। ପ୍ରଥମ ଦିନରେ ଜାତୀୟ ସୀମା ଏମର୍ଜେନ୍ସି ଘୋଷଣା ସମେତ ୫୦ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବ। ଟ୍ରମ୍ପ ପ୍ରଥମ ଦିନରେ ଘରୋଇ ଶକ୍ତି ଉତ୍ପାଦନ, ସଂଘୀୟ କାର୍ଯ୍ୟଶକ୍ତିର ସଂସ୍କାର, ନାଗରିକତ୍ୱ ନୀତି ସମେତ ଅନ୍ୟୁନ ୨୫ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିବାକୁ ଯୋଜନା ରଖିଛନ୍ତି, ଯାହା ଏକ ରେକର୍ଡ ସୃଷ୍ଟି କରିବାକୁ ଯାଉଛି। ସାରା ଦେଶରେ ପରିବର୍ତ୍ତନର ଜୁଆର ଆସିବାକୁ ଯାଉଛି। ଏହି ଯୋଜନାଗୁଡ଼ିକ ଜାତୀୟ ସଫଳତାର ଏକ ନୂଆ ଯୁଗର ଅୟମାରମ୍ଭ ବୋଲି ଟ୍ରମ୍ପ କହିଛନ୍ତି।

ଅତ୍ୟନ୍ତ ଥଣ୍ଡା ଅନୁଭୂତ ହେଉଥିବାରୁ ଟ୍ରମ୍ପଙ୍କ ଶପଥ ଉତ୍ସବ କ୍ୟାପିଟୋଲ ରୋଟୁଣ୍ଡାରେ ହୋଇଥିଲା। ୪୦ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଆମେରିକା ରାଷ୍ଟ୍ରପତି ଇନ୍‌ଡୋରରେ ଶପଥ ନେଇଛନ୍ତି। ଶପଥ ଉତ୍ସବକୁ ବହୁ ବିଶିଷ୍ଟ ବ୍ୟକ୍ତି, ଶିଳ୍ପପତି, ବ୍ୟବସାୟୀ ଏବଂ ଗଣମାଧ୍ୟମ ତାରକାଙ୍କ ସମେତ ଦେଶବିଦେଶରୁ ଅନେକ ହଜାର ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ରାହୁଲଙ୍କ ବିରୋଧରେ ମାନହାନି ମାମଲାରେ ସୁପ୍ରିମକୋର୍ଟଙ୍କ ରୋକ୍

ନୂଆଦିଲ୍ଲୀ,୨୦।୧(ପି.ଟି.)


ରାହୁଲ ଗାନ୍ଧୀ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଆପରାଧିକ ମାନହାନି ମାମଲାର ତଳକୋର୍ଟ ବିଚାର ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଛନ୍ତି। ୨୦୧୯ରେ ରାହୁଲ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବାରୁ ଭାଜପା କର୍ମୀ ନବୀନ ଝା ତାଙ୍କ ନାଁରେ ମାନହାନି ମାମଲା ଦାଏର କରିଥିଲେ।

୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଚାଇବାସାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବାବେଳେ ରାହୁଲ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ହତ୍ୟାକାରୀ କହିଥିଲେ। ତାଙ୍କ ଅପିଲ୍ ଉପରେ ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହେଟ୍ଟାଙ୍କ ଖଣ୍ଡପୀଠ ଝାଡ଼ଖଣ୍ଡ ସରକାର ଏବଂ ଭାଜପା ନେତାଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମାନହାନି ମାମଲାର ବିଚାର ବନ୍ଦ ରହିବ ବୋଲି ଖଣ୍ଡପୀଠ କହିଛନ୍ତି। ରାହୁଲଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଅଦାଲତଙ୍କୁ କହିଥିଲେ, କେବଳ ଅପମାନିତ ବ୍ୟକ୍ତି ମାନହାନି ମାମଲା ଦାଏର କରିପାରିବେ ବୋଲି ବିଭିନ୍ନ ରାୟରେ କୁହାଯାଇଛି। ଜଣେ ତୃତୀୟ ପକ୍ଷ ଏଭଳି ମାମଲା ଦାଏର କରିପାରିବେ ନାହିଁ। ରାଞ୍ଚିର ମାଜିଷ୍ଟ୍ରେଟ୍ କୋର୍ଟ ମାମଲାର ବିଚାରଯୋଗ୍ୟତାକୁ ଅନୁଭବ କରି ରାହୁଲଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ନୋଟିସ୍ ଦେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶନାମା ଖାରଜ କରିବା ପାଇଁ ରହୁଲ ଗାନ୍ଧୀ ଝାଡ଼ଖଣ୍ଡ ହାଇକୋର୍ଟରେ ଆବେଦନ କରିଥିଲାବେଳେ ତାହା ଅଗ୍ରାହ୍ୟ ହୋଇଯାଇଥିଲା। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାହୁଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୟୁସିସି ନିୟମକୁ ଉତ୍ତରାଖଣ୍ଡର ମଞ୍ଜୁରୀ

ଡେରାଡୁନ୍,୨୦।୧(ପି.ଟି.)

ସମାନ ନାଗରିକ ସଂହିତା (ୟୁସିସି)ର ନିୟମାବଳୀଗୁଡ଼ିକୁ ଉତ୍ତରାଖଣ୍ଡ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଖୁବ୍‌ଶୀଘ୍ର ୟୁସିସି କାର୍ଯ୍ୟକାରୀ ହେବା ନେଇ ତାରିଖ ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସୋମବାର କହିଛନ୍ତି। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇଛି। ତାଲିମ ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିବାରୁ ଯଥାଶୀଘ୍ର ସମ୍ଭବ ରାଜ୍ୟରେ ୟୁସିସି ଲାଗୁ ହେବ ବୋଲି ଧାମି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଜାନୁଆରୀରେ ୟୁସିସି ଲାଗୁ ହେବ ବୋଲି ମାସକ ପୂର୍ବରୁ ଧାମି ଘୋଷଣା କରିଥିଲେ। ଜାନୁଆରୀ ୨୩ରେ ସେଠାରେ ପୌର ନିର୍ବାଚନ ଥିବାରୁ ସରକାର ସାଧାରଣତନ୍ତ୍ର ଦିବସରେ ୟୁସିସି କାର୍ଯ୍ୟକାରିତା ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍ତରାଖଣ୍ଡରେ ୟୁସିସି ଲାଗୁ ହେବା ନେଇ ୨୦୨୨ ନିର୍ବାଚନ ପୂର୍ବରୁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ବିଶେଷଜ୍ଞ କମିଟି ଚିଠା ନିୟମାବଳୀ ପ୍ରସ୍ତୁତ କରିବା ପରେ ବିଧାନସଭାରେ ବିଲ୍ ଗୃହୀତ ହୋଇଥିଲା। ରାଜ୍ୟପାଳ ଏବଂ ରାଷ୍ଟ୍ରପତି ବିଲ୍‌କୁ ଅନୁମୋଦନ କରିସାରିଥିବାରୁ ଏହା ଆଇନରେ ପରିଣତ ହୋଇଛି। ସମସ୍ତଙ୍କ ପାଇଁ ସମାନ ନାଗରିକ ସଂହିତା ଲାଗୁ କରିବାରେ ଉତ୍ତରାଖଣ୍ଡ ପ୍ରଥମ ରାଜ୍ୟ ହେବାକୁ ଯାଉଛି।

# ୧୭ ମୃତ୍ୟୁ ପରେ ପହଞ୍ଚିଲା କେନ୍ଦ୍ରୀୟ ଟିମ୍

## ରଜୌରିରେ ରହସ୍ୟଜନକ ରୋଗ

ଜମ୍ମୁ,୨୦।୧

ଜମ୍ମୁ-କଶ୍ମୀର ରଜୌରି ଜିଲାର ବଦ୍‌ହାଲ ଗ୍ରାମବାସୀଙ୍କ ହାଲ୍ ଖରାପ କରିଦେଇଛି ଏକ ରହସ୍ୟଜନକ ରୋଗ। ଏହି ଗାଁରେ ରହୁଥିବା ୩ ପରିବାରର ୧୭ ସଦସ୍ୟଙ୍କ ମୃତ୍ୟୁ ଘଟିବା ପରେ ରବିବାର ଏକ ଉଚ୍ଚସ୍ତରୀୟ ଆନ୍ତଃ ମନ୍ତ୍ରିସ୍ତରୀୟ ଟିମ୍ ସେଠାରେ ପହଞ୍ଚିଛି। ପୂର୍ବରୁ ୧୬ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହାର କାରଣ ଖୋଜିବା ପାଇଁ ଟିମ୍ ଗଠନ ନିର୍ଦ୍ଦେଶ ଦେଇଥିଲେ। ମହମ୍ମଦ ଅସ୍‌ଲମ୍‌ଙ୍କ ଷଷ୍ଠ ପିଲା ୟସ୍ମିନ୍ କୌସର ଜମ୍ମୁସ୍ଥିତ ଏସ୍‌ଏମ୍‌ଜିଏସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଛନ୍ତି। ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି, ୧୬ ଜଣିଆ ଟିମ୍ ଗାଁରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିବେ। ରୋଗାକ୍ରାନ୍ତଙ୍କୁ ଆଶ୍ୱସ୍ତି ଦେବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି।

### ବିଷାକ୍ତ ମଦ ପିଇ ୭ ମୃତ

ପାଟନା,୨୦।୧

ବିହାରର ପଶ୍ଚିମ ଚମ୍ପାରଣ ଜିଲା ଲୌରିଆ ଥାନା ଅଞ୍ଚଳରେ ଗତ ୪ ଦିନ ମଧ୍ୟରେ ବିଷାକ୍ତ ମଦ ପିଇ ୭ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ସମସ୍ତ ୭ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରାଯାଇସାରିଛି ବୋଲି ପଶ୍ଚିମ ଚମ୍ପାରଣ ଜିଲା ଡିଏସ୍‌ପି ଶୌର୍ଯ୍ୟ ସୁମନ କହିଛନ୍ତି।

# ସଡ଼କ ସୁରକ୍ଷା: ଆଇନଗତ ବ୍ୟବସ୍ଥା ଅନୁପାଳନ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୧(ପି.ଟି.)

ମୋଟରଯାନ ଆଇନର ସଦ୍ୟ ବ୍ୟବସ୍ଥା ସମେତ ଇଲେକ୍ଟ୍ରୋନିକ୍ ମନିଟରିଂ ଏବଂ ସଡ଼କ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରିତା ସମ୍ପର୍କରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ସୋମବାର ୨୩ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, କେରଳ ଏବଂ ଦିଲ୍ଲୀ ଅନୁପାଳନ ରିପୋର୍ଟ ପ୍ରଦାନ କରିଥିବା ଜଷ୍ଟିସ ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି।

ମୋଟରଯାନ ଆଇନର ଧାରା ୧୩୬ଏ ସହ ମୋଟରଯାନ ନିୟମାବଳୀର ରୁଲ୍ ୧୬୭ଏ କାର୍ଯ୍ୟକାରୀ କରିବା ପାଇଁ ଗତବର୍ଷ ସେପ୍ଟେମ୍ବର ୨ରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଗାଡ଼ିର ବେଗ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଅନୁଧ୍ୟାନ କରିବାକୁ ଏହି ନିୟମ କର୍ତ୍ତୃପକ୍ଷଙ୍କୁ ଅନୁମତି ଦେଇଥାଏ। ରିପୋର୍ଟ ଦାଖଲ କରି ନ ଥିବା ଅବଶିଷ୍ଟ ୨୩ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳକୁ ତୁରନ୍ତ ଅନୁପାଳନ ରିପୋର୍ଟ ଦେବାକୁ କୁହାଯାଇଛି। ଅଦାଲତଙ୍କ ଦ୍ୱାରା ନିଯୁକ୍ତ ସଡ଼କ ସୁରକ୍ଷା କମିଟିକୁ ଏହି ରିପୋର୍ଟ ଦିଆଯିବ। କମିଟି ସମସ୍ତ ଦିଗକୁ ବିଚାରକୁ ନେଇ ଆବଶ୍ୟକ ପରାମର୍ଶ ପ୍ରଦାନ କରିବ। କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ ମନିଟରିଂ ଏବଂ ସଡ଼କ ସୁରକ୍ଷା ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ଉକ୍ତ ପରାମର୍ଶକୁ ବିଚାରକୁ ନେଇପାରନ୍ତି।

# ଟିକ୍‌ଟକ ସପକ୍ଷରେ ଟ୍ରମ୍ପ

## ଆମେରିକା ଅଧୀନରେ ରହିବ ୫୦% ଅଂଶଧନ

ଓ୍ୱାଶିଂଟନ୍,୨୦।୧

ଆମେରିକାର ବିଦାୟ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କାର୍ଯ୍ୟକାଳ ଶେଷରେ ଦେଶରେ ବନ୍ଦ ହୋଇଯାଇଥିବା ଚାଇନାର ଶର୍ଟ ଭିଡିଓ ଆପ୍ ଟିକ୍‌ଟକ୍ ପରବର୍ତ୍ତୀ ରାଷ୍ଟ୍ରପତି ଡୋନାଲ୍ଡଙ୍କ ଅମଳରେ ପୁନଃ ପ୍ରଚଳନ ପାଇଁ ଅନୁମତି ପାଇବ। ସୋମବାର ଟ୍ରମ୍ପ ଶପଥ ନେବା ପରେ ଆମେରିକାରେ ବ୍ୟବସାୟିକ କାରବାର ପାଇଁ ଟିକ୍‌ଟକ ସପକ୍ଷରେ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରି କରିବା ନେଇ ରବିବାର ସଙ୍କେତ ଦେଇଛନ୍ତି। କିନ୍ତୁ ଏଥିସକାଶେ ସେ ଏକ ସର୍ତ୍ତ ରଖିଛନ୍ତି। ତାହା ହେଲା ଟିକ୍‌ଟକର ୫୦ ପ୍ରତିଶତ ଅଂଶଧନ ଆମେରିକୀୟ କମ୍ପାନୀ ଅଧୀନରେ ରହିବ।

ସଂଘୀୟ ଆଇନ ଅନୁଯାୟୀ, ବାଇଟ୍‌ଡାନ୍ସ ଟିକ୍‌ଟକର ମାଲିକାନା ସ୍ୱତ୍ୱ ଜାନୁଆରୀ ୧୯ ସୁଦ୍ଧା ହସ୍ତାନ୍ତର କରିବା ଆବଶ୍ୟକ ଥିଲା। ଏପରି ନ କଲେ ଦେଶବ୍ୟାପୀ ଏହା ଉପରେ କଟକଣା ଜାରି କରାଯିବ ବୋଲି ପୂର୍ବରୁ ତାଗିଦ କରାଯାଇଥିଲା। ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ ଟିକ୍‌ଟକ ଅନେକ ସମ୍ବେଦନଶୀଳ ୟୁଜର୍ସ ଡେଟା ହାତେଇ ତା'ର ଦୁରୁପଯୋଗ କରୁଥିବା ଜଣାପଡ଼ିବା ପରେ ଫେଡେରାଲ ଲ' ଅନୁଯାୟୀ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଟିକ୍‌ଟକ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଟିକ୍‌ଟକ୍‌ର ଅପିଲକୁ ସୁପ୍ରିମକୋର୍ଟ ଖାରଜ କରିଦେବା ପରେ ରବିବାରଠାରୁ ଏହା ଉପରେ ନିଷେଧାଦେଶ ଲାଗୁ ହୋଇଥିଲା। ଏପରି କି ଗୁଗଲ, ଆପଲ୍ ଷ୍ଟୋର ଟିକ୍‌ଟକକୁ ନିଜ ସେବାରୁ ହଟାଇଦେଇଥିଲେ। ଫଳରେ ୨୭୦ ନିୟୁତ ଆମେରିକୀୟ ୟୁଜର୍ସ ଆଉ ଏହାକୁ ବ୍ୟବହାର କରିପାରିନାହାନ୍ତି। ଟ୍ରମ୍ପ ନିଜ 'ଟ୍ରୁଥ୍ ସୋସିଆଲ୍'ରେ ରବିବାର ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଏହି ସୋସିଆଲ ମିଡିଆ ପ୍ଲାଟଫର୍ମର ଅନ୍ୟୁନ ୫୦% ଶେୟାର ଆମରେକୀୟ ନିବେଶକଙ୍କ ହାତରେ ରହିଲେ ସେ ଏହାର ପୁନଃ ପ୍ରଚଳନ ପାଇଁ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରିକରିବେ।

## ଫୁରସତ୍

# ୯ ବର୍ଷ ହେବ ବାବାଙ୍କ ମୁଣ୍ଡରେ ପାରା

## 'କବୁତର ଓ୍ୱାଲେ ବାବା' ନାମରେ ଚର୍ଚ୍ଚିତ

ପ୍ରୟାଗରାଜ



ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ବିଶ୍ୱର ସର୍ବବୃହତ୍ ଧାର୍ମିକ ମହୋତ୍ସବ ମହାକୁମ୍ଭ ମେଳାର ଆୟୋଜନ ଜାରି ରହିଛି। ଏହି ମହାକୁମ୍ଭରେ ଯୋଗଦେଇଥିବା ଅନେକ ସାଧୁସନ୍ଥ ନିଜର ଅନନ୍ୟ ଗୁଣ ଯୋଗୁ ଏବେ ଚର୍ଚ୍ଚାରେ ରହିଛନ୍ତି। ପ୍ରସିଦ୍ଧ ଜୁନା ଆଖଡ଼ାର ମହନ୍ତ ରାଜୁପରୀ ଜୀ ମହାରାଜଙ୍କୁ ନେଇ ସମ୍ପ୍ରତି ଚର୍ଚ୍ଚା ଲାଗି ରହିଛି। ସେ ଲୋକଙ୍କ ମଧ୍ୟରେ 'କବୁତର ଓ୍ୱାଲେ ବାବା' ନାମରେ ପରିଚିତ।

ଗତ ପ୍ରାୟ ୯ ବର୍ଷ ଧରି ମହନ୍ତ ରାଜୁପରୀ ଜୀ ମହାରାଜଙ୍କ ମୁଣ୍ଡରେ ଏକ ପାରା ସର୍ବଦା ବସି ରହିଥାଏ। ସେଥିପାଇଁ ସେ 'କବୁତର ଓ୍ୱାଲେ ବାବା' ନାମରେ ପରିଚିତ। ତାଙ୍କ ପାରାର ନାମ 'ହରି ପୁରୀ' ହୋଇଥିବା ମହନ୍ତ ରାଜୁପରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଏହି ପାରା ତାଙ୍କର ସବୁଠାରୁ ପ୍ରିୟ। ୯ ବର୍ଷ ତଳେ ତାଙ୍କୁ ଏହି ପାରା ମିଳିଥିଲା। ସେତେବେଳେ ପାରାଟି ଖୁବ୍ ଛୋଟ ଥିଲା। ସେବେଠାରୁ ଏହି ପାରା ସର୍ବଦା ତାଙ୍କ ସହ ରହିଆସୁଛି। ସେ ଦିନକୁ ୨ ଥର ଏହି ପାରାକୁ ନିଜ ହାତରେ ଖୁଆଇଥାନ୍ତି ବୋଲି କବୁତର ଓ୍ୱାଲେ ବାବା କହିଛନ୍ତି। ମହନ୍ତ ରାଜୁପରୀ କହିଛନ୍ତି, ପାରା ହେଉଛି ପ୍ରେମ ଏବଂ ସୌହାର୍ଦ୍ଦ୍ୟର ପ୍ରତୀକ। ତାଙ୍କ ମୁଣ୍ଡରେ ସର୍ବଦା ପାରା ବସିବା ସମସ୍ତ ଜୀବଙ୍କ ପ୍ରତି ତାଙ୍କର ରହିଥିବା କରୁଣାକୁ ଦର୍ଶାଉଛି। ଜୀବଜନ୍ତୁଙ୍କର ସେବା କରିବା ଓ ସେମାନଙ୍କ ପ୍ରତି ଦୟା ଦେଖାଇବା ମଣିଷର ସବୁଠାରୁ ବଡ଼ କର୍ତ୍ତବ୍ୟ ବୋଲି ମହନ୍ତ ରାଜୁପରୀ ଜୀ ମହାରାଜ କହିଛନ୍ତି। ରାଜସ୍ଥାନର ମେଓ୍ୱାଡ଼ରେ ତାଙ୍କର ଆଶ୍ରମ ରହିଛି।

# ବଲିଉଡ୍‌ରେ ଅଭିନେତ୍ରୀଙ୍କୁ ମିଳେ ଅପ୍ରାସଙ୍ଗିକ ଚରିତ୍ର

## ସଞ୍ଜୟ ଲୀଳା ଭଁସାଲୀଙ୍କୁ ସମାଲୋଚନା କଲେ କଙ୍ଗନା

ମୁମ୍ବାଇ


କଙ୍ଗନା ରାଣାଓ୍ୱତ

ବଲିଉଡ୍ ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାଓ୍ୱତ ସୋମବାର ଏକ ସାକ୍ଷାତ୍‌କାରରେ କହିଛନ୍ତି, ୨୦୧୮ରେ ରିଲିଜ୍ ହୋଇଥିବା 'ପଦ୍ମାବତ' ଫିଲ୍ମରେ ରାଣୀ ପଦ୍ମାବତୀଙ୍କ ଭୂମିକାରେ ଅଭିନୟ କରିବା ପାଇଁ ତାଙ୍କୁ ଫିଲ୍ମ ନିର୍ମାତା ସଞ୍ଜୟ ଲୀଳା ଭଁସାଲୀ ଅଫର ଦେଇଥିଲେ। ତେବେ ଏହି ଅଫରକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ଫିଲ୍ମରେ ରାଣୀ ପଦ୍ମାବତୀଙ୍କ ଭୂମିକାରେ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଅଭିନୟ କରିଥିଲେ।

ଏହି ସାକ୍ଷାତ୍‌କାରରେ କଙ୍ଗନା ହିନ୍ଦୀ ସିନେମାର ନାମୀ ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଲିଉଡ୍ ଇଣ୍ଡଷ୍ଟ୍ରିର ନାମୀ ନିର୍ଦ୍ଦେଶକ ଓ ଫିଲ୍ମ ନିର୍ମାତାମାନେ ତାଙ୍କ ଫିଲ୍ମରେ ମହିଳା କଳାକାରମାନଙ୍କୁ ଯେପରି ଉପସ୍ଥାପନ କରନ୍ତି, ତାହା ତାଙ୍କୁ ପସନ୍ଦ ଆସେ ନାହିଁ ବୋଲି କଙ୍ଗନା କହିଛନ୍ତି। ସେ ଆହୁରି କହିଛନ୍ତି, ଜଣେ ମହିଳା କଳାକାର ଭାବେ ସେ ଏପରି ଫିଲ୍ମରେ କାମ କରିବାକୁ ଚାହାନ୍ତି, ଯେଉଁଥିରେ ଅଭିନେତ୍ରୀ ଭାବେ ତାଙ୍କ ଚରିତ୍ର ଗୁରୁତ୍ୱ ବହନ କରୁଥିବ। ବଡ଼ ବଡ଼ ନିର୍ଦ୍ଦେଶକଙ୍କ ଫିଲ୍ମରେ ମଧ୍ୟ ଲିଡ୍ ଫିମେଲ ଆକ୍ଟରଙ୍କର ଅଭିନୟ ଅତି ବେଶିରେ ୧୦ରୁ ୧୫ ମିନିଟ ରହିଥାଏ। ଉକ୍ତ ଫିଲ୍ମଗୁଡ଼ିକ ପୂରାପୂରି ଭାବେ ମୁଖ୍ୟ ଅଭିନେତାଙ୍କୁ କେନ୍ଦ୍ର କରି ହୋଇଥାଏ। ଏହି ମାନସିକତା ଠିକ୍ ନୁହେଁ ବୋଲି କଙ୍ଗନା କହିଛନ୍ତି। 'ପଦ୍ମାବତ' ଫିଲ୍ମରେ ଦୀପିକାଙ୍କ ଚରିତ୍ରର ବିଶେଷ ଭୂମିକା ନ ଥିଲା। ଦୀପିକା ପୂରା ଫିଲ୍ମରେ ରାଣୀ ପଦ୍ମାବତୀଙ୍କ ଚରିତ୍ରରେ କେବଳ ନିଜକୁ ସଜେଇ ହେଉଥିଲେ ବୋଲି କହି କଙ୍ଗନା କଟାକ୍ଷ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................

ବୟସ:........................................

ଜନ୍ମ ତାରିଖ: ....................................



ରିଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଶନ ତାଲିକାରୁ ନାଁ କାଟିବା ପାଇଁ ବ୍ଲକ ଅଫିସ୍‌ରେ ଭିଡ଼

## ସରକାରୀ ଚାକିରିଆ ରାଶନ କାର୍ଡ ହାତେଇବା ଘଟଣା

**କାଳିପଦା, ୨୦।୧ (ରାଜଶ୍ରୀ ପାଣିଗ୍ରାହୀ)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡଧାରୀଙ୍କୁ ମାସକୁ ୫ କେଜି ଚାଉଳ କିମ୍ବା ଗହମ ମିଳିବା ସହିତ ଅନ୍ୟ ସୁବିଧା ମଧ୍ୟ ମିଳୁଛି। ମାତ୍ର ରାଜ୍ୟରେ ପୂର୍ବ ସରକାରଙ୍କ ଉଦାସୀନତା ଏବଂ ଖାଦ୍ୟ ଯୋଗାଣ ବିଭାଗର ଖାମଖିଆଲି ନୀତି ଯୋଗୁ ତୃଣମୂଳସ୍ତରରେ ଏହି ଯୋଜନାର ସୁଫଳ ପ୍ରକୃତ ଯୋଗ୍ୟ ହିତାଧିକାରୀ ପାଇପାରିନାହାନ୍ତି। କାରଣ ବହୁ ଶିକ୍ଷକ, ନର୍ସ, ପୋଲିସ, ଜିଏସ୍‌ଟି ଅଧିକାରୀ, ଅଧ୍ୟାପକ, ପିଅନ, ଇଞ୍ଜିନିୟର, ପିଇଓ, ଡାଟା ଏଣ୍ଟ୍ରି ଅପରେଟରଙ୍କ ଭଳି ଅନେକ ବିଭାଗରେ ସରକାରୀ ନିଯୁକ୍ତି ପାଇଥିବା ବାଲିଆପାଳ ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତର ୧୬୫ ପରିବାର ରାଶନ କାର୍ଡ ହାତେଇଥିବା ରାଜ୍ୟ ଖାଉଟି ବିଭାଗ ସଚିବଙ୍କ ପତ୍ର ସଂଖ୍ୟା ୧୦୫୪ରୁ ଜଣାପଡ଼ିଛି। ଫଳରେ ବହୁ ଅସହାୟ, ଦିବ୍ୟାଙ୍ଗ ଏବଂ ଗରିବ ପରିବାର ଏହି ରାଶନ କାର୍ଡ ସୁବିଧାରୁ ବଞ୍ଚିତ ଅଛନ୍ତି। ରାଜ୍ୟ ସରକାର ଏହି ବିଭାଗରେ ଧୀରେ ଧୀରେ ସ୍ୱଚ୍ଛତା ଆଣିବାକୁ ଚେଷ୍ଟା କରୁଛନ୍ତି। ଏନେଇ ବାଲିଆପାଳ ବ୍ଲକ ପରିସରରେ ଖାଦ୍ୟ ଯୋଗାଣ ବିଭାଗର ତାଲିକାରୁ ନାମ ହଟାଇବାକୁ ସରକାରୀ ଚାକିରିଆଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି।

୧୬୫ଟି ରାଶନ କାର୍ଡର ତାଲିକା ଆସିଛି, ଯେଉଁ କାର୍ଡଗୁଡ଼ିକରେ ସମୁଦାୟ ୬୯୮ ଜଣ ହିତାଧିକାରୀଙ୍କ ନାମରେ ରାଶନ ଉଠାଯାଉଛି। ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି କରୁଥିବା ସତ୍ତ୍ୱେ ପରିବାର ସଦସ୍ୟଙ୍କ ନାମରେ ଏମାନେ ରାଶନ ଉଠାଉଛନ୍ତି। ରାଶନ କାର୍ଡର ଯାଞ୍ଚ ଏବଂ କାର୍ଯ୍ୟାନୁଷ୍ଠାନ ଖବର ଶୁଣି ବର୍ତ୍ତମାନ ତାଲିକାରେ ଥିବା ସରକାରୀ ଚାକିରିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ଆସନ୍ତା ୩୦ ତାରିଖ ଭିତରେ ଅଯୋଗ୍ୟ ହିତାଧିକାରୀ ସେମାନଙ୍କ ରାଶନକାର୍ଡ ନ ଫେରାଇଲେ ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହେବା ସହ ସେମାନେ ନେଇଥିବା ଖାଦ୍ୟସାମଗ୍ରୀର ଖୋଲାବଜାର ଦର ପ୍ରତି କିଗ୍ରା ୪୩ ଟଙ୍କା ସହିତ ୧୦% ସୁଧ ମିଶାଇ ଆଦାୟ କରାଯିବ। ସମ୍ପୃକ୍ତ ଅଯୋଗ୍ୟ ହିତାଧିକାରୀ ଚାକିରି କରିଥିବା ବିଭାଗକୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯିବାକୁ ରାଜ୍ୟ ଖାଉଟି ଓ ଯୋଗାଣ ସଚିବଙ୍କ ନିର୍ଦ୍ଦେଶ ଥିବା କଥା ବାଲିଆପାଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ସୂଚନା ଦେଇଛନ୍ତି।



ବ୍ଲକ କାର୍ଯ୍ୟାଳୟରେ ଭିଡ଼ ଜମାଇଥିବା ଅଯୋଗ୍ୟ ହିତାଧିକାରୀମାନେ।

# ବିଷାକ୍ତ ଫଳ ଖାଇ ୮ ଛାତ୍ରୀଛାତ୍ର ଅସୁସ୍ଥ



ମେଡିକାଲରେ ବସିଥିବା ଅସୁସ୍ଥ ଛାତ୍ରୀଛାତ୍ର।

**ରାୟଗଡ଼ା, ୨୦।୧ (ଆଶିଷ ରଞ୍ଜନ ପଣ୍ଡା)**

ବିଷାକ୍ତ ଫଳ ଖାଇ ରାୟଗଡ଼ା ଜିଲା କୋଲନରା ବ୍ଲକ୍ ବୋରିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ୮ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ସୋମବାର ଅପରାହ୍ନ ପ୍ରାୟ ୪ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ବୟସ ପ୍ରାୟ ୬ରୁ ୮ ବର୍ଷ ବୋଲି ଜଣାପଡ଼ିଛି।

ଘଟଣାରୁ ପ୍ରକାଶ, ବୋରିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଛୁଟି ହେବା ପରେ ସମସ୍ତ ଛାତ୍ରୀଛାତ୍ର ମିଶି ଘରକୁ ଫେରୁଥିଲେ। ସେହି ସମୟରେ ତୃତୀୟ ଶ୍ରେଣୀର ଜଣେ ଛାତ୍ରୀ ପ୍ରଥମେ ରାସ୍ତାକଡ଼ରେ ଥିବା ଏକ ବୁଦା ଗଛରୁ ଟମାଟୋ ଭଳି ଦିଶୁଥିବା ଏକ ଫଳ ଛିଣ୍ଡାଇ ଖାଇଥିଲେ। ତାଙ୍କୁ ଦେଖି ଅନ୍ୟମାନେ ମଧ୍ୟ ଉକ୍ତ ଫଳ ଖାଇଥିଲେ। ସେମାନେ ଘରକୁ ଆସି ବାନ୍ତି କରିବା ସହ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ପରିବାରବର୍ଗ ସେମାନଙ୍କୁ ଥେରୁବାଲି ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପିଲାଙ୍କ ଅବସ୍ଥା ଗୁରୁତର ଥିବାରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ଏହି ଚିକିତ୍ସା ଚାଲିବ ବୋଲି ଭେଷଜ ବିଶେଷଜ୍ଞ ଡାକ୍ତର ସୂଚନା ଦେଇଛନ୍ତି।


## ପ୍ରଥମ ଜନ୍ମବାର୍ଷିକ ଉତ୍ସବ



**ରୁଦ୍ରାଂଶ (ରିଶି)**

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ- ଶ୍ରୀମତୀ ଗୌରୀ ସାହୁ, ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ, ଦୀଲିପ୍, ମୋନାଲିସା, କାହ୍ନା, ଦିଶା, ଜଗଦିସ, ଇଶୁ ଓ ସାହୁ ପରିବାରବର୍ଗ।

ଧ-୨୬୪୨


# ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## ୫୫ ନଂ. ଜାତୀୟ ରାଜପଥ ଉନ୍ନତୀକରଣରେ ବିଳମ୍ବର ପ୍ରତିବାଦ

**ଢେଙ୍କାନାଳ, ୨୦।୧ (ରତନ ନାୟାର)**

ଢେଙ୍କାନାଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଉନ୍ନତୀକରଣରେ ଅହେତୁକ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ କଟକ ଜିଲା ଚୌଦ୍ୱାର ଜାଗରଣ ମଞ୍ଚ ଓ ଢେଙ୍କାନାଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ସୋମବାରଠାରୁ ଢେଙ୍କାନାଳସ୍ଥିତ ଦକ୍ଷିଣକାଳୀ ରୋଡ୍‌ରେ ଥିବା ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି। ବାରମ୍ବାର ଆନ୍ଦୋଳନ ଓ ଦାବି ସତ୍ତ୍ୱେ ରାଜପଥ କର୍ତ୍ତୃପକ୍ଷ ଉଦାସୀନ ମନୋଭାବ ଦେଖାଉଥିବା ବେଳେ ରାଜପଥ ନିର୍ମାଣ ଶେଷ ନ ହେବାରୁ ଏହି ଧାରଣା ଦିଆଯାଇଛି। ୨୦୨୪ ଡିସେମ୍ବର ସୁଦ୍ଧା ଜାତୀୟ ରାଜପଥ ଉନ୍ନତୀକରଣ କାର୍ଯ୍ୟ ସରିବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ପୂର୍ବରୁ ଲିଖିତ ଭାବରେ ଜଣାଇବା ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କାମ ସରିଲା ନାହିଁ। ଫଳରେ ପ୍ରତ୍ୟେକ ଦିନ ରାଜପଥରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ବିଶେଷକରି କଟକ ଜିଲା ଚୌଦ୍ୱାର ଅଞ୍ଚଳରେ ରାଜପଥର କାର୍ଯ୍ୟ ଅଧୁରା ରହିଛି ବୋଲି ଜାଗରଣ ମଞ୍ଚର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚୌଦ୍ୱାର ଜାଗରଣ ମଞ୍ଚର ସଦସ୍ୟ ବ୍ରହ୍ମାନନ୍ଦ ସାହୁ ଓ ଢେଙ୍କାନାଳ ସୂଚନା ଅଧିକାର କର୍ମୀ ପ୍ରୀୟବ୍ରତ ଗଡ଼ନାୟକ ଚେତାବନୀ ଦେଇଛନ୍ତି।



ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି।

# ଚିଲିକାରେ ଡଲ୍‌ଫିନ ଗଣନା ଆରମ୍ଭ

**ବାଲୁଗାଁ, ୨୦।୧ (ସଂଗ୍ରାମ ପାଇକରାୟ)**

ଚିଲିକାରେ ଇରାୱାଡି ଏବଂ ବୋଟଲନୋଜ୍ ପ୍ରଜାତିର ଡଲ୍‌ଫିନ ଗଣନା ସୋମବାର ଭୋରୁ ଆରମ୍ଭ ହୋଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଏବଂ ସିଡିଏର ମିଳିତ ଆନୁକୂଲ୍ୟରେ ଏହି ଗଣନା ହେଉଛି। ମୋଟ୍ ୧୮ଟି ଟିମ୍‌ରେ ୧୪୫ଜଣ ପ୍ରଶିକ୍ଷଣକାରୀ ଏହି ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଚିଲିକାକୁ ୪ଟି ସେକ୍ଟରରେ ବିଭକ୍ତ କରାଯାଇଛି। ମଧ୍ୟ ଚିଲିକା ଏବଂ ଦକ୍ଷିଣ ଚିଲିକା ଅଞ୍ଚଳରେ ୧୦ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ଉତ୍ତର ଏବଂ ବାହ୍ୟ ଚିଲିକାରେ ୮ଟି ଟିମ୍ ନିୟୋଜିତ ହୋଇଛନ୍ତି। ଏହି ଗଣନା ତିନି ଦିନ ଧରି ଜାରି ରହିବ। ଗଣନା ସରିବା ପର୍ଯ୍ୟନ୍ତ ଚିଲିକାରେ ମାଛ ଧରା ଏବଂ ପର୍ଯ୍ୟଟକଙ୍କ ଡଙ୍ଗା ଚଳାଚଳକୁ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଚୂଡ଼ାନ୍ତ ରିପୋର୍ଟ ଭୁବନେଶ୍ୱରସ୍ଥିତ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକ କହିଛନ୍ତି।



ପ୍ରଶିକ୍ଷଣକାରୀ ଟିମ୍ ଚିଲିକାରେ ଡଲ୍‌ଫିନ ଗଣନା କରୁଛନ୍ତି।


# Classified Everyday

**0674-2580101, 9692975378**



**REAL ESTATE**

**SALE**

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-2641

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-2640



Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

Lost sale deed I Sanjit Lala, S/o- Gopal Chandra Lala and Satyajit Lala, Son of Gopal Chandra Lala, both are of At/ P.O.-Mukundaprasad. P.S./Dist.-Khordha, Odisha do hereby declared by this affidavit No.- 73AA706351 dated on 13.01.2025 we lost our Original sale deed bearing I.D. No.-1131810387 dtd 21.12.2018 under Mouza-Nuagaon, Khata No.-276/1157, Plot No.-760/1980, Area sold A0.100 decs. purchased from Dr. Manmohan Mohanty. We could not trace it out. This affidavit are all TRUE to the best our knowledge and belief. D-73578

Lost sale deed I Sangita Lala, W/o- Sanjit Lala & Sasmita Lala, W/o- Satyajit Lala both are of At/ P.O.-Mukundaprasad, P.S./Dist.- Khordha, Odisha, do here by declare by this affidavit No.- 73AA706352 dated on 13.01.2025 we lost our Original sale deeds bearing I.D. No.-1131810013 dtd.10.12.2018 under Mouza-Nuagaon, Khata No.-276/1466, Plot No.-760/1070, area sold A0.200 decs. we could not trace it out. This affidavit are all TRUE the best of our knowledge and belief. D-73579

ଡକ୍ୟୁମେଣ୍ଟ ହଜିଛି- ଓଡ଼ିଶା, ଖୋର୍ଦ୍ଧା ମୌଜାରେ ଖାତା ନଂ.- ୨୩୮/୯୮୦, ପ୍ଲଟ୍ ନଂ.- ୧୦/୨୦୦୭, ଏରିଆ- ୦.୦୭୨ ଡେସିମିଲ ଏକର ଟୁନିମଣୀ ଖଣ୍ଡାୟତରାୟ, ସ୍ୱାମୀ- ବୈଦ୍ୟନାଥ ବରାଳଙ୍କ ନାମରେ ଥିବା ସମ୍ପତ୍ତି ଯାହାର ସେଲ୍‌ଡିଡ୍ ନଂ.- ୭୧୯/୦୨, ତାରିଖ ୨.୪.୨୦୦୨ କାଗଜପତ୍ର ଶ୍ରୀମତୀ ଟୁନିମଣୀ ଖଣ୍ଡାୟତରାୟ, ସ୍ୱାମୀ- ବୈଦ୍ୟନାଥ ବରାଳଙ୍କ ଭୁବନେଶ୍ୱର ନୟାପଲ୍ଲୀ ଆଇସିଆଇସିଆଇ ବ୍ୟାଙ୍କ ରାସ୍ତାରେ କେଉଁଠି ହଜିଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଏକ ଲିଖିତ ଅଭିଯୋଗ ଷ୍ଟେସନ ଡାଏରୀ ଜେନେରାଲ ଡାଏରୀ ନଂ.-୦୧୯, ତାରିଖ ୦୪।୧୨।୨୦୨୪ରେ ହୋଇଅଛି। ଯଦି କାହାକୁ ଏହି କାଗଜପତ୍ର ମିଳେ ତେବେ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ଜଟଣୀ ଶାଖା, କୋଡ୍- ୧୨୦୨୮ରେ ହସ୍ତାନ୍ତର କରିବାକୁ ମୁଁ ଶ୍ରୀମତୀ ଟୁନିମଣୀ ଖଣ୍ଡାୟତରାୟ ଅନୁରୋଧ କରୁଛି। କାରଣ ଉପରୋକ୍ତ ବ୍ୟାଙ୍କରୁ ମୁଁ ଗୋଟିଏ ହାଉସିଂ ଋଣ ନେବାକୁ ଯାଉଛି। ମୋବାଇଲ ନଂ.- ୭୮୪୮୮୦୪୦୨୦. ଧ-୭୩୫୮୦

**AFFIDAVIT**

I, Prashant Kumar Jena, S/o- Late Surendra Nath Jena, resident of HIG- C/5, Baramunda Housing Board Colony, Bhubaneswar, Dist.- Khordha, PIN- 751003, Odisha declare by this affidavit on dated 17.01.2025, that now onwards I shall be known as Prasant Kumar Jena for all puposes. D-2636

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, of C.F. No- 21, on dtd.- 18 Jan. 25, that I Dillip Maharana of village- Bhatasahi, Badasahi, P.O.- Bhatasahi, P.S.-Nayagarh, Dist.-Nayagarh, Pin- 752070, declare that I have changed my son's name from Ayush Maharana to Ayush Kumar Maharana. Henceforth, he shall be known as Ayush Kumar Maharana for all purposes.
DILLIP MAHARANA D-2637

By virtue of an affidavit (No.07, dt.16.01.25) sworn before the Executive Magistrate, Loisingha, I Saroj Bag, R/o: Village- Bhaliamunda, P.O.- Agalapali, P.S.- Loisingha, Dist.- Balangir, Odisha, declare that I have changed my son's name from Simran Bag to Deepak Bag. Henceforth, he shall be known as Deepak Bag for all purposes.
Saroj Bag D-2639

By virtue of an affidavit, I RASMIPRABHA SWAIN, D/o- Golekh Bihari Swain, W/o- Siba Prasad Mohanty, resident of M.I.G.-II, Housing Board Colony, Phase-1, Chandrasekharpur, P.O./ P.S.- Chandrasekharpur, Bhubaneswar, Dist.- Khordha, Orissa, PIN- 751016, declare by this affidavit No.-26, dated- 19.01.2025, that now onwards I shall be known as RASHMIPRABHA SWAIN for all future purposes. D-2644

By virtue of an affidavit sworn before Notary, Bhubaneswar, dated- 16.01.2025, vide affidavit No.- 73AA389370, I Ritanajali Kahanr, Address: At.- Dhungiamunda, P.O.- Chhatrang, P.S.- Harabhanga, Dist.- Boudh, PIN- 762020, declare that I have changed my daughter's name from JOSHMIN KAHANR to GUNJAN KAHANR. Henceforth, she shall be known as GUNJAN KAHANR for all purposes.
ରୀତାଞ୍ଜଳି କହଁର D-2648

I, Jangneswar Satpathy, S/o- Satyabadi Satapathy, resident of Ward No.- 10, Khamar Sahi, P.O./ P.S.- Dhenkanal Town, Dist.- Dhenkanal, PIN- 759001, Odisha declare by this affidavit No.-282, dtd. 13.01.2025 that now onwards I shall be known as JAGNESWAR SATAPATHY for all future purposes. D-75481

By virtue of an affidavit sworn before Executive Magistrate, Bhubaneswar, dated 18. 01. 2025, I Samaira Begum, lately called Kalpana Sahoo, W/o- SK Sahid, D/o- Bhaskar Sahoo, Address, Vill- Phulapalpatana, P.O.- Binayakpur, Panchayat- Mukundashpur, P.S.- Balipatana, Dist.- Khordha, Odisha, PIN- 752104 declare that I have changed my name from Kalpana Sahoo to Samaira Begum. Henceforth I shall be known as Samaira Begum for all purposes. D-2646

By virtue of an affidavit I Sarojini Nath declares that Sarojini Nath and Lituna Pal relate to the same and one person and there is no difference in it. D-2647

By virtue of an affidavit sworn before Executive Magistrate, Bhadrak, I Kuni Pradhan (39 yrs), W/o- Mayasu Pradhan, Vill- Mantira, P.O.- Dasamania, P.S.- Jakhpura, Dist.- Jajpur, PIN- 755026 declare that I have changed my name in my LIC Policy bearing No.- 587370169 from Yosoda Das to Kuni Pradhan. Both name are same and one person. D-2645

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କନକ ବିହାରୀ ମହାନ୍ତି**

ସୁଜଙ୍ଗ, ଜଗତ୍‌ସିଂହପୁର

ଆବିର୍ଭାବ: ତା୨୮।୧୦।୧୯୩୪
ତିରୋଧାନ: ତା୧୧।୦୧।୨୦୨୫

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ଆଦର୍ଶ ଓ ଆଶୀର୍ବାଦ ଆମ୍ଭମାନଙ୍କ ପାଇଁ ଚିର ପାଥେୟ ହେଉ। ତୁମ ଆବର୍ତ୍ତମାନରେ ପରିବାରରେ ଶୂନ୍ୟସ୍ଥାନ ଅପୂରଣୀୟ ରହିଛି। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନୟ ପ୍ରାର୍ଥନା।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାରବର୍ଗ।

ଧ-୨୬୪୩

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ପ୍ରତାପ ଦେବଙ୍କୁ ନିର୍ବାଚନ ଅଧିକାରୀ କଲା ବିଜେଡି

ଭୁବନେଶ୍ୱର, (ସୁନିତ୍ ମିଶ୍ର): ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ପରିଚାଳନା ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଦଳର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। ବିଜେଡିର ମେମ୍ବରଶିପ୍ ଡ୍ରାଇଭ କାର୍ଯ୍ୟକ୍ରମ ସରିଥିବାବେଳେ ଖୁବ୍‌ଶୀଘ୍ର ଦଳ ପକ୍ଷରୁ ୩୦ ଜିଲାର ସଭାପତି ଚୟନ ପ୍ରକ୍ରିୟା ସରିବ। ଏହାପରେ ଦଳର ସଭାପତି ବଛାଯିବେ। ପୁନର୍ବାର ନବୀନଙ୍କୁ ଦଳ ସଭାପତି କରିବ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।



ଲୋୟର ପିଏମ୍‌ଜିଠାରେ ସୋମବାର କଂଗ୍ରେସର ଜନଅସନ୍ତୋଷ ସମାବେଶରେ ଦଳୀୟ କର୍ମକର୍ତ୍ତାଙ୍କୁ ପୋଲିସ ଉଠାଇ ନେଉଛି।

# ବାବାସାହେବଙ୍କ ଉତ୍ତରାଧିକାରୀଙ୍କ ସମ୍ପର୍କରେ କହିବାର ଅଧିକାର କଂଗ୍ରେସର ନାହିଁ: ଅନୁରାଗ

ଭୁବନେଶ୍ୱର, ୨୦।୧ (ସୁନିତ୍ ମିଶ୍ର)

ଡ.ବାବାସାହେବ ଆମ୍ବେଡକରଙ୍କୁ କଂଗ୍ରେସ ବାରମ୍ବାର ଅପମାନିତ କରିଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ବରିଷ୍ଠ ଏମ୍‌ପି ଅନୁରାଗ ସିଂ ଠାକୁର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ସୋମବାର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଆମ୍ବେଡକରଙ୍କ ମୃତ୍ୟୁ ପରେ ଦିଲ୍ଲୀରେ ତାଙ୍କ ମୃତଦେହ ଦାହ କରିବାକୁ ମନା କରି ଦେଇ ତାଙ୍କ ପାର୍ଥିବ ଶରୀରକୁ ମଧ୍ୟ ଅସମ୍ମାନ କରିବାକୁ କଂଗ୍ରେସ ପଛାଇ ନ ଥିଲା। ଆମ୍ବେଡକରଙ୍କୁ ବିଧାନସଭା ନିର୍ବାଚନରେ ପରାସ୍ତ କରିବା ପାଇଁ କଂଗ୍ରେସର ବମ୍ବେ ପ୍ରିମିୟର ବି.ଜି. ଖେରେ ଜାଣିଶୁଣି ଷଡ଼ଯନ୍ତ୍ର କରିଥିଲେ। କ୍ଷମତା ପାଇଁ ସମ୍ବିଧାନର ମୌଳିକ ଆତ୍ମାକୁ ବାରମ୍ବାର ଉଲ୍ଲଂଘନ କରିଥିବା କଂଗ୍ରେସକୁ ବାବାସାହେବଙ୍କ ଉତ୍ତରାଧିକାରୀ ପ୍ରସଙ୍ଗରେ କହିବାର କୌଣସି ନୈତିକ ଅଧିକାର ନାହିଁ ବୋଲି ଅନୁରାଗ କହିଛନ୍ତି।

ଅନୁରାଗ ପୁଣି କହିଛନ୍ତି, କଶ୍ମୀର ପ୍ରସଙ୍ଗରେ ନୀତି, ଦଳିତଙ୍କୁ ଅଣଦେଖା, ତୁଷ୍ଟୀକରଣ ରାଜନୀତି, ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି, ହିନ୍ଦୁ କୋଡ୍ ବିଲ୍‌କୁ ବିରୋଧ କରୁଥିବା କାରଣରୁ ଆମ୍ବେଡକର ୧୯୫୧ରେ ନେହେରୁଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ। ଜରୁରିକାଳୀନ ପରିସ୍ଥିତି ସମୟରେ କଂଗ୍ରେସ ସରକାର ରାଜନୈତିକ ବିରୋଧୀମାନଙ୍କୁ ଜେଲରେ ଭର୍ତ୍ତି କରିବା ସହ ଗଣମାଧ୍ୟମର କଣ୍ଠରୋଧ କରିଥିଲା। କଂଗ୍ରେସ ସରକାର ୮୮ ଥର ଧାରା ୩୫୬ ବ୍ୟବହାର କରି ବିରୋଧୀ ଶାସିତ ରାଜ୍ୟ ସରକାରଙ୍କୁ ବରଖାସ୍ତ କରିଥିଲା। କଂଗ୍ରେସ ସମ୍ବିଧାନର ଅଖଣ୍ଡତା ଅପେକ୍ଷା 'ରାଜନୈତିକ ସ୍ୱାର୍ଥ'କୁ ପ୍ରାଥମିକତା ଦେଇ ଭାରତର ସମ୍ବିଧାନକୁ ନିରନ୍ତର ଦୁର୍ବଳ କରିଆସିଛି। ଏହା ଭାରତର ଗଣତାନ୍ତ୍ରିକ ଇତିହାସର ସବୁଠାରୁ କଳା ଅଧ୍ୟାୟ ମଧ୍ୟରୁ ଅନ୍ୟତମ ବୋଲି ସେ କହିଛନ୍ତି। କଂଗ୍ରେସ ବାରମ୍ବାର ସମାନ ନାଗରିକ ସଂହିତା (ୟୁସିସି)କୁ ବିରୋଧ କରିଥିଲା। ୟୁସିସି ପ୍ରତି କଂଗ୍ରେସର ବିରୋଧ ଏହାର ସଂଖ୍ୟାଲଘୁ ତୁଷ୍ଟୀକରଣ ରାଜନୀତିକୁ ପ୍ରତିଫଳିତ କରେ। ଦିଲ୍ଲୀରେ ଆମ୍ବେଡକର ଅନ୍ତଃରାଷ୍ଟ୍ରୀୟ କେନ୍ଦ୍ରର କଳ୍ପନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାସ୍ତବ ରୂପ ପ୍ରଦାନ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ସମ୍ବିଧାନରେ ୧୦୬ଟି ସଂଶୋଧନ କରାଯାଇଛି, ଯେଉଁଥିରୁ ୭୫ଟି କଂଗ୍ରେସ ଶାସନ ସମୟରେ ହୋଇଥିଲା। ଆମ୍ବେଡକରଙ୍କ ବିଚାରଧାରା ବର୍ତ୍ତମାନ ମଧ୍ୟ ଭାଜପା ନୀତିକୁ ପ୍ରେରିତ କରୁଛି। ଆମ୍ବେଡକର ଏଭଳି ଭାରତବର୍ଷର ସ୍ୱପ୍ନ ଦେଖିଥିଲେ, ଯାହା ନ୍ୟାୟ, ସମାନତା ଓ ଏକତାକୁ ମହତ୍ତ୍ୱ ଦେଇଥାଏ ବୋଲି ଅନୁରାଗ କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସାଂସଦ ସୁଜିତ କୁମାର, ବିଧାୟକ ଇରାଶିସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର ଓ ଅନ୍ୟମାନେ।

# ନିଶା ନୁହେଁ, ଚାକିରି ଦିଅ ଅଭିଯାନ ପଞ୍ଚାୟତସ୍ତରକୁ ନିଅ: ଚିବ୍

## ଜନଅସନ୍ତୋଷ ସମାବେଶ ପାଳିଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୨୦।୧ (ସୁନିତ୍ ମିଶ୍ର)

ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ଆବାହକତ୍ୱରେ ମାଷ୍ଟର କ୍ୟାଣ୍ଟିନ ଛକଠାରେ ସୋମବାର ଜନଅସନ୍ତୋଷ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଯୁବ କଂଗ୍ରେସ କର୍ମୀ ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ବର୍ଷିଛନ୍ତି। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଯୋଗଦେଇ କହିଛନ୍ତି, ୧୧ ବର୍ଷର ମୋଦି ସରକାର ଏ ରାଷ୍ଟ୍ରର ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି। ବେରୋଜଗାରୀ ଓ ନିଶାଖୋର ମୋଦି ସରକାରଙ୍କ ୨ଟି ପ୍ରମୁଖ ଯୋଜନା। ଯୁବ କଂଗ୍ରେସ ପକ୍ଷରୁ 'ନିଶା ନୁହେଁ, ଚାକିରି ଦିଅ' ବୋଲି ଏକ ଅଭିଯାନ ସାରା ଦେଶରେ ଚାଲିଛି। ଏହି ଅଭିଯାନ ପଞ୍ଚାୟତସ୍ତରକୁ ନେବା ପାଇଁ ଚିବ୍ ସେଠାରେ ଉପସ୍ଥିତ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି। ମୋଦି-ଆଦାନୀଙ୍କ ମଧୁଚନ୍ଦ୍ରିକା କଥା ଦେଶବାସୀ ଜାଣନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏମାନଙ୍କ ଭିତିରି ସମ୍ପର୍କ ବିଷୟରେ ପାର୍ଲାମେଣ୍ଟରେ ଓ ବାହାରେ ବାରମ୍ବାର ପ୍ରଘଟ କରିଛନ୍ତି। ଗୁଜରାଟର ଆଦାନୀ ପୋର୍ଟରେ ପ୍ରାୟ ୨୦ ହଜାର କୋଟି ଟଙ୍କାର ଡ୍ରଗ୍ସ ଧରାହେଲା। ଆଦାନୀ ଯେହେତୁ ମୋଦିଙ୍କ ପ୍ରିୟ ଶିଳ୍ପପତି, ତେଣୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ସେଠାରେ କାର୍ଯ୍ୟରତ ସାଧାରଣ ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲା। ୧୧ ବର୍ଷର ମୋଦି ସରକାରରେ ସମ୍ବିଧାନର କ୍ଷମତାକୁ ସଙ୍କୁଚିତ କରିଦିଆଯାଇଛି। ଗଣତନ୍ତ୍ର ବର୍ତ୍ତମାନ ବିପଦରେ ରହିଛି। ଯେଉଁମାନେ ମୋଦି ସରକାରର ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କ ବିରୋଧରେ ଇଡି, ସିବିଆଇ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥା ଲଗାଇ ହଇରାଣ ହରକତ କରାଯାଉଛି ବୋଲି ଚିବ୍ କହିଛନ୍ତି। ସେ ପୁଣି କହିଛନ୍ତି, ଦେଶରେ ବେକାରି ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି। ବର୍ଷକୁ ୨ କୋଟି ନିଯୁକ୍ତି ପ୍ରତିଶ୍ରୁତି ୧୧ ବର୍ଷ ପରେ ମୋଦିଙ୍କ ପ୍ରତାରଣା ଥିଲା ବୋଲି ପ୍ରମାଣିତ କରିଛି। ଓଡ଼ିଶାରେ ମୋହନ ସରକାର ଏକ କାଠପୁତୁଳି ସରକାର ବୋଲି ସେ କହିଛନ୍ତି। ଏହି ସଭାରେ ଚିବ୍ ଏକ କଣ୍ଢେଇ ପ୍ରଦର୍ଶନ କରି ଝୁଲାଇଥିଲେ। ସେହି କଣ୍ଢେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଯିଏକି ଦିଲ୍ଲୀର ନିର୍ଦ୍ଦେଶରେ ଉଠ୍‌ବସ୍ ହୁଅନ୍ତି ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସ ସମ୍ପାଦକ ଅଜିତ ସିଂ ଓ ଅଭିନବ ଭଗତ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଦିବାସୀ ହୋଇଥିଲେ ହେଁ ଏଠାରେ ଆଦିବାସୀମାନେ ଅତ୍ୟାଚାରିତ। ବିଶେଷକରି ମୁସଲିମ୍, ଖ୍ରୀଷ୍ଟିଆନ ଓ ଦଳିତ ଲୋକମାନେ ମୋହନ ସରକାରରେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ରଣଜିତ ପାତ୍ର କହିଛନ୍ତି, ଯୁବ କଂଗ୍ରେସର ୮ ଦଫା ଦାବିକୁ ମୋହନ ସରକାର ତୁରନ୍ତ ସମାଧାନ କରିବା ପାଇଁ ଉଦ୍ୟମ କରନ୍ତୁ, ନଚେତ ଆନ୍ଦୋଳନ ଚାଲୁ ରହିବ। ବିଶେଷକରି ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଉତ୍କଟ ଦରଦାମ୍ ବୋଝରେ ଓଡ଼ିଶା ଲୋକ ହନ୍ତସନ୍ତ ହୋଇପଡ଼ିଛନ୍ତି। ସେହିପରି ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବାକୁ କହି ଏବେ ସ୍ମାର୍ଟ ମିଟର ମାଧ୍ୟମରେ ମୋହନ ସରକାର ଖାଉଟିଙ୍କ ରକ୍ତ ଶୋଷଣ କରୁଛନ୍ତି। ପ୍ରତିବାଦ ସଭା ପରେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ଅପର ପିଏମ୍‌ଜିଠାରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ପାଇଁ ଯାଇଥିଲା। ଯୁବ କଂଗ୍ରେସ କର୍ମୀମାନେ ପୋଲିସ ବାରିକେଡ ଭାଙ୍ଗିବାକୁ ଚେଷ୍ଟା କରିବା ସମୟରେ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଦୀର୍ଘ ସମୟ ଧରି ସେଠାରେ ପୋଲିସ ଏବଂ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଘଟଣାସ୍ଥଳରୁ ପୋଲିସ ଭ୍ୟାନ ଯୋଗେ କେତେଜଣ ଯୁବ କଂଗ୍ରେସ ନେତା ଓ କର୍ମୀଙ୍କୁ ପୋଲିସ ଉଠାଇ ନେଇ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡି ଦେଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ତାରାପ୍ରସାଦ ବାହିନୀପତି, ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅସ୍ତିତ୍ୱ ଜାହିର କରିବାକୁ ସମାବେଶ କରିଛି ଯୁବ କଂଗ୍ରେସ: ଅଭିଳାଷ

ଭୁବନେଶ୍ୱର, ୨୦।୧ (ସୁନିତ୍ ମିଶ୍ର)

ଓଡ଼ିଶାରେ କଂଗ୍ରେସ ଶାଖାକୁ କେନ୍ଦ୍ରୀୟ କମିଟି ବନ୍ଦ କରି ଦେଇଛନ୍ତି। ଏଠାରେ କଂଗ୍ରେସର ସଙ୍ଗଠନ ନାହିଁ । ଏହାସହ ନା ସଭାପତି ନା କୌଣସି କାର୍ଯ୍ୟକାରିଣୀ କମିଟି ଅଛି। ଗୋଟିଏ ବାକ୍ୟରେ କହିବାକୁ ଗଲେ ଓଡ଼ିଶାରେ କଂଗ୍ରେସ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଯାଇଛି ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଳାଷ କହିଛନ୍ତି, ପ୍ରଦେଶ କଂଗ୍ରେସ ପରି ଯୁବ କଂଗ୍ରେସ ସମ୍ପୂର୍ଣ୍ଣ ଦିଶାହୀନ। ସେମାନେ ଏବେ ମଧ୍ୟ ଯୁବକ ଓ ବରିଷ୍ଠ ମଧ୍ୟରେ ତାରତମ୍ୟ ଜାଣିପାରୁନାହାନ୍ତି। ସେମାନଙ୍କ ପାଇଁ ରାହୁଲ ଗାନ୍ଧୀ ଏବେବି ଯୁବକ। ରାହୁଲ ଗାନ୍ଧୀଙ୍କୁ ପ୍ରତିଷ୍ଠିତ କରାଇବା ପାଇଁ କଂଗ୍ରେସ ଅନେକ ଯୁବନେତାଙ୍କ ତଣ୍ଟି ଚିପିଛି। ତାଙ୍କ ଦଳରେ ଆଉ ନୂଆପିଢ଼ି ନାହାନ୍ତି। ପ୍ରଦେଶ କଂଗ୍ରେସ କମିଟିରେ ଗୋଷ୍ଠୀକନ୍ଦଳ ସାରା ଓଡ଼ିଶା ଦେଖୁଛି। ନିଜ ଦଳ ଭିତରେ ଥିବା ଅସନ୍ତୋଷକୁ ସେମାନେ ଏପର୍ଯ୍ୟନ୍ତ ସମାଧାନ କରିପାରୁ ନ ଥିବାବେଳେ ସମାବେଶ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ନିଜ ଦଳ ଭିତର ଅସନ୍ତୋଷକୁ ଜାହିର କରିବା, ପରିଚୟ ସଙ୍କଟରୁ ବର୍ତ୍ତିବା ଓ ନିଜର ଅସ୍ତିତ୍ୱ ଜାହିର କରିବା ପାଇଁ କଂଗ୍ରେସ ପକ୍ଷରୁ ସମାବେଶ କରାଯାଉଛି। ଏହି କାର୍ଯ୍ୟକ୍ରମ କେବଳ ନାମକୁ ମାତ୍ର କରାଯାଉଛି ବୋଲି ସେମାନଙ୍କ ହାତଗଣତି ସଂଖ୍ୟାରୁ ଜଣାପଡୁଛି। ଦଳ ଆଉ ଓଡ଼ିଶାରେ କାମ କରିବ କି ନାହିଁ କଂଗ୍ରେସ ଚିନ୍ତା କରୁ। ଯଦି କାମ କରିବ ତେବେ ଦଳର କିଏ କାର୍ଯ୍ୟକାରିଣୀ ସଦସ୍ୟ ହେବେ, କିଏ ସଭାପତି ହେବେ ଆଉ କେଉଁମାନେ ଅନ୍ୟାନ୍ୟ ଦାୟିତ୍ୱରେ ରହିବେ ସେନେଇ ନିଷ୍ପତ୍ତି ନେବା ଆବଶ୍ୟକ। ଓଡ଼ିଶାରେ କଂଗ୍ରେସ ୫୫ ବର୍ଷ ଧରି କ୍ଷମତାସୀନ ଥିଲା। ଏହି ସମୟ ମଧ୍ୟରେ ସେମାନେ ଓଡ଼ିଶା ପାଇଁ ଯାହା କରିଥିଲେ, ମାତ୍ର ୫ ବର୍ଷରେ ଓଡ଼ିଶାରେ ମୋହନ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାର ତା'ଠାରୁ ଢେର ଅଧିକ କାମ କରି ଦେଖାଇବ।



ଅଭିଳାଷ ପଣ୍ଡା

## Business

# ମହାକୁମ୍ଭ ଜରିଆରେ ୧୨ଲକ୍ଷରୁ ଅଧିକଙ୍କୁ ନିଯୁକ୍ତି ସୁଯୋଗ

### ୪୫ ଦିନରେ ୪୦ କୋଟି ଶ୍ରଦ୍ଧାଳୁଙ୍କ ସମାଗମ

ନୂଆଦିଲ୍ଲୀ, ୨୦।୧

ଦୀର୍ଘ ୧୨ବର୍ଷ ପରେ ମହାକୁମ୍ଭ ଉତ୍ସବ ଉତ୍ତର ପ୍ରଦେଶରର ପ୍ରୟାଗରାଜଠାରେ ଆରମ୍ଭ ହୋଇଯାଇଛି। ଏପରିକି ୨୦୨୫ ଜାନୁୟାରୀ ୧୩ରୁ ଫେବୃୟାରୀ ୨୬ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ମେଳାରେ ପ୍ରାୟ ୪୦ କୋଟି ଶ୍ରଦ୍ଧାଳୁଙ୍କ ଜନସମାଗମ ହେବ ବୋଲି ମହାକୁମ୍ଭ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଏହି ସ୍ୱଳ୍ପ ଅବଧୀ ମଧ୍ୟରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ୧୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ମିଳିବ ବୋଲି ବୈଶ୍ୱିକ ସଂସ୍ଥା ଏନଏଲବି ସର୍ଭିସ ପକ୍ଷରୁ ଆକଳନ କରାଯାଇଛି। ଏପରିକି ମେଳାରେ ମେଡିକାଲ ସେବା ଠାରୁ ଆରମ୍ଭ କରି ସଫେଇ ଏବଂ ବିଭିନ୍ନ ବର୍ଗର ବ୍ୟବସାୟ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମାନବସମ୍ବଳର ଆବଶ୍ୟକତା ଥିଲାବେଳେ ବଡ ବଡ ସଂସ୍ଥାଗୁଡିକରେ ମଧ୍ୟରେ ସ୍ୱଳ୍ପ ଅବଧୀ ପାଇଁ ଅଧିକ ପରିମାଣର ମାନବସମ୍ବଳର ଆବଶ୍ୟକତା ରହିଛି। ବିଶେଷ କରି ଆତିଥେୟତା ଠାରୁ ଆରମ୍ଭ କରି ସଫେଇ ସଂସ୍ଥା ପାଇଁ ଆବଶ୍ୟକ ଲୋକବଳ ଏହି ମେଳା ପାଇଁ ବଡ ସମ୍ଭାବନା ସୃଷ୍ଟି କରିଛି। ଏ ସମ୍ପର୍କରେ ଏନଏଲବି ସର୍ଭିସର ସିଇଓ ସଚ୍ଚିନ ଅଲ୍ଗ କହିଥିଲେ, ଚଳିତ ମହାକୁମ୍ଭରେ ୪୦ କୋଟି ( ୪୦୦ ମିଲିୟନ) ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିବାର ଆକଳନ କରାଯାଉଛି। ଏପରିକି ମେଳା ପରିସରରେ ମେଡିକାଲ ସେବା ଠାରୁ ଆରମ୍ଭ କରି ସଫେଇର ଆବଶ୍ୟକତା ରହିଥିଲାବେଳେ ମେଳା କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରାୟତଃ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ଘରୋଇ ସ୍ତରରେ ମଧ୍ୟ ହୋଟେଲ, ରେଷ୍ଟୁରାଣ୍ଟ, ନିର୍ମାଣ କ୍ଷେତ୍ର, ଇଭେଣ୍ଟ ମ୍ୟାନେଜମେଣ୍ଟ, ସିକ୍ୟୁରିଟି ଏବଂ ପର୍ଯ୍ୟଟନ ଭଳି ଅନେକ କ୍ଷେତ୍ରରେ ମଧ୍ୟ ମାନବ ସମ୍ବଳର ଚାହିଦା ବୃଦ୍ଧି ପାଇଛି। ଉପରୋକ୍ତ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷରୁ ଅଧିକ ମାନବ ସମ୍ବଳ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ମେଳାକୁ ମାତ୍ର ୭ ଦିନ ବିତିଥିଲେ ମଧ୍ୟ ମେଳାର ଚାହିଦା ସବୁ ବର୍ଗ ଓ ସ୍ତରରେ ଦେଖିବାକୁ ମିଳିଛି।



# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ, ୨୦।୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୪୫୪(୪୫୪.୧୧) ପଏଣ୍ଟ ବଢି ୭୭,୦୭୩ (୭୭,୦୭୩.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୪୨ (୧୪୧.୫୫) ପଏଣ୍ଟ ବୃଦ୍ଧି ଘଟି ୨୩,୩୪୫ (୨୩,୩୪୪.୭୫) ଅଙ୍କରେ କାରବାର ଶେଷ କରିଥିଲା।

ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ଚାନ୍ଦି ଭଣ୍ଡାର ପକ୍ଷରୁ ରିୟଲ ୱେଡିଂ ଷ୍ଟୋରିଜ୍

ଭୁବନେଶ୍ୱର, ୨୦।୧ (ଅନୁରାଧା ମହାରଣା)

ବିବାହ ଋତୁ ଚାଲିଥିବାବେଳେ ଚାନ୍ଦି ଭଣ୍ଡାର ଏହାର ନୂତନ କ୍ୟାମ୍ପେନ 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' ଆରମ୍ଭ କରିଛି। ନିଜ ଯାତ୍ରାରେ ଚାନ୍ଦି ଭଣ୍ଡାରକୁ ସାମିଲ କରିଥିବା ବାସ୍ତବ ଦମ୍ପତିମାନଙ୍କୁ ପାଳନ କରିବା ପାଇଁ ଏ କ୍ୟାମ୍ପେନ୍ ପ୍ରସ୍ତୁତ। ୱେଡିଂ ଷ୍ଟୋରିଜ୍ ମାଧ୍ୟମରେ ଚାନ୍ଦି ଭଣ୍ଡାର ରୁପା ଗହଣା ଏବଂ ଆର୍ଟିଫାକ୍ଟର ବ୍ୟାପକ କଲେକ୍ସନ ଉପଲବ୍ଧ କରିଛି। ପ୍ରତି ବିବାହରେ ରହିଥିବା ପ୍ରେମ ସୁନ୍ଦରତା ଏବଂ ବିରାସତକୁ ପ୍ରତିଫଳନ କରିବା ପୂର୍ବକ ଏ ଗହଣାଗୁଡ଼ିକୁ ଡିଜାଇନ୍ କରାଯାଇଛି। ପିଢ଼ି ପରେ ପିଢ଼ି ସ୍ମୃତି ସାଇତି ରଖିବା ପାଇଁ ଗହଣାଗୁଡ଼ିକ ସର୍ବୋତ୍କୃଷ୍ଟ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଗ୍ରାହକ ୨୦୨୫ ଜାନୁଆରୀ ୧୫ରୁ ମାର୍ଚ୍ଚ ୧୫ ଯାଏ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ରୁପା ଗହଣା ଏବଂ କଳାକୃତି ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ରାଜ୍ୟରେ ବ୍ୟବସାୟ ବୃଦ୍ଧି ପାଇଁ ଚାନ୍ଦି ଭଣ୍ଡାର ନୟାଗଡ଼ ଏବଂ ଝାରସୁଗୁଡ଼ାରେ ନୂଆ ଷ୍ଟୋର ଶୁଭାରମ୍ଭ କରିବାକୁ ଯାଉଥିବା ଘୋଷଣା କରିଛି। ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କହିଛନ୍ତି, ଗହଣା କେବଳ ଆଭୂଷଣ ନୁହେଁ, ନିଜ ନିଜ କାଳଜୟୀ ଡିଜାଇନ୍ ସହିତ ଏଗୁଡ଼ିକ ପ୍ରେମ, ପରମ୍ପରା ଏବଂ ଗ୍ରାହକଙ୍କ ସ୍ୱତନ୍ତ୍ର କାହାଣୀକୁ ପ୍ରତିଫଳିତ କରିଥାଏ।



# ନୂଆ ମିନି କୁପରର ଅନାବରଣ

ନୂଆଦିଲ୍ଲୀ, ୨୦।୧

ମିନି ଇଣ୍ଡିଆ ପକ୍ଷରୁ ନୂଆ ମିନି କୁପର୍ ଏସ୍ ଜନ୍ କୁପର ୱର୍କସ୍ ପ୍ୟାକ୍‌ର ଅନାବରଣ ନିକଟରେ ହୋଇଯାଇଛି। ଏହି କାର୍ ଏକ କମ୍ପ୍ଲିଟ୍‌ଲି ବିଲ୍ଟ-ଅପ୍ ୟୁନିଟ (ସିବିୟୁ) ଭାବେ ଉପଲବ୍ଧ ଏବଂ ଏହାକୁ ଦେଶବ୍ୟାପୀ ଅଥୋରାଇଜ୍‌ଡ ମିନି ଡିଲରଗୁଡିକ ସମେତ ସପ୍.ମିନି.ଇନ୍‌ରେ ମଧ୍ୟ ବୁକ୍ କରାଯାଇପାରିବ। ଏହାର ଡେଲିଭରି ୨୦୨୫ ଏପ୍ରିଲ୍‌ରୁ ଆରମ୍ଭ ହେବ। ମିନି କୁପର୍ ଏସର ୫ମ ପିଢି ମିନିର ଶାରୀରିକ ଗଠନ ଓ ମୂଳତ୍ୱ ସହିତ ଜନ୍ କୁପର ୱର୍କସ୍ ପ୍ୟାକ୍‌ର ସ୍ପୋର୍ଟିନେସ୍ ସହିତ ପ୍ରଗତିଶୀଳ ଟେକ୍ନୋଲୋଜିକୁ ଏକତ୍ରିତ କରିଛି। ମିଳିତ ଭାବେ କମ୍ପାନୀ ଏହି ପ୍ୟାକ୍‌ରେ ଏକ ନୂଆ ବ୍ୟକ୍ତିତ୍ୱ ଓ ହଲ୍‌ମାର୍କ ଡ୍ରାଇଭିଂ ଡାଇନାମିକ୍ସ ସହ ଅଭିନବ ଫିଚରଗୁଡିକୁ ଅନ୍ତର୍ଭୁକ୍ତ କରିଛି।

ନୂଆ ମିନି କୁପର୍ ଏସ ଜନ୍ କୁପର ୱର୍କସ୍ ପ୍ୟାକ୍ କାଳଜୟୀ ଡିଜାଇନକୁ ଆଧୁନିକ ଉଦ୍ଭାବନ ସହ ମିଶ୍ରଣ କରିବାର ମିନିର ବିରାସତକୁ ସୂଚିତ କରୁଛି। ଏହାର ଡାଇନାମିକ, ସ୍ପୋର୍ଟି ଏକ୍ସଟେରିୟର ଓ ଏକ୍ସକ୍ଲୁସିଭ ଜନ୍ କୁପର ୱର୍କସ ଟ୍ରିମ ସହିତ ଏହି ସ୍ପେଶିଆଲ ଏଡିଶନ ଚାଳନା ଆନନ୍ଦ ସହ ବ୍ୟକ୍ତିଗତକରଣର ଉଦାହରଣ ଭାବେ ଉଭା ହୋଇଛି। ଇଣ୍ଟେରିୟରର ସ୍ପୋର୍ଟି ବିବରଣୀଗୁଡିକ ମୋଟରସ୍ପୋର୍ଟ ଆଗ୍ରହର ଅଭିବ୍ୟକ୍ତି ଏବଂ ଡିଜିଟାଲ ଇଣ୍ଟରାକ୍ଟିଭ ଇଣ୍ଟରଫେସ୍‌ଗୁଡିକ ଏକ ହାଇ-ଟେକ ଅନୁଭୂତି ସୃଷ୍ଟି କରୁଛି।

ଏହାର ଏକ୍ସ-ଶୋରୁମ ମୂଲ୍ୟ ନୂଆ ମିନି କୁପର୍ ଏସ ଜନ୍ କୁପର ୱର୍କସ୍ ପ୍ୟାକ୍ -ମୂଲ୍ୟ ୫୫,୯୦,୦୦୦ ଟଙ୍କା ରହିଛି। ନୂଆ ମିନି କୁପର୍ ଏସ ଜେଏସ୍‌ଡବ୍ଲ୍ୟୁ ପ୍ୟାକ୍ ଦୁଇଟି ଆକର୍ଷଣୀୟ ରଙ୍ଗ ଲିଜେଣ୍ଡ ଗ୍ରେ ଓ ମିଡ୍‌ନାଇଟ ବ୍ଲାକ୍‌ରେ ଏବଂ ଜେଟ୍ ବ୍ଲାକ୍ ରଙ୍ଗରେ ରୁଫ୍ ଓ ମିରର୍ ସହ ଉପଲବ୍ଧ।

ଏହି କାର୍ ଅସୀମିତ କିଲୋମିଟର ପାଇଁ ଏକ ଷ୍ଟାଣ୍ଡାର୍ଡ ଦୁଇ ବର୍ଷର ୱାରେଣ୍ଟି ସହ ଆସୁଛି। ନୂଆ ମିନ କୁପର୍ ଏସ ଜନ୍ କୁପର ୱର୍କସ୍ ପ୍ୟାକ୍‌ରେ ୨ବର୍ଷର ୨୪/୭ ରୋଡ୍-ସାଇଡ ଆସିଷ୍ଟାନ୍ସ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରୁଛି। କାର୍‌ର ମାଲିକାନା ସହ ଏହି ଲାଭଗୁଡିକୁ ସ୍ଥାନାନ୍ତର କରାଯାଇପାରିବ।

# ଡ୍ରିମ୍‌ସରେ ୬ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଭୁବନେଶ୍ୱର, ୨୦।୧ (ଅଭୟ ଦାଶ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍‌ନୋଲୋଜି ପକ୍ଷରୁ ଏକ ୬ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ମାଇକ୍ରୋ ଗ୍ରୀଡ୍ କ୍ଷେତ୍ରରେ ସଦ୍ୟତମ ଅଗ୍ରଗତି' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ସମେତ ରାଜ୍ୟର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ ଗବେଷକମାନେ ଅଂଶଗ୍ରହଣ କରିଛନ୍ତି। ପଦ୍ମିନୀ ଅଡିଟୋରିୟମ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏ ନେଇ ସେ କହିଥିଲେ, ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୈଷୟିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଶକ୍ତି ଉତ୍ପାଦନ ଓ ବ୍ୟବହାର କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟା ଦୂର କରିବାରେ ମାର୍ଗଦର୍ଶନ କରିବ। ଏହି ଅବସରରେ ସେ ନିମନ୍ତ୍ରିତ ଅତିଥି ଓ ବକ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଖାଦେଇଥିବା ସଙ୍କଟ ଓ ମାଇକ୍ରୋ ଗ୍ରୀଡ୍‌ର ଉପଯୋଗିତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେହିଭଳି ମୁଖ୍ୟବକ୍ତା ଆଇଆଇଟି ପାଟନାର ପ୍ରଫେସର ଡ. ରଞ୍ଜନ କୁମାର ବେହେରା ଉକ୍ତ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଦକ୍ଷତାର ଠିକ୍ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଗ୍ରୀଡ୍ ଟେକ୍‌ନୋଲୋଜିର ପ୍ରାଧାନ୍ୟ ଉପରେ ଡ. ପ୍ରକାଶ କୁମାର ରାୟ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ଅଟୋ ଏକ୍ସପୋରେ ବିଏମ୍‌ଡବ୍ଲ୍ୟୁର ରେଞ୍ଜ

ନୂଆଦିଲ୍ଲୀ, ୨୦।୧

ଦେଶର ପ୍ରମୁଖ ପ୍ରିମିୟମ ଅଟୋ ବ୍ରାଣ୍ଡ 'ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆର ଅଲ୍-ନ୍ୟୁ ବିଏମ୍‌ଡବ୍ଲ୍ୟୁ ଏକ୍ସ୩ ଏବଂ ବିଏମ୍‌ଡବ୍ଲ୍ୟୁ ଏସ୍ ୧୦୦୦ ଆର୍‌ଆର୍‌ର ଅନାବରଣ ଉନ୍ମୋଚନ ସୋମବାର ଅଟୋ ଏକ୍ସପୋ୨୦୨୫ରେ ହୋଇଯାଇଛି। ଏପରିକି ଅଲ୍-ନ୍ୟୁ ବିଏମ୍‌ଡବ୍ଲ୍ୟୁ ଏକ୍ସ୩ ଉଭୟ ପେଟ୍ରୋଲ ଓ ଡିଜେଲ ପାୱାର ଟ୍ରେନରେ ମଧ୍ୟ ଉପଲବ୍ଧ । ଅଲ-ନ୍ୟୁ ବିଏମଡବ୍ଲ୍ୟୁ ଏକ୍ସ୩ ଏକ୍ସଡ୍ରାଇଭ୨୦ ଏମ ସ୍ପୋର୍ଟ ୭୫,୮୦,୦୦୦ ଟଙ୍କା ଏବଂ ଅଲ-ନ୍ୟୁ ବିଏମ୍‌ଡବ୍ଲ୍ୟୁ ଏକ୍ସ୩ ଏକ୍ସଡ୍ରାଇଭ୨୦ଡି ଏମ୍‌ସ୍ପୋର୍ଟ ୭୭,୮୦,୦୦୦ଟଙ୍କାର ଏକ୍ସ-ଶୋରୁମ ମୂଲ୍ୟରେ ଉପଲବ୍ଧ । ସେହିଭଳି ବ୍ରାଣ୍ଡର ସୁପର ସ୍ପୋର୍ଟ ବାଇକ ବିଏମଡବ୍ଲ୍ୟୁ ଏସ ୧୦୦୦ଆରଆର ଏକ କମ୍ପ୍ଲିଟ୍‌ଲି ବିଲ୍ଟ-ଅପ ୟୁନିଟ୍ ଭାବେ ଉପଲବ୍ଧ। ବିଏମଡବ୍ଲ୍ୟୁ ଏସ ୧୦୦୦ ଆର୍‌ଆର୍‌ର ପ୍ରାରମ୍ଭିକ ଏକ୍ସ-ଶୋ'ରୁମ୍ ମୂଲ୍ୟ ୨୧,୧୦,୦୦୦ ଟଙ୍କା ରହିଛି। ସେହିଭଳି ନୂଆ ବିଏମ୍‌ଡବ୍ଲ୍ୟୁ ଆର ୧୩୦୦ ଜିଏସ ଆଡ୍‌ଭେଞ୍ଚରକୁ ଭାରତରେ ଶୁଭାରମ୍ଭ କରାଯାଇଛି। ଏହି ଆଡ୍‌ଭେଞ୍ଚର ମୋଟରସାଇକେଲ ଏକ କମ୍ପ୍ଲିଟ୍‌ଲି ବିଲ୍ଟ-ଅପ୍ ୟୁନିଟ (ସିବିୟୁ) ଭାବେ ଉପଲବ୍ଧ। ନୂଆ ବିଏମଡବ୍ଲ୍ୟୁ ଆର ୧୩୦୦ ଜିଏସ ଆଡ୍‌ଭେଞ୍ଚର୍‌ର ପ୍ରାରମ୍ଭିକ ଏକ୍ସ ଶୋରୁମ୍ ମୂଲ୍ୟ ୨୨,୯୫,୦୦୦ ଟଙ୍କା ରହିଛି। ୨୦୨୫ ଏପ୍ରିଲ୍‌ରୁ ଉପରୋକ୍ତ ମଡେଲଗୁଡିକ ଗ୍ରାହକଙ୍କୁ ଡେଲିଭରି ଦିଆଯିବ ବୋଲି ଯୋଜନା ରହିଛି।

ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ ଇଣ୍ଡିଆର ଅଧ୍ୟକ୍ଷ ଓ ସିଇଓ ବିକ୍ରମ ପାୱା କହିଛନ୍ତି, ଅଲ୍-ନ୍ୟୁ ବିଏମଡବ୍ଲ୍ୟୁ ଏକ୍ସ୩ର ଶୁଭାରମ୍ଭ ସହିତ ଆଧୁନିକତା, ଉପସ୍ଥିତି ଓ ସ୍ପୋର୍ଟିଙ୍ଗ୍ ଫ୍ଲେୟାର ଅପ୍ରତ୍ୟାଶିତ ଉଚ୍ଚତାରେ ପହଞ୍ଚିଛି। ନୂଆ ବିଏମ୍‌ଡବ୍ଲ୍ୟୁ ଏସ ୧୦୦୦ ଆର୍‌ଆର୍ ପରବର୍ତ୍ତୀ ରୋମାଞ୍ଚ ସନ୍ଧାନରେ ଥିବା ରେସିଙ୍ଗ୍ ଉତ୍ସାହୀଙ୍କ ପାଇଁ ଏକ ପସନ୍ଦର ସ୍ପୋର୍ଟସ ବାଇକ୍ ପାଲଟିଛି। ଅଲ୍-ନ୍ୟୁ ବିଏମ୍‌ଡବ୍ଲ୍ୟୁ ଆର ୧୩୦୦ ଜିଏସ ଆଡ୍‌ଭେଞ୍ଚର ବୃହତ ଆଡ୍‌ଭେଞ୍ଚର ମୋଟରସାଇକେଲ ଦୁନିଆରେ ଏକ ନୂଆ ବେଞ୍ଚମାର୍କ ହୋଇଥିଲାବେଳେ ଏହା ଏକ ବିସ୍ତୃତ ରେଞ୍ଜର ଷ୍ଟାଣ୍ଡାର୍ଡ ଇକ୍ୱିପମେଣ୍ଟ ସହ ସୁସଜ୍ଜିତ ରହିଛି।

# ଶୀତରେ ସଜାନ୍ତୁ

ଶୀତଦିନେ ଘର ଭିତରର ତାପମାତ୍ରା ବାହାର ତୁଳନାରେ ଅଧିକ ରଖିବା ପାଇଁ ଜାଣିରଖନ୍ତୁ କିଛି ସହଜ ଉପାୟ...



**ଫର୍ଣ୍ଣିଚର ସ୍ଥାନ ବଦଳାନ୍ତୁ:** ଏହି ଦିନେ ଘରକୁ ଥଣ୍ଡାରୁ ରକ୍ଷା କରିବା ପାଇଁ ଘରେ ଥିବା ଆସବାବପତ୍ରକୁ ଠିକ୍ ଢଙ୍ଗରେ ରଖନ୍ତୁ। ଘରେ ଥିବା ବିଭିନ୍ନ ଆସବାବପତ୍ରସବୁକୁ ଝରକା ଓ କବାଟ ପାଖରେ ରଖିଦିଅନ୍ତୁ। ଫଳରେ ବାହାରର ତାପମାତ୍ରା ଘର ଭିତରକୁ ବେଶି ଆସିବ ନାହିଁ। ତେଣୁ ଘରର ତାପମାତ୍ରା ଉଷୁମ ରହିବ।

**ଥର୍ମାଲ ପରଦା ଲଗାନ୍ତୁ:** ଶୀତଦିନେ ଝରକାରେ ପରଦା ନିଶ୍ଚୟ ଲଗାନ୍ତୁ। ତେବେ ଏହି ଦିନେ ଭେଲଭେଟ୍ ଓ ପଲିଷ୍ଟର ଆଦି ବିଭିନ୍ନ ଫାବ୍ରିକର ଥର୍ମାଲ ପରଦା ଲଗାନ୍ତୁ। ଥର୍ମାଲ ପରଦାସବୁକୁ ମୋଟା ଏବଂ ଅଧିକ ପରସ୍ତ କରି ତିଆରି କରାଯାଇଥାଏ। ତେଣୁ ଏହା ମାଧ୍ୟମରେ ସହଜରେ ବାହାରର ଥଣ୍ଡା ଭିତରକୁ ଆସିବ ନାହିଁ।

**କୁସନ:** ସୋଫା ଓ ଦିବାନରେ ବ୍ୟବହାର ହେଉଥିବା କୁସନକୁ ବଦଳାଇ ଅଧିକ ଗଦିଭଳି ଥିବା କୁସନ ବ୍ୟବହାର କରନ୍ତୁ। ମଖମଲ କୁସନ ମଧ୍ୟ ଏହି ଋତୁରେ ବହୁତ ଭଲ ଲାଗିବ। ସାର୍ଟ ଉପରେ ଜ୍ୟାକେଟ୍ ପିନ୍ଧିବା ଭଳି ସୋଫାରେ ଲେୟରିଂ ଲୁକ୍ ମଧ୍ୟ ବହୁତ ଭଲ ଲାଗିବ।

**ମହମବତୀ:** ଶୀତଦିନେ ଘରକୁ ଉଷୁମ ରଖିବା ପାଇଁ ମହମବତୀ ଲଗାନ୍ତୁ। ରାତିରେ ଘର ସୁନ୍ଦର ଦେଖାଯିବା ସହିତ ଘର ଭିତରର ତାପମାତ୍ରା ମଧ୍ୟ ବାହାର ତୁଳନାରେ ଅଧିକ ରହିବ। ଘରକୁ ଅଧିକ ସୁନ୍ଦର କରିବା ପାଇଁ ଏବେ ବିଭିନ୍ନ ଡିଜାଇନ୍ ଓ ଭିନ୍ନ ଭିନ୍ନ ରଙ୍ଗର ମହମବତୀ ମିଳୁଛି। ଏସବୁକୁ ବ୍ୟବହାର କରି ଘରକୁ ସୁନ୍ଦର କରିପାରିବେ।

# ପିଲାଙ୍କୁ ରଖନ୍ତୁ ଆକ୍ଟିଭ



ଶୀତଦିନେ ପିଲାଙ୍କର ଖେଳାବୁଲା ଓ ଫିଜିକାଲ୍ ଆକ୍ଟିଭିଟି କମ୍ ହୋଇଥାଏ। ବାହାରକୁ ଗଲେ ଥଣ୍ଡା ହେବାର ଆଶଙ୍କା ରହିଥାଏ ଆଉ ଘରେ ରହିଲେ ସେମାନେ ଅଳସୁଆ ହୋଇଯାନ୍ତି। ଏଭଳି ସ୍ଥିତିରେ ପିଲାଙ୍କୁ ଆକ୍ଟିଭ ରଖିବା ପାଇଁ ଜାଣନ୍ତୁ କିଛି କଥା।

- ଘରେ ରହିଲେ ପିଲାମାନେ ଅଧିକାଂଶ ସମୟ ଟିଭି କିମ୍ବା ଫୋନ୍ ଦେଖନ୍ତି। ତେଣୁ ଏଭଳି ସ୍ଥିତିରେ ଟିଭିରେ କିଛି ଗୀତ ଲଗାଇ ଦିଅନ୍ତୁ। ଆଉ ପିଲାଙ୍କୁ ସେହି ଗୀତ ଅନୁସାରେ ନାଚ କରିବାକୁ କୁହନ୍ତୁ। ଏହା ଫଳରେ ପିଲାମାନେ ଖୁସି ହେବା ସହିତ କିଛି ଫିଜିକାଲ୍ ଏକ୍ସରସାଇଜ୍ ମଧ୍ୟ କରିପାରିବେ।
- ଥଣ୍ଡା ଦିନେ ପିଲାଙ୍କୁ ଘରେ ରହି ଦଉଡି ଡିଆଁ କିମ୍ବା କିଛି ଏକ୍ସରସାଇଜ୍ କରିବା ପାଇଁ କୁହନ୍ତୁ। ଏହା ଫଳରେ ପିଲାଙ୍କର ଶାରୀରିକ ପରିଶ୍ରମ ହୋଇଯିବ। ପିଲାଙ୍କ ରୁଟିନ୍‌ରେ ଏରୋବିକ୍ସ ଏକ୍ସରସାଇଜ୍‌କୁ ସାମିଲ କରନ୍ତୁ। ସେମାନେ ନିଶ୍ଚୟ ଏନ୍‌ଜୟ କରିବେ। ଏହା ବ୍ୟତୀତ ପିଲାଙ୍କୁ କିଛି ଘରକାମ କରିବା ପାଇଁ ଦିଅନ୍ତୁ। ସେମାନେ ଆକ୍ଟିଭ ରହିବା ସହିତ ଦାୟିତ୍ୱବାନ୍ ହେବେ।
- ନାଚ କରିବା, ଜଗିଂ ଓ ଦୌଡିବା ଭଳି ଏକ୍ସରସାଇଜ୍ ପିଲାଙ୍କ ପାଇଁ ନିହାତି ଦରକାର। ଏହା ଫଳରେ ପିଲାଙ୍କର ଶାରିରିକ ଓ ମାନସିକ ବିକାଶ ହୋଇଥାଏ। ଘରେ ରହିଲେ ବି ପିଲାଙ୍କ ଗତିବିଧି ଉପରେ ନଜର ରଖି ସେମାନଙ୍କୁ ଆକ୍ଟିଭ କରିବା ଅଭିଭାବକଙ୍କ ଦାୟିତ୍ୱ।

# ନୀରବ ରହୁଥିଲେ...

ବେଳେବେଳେ ଚୁପ୍ ରହିଲେ ହିଁ ଅନେକ ସମସ୍ୟାର ସମାଧାନ ହୋଇଥାଏ। ହେଲେ ଦାମ୍ପତ୍ୟରେ ଏହି ପରିସ୍ଥିତି ସମ୍ପର୍କରେ ଦୂରତା ସୃଷ୍ଟି କରେ। ତେଣୁ ସ୍ୱାମୀ ଯଦି ଆବଶ୍ୟକତା ଠାରୁ ଅଧିକ ନୀରବ ରହୁଥାନ୍ତି ତେବେ ତାଙ୍କ ସହ କିପରି ବ୍ୟବହାର କରିବାକୁ ହେବ ଜାଣନ୍ତୁ...



**ଜୀ**ବନର ସବୁ ଅକୁହା କଥା ଯାହା ଆଗରେ ଖୋଲି କହିହେବ, ଆଉ ସବୁ ସମସ୍ୟାକୁ ଯାହା ସହିତ ନିସଙ୍କୋଚରେ ବାଣ୍ଟିହେବ ସେଭଳି ଏକ ସମ୍ପର୍କ ହେଉଛି ଦାମ୍ପତ୍ୟ। କିନ୍ତୁ କେତେକ କ୍ଷେତ୍ରରେ ପୁରୁଷମାନେ ସବୁକଥା ଖୋଲି କହିପାରନ୍ତି ନାହିଁ। ଏଥିପାଇଁ ଧିରେଧିରେ କମ୍ୟୁନିକେସନ୍ ଗ୍ୟାପ୍ ହୋଇ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୁଏ। ଏଥିରୁ ମୁକୁଳିବାକୁ ହେଲେ ଗୃହିଣୀଙ୍କୁ ହିଁ ଭାବିଚିନ୍ତି ବ୍ୟବହାର କରିବାକୁ ହେବ।

ସମ୍ପର୍କ ଦୃଢ କରିବାକୁ ହେଲେ ପରସ୍ପର ମଧ୍ୟରେ କମ୍ୟୁନିକେସନ୍ ରହିବା ନିହାତି ଜରୁରୀ। ଆଉ ପତିପତ୍ନୀଙ୍କ କ୍ଷେତ୍ରରେ ପରସ୍ପର ସହିତ ସବୁକିଛି ଶେୟାର କରିବା ଦରକର। ନଚେତ୍ କେତେବେଳେ ଭୁଲ ବୁଝାମଣା, ସନ୍ଦେହ ଭଳି ବିଭିନ୍ନ ପରିସ୍ଥିତି ସବୁ ଧିରେ ଧିରେ ସମ୍ପର୍କ ବିଗାଡି ଦେବ। ତେଣୁ ଉଭୟ ପରସ୍ପର ସହିତ ସବୁକଥା ମନଖୋଲି କଥାହେବା ଦରକାର। ହେଲେ ଅନେକ କ୍ଷେତ୍ରରେ ସ୍ୱାମୀ ତାଙ୍କର ସବୁ କଥା ପତ୍ନୀଙ୍କ ସହ ଶେୟାର କରିପାରନ୍ତି ନାହିଁ। ଏମିତିକି କୌଣସି ବିଷୟରେ ପ୍ରଶ୍ନ କରିବା ବେଳେ କିଛି ପ୍ରତ୍ୟୁତ୍ତର ଦେବାରେ ବି ତାଙ୍କୁ ଅସୁବିଧା ହୁଏ। ଏଭଳି କ୍ଷେତ୍ରରେ ପତ୍ନୀ ତାଙ୍କ ସହ କିଭଳି ବ୍ୟବହାର କରିବେ ଜାଣିବା ଦରକାର।

**ପ୍ରଥମେ ଚିହ୍ନନ୍ତୁ:** ସାଇଲେଣ୍ଟ ହଜବ୍ୟାଣ୍ଡ ଭାବପ୍ରବଣତାକୁ ପ୍ରକାଶ କରିପାରନ୍ତି ନାହିଁ। ତେଣୁ ସେମାନେ ଖୁବ୍ କମ୍ କଥାବାର୍ତ୍ତା କରନ୍ତି। ନିଜ ଇମୋସନ୍ ଜାହିର କରିପାରନ୍ତି ନାହିଁ। ବେଳେବେଳେ ପତ୍ନୀଙ୍କ କଥାର ମଧ୍ୟ ଉତ୍ତର ଦେବାକୁ ସଙ୍କୋଚ ମନେକରନ୍ତି। ଫଳରେ ସମ୍ପର୍କ ଏକତରଫା ହୋଇଯାଏ। କଥାବାର୍ତ୍ତା ନ ହେଲେ ତାଙ୍କର ଭାବନାକୁ ଠିକ୍ ଭାବେ ବୁଝିହୁଏ ନାହିଁ। ଖାଲି ସେତିକି ନୁହେଁ ସେମାନଙ୍କ ସମସ୍ୟା କିମ୍ବା ତାଙ୍କ ଜୀବନରେ କଣ ସବୁ ଘଟୁଛି କିଛି ଜାଣି ହେବ ନାହିଁ। ଫଳରେ ସମ୍ପର୍କରେ ଦୂରତା ବଢିଯିବ। ତେଣୁ ସ୍ୱାମୀଙ୍କର ଏଭଳି ଗୁଣ ଥିଲେ ପ୍ରଥମେ ସେମାନଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ।







କିନ୍ତୁ ଅଭିମାନ କରନ୍ତୁ ନାହିଁ।

**ନୀରବତା କାରଣ:** ଯେଉଁମାନେ ପତ୍ନୀଙ୍କ ସହ ବେଶି କଥା ହୋଇ ପାରନ୍ତି ନାହିଁ, ସେମାନେ ଘରେ ଅନ୍ୟ କାହା ଆଗରେ ମଧ୍ୟ ସବୁ କଥା କହିପାରନ୍ତି ନାହିଁ। ତେଣୁ ଘରେ କୌଣସି ଝଗଡା ହେଲେ ସେମାନେ କାହାକୁ କିଛି ନ କହି ଚୁପ୍ ହୋଇଯାନ୍ତି। ବିଶେଷକରି ଶାଶୁ ବୋହୂ ଝଗଡା କଲେ ସେମାନେ ନିଜକୁ ଦୂରେଇ ରଖନ୍ତି। ଧିରେ ଧିରେ ସବୁ ଠିକ୍ ହୋଇଯିବ ବୋଲି ସେମାନେ ଭାବନ୍ତି। କିନ୍ତୁ ପରେ ଏହି ପରିସ୍ଥିତି ପତିପତ୍ନୀଙ୍କ ମଧ୍ୟରେ ଦୂରତା ବଢାଇ ଦେଇଥାଏ।

**ସାମାଜିକ ପ୍ରଭାବ:** ସାଧାରଣତଃ କୁହାଯାଏ କି ପୁରୁଷମାନେ ଅଧିକ ଷ୍ଟ୍ରଙ୍ଗ୍। ତେଣୁ ସେମାନେ କୌଣସି ପରିସ୍ଥିତିରେ କାନ୍ଦିବା କଥା ନୁହେଁ। ସେମାନଙ୍କୁ ବେଶି କଷ୍ଟ ହୁଏନି ଏମିତି ବିଭିନ୍ନ କଥା ପାଇଁ ପୁରୁଷମାନେ ନିଜ ଭାବପ୍ରବଣତାକୁ ଲୁଚାଇବାକୁ ବାଧ୍ୟ ହୁଅନ୍ତି। କୌଣସି ସମୟରେ କାନ୍ଦିଲେ କିମ୍ବା ନିଜର କଷ୍ଟ କହିଲେ ସେମାନେ ଦୁର୍ବଳ ବୋଲି ପ୍ରମାଣିତ ହେବେ ଭାବି ଅନେକେ ସବୁ କଥା ଲୁଚାଇ ରଖିବାକୁ ପସନ୍ଦ କରନ୍ତି।

**ନିବିଡତା:** ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଏକତରଫା ଭଳି ରହିଲେ ସେମାନଙ୍କ ସମ୍ପର୍କରେ ଦୂରତା ବଢିଯାଏ। ଫଳରେ କେହି କାହାକୁ ନିଜ ଭାବ ପ୍ରକାଶ କରିପାରନ୍ତି ନାହିଁ। ତେଣୁ ସମ୍ପର୍କରେ ଭୁଲ ବୁଝାମଣା ସୃଷ୍ଟି ହୁଏ। ଏମିତିକି ବୈବାହିକ ସମ୍ପର୍କରେ ମଧ୍ୟ ନିବିଡତା କମିଯାଏ, ଯାହାଫଳରେ ସମ୍ପର୍କ ଭାଙ୍ଗିବାକୁ ବେଶି ସମୟ ଲାଗେନି।

## ଏମାନେ କ'ଣ କରନ୍ତି...



**ଅସୁବିଧା ହୁଏନି:** ସିଏ ଖୁବ୍ କମ୍ ଗପନ୍ତି ସତ କିନ୍ତୁ ଥରେ କଥାବାର୍ତ୍ତା ଆରମ୍ଭ କଲେ ସେ ସବୁକଥା କହି ଦିଅନ୍ତି। ସେଥିପାଇଁ ତ ମୁଁ ତାଙ୍କ ସହିତ ତାଙ୍କ ମୁଡ୍ ଦେଖି ଆଗୁଆ କଥା ହୁଏ। ତାଙ୍କର ସମସ୍ୟା ହେଉଛି ସେ ସମସ୍ତଙ୍କ ଆଗରେ ସବୁ କଥା କହିପାରନ୍ତି ନାହିଁ। ବହୁ ସମୟ ମିଶିବା ପରେ ହିଁ ସେ ମନଖୋଲା କଥା ହୁଅନ୍ତି। କୌଣସି ସମସ୍ୟା ହୋଇଥିଲେ ତାଙ୍କୁ ଆଗୁଆ ଜଣାଇଦିଏ। ସେ ମଧ୍ୟ ତାଙ୍କର ସମସ୍ୟା ଜଣାନ୍ତି। ପରସ୍ପର ମିଳିମିଶି ସବୁକିଛି ସାମ୍ନା କରୁ। ବୁଝାମଣା ରହିଲେ କୌଣସି ସମସ୍ୟା ହେବନାହିଁ। ସିଏ କମ୍ କଥା ହୁଅନ୍ତି ବୋଲି ଜାଣିଥିବାରୁ କେତେକ କ୍ଷେତ୍ରରେ ମୁଁ ବି ଅଧିକ ଆଶା କରି ନ ଥାଏ।

*– ସ୍ନେହଲତା ନାୟକ, ଗୃହିଣୀ, ନଖରା, କଟକ*



**ବେଶି ଗପେ:** ମୁଁ ଜାଣିଛି ସିଏ ଅଧିକ କଥାବାର୍ତ୍ତା ହୋଇପାରନ୍ତି ନାହିଁ। ସେଥିପାଇଁ ମୁଁ ତାଙ୍କ ସହିତ ବେଶି ଗପେ। ଏତେଦିନ ମିଶିବା ପରେ ଏବେ ତାଙ୍କୁ ବୁଝିପାରିଛି। ତାଙ୍କର ମୁଡ୍ ଖରାପ ଥିଲେ ଜାଣିପାରେ ଓ ତାଙ୍କ ସହିତ ବେଶି ସମୟ ରହି ଏଣୁତେଣୁ ଗପେ। ତାଙ୍କର ଇଚ୍ଛା ଅନୁସାରେ ଖାଇବା ପିଇବା ଆଦି ଦେଇଥାଏ। ତାପରେ ବାଧ୍ୟ ହୋଇ ସେ ମଧ୍ୟ ଗପିବା ଆରମ୍ଭ କରନ୍ତି। ତେଣୁ ଉଭୟ କଥାବାର୍ତ୍ତା ହୋଇ ସବୁ ସମସ୍ୟା ସମାଧାନ କରିବା ପାଇଁ ଉପାୟ ଚିନ୍ତା କରୁ। ଏତେଦିନ ରହିବା ପରେ ତାଙ୍କ ସହିତ କିଭଳି କଥାବାର୍ତ୍ତା ହେବାକୁ ପଡିବ ଜାଣି ଗଲିଣି। ତେଣୁ କୌଣସି ଅସୁବିଧା ହୁଏନାହିଁ।

*–ସ୍ମିତା ପଟ୍ଟନାୟକ, କର୍ମଜୀବୀ, ନୟାପଲ୍ଲୀ, ଭୁବନେଶ୍ୱର*





## ସୌନ୍ଦର୍ଯ୍ୟ

# ରହିବନି ରୁପି ସମସ୍ୟା

ଶୀତଦିନେ କେଶ ଝଡିବା ସମସ୍ୟା ଅଧିକ ହୋଇଥାଏ। ଏହାର ମୁଖ୍ୟ କାରଣ ହେଉଛି ରୁପି। ବାୟୁମଣ୍ଡଳରେ ଥଣ୍ଡାର ପ୍ରଭାବ ଯୋଗୁଁ କେଶମୂଳ ଅଧିକ ଶୁଷ୍କ ହୋଇ ଏପରି ହୋଇଥାଏ। ତେଣୁ ରୁପି ଦୂର କରିବା ପାଇଁ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...





- ଦହି ସହିତ ମହୁ ମିଶାଇ କେଶ ମୂଳରେ ଭଲଭାବେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଦହିରେ ଥିବା ପ୍ରୋବାୟୋଟିକ୍ କେଶକୁ ମୂଳରୁ ମଜବୁତ କରିବା ସହିତ ମହୁ କେଶକୁ ମଶ୍ଚରାଇଜ୍ କରିବ।
- ରୁପି ଦୂର କରିବାରେ ମେଥି ବେଶ୍ ଫଳପ୍ରଦ ହୋଇଥାଏ। ଏଥିପାଇଁ ମେଥିକୁ ରାତିରୁ ଭିଜାଇ ରଖନ୍ତୁ। ସକାଳୁ ଏହାକୁ ଛାଣି ଏଥିରେ ନିମ୍ବପତ୍ର ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏଥିରେ ଲେମ୍ବୁ ରସ ମିଶାଇ କେଶ ମୂଳରେ ଲଗାନ୍ତୁ। ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ଲଗାଇଲେ କିଛି ଦିନ ପରେ ରୁପି ସମସ୍ୟା ଦୂର ହୋଇଯିବ।
- ରୁପି ସମସ୍ୟା ଦୂର କରିବା ପାଇଁ ହେଲେ ଲେମ୍ବୁ ଓ ଟ୍ରି ଟ୍ରି ଅଏଲ୍ ମାସ୍କ ବହୁତ ଭଲ। ଲେମ୍ବୁ ରସକୁ ନଡିଆ ତେଲରେ ମିଶାଇ ଲଗାଇ ପାରିବେ। ଲେମ୍ବୁ କେଶ ମୂଳରେ ଥିବା ପିଏଚ୍ ଲେବଲ ବାଲାନ୍ସ ହୋଇ ରହିଥାଏ। ତେଣୁ ରୁପି ସମସ୍ୟା ଦୂର ହୋଇଥାଏ।
- ନିମ୍ବ ଓ ଅଁଳା ଗୁଣ୍ଡ ସହିତ ଏଲୋବେରା ଜେଲ ମିଶାଇ କେଶରେ ଲଗାନ୍ତୁ। ଏହି ହେୟାର ପ୍ୟାକ୍‌କୁ ଲଗାଇ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ରୁପି ଦୂର ହେବା ସହିତ କେଶ ମଜବୁତ ହେବ।

## ଖାଦ୍ୟରୁଚି // ଗାର୍ଲିକ ପରାଠା

**ଆବଶ୍ୟକ ସାମଗ୍ରୀ:** କଞ୍ଚା ଲଙ୍କା– ୪ଟି, ରସୁଣ– ୮ କୋଲା, ଅଟା– ୨ କପ୍, ଘିଅ– ୨ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ରିଫାଇନ୍ ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଟାରେ ଘିଅ ଓ ଲୁଣ ପକାଇ ଏହାକୁ ଭଲଭାବରେ ମିଶାନ୍ତୁ। ଅଟାରେ ପାଣି ଦେଇ ନରମ କରି ଚକଟି ଦିଅନ୍ତୁ। ଅଟା ଚକଟା ସରିଲେ ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ରଖି ଦିଅନ୍ତୁ। କଞ୍ଚାଲଙ୍କା ଓ ରସୁଣକୁ ଗ୍ରେଟରରେ ସରୁ ସରୁ କରି କୋରି ଦିଅନ୍ତୁ। ଏହାପରେ ଅଟାକୁ ଛୋଟ ଛୋଟ ଗୁଳା କରନ୍ତୁ। ଅଟଗୁଳାକୁ ପ୍ରଥମେ ଛୋଟ କରି ପୁରି ଭଳି ବେଲନ୍ତୁ। ଏବେ ସେଥିରେ କିଛି ତେଲ ବା ଘିଅ ଦେଇ ଚାରିଆଡକୁ ଲଗାଇ ଦିଅନ୍ତୁ। ଏହାପରେ ସେଥିରେ କୋରା ହୋଇଥିବା କଞ୍ଚାଲଙ୍କା ଓ ରସୁଣ ପକାଇ ଗୋଲ ଆକାରରେ ବନ୍ଦ କରି ଦିଅନ୍ତୁ। ଏବେ ପୁଣି ଥରେ ଏହାକୁ ବଡ କରି ଧିରେ ଧିରେ ବେଲନ୍ତୁ ଏବଂ ତାୱା ଗରମ କରି ସେକି ଦିଅନ୍ତୁ। ପରଟା ଫୁଲି ଆସିଲେ ସେଥିରେ ଦୁଇପଟରେ ତେଲ ଲଗାଇ ଦିଅନ୍ତୁ। ତେଲ ବଦଳରେ ଆପଣ ଘିଅ କିମ୍ବା ବଟର ଲଗାଇ ମଧ୍ୟ ସେକି ପାରିବେ। ଏବେ ଗରମ ଗରମ ପରଟାକୁ ଚଟଣୀ ସହିତ ଖାଆନ୍ତୁ।



# ଅନୁପ ଶ୍ରୀଧର ହେବେ ସିଙ୍ଗାପୁରର ନୂଆ ସିଙ୍ଗଲ୍ସ କୋଚ୍

**ସିଙ୍ଗାପୁର, ୨୦।୧ (ପି.ଟି.):** ଭାରତର ପୂର୍ବତନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଅନୁପ ଶ୍ରୀଧରଙ୍କୁ ସିଙ୍ଗଲ୍ସ କୋଚ୍ ଭାବେ ନିଯୁକ୍ତି ଦେବ ସିଙ୍ଗାପୁର ବ୍ୟାଡ୍‌ମିଣ୍ଟନ ଆସୋସିଏଶନ। ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ସୋମବାର ପ୍ରକାଶ ପାଇଛି। ଶ୍ରୀଧର ଭାରତର ଲକ୍ଷ୍ୟ ସେନ୍ ଓ ପି.ଭି. ସିନ୍ଧୁଙ୍କ ଭଳି ସିଙ୍ଗଲ୍ସ ଖେଳାଳିଙ୍କ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ସିଙ୍ଗାପୁରରେ ସେ ଦକ୍ଷିଣ କୋରିଆର କୋଚ୍ କିମ୍ ଜି ହ୍ୟୁନ୍‌ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବେ। କିମ୍ ପୂର୍ବଭଳି ଉଭୟ ପୁରୁଷ ଓ ମହିଳା ଦଳର କୋଚ୍ ଭାବେ କାର୍ଯ୍ୟ କରିବେ। ଶ୍ରୀଧର ତାଙ୍କ ସହାୟକ ଭାବେ କାର୍ଯ୍ୟ କରିବେ। ସିଙ୍ଗାପୁର ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ବିଜ୍‌ନେସ ଡେଭଲପମେଣ୍ଟ ଓ କମ୍ୟୁନିକେଶନର ଉପସଭାପତି ଡେଭିଡ ଟାନ୍ ଏ ବିଷୟରେ ସୂଚନା ଦେଇଛନ୍ତି।


ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସରେ ସୋମବାର ରିଟର୍ନ ଶଟ୍ ଖେଳୁଛନ୍ତି ଏଲିନା ସ୍ୱିତୋଲିନା।

# ସ୍ୱିତୋଲିନା କ୍ୱାର୍ଟରରେ

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ, ୨୦।୧ (ଏପି)

ଏଲିନା ସ୍ୱିତୋଲିନା ତୃତୀୟ ଥର ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ସେ ଭେରୋନିକା କୁଦରମେତୋଭାଙ୍କୁ ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ୟୁକ୍ରେନର ଏହି ୩୦ ବର୍ଷୀୟା ଖେଳାଳି ଏଥରକୁ ମିଶାଇ ମୋଟ ଉପରେ ୧୨ଥର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସେ ବିଶ୍ୱର ୧୯ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ମାଡିସନ କିଜ୍‌ଙ୍କୁ ଭେଟିବେ, ଯେଉଁ ଖେଳାଳି ୨୦୨୨ ୱିମ୍ବେଲଡନ ଚାମ୍ପିୟନ ତଥା ୨୦୨୩ ଅଷ୍ଟ୍ରେଲିଆ ଓପନ ରନରଅପ୍‌ଙ୍କୁ ୬-୩, ୧-୬, ୬-୩ରେ ହରାଇ ଦେଇଛନ୍ତି। କିଜ୍ ଅଷ୍ଟ୍ରେଲିଆରେ ଦୁଇ ଥର ୨୦୧୫ ଓ ୨୦୨୨ ସେମିଫାଇନାଲରେ ପ୍ରବେଶ କରିଥିଲେ। ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମରେ ଖେଳିବା ପୂର୍ବରୁ ସେ ଚଳିତମାସ ପ୍ରାରମ୍ଭରେ ଆଡିଲେଡ୍‌ଠାରେ ଟାଇଟଲ ବିଜୟୀ ହୋଇଥିଲେ। ସ୍ୱିତୋଲିନା ୨୦୧୯ ପରେ ପ୍ରଥମ ଥର ଅଷ୍ଟ୍ରେଲିଆରେ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇପାରିଛନ୍ତି। ସେ ୨୦୨୧ରେ ଫ୍ରେଞ୍ଚ ଖେଳାଳି ଗେଲ୍ ମନଫିଲ୍ସଙ୍କୁ ବିବାହ କରିଥିଲେ। ଏହି ଯୋଡ଼ିଙ୍କର ୨୦୨୨ରେ ଏକ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରିଥିଲା, ଯାହାର ନାମ 'ସ୍କାଇ' ରଖାଯାଇଛି। ପୁରୁଷ ସିଙ୍ଗଲ୍ସରେ ନମ୍ବର ୱାନ ଖେଳାଳି ଜାନିକ ସିନର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରଡ୍ ଲାଭର ଆରେନଠାରେ ଖେଳାଯାଇଥିବା ମ୍ୟାଚରେ ସେ ୧୩ ତମ ସିଡ୍ ଡେନମାର୍କର ୨୧ ବର୍ଷୀୟ ହୋଲ୍‌ଗର ରୁନ୍‌ଙ୍କୁ ୬-୩, ୩-୬, ୬-୨ରେ ହରାଇ ଦେଇଛନ୍ତି। ଇଟାଲୀର ସିନର ବର୍ତ୍ତମାନ ୮ନମ୍ବର ମାନ୍ୟତାପ୍ରାପ୍ତ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉର କିମ୍ବା ଅଣ ସିଡ୍ ଆମେରିକାର ଆଲେକ୍ସ ମିଚେଲସେନଙ୍କୁ ଭେଟିବେ। ଇଟାଲୀର ଅନ୍ୟ ଜଣେ ଖେଳାଳି ୫୫ତମ ର‍୍ୟାଙ୍କିଙ୍ଗପ୍ରାପ୍ତ ଲୋରେଞ୍ଜୋ ସୋନେଗୋ ଆମେରିକାନ କ୍ୱାଲିଫାୟର ଲର୍ନର ଟିନ୍‌ଙ୍କୁ ୬-୨, ୬-୩, ୩-୬, ୬-୧ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋନେଗୋ ବର୍ତ୍ତମାନ ୨୧ ନମ୍ବର ଖେଳାଳି ଆମେରିକାର ବେନ୍ ଶେଲଟନ କିମ୍ବା ଫ୍ରାନ୍ସର ଗେଲ୍ ମନଫିଲ୍ସଙ୍କୁ ଭେଟିବେ। ମଙ୍ଗଳବାର ପୁରୁଷ କ୍ୱାର୍ଟରଫାଇନାଲ ଖେଳାଯିବ। ଏଥିରେ ନୋଭାକ୍ ଜୋକୋଭିଚ୍ ବନାମ କାର୍ଲୋସ ଅଲ୍‌କାରାଜ ଏବଂ ଆଲେକ୍‌ଜାଣ୍ଡର ଜେଭେରେଭ ବନାମ ଟମି ପଲ୍‌ଙ୍କ ମଧ୍ୟରେ ମ୍ୟାଚ ଖେଳାଯିବ। ସୋମବାର ଖେଳାଯାଇଥିବା ଏକ ମହିଳା ଚତୁର୍ଥ ରାଉଣ୍ଡ ମ୍ୟାଚରେ ୨୦୧୭ ୟୁଏସ ରନରଅପ୍ ମାଡିସନ କିଜ୍ ୨୦୨୨ ୱିମ୍ବେଲଡନ ଚାମ୍ପିୟନ ଏଲିନା ରିବାକିନାଙ୍କୁ ୬-୩, ୧-୬, ୬-୩ରେ ହରାଇ ଦେଇଛନ୍ତି।

# ମେଘାଳୟ ମୁକାବିଲା ପାଇଁ ଓଡ଼ିଶା ପ୍ରସ୍ତୁତ

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

**ରଣ୍‌ଜୀ ଟ୍ରଫି**


ଅଧିନାୟକ ସନ୍ଦୀପ ପଟ୍ଟନାୟକ।

ଦୀର୍ଘ ୨ ମାସର ବ୍ରେକ୍ ପରେ ପୁଣି ଆରମ୍ଭ ହେବାକୁ ଯାଉଛି ୨୦୨୪-୨୫ ରଣ୍‌ଜୀ ଟ୍ରଫି ସିଜନର ଅବଶିଷ୍ଟ ମ୍ୟାଚ। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଶିଲଂର ଏମ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ମେଘାଳୟ ବିପକ୍ଷରେ ୨୩ରୁ ୨୬ ପର୍ଯ୍ୟନ୍ତ ଖେଳିବ। ୨୦୨୪ ନଭେମ୍ବରରେ ସିଜନ ବ୍ରେକ୍ ହେବା ବେଳକୁ ଓଡ଼ିଶା ୫ ମ୍ୟାଚ ଖେଳି ୧ ବିଜୟ, ୨ ପରାଜୟ, ୧ ଡ୍ର ଓ ୧ ଫଳାଫଳ ବିହୀନ ମ୍ୟାଚରୁ ମୋଟ ୧୦ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି।

ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଅଗରତାଲାରେ ଓଡ଼ିଶାର ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ ବାରବାଟୀରେ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର ମ୍ୟାଚରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ଏହାପରେ ଭଦୋଦରାରେ ବରୋଦା (ଅକ୍ଟୋବର ୨୬ରୁ ୨୮) ଏବଂ ମୁମ୍ବାଇରେ ମୁମ୍ବାଇ (ନଭେମ୍ବର ୬ରୁ ୯) ନିକଟରୁ ଇନିଂସ ପରାଜୟ ଲଭି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଓଡ଼ିଶା ଏହାର ଶେଷ ମ୍ୟାଚ ନଭେମ୍ବର ୧୩ରୁ ୧୫ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ମହାରାଷ୍ଟ୍ର ବିପକ୍ଷରେ ଖେଳି ୩ ଉଇକେଟରେ ବିଜୟ ହାସଲ କରିଥିଲା। ଏହାଥିଲା ସିଜନରେ ଓଡ଼ିଶାର ପ୍ରଥମ ବିଜୟ। ମେଘାଳୟ ବିପକ୍ଷ ମ୍ୟାଚ ପରେ ଓଡ଼ିଶା ଚଳିତ ମାସ ୩୦ରୁ ସର୍ଭିସେସ ବିପକ୍ଷରେ ସିଜନର ଅନ୍ତିମ ମ୍ୟାଚ ଖେଳିବ।

ଚଳିତ ସିଜନରେ ଓଡ଼ିଶା ପକ୍ଷରୁ ଏପର୍ଯ୍ୟନ୍ତ ସନ୍ଦୀପ ପଟ୍ଟନାୟକ ୪ ମ୍ୟାଚରୁ ସର୍ବାଧିକ ୩୩୭ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ। ଗୋବିନ୍ଦ ପୋଦ୍ଦାର ୪ ମ୍ୟାଚରୁ ଗୋଟିଏ ଶତକ ସହ ୨୦୮, ଆଶୀର୍ବାଦ ସ୍ୱାଇଁ ୪ ମ୍ୟାଚରୁ ଗୋଟିଏ ଅର୍ଦ୍ଧଶତକ ସହିତ ୨୦୩ ରନ ସଂଗ୍ରହ କରିଛନ୍ତି। ଶତକ ହାସଲ କରିଥିବା ଅନ୍ୟତମ ଓଡ଼ିଶା ବ୍ୟାଟର ହେଲେ ସ୍ୱସ୍ତିକ ସାମଲ। ସେ ୨ଟି ମ୍ୟାଚରେ ଖେଳିବାର ସୁଯୋଗ ପାଇ ୧୨୮ ରନ ସଂଗ୍ରହ କରିଛନ୍ତି। ବୋଲରଙ୍କ ତାଲିକାରେ ଆଗରେ ରହିଛନ୍ତି ସୁମିତ ଶର୍ମା। ସେ ୪ ମ୍ୟାଚରୁ ୨ ଥର ୫ ଉଇକେଟ ସଫଳତା ସହ ସର୍ବାଧିକ ୧୬ଟି ଉଇକେଟ ନେଇଛନ୍ତି। ପାର୍ଟ ଟାଇମ୍ ବୋଲର ଗୋବିନ୍ଦ ପୋଦ୍ଦାର ଥରେ ୫ ଉଇକେଟ ନେବା ସହିତ ଦ୍ୱିତୀୟ ସର୍ବାଧିକ ୧୧ଟି ଉଇକେଟ ନେଇଥିବାବେଳେ ଅନ୍ୟ କେହି ଦୁଇଅଙ୍କ ସ୍ପର୍ଶକରି ନାହାନ୍ତି। ସୂର୍ଯ୍ୟକାନ୍ତ ପ୍ରଧାନ ୭ଟି, ତରନୀ ସା ୪ଟି ଓ କାର୍ତ୍ତିକ ବିଶ୍ୱାଳ ୩ଟି ଉଇକେଟ ନେଇ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ମୋଟାମୋଟି ଦେଖିବାକୁ ଗଲେ ଓଡ଼ିଶାର ପ୍ରଦର୍ଶନ ଏପର୍ଯ୍ୟନ୍ତ ଆଶାନୁରୂପ ହୋଇପାରିନାହିଁ।

**ମେଘାଳୟ ବିପକ୍ଷ ମ୍ୟାଚ ପାଇଁ ଓଡ଼ିଶା ଦଳ:** ସନ୍ଦୀପ ପଟ୍ଟନାୟକ (ଅଧିନାୟକ), ସ୍ୱସ୍ତିକ ସାମଲ, ଶାନ୍ତନୁ ମିଶ୍ର, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, କାର୍ତ୍ତିକ ବିଶ୍ୱାଳ, ଅନିଲ ପରିଡ଼ା, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା, ତାପସ ଦାସ, ସୁମିତ ଶର୍ମା, ଜାମଲା ଭଞ୍ଜନ ମହାପାତ୍ର, ସତ୍ୟକାମ ଭରଦ୍ୱାଜ। ମୁଖ୍ୟ କୋଚ୍: ସୁରେନ୍ଦ୍ର ଭାବେ, ସହକାରୀ କୋଚ୍: ଅବକାଶ ଖଟୁଆ, ମ୍ୟାନେଜର: ବିଜୟ କୁମାର ଦାସ।

# କ୍ୱାର୍ଟର ଫାଇନାଲରେ ଓଡ଼ିଶା ରୋଲ୍ ବଲ୍ ଦଳ

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)


ମ୍ୟାଚ ଅବସରରେ ଓଡ଼ିଶା ଦଳର ଖେଳାଳିମାନେ।

ଗୁଆହାଟୀଠାରେ ଚାଲିଥିବା ଜାତୀୟ ୧୧ ବର୍ଷରୁ କମ୍ ରୋଲ୍ ବଲ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳିକା ଓ ବାଳକ ଦଳ ପ୍ରବେଶ କରିଛି। ବାଳିକା ବର୍ଗରେ ଓଡ଼ିଶା ଆର୍‌ଏସ୍‌ଏସ୍‌ଏ (ରୋଲର ସ୍ପୋର୍ଟ୍ସ ଆଣ୍ଡ ସୋସିଆଲ ଏକାଡେମୀ-ପୁଣେ)କୁ ୩-୦ରେ ହରାଇ ଥିବାବେଳେ କର୍ଣ୍ଣାଟକ ସହିତ ୧-୧ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ପରେ ବିହାରକୁ ୨-୦ ଓ ତେଲଙ୍ଗାନାକୁ ୭- ଗୋଲରେ ହରାଇଥିଲା। ବାଳିକା ବର୍ଗରେ ଓଡ଼ିଶା ୪-୨ ଗୋଲରେ କର୍ଣ୍ଣାଟକକୁ, ୪-୦ରେ ଚଣ୍ଡିଗଡ଼, ୪-୨ରେ ଆର୍‌ଏସ୍‌ଏସ୍‌ଏ, ୩-୨ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା। ସମ୍ମାନଜନକ ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଛନ୍ତି।

# ଜାତୀୟ କ୍ୟାଡେଟ୍ ଜୁଡ଼ୋ ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

ମହାରାଷ୍ଟ୍ର ଜୁଡ଼ୋ ସଂଘ ଆନୁକୂଲ୍ୟରେ ପୁଣେରେ ଚଳିତ ମାସ ୨୨ରୁ ୨୫ ପର୍ଯ୍ୟନ୍ତ ଜାତୀୟ କ୍ୟାଡେଟ୍ ଜୁଡ଼ୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ଦଳ ସୋମବାର ପୁଣେ ଯାତ୍ରା କରିଛି। ୧୩ ଜଣିଆ ଦଳରେ ୭ ଜଣ କିସ୍ ଖେଳାଳି ରହିଛନ୍ତି। ଭୁବନେଶ୍ୱର, ପୁରୀରୁ ୨ ଜଣ ଲେଖାଏଁ ଏବଂ ସମ୍ବଲପୁର, ଜଗତସିଂହପୁରରୁ ଜଣେ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ପୁଣେ ଯାତ୍ରା ପୂର୍ବରୁ ଖେଳାଳିମାନଙ୍କୁ ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ ସଭାପତି ଅସିତ ପ୍ରଧାନ, ଉପସଭାପତି ପି.ସି. ମିଶ୍ର, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ପଣ୍ଡା, ଟେକ୍ନିକାଲ୍ କମିଟି ଚେୟାରମ୍ୟାନ୍ କନ୍ଦନ ମୁର୍ମୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା କ୍ୟାଡେଟ୍ ଜୁଡ଼ୋ ଦଳ: ସୋନିଆ ଗମାଙ୍ଗୋ, ଦ୍ରୌପଦୀ ସୋରେନ୍, ସୋନାଲି ମାର୍ଣ୍ଡି, ସରିତା ମଲ୍ଲିକ, ଉର୍ମିଳା ଭୋଇ, ଉର୍ଜ୍ଜା ଦାଶ, କିଞ୍ଜଲ ଅଗ୍ରୱାଲ, ସ୍ମୃତି ପ୍ରଜ୍ଞା ନାୟକ, ଏସ୍ କିରଣ ରେଡ୍ଡୀ, ଗଣେଶ ମୁଣ୍ଡାରି, ରତ୍ନାକର ମହାକୁଡ଼, ସୁନିଲ ମୁସ୍କା, ମାତୃ ପ୍ରସାଦ ମହାପାତ୍ର। ପ୍ରଶିକ୍ଷକ: ପ୍ରଭାସିନୀ ବରାଡ଼, ମ୍ୟାନେଜର: ରାଜେଶ କୁମାର ନାୟକ।



ଜାତୀୟ କ୍ୟାଡେଟ୍ ଜୁଡୋ ପାଇଁ ମନୋନୀତ ଓଡ଼ିଶା ଦଳ।

# ଇଣ୍ଡୋନେସିଆରେ ଚ୍ୟାଲେଞ୍ଜ ସିରିଜ ଖେଳିବ ଭାରତ

**ନୂଆଦିଲ୍ଲୀ, ୨୦।୧ (ପି.ଟି.):** ଭାରତର ୨୦ ବର୍ଷରୁ କମ୍ ପୁରୁଷ ଫୁଟ୍‌ବଲ ଦଳ ଇଣ୍ଡୋନେସିଆରେ ମନ୍ଦିରି ୨୦ ବର୍ଷରୁ କମ୍ ଚ୍ୟାଲେଞ୍ଜ ସିରିଜ ଫୁଟ୍‌ବଲ ୨୦୨୫ରେ ଭାଗନେବ। ଏହା ଏକ ଚତୁଃରାଷ୍ଟ୍ରୀୟ ବନ୍ଧୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଏହା ଜାନୁଆରୀ ୨୪ରୁ ୩୦ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ଅଂଶଗ୍ରହଣ କରୁଥିବା ଅନ୍ୟ ୩ ଦଳ ହେଲେ ସିରିଆ, ଜୋର୍ଡାନ ଓ ଆୟୋଜକ ଇଣ୍ଡୋନେସିଆ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ବିବାଏ ଥୋମାସଙ୍କୁ କୋଚ୍ ଏବଂ ତାଙ୍କ ସହକାରୀ ଭାବେ ମିଲେସ୍ୱାମୀ ଗୋବିନ୍ଦରାଜୁ ରାମଚନ୍ଦ୍ରନଙ୍କୁ ନିଯୁକ୍ତି ଦେଇଛି। ଦୀପଙ୍କର ଚୌଧୁରୀ ଗୋଲକିପରଙ୍କ କୋଚ ଭାବେ କାର୍ଯ୍ୟ କରିବେ। ୧୭ ଓ ୧୮ ବର୍ଷ ବୟସର ଖେଳାଳିମାନଙ୍କୁ ନେଇ ଏହି ୨୩ ଜଣିଆ ଦଳ ମେ ୮ରୁ ୧୮ ପର୍ଯ୍ୟନ୍ତ ହେବାକୁଥିବା ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତ ହେଉଛି। ଥୋମାସଙ୍କୁ ଦଳର ଅଧିନାୟକ କରାଯାଇଛି।

# ଇଷ୍ଟ ବେଙ୍ଗଲଠୁ ହାରିଲା ନୀତା ଏକାଡେମୀ

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୧-୪ ଗୋଲରେ ଇଷ୍ଟ ବେଙ୍ଗଲ ନିକଟରୁ ହାରି ଯାଇଛି। ଇଷ୍ଟ ବେଙ୍ଗଲ ପକ୍ଷରୁ ଅନୁଜ ତମାଙ୍ଗ ୩୦, ସୌମ୍ୟା ଗୁଗୁଲୋଥ ୪୮, ରେଣ୍ଡି ନାନ୍‌ଜିରି ୫୦ ଓ ସନ୍ଧ୍ୟା ରଙ୍ଗନାଥନ ୬୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗିଫ୍ଟି ଆଚେମପଙ୍ଗ ୬୧ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ନାଇଜେରିଆର ଐତିହାସିକ ବିଜୟ

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

କୁଆଲାଲମ୍ପୁର, ୨୦।୧ (ପି.ଟି.)

ଚଳିତ ଆଇସିସି ୧୯ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍‌ର ଖେଳାଯାଇଥିବା ଏକ ମ୍ୟାଚରେ ନବାଗତ ନାଇଜେରିଆ ୨ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି। ସୋମବାର ଖେଳାଯାଇଥିବା ଏହି ମ୍ୟାଚରେ ବର୍ଷା ବାଧା ଦେବାରୁ ମ୍ୟାଚକୁ ୧୩ ଓଭର ବିଶିଷ୍ଟ କରାଯାଇଥିଲା। ଏହି ଲୋ ସ୍କୋରିଂ ମ୍ୟାଚରେ ଉଭୟ ଦଳର ସ୍କୋର ୭୦ଭିତରେ ରହିଥିଲା। ନାଇଜେରିଆ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୬୫ ରନ କରିଥିଲା। ଜବାବରେ ଏକଦା ଗୋଟିଏ ଓଭର ବାକି ଥାଇ ନ୍ୟୁଜିଲାଣ୍ଡ ୫ ଉଇକେଟ ବିନିମୟରେ ୫୭ ରନ କରିଥିଲା। ମ୍ୟାଚ ଜିତିବା ପାଇଁ ଦଳକୁ ଅନ୍ତିମ ଓଭରରେ ୯ରନ ଆବଶ୍ୟକ ପଡୁଥିଲା। ତେବେ ନ୍ୟୁଜିଲାଣ୍ଡ ୨ରନ ପଛରେ ରହି ମ୍ୟାଚରେ ହାରିଯାଇଥିଲା। ନାଇଜେରିଆ ପକ୍ଷରୁ କେବଳ ଉଦେହ(୧୯) ଓ ଅଧିନାୟିକା ଲୁସି ପିଟି(୧୮) ଦୁଇ ଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡର ଟପ୍ ସ୍କୋରର ଅନିକା ଟଡ୍ ୧୯ ରନ କରିପାରିଥିଲେ। ଦକ୍ଷିଣ ଆଫ୍ରିକା ମହାଦେଶରେ ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାରେ ବହୁ କ୍ରିକେଟପ୍ରେମୀ ରହିଛନ୍ତି। ସେ ତୁଳନା ନାଇଜେରିଆରେ କ୍ରିକେଟ ସମର୍ଥକଙ୍କ ସଂଖ୍ୟା ଖୁବ୍ କମ୍। ଏହି ଦେଶରେ ଫୁଟ୍‌ବଲ ଓ ଆଥ୍‌ଲେଟିକ୍ସ ବେଶ୍ ଲୋକପ୍ରିୟ। ପଶ୍ଚିମ ଆଫ୍ରିକାର ପ୍ରଥମ ଦେଶ ଭାବେ ନାଇଜେରିଆ ମହିଳା ଦଳ ଏକ ଗେଲାବାଲ ଟୁର୍ନାମେଣ୍ଟ ପାଇଁ କ୍ୱାଲିଫାଏ କରିପାରିଛି। ଶନିବାର ବର୍ଷା ଯୋଗୁ ନାଇଜେରିଆର ସାମୋଆ ବିପକ୍ଷ ମ୍ୟାଚ ବାତିଲ କରାଯାଇଥିଲା। ଦଳ ଏକ ସୁଯୋଗକୁ ଅପେକ୍ଷା କରିଛି। ସୋମବାର ଖେଳାଯାଇଥିବା ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୨ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ସେହିପରି ଗ୍ରୁପ୍ 'ବି'ରେ ଆମେରିକା ଜୋହୋରଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଆୟର୍ଲାଣ୍ଡ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛି।

# 'ଭାରତକୁ ଗର୍ବିତ କଲେ ଓଡ଼ିଶା ଖେଳାଳି'


କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଓଡ଼ିଶାର ୩ ଖୋ ଖୋ ଖେଳାଳି।

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

**ଖୋ ଖୋ ବିଶ୍ୱକପ୍**

ସ୍ୱଦେଶୀ କ୍ରୀଡ଼ା ଖୋ ଖୋକୁ ନେଇ ଏବେ ଖେଳଜଗତରେ ବିଶେଷ ଚର୍ଚ୍ଚା। ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଛନ୍ତି। ଭାରତୀୟ ଦଳରେ ସାମିଲ ହୋଇ ଓଡ଼ିଶାର ୩ ଖେଳାଳି ଅବିସ୍ମରଣୀୟ ସ୍ମୃତି ସାଉଁଟିଛନ୍ତି। ସେମାନେ ହେଲେ ବାଲେଶ୍ୱର ନୀଳଗିରି ଅଞ୍ଚଳର ଶୁଭଶ୍ରୀ ସିଂ, ରାୟଗଡ଼ା କାସନଦରର ମାଗାଇ ମାଝି ଓ ଗଜପତି ଜିଲାର ପାବନି ଶବର। ଏହି ୩ ଖେଳାଳି କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ମାଗାଇ ୨୦୧୩ରୁ ଖୋ ଖୋ ଖେଳିବା ଆରମ୍ଭ କରିଥିବାବେଳେ ପାବନି ପାଠ ପଢ଼ିବା ସହ ଖୋ ଖୋରେ ରୁଚି ରଖିଥିଲେ। କିସ୍ ଛାତ୍ରୀଛାତ୍ରଙ୍କ ଏହି ସଫଳତା ଖବର ପାଇବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦିଲ୍ଲୀ ଯାଇ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ୩ ଖେଳାଳି କେବଳ କିସ୍ ନୁହେଁ, ଓଡ଼ିଶା, ଭାରତ ଏବଂ ସମଗ୍ର ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ ବୋଲି ଅଚ୍ୟୁତ ପ୍ରକାଶ କରିଥିଲେ। ଭାରତୀୟ ଦଳର ଏହି ଐତିହାସିକ ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇ ଥିବାରୁ ଅଚ୍ୟୁତ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖେଳାଳିମାନେ ମଧ୍ୟ ନିଜର ସଫଳତା ପାଇଁ କିସ୍ ଏବଂ ଅଚ୍ୟୁତଙ୍କୁ ଶ୍ରେୟ ଦେଇଛନ୍ତି।

# ଦିବ୍ୟଲେଖା ଷ୍ଟ୍ରଙ୍ଗ୍ ଓମେନ, ସମୀର ଷ୍ଟ୍ରଙ୍ଗମ୍ୟାନ୍

- **ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ**
- **୫୫ ପଦକ ସହ ଖୋର୍ଦ୍ଧା ଦଳଗତ ଚାମ୍ପିୟନ**

ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଖୋର୍ଦ୍ଧାର ଦିବ୍ୟଲେଖା ମିଶ୍ର ୪୧୨.୫ କେଜି ଉତ୍ତୋଳନ କରି ଷ୍ଟ୍ରଙ୍ଗ୍ ଓମେନ ବିବେଚିତ ହୋଇଛନ୍ତି। ସେହିପରି ସମୀର କୁମାର ବିଶ୍ୱାଳ ୭୩୮.୫ କେଜି ଉତ୍ତୋଳନ ସହ ଷ୍ଟ୍ରଙ୍ଗମ୍ୟାନ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତାରେ ୨୯ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୧୩ ବ୍ରୋଞ୍ଜ ସହ ମୋଟ ୫୫ ପଦକ ଜିତି ଖୋର୍ଦ୍ଧା ଦଳଗତ ଚାମ୍ପିୟନ ହୋଇଛି। କୋରାପୁଟ ୧୫ (୯ସ୍ୱର୍ଣ୍ଣ, ୫ରୌପ୍ୟ, ୧ ବ୍ରୋଞ୍ଜ) ପଦକ ସହ ପ୍ରଥମ ରନରଅପ୍ ଏବଂ କଟକ ୧୬ (୫ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ ବ୍ରୋଞ୍ଜ) ପଦକ ସହିତ ଦ୍ୱିତୀୟ ରନରଅପ୍ ହୋଇଛି। ସୁନ୍ଦରଗଡ଼ ଓ ଅନୁଗୋଳ ଦଳ ୪ ସ୍ୱର୍ଣ୍ଣ ସହ ୮ଟି ଲେଖାଏ, ମୟୂରଭଞ୍ଜ ୪ ସ୍ୱର୍ଣ୍ଣ ସହିତ ୬ଟି, ରାୟଗଡ଼ା ୨ ସ୍ୱର୍ଣ୍ଣ ସହ ୯ଟି, ଢେଙ୍କାନାଳ ୧ ସ୍ୱର୍ଣ୍ଣ ସହିତ ୩ଟି ଓ ଝାରସୁଗୁଡ଼ା ୧ ସ୍ୱର୍ଣ୍ଣ ସହ ୪ଟି ପଦକ ପାଇ ପଛକୁ ପଛ ରହିଛନ୍ତି। ନବରଙ୍ଗପୁରକୁ ୨ଟି ଏବଂ ନୟାଗଡ଼, ଯାଜପୁର, ସୋନପୁର, ବାଲେଶ୍ୱର ଓ ଗଞ୍ଜାମକୁ ଗୋଟିଏ ଲେଖାଏ ପଦକ ମିଳିଛି। ଆସନ୍ତା ଫେବୃଆରୀ ୧୯ରୁ ୨୩ ପର୍ଯ୍ୟନ୍ତ ପଞ୍ଜାବର ଫଗୱାରାଠାରେ ହେବାକୁଥିବା ସିନିୟର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ରିଷଭ ପନ୍ତ ସୁପର ଜାଏଣ୍ଟ୍ସ ଅଧିନାୟକ




ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମେଣ୍ଟର ଜାହିର ଖାଁ, ମାଲିକ ସଞ୍ଜୀବ ଗୋଏଙ୍କାଙ୍କ ସହ ରିଷଭ ପନ୍ତ।

**କୋଲକାତା, ୨୦।୧ (ପି.ଟି.)**

ଡାଇନାମିକ୍ କିପର-ବ୍ୟାଟର ରିଷଭ ପନ୍ତଙ୍କୁ ସୋମବାର ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ ମୋନୀତ କରାଯାଇଛି। ସଞ୍ଜୀବ ଗୋଏଙ୍କାଙ୍କ ମାଲିକାନାରେ ରହିଥିବା ଫ୍ରାଞ୍ଚାଇଜ୍ ମେଗା ଆଇପିଏଲ୍‌ର ମେଗା ନିଲାମିରେ ୨୭ କୋଟି ଟଙ୍କାରେ କ୍ରୟ କରିଛି। ପନ୍ତ ଦ୍ୱିତୀୟ ଥର ଆଇପିଏଲ୍‌ରେ ଅଧିନାୟକତ୍ୱ କରିବାକୁ ଯାଉଛନ୍ତି। ପୂର୍ବରୁ ସେ ତାଙ୍କ ପୂର୍ବ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକତ୍ୱ କରିଥିଲେ। ନିଲାମିରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦.୭୫ କୋଟି ଟଙ୍କାରେ ନେବାକୁ ଲାଗି ଆଗ୍ରହୀ ଥିଲା। ମାତ୍ର ଦିଲ୍ଲୀ କ୍ୟାପିଟାଲ୍ସର ରାଇଟ୍-ଟୁ- ମ୍ୟାଚ କାର୍ଡକୁ ପଛରେ ପକାଇ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପନ୍ତଙ୍କୁ ୨୭ କୋଟି ଟଙ୍କାରେ ନେଇଥିଲା। ପନ୍ତ୍ ୨୦୧୬ରୁ ଦିଲ୍ଲୀ କ୍ୟାପିଟାଲ୍ସରେ ରହିଆସିଛନ୍ତି। ୨୦୨୧ରେ ତାଙ୍କୁ ୨୦୨୩ ପର୍ଯ୍ୟନ୍ତ ଅଥଧିନାୟକ ମନୋନୀତ କରାଯାଇଥିଲା। ତେବେ ୨୦୨୨ଡିସେମ୍ବରରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥିଲେ।

# ସୁରମା ହକି କ୍ଲବ ବିଜୟୀ

**ଭୁବନେଶ୍ୱର, ୨୦।୧**
**(ବିଜୟ ରଣା)**

ରାଉରକେଲାସ୍ଥିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଏକ ମ୍ୟାଚରେ ସୁରମା ହକି କ୍ଲବ ୨-୧ ଗୋଲ୍‌ରେ ରର୍ ବେଙ୍ଗଲ ଟାଇଗର୍ସକୁ ହରାଇ ଦେଇଛି। ଏହି ବିଜୟ ଦ୍ୱାରା ସୁରମା ୩ ମୂଲ୍ୟବାନ ପଏଣ୍ଟ ଅର୍ଜନ କରିପାରିଛି। ଏହା ସତ୍ତ୍ୱେ ଦଳ ପୂର୍ବଭଳି ୭ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ରର୍ ବେଙ୍ଗଲ ଟାଇଗର୍ସ ଆଉଏକ ପରାଜୟ ବରଣ କରିଛି। ସିଜନରେ ଦଳ ଭଲ ଆରମ୍ଭ



ସୁର୍‌ମା ହକି କ୍ଲବ୍ ଓ ରର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

କରିଥିଲେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବାରେ ବିଫଳ ହୋଇଛି। ଦଳର ଏହା ହେଉଛି ୪ର୍ଥ ପରାଜୟ। ଦଳ ସମାନ ସଂଖ୍ୟକ ମ୍ୟାଚରେ ବିଜୟ ଲାଭ କରିଛି ମଧ୍ୟ। ସୁର୍‌ମା ଦଳ ପ୍ରଥମାର୍ଦ୍ଧରେ ଆକ୍ରମଣାତ୍ମକ ଖେଳି ଦୁଇଟି ଗୋଲ ସ୍କୋର କରିବାରେ ସଫଳ ରହିଥିଲା। ପ୍ରଭଜୋତ (୨୧ତମ ମିନିଟ) ଓ ମନିନ୍ଦର ସିଂ (୨୮ତମ) ଗୋଲ୍ ଦୁଇଟିକୁ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଦଳ ରକ୍ଷଣାତ୍ମକ ରଣନୀତି ଆପଣେଇଥିଲା। ତେବେ ରର୍ ବେଙ୍ଗଲ ଟାଇଗର୍ସ ତରଫରୁ ଯୁଗରାଜ ସିଂ (୩୯ତମ) ଏକ ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ ହ୍ରାସ କରିଥିଲେ।

ମ୍ୟାଚରେ ଓପନିଂ ଗୋଲ୍ ସ୍କୋର କରିଥିବା ସୁରମା ହକି କ୍ଲବର ପ୍ରଭଜୋତ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।




